

**ପୃଷ୍ଠା ୬** ପାକିସ୍ତାନ ସହ ସମ୍ପର୍କ ଛିନ୍ନ ସପକ୍ଷରେ ଗାଙ୍ଗୁଲି

Website: sanchar.live mail Id: sancharodisha@gmail.com

RNI NO :ODIODI/2001/04811 Postal Regd No : BN/249/15-17

# ସଂଚାର
THE SANCHAR

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ

Vol. 34 | ISSUE 36 | ଭାଗ ୩୪ | ସଂଖ୍ୟା ୩୬ — Bhubaneswar | Monday 28 April 2025 | Page 8 Rs. 4.00 — ● ଭୁବନେଶ୍ୱର ସୋମବାର ୨୮ ଏପ୍ରିଲ୍ ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୪ ଟଙ୍କା


## ଅଟାରି-ୱାଘା ସୀମା ଦେଇ ଭାରତ ଛାଡ଼ିଲେଣି ୫୩୭ ପାକିସ୍ତାନୀ



**ନୂଆଦିଲ୍ଲୀ, ୨୭।୪ (ସଂଚାର ବ୍ୟୁରୋ)** ପଡ଼ୋଶୀ ଦେଶର ୧୨ଟି ବର୍ଗର ସ୍ୱଳ୍ପକାଳୀନ ଭିସାଧାରୀଙ୍କ ପ୍ରସ୍ଥାନ ସମୟ ସୀମା ରବିବାର ଶେଷ ହୋଇଥିବାବେଳେ ଶୁକ୍ରବାରଠାରୁ ତିନି ଦିନ ମଧ୍ୟରେ ୯ ଜଣ କୂଟନୀତିଜ୍ଞ ଓ ଅଧିକାରୀଙ୍କ ସମେତ ୫୩୭ ଜଣ ପାକିସ୍ତାନୀ ନାଗରିକ ଅଟାରି-ୱାଘା ସୀମା ଦେଇ ଭାରତ ଛାଡ଼ିଛନ୍ତି। ୧୪ ଜଣ କୂଟନୀତିଜ୍ଞ ଓ ଅଧିକାରୀଙ୍କ ସମେତ ମୋଟ ୮୫୦ ଜଣ ଭାରତୀୟ ପଞ୍ଜାବରେ ଥିବା ଅନ୍ତର୍ଜାତୀୟ ସୀମା ପାର ହୋଇ ପାକିସ୍ତାନରୁ ଫେରିଛନ୍ତି। ଗତ ଏପ୍ରିଲ ୨୨ ତାରିଖରେ ଜମ୍ମୁ-କାଶ୍ମୀରର ପହଲଗାମରେ ପାକିସ୍ତାନ ସଂପୃକ୍ତ ଆତଙ୍କବାଦୀଙ୍କ ଗୁଳିରେ ୨୬ ଜଣ ପ୍ରାଣ ହରାଇବା ପରେ ଭାରତ ସରକାର ପାକିସ୍ତାନୀ ନାଗରିକମାନଙ୍କୁ 'ଲିଭ୍ ଇଣ୍ଡିଆ' ନୋଟିସ୍ ଜାରି କରିଥିଲେ। ସାର୍କ ଭିସାଧାରୀଙ୍କ ପାଇଁ ଭାରତ ଛାଡିବାର ଶେଷ ତାରିଖ ଏପ୍ରିଲ ୨୬ ଥିଲା । ଯେଉଁମାନଙ୍କ ପାଖରେ ମେଡିକାଲ ଭିସା ରହିଛି ସେମାନଙ୍କ ପାଇଁ ଏପ୍ରିଲ ୨୯ ତାରିଖ ପର୍ଯ୍ୟନ୍ତ ସମୟ ସୀମା ରହିଛି। ଯେଉଁ ୧୨ ବର୍ଗର ଭିସାଧାରୀଙ୍କୁ ରବିବାର ସୁଦ୍ଧା ଭାରତ ଛାଡିବାକୁ ପଡ଼ିବ, ସେଗୁଡ଼ିକ ହେଲା- ଭିସା ଅନ୍ ଆରାଇଭାଲ୍, ବିଜନେସ୍, ଫିଲ୍ମ, ସାମ୍ବାଦିକ, ଟ୍ରାନଜିଟ୍, କନଫରେନ୍ସ, ପର୍ବତାରୋହଣ, ଛାତ୍ର, ପର୍ଯ୍ୟଟକ, ଗୋଷ୍ଠୀ ପର୍ଯ୍ୟଟକ, ତୀର୍ଥଯାତ୍ରୀ ଏବଂ ଗୋଷ୍ଠୀ ତୀର୍ଥଯାତ୍ରୀ। ତେବେ ଯେଉଁମାନଙ୍କ ➪ପୃଷ୍ଠା-୬

## ମୋଦିଙ୍କ ପ୍ରତିଶ୍ରୁତି — ନିଶ୍ଚିହ୍ନ ହେବେ ଆତଙ୍କୀ ଆକ୍କା



ପହଲଗାମ ଆକ୍ରମଣରେ ଭାରତୀୟଙ୍କ ପ୍ରତ୍ୟେକଟି ରକ୍ତ ବିନ୍ଦୁର ହିସାବ ନେବ ଭାରତ। ଏଥିପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କରିଛନ୍ତି ମାଷ୍ଟର ପ୍ଲାନ। ତିନି ପଟୁ ପାକିସ୍ତାନକୁ ଘେରିସାରିବା ପରେ ଆରମ୍ଭ ହୋଇଛି ୱାଟର ଆଟାକ। ସିନ୍ଧୁ ନଦୀ ଚୁକ୍ତିକୁ ବାତିଲ କରି ଉପର ମୁଣ୍ଡରେ ଜଳ ଛାଡୁନି ଭାରତ। ହେଲେ ଝେଲମ ନଦୀର ଜଳକୁ ହଠାତ ଖୋଲିଦିଆଯାଇଛି। ଯାହାଦ୍ୱାରା ପାକିସ୍ତାନର କିଛି ଅଞ୍ଚଳରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ଜଳ, ସ୍ଥଳ, ଆକାଶ ମାର୍ଗ ସବୁ ଆଡୁ ଭାରତୀୟ ସେନା ଆକ୍ରମଣ ନିର୍ଦ୍ଦେଶକୁ ଅପେକ୍ଷା କରିଛନ୍ତି। ଏଭିତରେ କାଶ୍ମୀରରେ ଆତଙ୍କୀଙ୍କ ଘର ଧ୍ୱଂସ କରାଯିବା ସହ କିଛି ସ୍ଥାନରେ ବଙ୍କରକୁ ମଧ୍ୟ ଉଡେଇ ଦେଇଛନ୍ତି ଭାରତୀୟ ଯବାନ।

### ଭାରତୀୟଙ୍କ ରକ୍ତ ତାତିଛି
### ପ୍ରତିଶୋଧ ପାଇଁ ଦେଶର ସ୍ୱର ଏକ

**ନୂଆଦିଲ୍ଲୀ, ୨୭।୪ (ସଂଚାର ବ୍ୟୁରୋ)** : ପହଲଗାମ୍ ଠାରେ ହୋଇଥିବା ଆତଙ୍କବାଦୀ ଆକ୍ରମଣ ଦେଶର ପ୍ରତ୍ୟେକ ନାଗରିକକୁ ବ୍ୟଥିତ କରିଛି । ପୀଡ଼ିତ ପରିବାରଙ୍କ ପ୍ରତି ପ୍ରତ୍ୟେକ ଭାରତୀୟଙ୍କ ମନରେ ଗଭୀର ସମବେଦନା ରହିଛି । ସେ ଯେକୌଣସି ରାଜ୍ୟର ହୋଇଥାଆନ୍ତୁ ନା କାହିଁକି, ଯେକୌଣସି ଭାଷାଭାଷୀ ହୋଇଥାଆନ୍ତୁ ନା କାହିଁକି, ସମସ୍ତେ ସେହିମାନଙ୍କ ଯନ୍ତ୍ରଣାକୁ ଅନୁଭବ କରୁଛନ୍ତି, ଯେଉଁମାନେ ଏହି ଆକ୍ରମଣରେ ନିଜ ପରିବାରର ଲୋକଙ୍କୁ ହରାଇଛନ୍ତି। ଆତଙ୍କବାଦୀ ଆକ୍ରମଣର ଚିତ୍ରଗୁଡ଼ିକୁ ଦେଖି ପ୍ରତ୍ୟେକ ଭାରତୀୟର ରକ୍ତ ତାତି ଉଠୁଛି, ସେ କଥା ମୁଁ ଅନୁଭବ କରିପାରୁଛି। ପହଲଗାମରେ ହୋଇଥିବା ଏହି ଆକ୍ରମଣ, ଆତଙ୍କବାଦର ପୃଷ୍ଠପୋଷକଙ୍କ ହତାଶା ଭାବକୁ ଦର୍ଶାଉଛି, ସେମାନଙ୍କ କାପୁରୁଷପଣିଆକୁ ପ୍ରଦର୍ଶିତ କରୁଛି। କାଶ୍ମୀରରେ ଶାନ୍ତି ଫେରିଆସୁଥିବା ସମୟରେ ଦେଶର ଶତ୍ରୁ, ଜମ୍ମୁ-କାଶ୍ମୀରର ଶତ୍ରୁମାନଙ୍କ ପକ୍ଷରେ ଏହା ଅସହ୍ୟ ହେଲା । ଆତଙ୍କବାଦୀ ଓ ଆତଙ୍କକୁ ପ୍ରଶ୍ରୟ ଦେଉଥିବା ଶକ୍ତିମାନେ ଚାହାଁନ୍ତି ଯେ, କାଶ୍ମୀର ପୁଣିଥରେ ଧ୍ୱଂସ ହେଇଯାଉ, ତେଣୁ ସେମାନେ ଏତେ ବଡ଼ ଷଡ଼ଯନ୍ତ୍ର ଘଟାଇଲେ । ଆତଙ୍କବାଦ ବିରୁଦ୍ଧରେ ଏହି ଯୁଦ୍ଧରେ ଦେଶର ଏକତା, ୧୪୦ କୋଟି ଭାରତୀୟଙ୍କ ଏକଜୁଟପଣିଆ ଆମର ସବୁଠାରୁ ବଡ଼ ଶକ୍ତି । ଏହି ଏକତା ଆତଙ୍କବାଦ ବିରୁଦ୍ଧରେ ଆମର ନିର୍ଣ୍ଣାୟକ ସଂଗ୍ରାମର ଆଧାର । ଦେଶ ଆଗରେ ଦେଖାଦେଇଥିବା ଏହି ଆହ୍ୱାନର ମୁକାବିଲା କରିବା ପାଇଁ ଆମକୁ ଆମ ସଂକଳ୍ପକୁ ସୁଦୃଢ଼ କରିବାକୁ ହେବ । ଏହି ଆତଙ୍କବାଦୀ ଆକ୍ରମଣ ପରେ ସମଗ୍ର ଦେଶର ସ୍ୱର ଏକ ହୋଇଥିବା କଥା ଆଜି ସାରା ବିଶ୍ୱ ଦେଖୁଛି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କର ମାସିକ ରେଡ଼ିଓ କାର୍ଯ୍ୟକ୍ରମ ମନ କି ବାତର ୧୨୧ତମ ଏପିସୋଡ଼ରେ ଦେଶବାସୀଙ୍କୁ ସମ୍ବୋଧିତ କରିଛନ୍ତି।

ଆମ ଭାରତୀୟମାନଙ୍କ ମଧ୍ୟରେ ଯେଉଁ ଆକ୍ରୋଶ ଭାବ ରହିଛି, ସାରା ବିଶ୍ୱରେ ସେହି ଆକ୍ରୋଶ ରହିଛି । ଏହି ଆତଙ୍କବାଦୀ ଆକ୍ରମଣ ପରେ କ୍ରମାଗତ ଭାବେ ସାରା ବିଶ୍ୱରୁ ସମବେଦନା ବାର୍ତ୍ତାମାନ ଆସିବାରେ ଲାଗିଛି । ବିଶ୍ୱର ଅନେକ ନେତା ମତେ ଫୋନ୍ କରିଛନ୍ତି, ଚିଠି ଲେଖିଛନ୍ତି, ବାର୍ତ୍ତା ପଠେଇଛନ୍ତି । ଏହି ଜଘନ୍ୟ ଢଙ୍ଗରେ କରାଯାଇଥିବା ଆତଙ୍କବାଦୀ ଆକ୍ରମଣକୁ ସମସ୍ତେ ଘୋର ନିନ୍ଦା କରିଛନ୍ତି । ସେମାନେ ମୃତ ବ୍ୟକ୍ତିଙ୍କ ପରିବାରବର୍ଗଙ୍କ ପ୍ରତି ସମବେଦନା ପ୍ରକାଶ କରିଛନ୍ତି । ସମଗ୍ର ବିଶ୍ୱ ଆତଙ୍କବାଦ ବିରୁଦ୍ଧରେ, ଆମ ସଂଗ୍ରାମରେ, ୧୪୦ କୋଟି ଭାରତୀୟଙ୍କ ସାଥିରେ ରହିଛି । ପୀଡ଼ିତ ପରିବାରମାନଙ୍କୁ ମୁଁ ପୁଣିଥରେ ଭରସା ଦେଉଛି ଯେ, ସେମାନେ ନ୍ୟାୟ ପାଇବେ, ସେମାନଙ୍କୁ ନିଶ୍ଚୟ ନ୍ୟାୟ ମିଳିବ । ଏହି ଆକ୍ରମଣର ଦୋଷୀମାନଙ୍କୁ ଏବଂ ଏହି ଷଡ଼ଯନ୍ତ୍ର ରଚନାକାରୀମାନଙ୍କୁ କଠୋରତମ ଜବାବ ଦିଆଯିବ । ଏହାସହ ମୋଦି ମହାନ ବୈଜ୍ଞାନିକ ଡ. କେ. କସ୍ତୁରୀରଙ୍ଗନ ଜୀଙ୍କୁ ଦେଶର ନିଃସ୍ୱାର୍ଥ ସେବା ଏବଂ ➪ପୃଷ୍ଠା-୬

## ଭାସିଲା ପାକିସ୍ତାନ: ବଦଲା ନେଲା କି ଭାରତ?

**ନୂଆଦିଲ୍ଲୀ, ୨୭।୪ (ସଂଚାର):** ପହଲଗାମ ଆକ୍ରମଣ ପରେ ଭାରତ ଓ ପାକିସ୍ତାନ ମଧ୍ୟରେ ଉତ୍ତେଜନା ବୃଦ୍ଧି ପାଇଛି । ସିନ୍ଧୁ ଜଳ ପାଇଁ ଦୁଇ ଦେଶ ମଧ୍ୟରେ ଚୁକ୍ତି ହୋଇଥିଲା । ତେବେ ଆତଙ୍କୀ ଆକ୍ରମଣ ପରେ ଭାରତ ସିନ୍ଧୁ ନଦୀ ଚୁକ୍ତିକୁ ସ୍ଥଗିତ ରଖିଛି । ଏପଟେ ପାକିସ୍ତାନ ମୁଜଫରାବାଦର ହଟିନବାଲା ଅଞ୍ଚଳ ଝେଲମ୍ ନଦୀରେ ଭାରତ ପାଣି ଛାଡିଛି । ଯାହାଫଳରେ ହଠାତ୍ ମୁଜାଫରାବାଦରେ ଭୟଙ୍କର ବନ୍ୟା ସ୍ଥିତି ଦେଖିବାକୁ ମିଳିଛି । ଯାହାକୁ ନେଇ ପାକିସ୍ତାନ ଭାରତ ବିରୋଧରେ ଅଭିଯୋଗ ଆଣିଛି ।

ସୂଚନାନୁଯାୟୀ, ଉରିରେ



ଅନନ୍ତନାଗ ଜିଲ୍ଲାରୁ ଚକୋଠିରେ ପାଣି ପଶି ଝେଲମ ନଦୀରେ ହଠାତ୍ ଭୟଙ୍କର ବନ୍ୟା ଆସିଥିଲା । ଯାହାଦ୍ୱାରା ପାକିସ୍ତାନର ସ୍ଥାନୀୟ ଲୋକେ ଭୟଭୀତ ହୋଇପଡିଛନ୍ତି । ଏହି ସମୟରେ ତିନିଟି ନଦୀର ବ୍ୟବହାର କିପରି ➪ପୃଷ୍ଠା-୬

## ସମୁଦ୍ର ଉପକୂଳରେ ହାଇଆଲର୍ଟ

**ପୁରୀ, ୨୭।୪ (ସଂଚାର ବ୍ୟୁରୋ)** : ପହଲଗାମରେ ପର୍ଯ୍ୟଟକଙ୍କୁ ଆତଙ୍କବାଦୀ ଆକ୍ରମଣ ପରେ ସାରା ଦେଶରେ ଏବେ ଆଲର୍ଟ। ଦେଶର ସବୁ ପର୍ଯ୍ୟଟନ ସ୍ଥଳି ଗୁଡ଼ିକରେ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯାଇଛି । ଏହି କ୍ରମରେ ଦେଶର ଅନ୍ୟତମ ପ୍ରସିଦ୍ଧ ତୀର୍ଥକ୍ଷେତ୍ର ତଥା ପର୍ଯ୍ୟଟନ କ୍ଷେତ୍ର ପୁରୀ ସହରରେ ମଧ୍ୟ ହାଇଆଲର୍ଟ ଜାରି ହୋଇଛି। ପୁରୀ ଏସପି ବିନୀତ ଅଗ୍ରୱାଲଙ୍କ ନିର୍ଦ୍ଦେଶ କ୍ରମେ ଶ୍ରୀମନ୍ଦିର, ବେଳାଭୂମି ସହିତ ଜିଲ୍ଲାର ଅନ୍ୟ ପର୍ଯ୍ୟଟନସ୍ଥଳୀ ଗୁଡ଼ିକରେ ପୁଲିସକୁ ଆଲର୍ଟ କରାଯାଇଛି । ପୁରୀ ଜିଲ୍ଲା ସମୁଦ୍ର ଉପକୂଳ ଅଞ୍ଚଳ ➪ପୃଷ୍ଠା-୬

## ଯୁଦ୍ଧ ପାଇଁ ପ୍ରସ୍ତୁତ ନୌସେନା

**ନୂଆଦିଲ୍ଲୀ, ୨୭।୪:** କାଶ୍ମୀରର ପହଲଗାମ ଆତଙ୍କବାଦୀ ଆକ୍ରମଣ ପରେ ଭାରତ ଓ ପାକିସ୍ତାନ ମଧ୍ୟରେ ଯୁଦ୍ଧ ସମ୍ଭାବନା ସୃଷ୍ଟି ହୋଇଥିବା ବେଳେ ଭାରତୀୟ ନୌସେନା ରବିବାର ସକାଳେ ଆରବ ସାଗରରେ ଏକାଧିକ ଜାହାଜ ବିରୋଧୀ ଗୁଳିଚାଳନାର ଦୃଶ୍ୟ ଶେୟାର କରି କହିଛି ଯେ ସେମାନେ ଯୁଦ୍ଧ ପାଇଁ ଆମେ ପ୍ରସ୍ତୁତ। ନୌସେନା କୋଲକାତା ଶ୍ରେଣୀର ଡେଷ୍ଟ୍ରୋୟର ଏବଂ ନୀଳଗିରି ଓ କ୍ରିଭାକ୍ ଶ୍ରେଣୀର ଫ୍ରିଗେଟ୍ ସମେତ ଯୁଦ୍ଧ ଜାହାଜରୁ ବ୍ରହ୍ମୋସ୍ ଆଣ୍ଟି-ସିପ୍ ଏବଂ ଆଣ୍ଟି-ସର୍ଫେସ୍ କ୍ରୁଜ୍ କ୍ଷେପଣାସ୍ତ୍ରର ଦୃଶ୍ୟ ସେୟାର କରିଛି। ନୂଆ କ୍ଷେପଣାସ୍ତ୍ର ପରୀକ୍ଷଣ ପାଇଁ ପ୍ରସ୍ତୁତ ହେଉଥିବା ଖବର ମିଳିବା ପରେ ପାକିସ୍ତାନ ଆରବ ସାଗରରେ ନୋ ଫ୍ଲାଇ ଜୋନ୍ ଘୋଷଣା କରିବା ସହ ଲାଇଭ୍ ଫାୟାର ଚେତାବନୀ ଜାରି କରିଥିଲା। ଭାରତୀୟ ନୌସେନା ଜାହାଜଗୁଡ଼ିକ ଏକାଧିକ ଜାହାଜ ନିରୋଧୀ ଗୁଳିଚାଳନା କରି ପ୍ଲାଟଫର୍ମ, ସିଷ୍ଟମ ଏବଂ କ୍ରୁମାନଙ୍କୁ ଲମ୍ବା ଦୂରତାର ନିର୍ଦ୍ଦିଷ୍ଟ ଆକ୍ରମଣ ପାଇଁ ପ୍ରସ୍ତୁତି ପ୍ରଦର୍ଶନ କରିଥିଲେ। ଭାରତୀୟ ନୌସେନା ଦେଶର ସାମୁଦ୍ରିକ ସ୍ୱାର୍ଥର ସୁରକ୍ଷା ପାଇଁ ଯୁଦ୍ଧ ପାଇଁ ପ୍ରସ୍ତୁତ, ➪ପୃଷ୍ଠା-୬



**ବ୍ରହ୍ମୋସ୍ ଆଣ୍ଟି-ସିପ୍ ଏବଂ ଆଣ୍ଟି-ସର୍ଫେସ୍ କ୍ରୁଜ୍ କ୍ଷେପଣାସ୍ତ୍ରର ସଫଳ ପରୀକ୍ଷା**

## ଆଧାରକାର୍ଡ ଓ ଭୋଟର ଆଇଡି ଥିଲେ ବି ବିଦାହେବେ
### ଭୁବନେଶ୍ୱର ଛାଡିଲେ ନଗମା ୟୁସୁଫ୍



**ଭୁବନେଶ୍ୱର, ୨୭।୪ (ସଂଚାର ବ୍ୟୁରୋ)** : କିଛି ପାକିସ୍ତାନୀ ନାଗରିକ ବିନା ନାଗରିକତାରେ ବହୁ ବର୍ଷ ହେଲା ରହି ଆସୁଛନ୍ତି ଭାରତରେ। ଏମିତିକି କୌଶଳ କରି ଆଧାରକାର୍ଡ ଓ ଭୋଟର ଆଇଡି ମଧ୍ୟ ହାତେଇ ନେଇଥିବା ଖବର ସାମ୍ନାକୁ ଆସିଛି। ଓଡ଼ିଶାରେ ୧୨ ପାକିସ୍ତାନୀ ରହିଥିବା ଗୃହମନ୍ତ୍ରଣାଳୟ ପକ୍ଷରୁ ସୂଚନା ମିଳିବା ପରେ ପାକିସ୍ତାନୀ ତୁରନ୍ତ ଦେଶ ଛାଡିବାକୁ ରାଜ୍ୟ ସରକାର ପ୍ରଚେଷ୍ଟା ଜାରି ରଖିଛନ୍ତି। ଭାରତର ନାଗରିକତା ନନେଇ ଯେଉଁମାନେ ଆଧାରକାର୍ଡ ଓ ଭୋଟର ଆଇଡି ହାତେଇଛନ୍ତି ସେଗୁଡିକ ଅବୈଦ୍ଧ ବୋଲି ଆଜି ସୂଚନା ଦେଇଛନ୍ତି ରାଜ୍ୟ ଆଇନମନ୍ତ୍ରୀ ପୃଥିରାଜ ହରିଚନ୍ଦନ। ସେ ଆହୁରି ମଧ୍ୟ କହିଛନ୍ତି ଯାହା କେନ୍ଦ୍ର ସରକାରଙ୍କ ଗାଇଡଲାଇନରେ ଅଛି ସେହି ଅନୁସାରେ କାର୍ଯ୍ୟାନୁଷ୍ଠାନ ନିଆଯିବ।ଅନ୍ୟପଟେ ଭୁବନେଶ୍ୱର ଛାଡ଼ିଛନ୍ତି ପାକିସ୍ତାନୀ ନାଗରିକ ନଗମା ୟୁସୁଫ୍। ୨୦୦୮ରେ ଜଣେ ବ୍ୟବସାୟୀଙ୍କୁ ବିବାହ କରି ଭୁବନେଶ୍ୱରରେ ରହି ଆସୁଥିଲେ। ଏମିତିକି ବିବାହ ପରେ ଭାରତୀୟ ନାଗରିକତ୍ୱ ପାଇଁ ଆବେଦନ କରିନଥିଲେ। ଭିଜା ରଦ୍ଦ କରାଯାଇଥିଲା। ତୁରନ୍ତ ଦେଶ ଛାଡିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ସେ ଆଜି ଭୁବେନଶ୍ୱର ଛାଡିଥିବା ଜଣାପଡିଛି। ସାଧାରଣ ➪ପୃଷ୍ଠା-୬

## ଗଞ୍ଜାମରେ ନିବେଶ ହେବ ୧ ଲକ୍ଷ କୋଟି

**ଭୁବନେଶ୍ୱର, ୨୭।୪(ସଂଚାର ବ୍ୟୁରୋ):** ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଞ୍ଜାମରେ ଶିଳ୍ପ ପାଇଁ ପ୍ରାୟ ୧ ଲକ୍ଷ କୋଟି ଟଙ୍କାର ପୁଞ୍ଜିନିବେଶ ଘୋଷଣା କରିବା ସହ ସ୍ଥାନୀୟ ଲୋକଙ୍କୁ ୧ ଲକ୍ଷରୁ ଅଧିକ ନିଯୁକ୍ତି ଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି। ଜିଲ୍ଲା ଗସ୍ତ ସମୟରେ ସେ ମା' ବୁଢ଼ୀ ଠାକୁରାଣୀ ମନ୍ଦିର ଯାଇ ପୂଜାର୍ଚ୍ଚନା କରିବା ପରେ ଭୀମପୁର ବିଦ୍ୟାଳୟର ଶତବାର୍ଷିକୀରେ ଯୋଗ ଦେଇଥିଲେ। ଗଞ୍ଜାମ ଜିଲ୍ଲାର ଅର୍ଥନୈତିକ ଉନ୍ନତି ହେବାକୁ ଯାଉଥିବା ବେଳେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶିଳ୍ପ କ୍ଷେତ୍ରରେ ୧ ଲକ୍ଷ କୋଟି ଟଙ୍କାର ପୁଞ୍ଜିନିବେଶ ଘୋଷଣା କରିଛନ୍ତି। ଏହି ପଦକ୍ଷେପ ଦ୍ୱାରା ଏହି ଅଞ୍ଚଳରେ ଯୁବକ ଓ ଯୁବତୀଙ୍କ ପାଇଁ ୧ ଲକ୍ଷରୁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ବୋଲି ଆଶା କରାଯାଉଛି।

ଆଧୁନିକ ଓ ଗୁଣାତ୍ମକ ଶିକ୍ଷାର ଆବଶ୍ୟକତା ଉପରେ ଆଲୋକପାତ କରି ଶିକ୍ଷାଗତ ସୁବିଧା ବୃଦ୍ଧି ପାଇଁ ଜିଲ୍ଲାର ପ୍ରତ୍ୟେକ ପଞ୍ଚାୟତରେ ଏକ ମଡେଲ ସ୍କୁଲ ପ୍ରତିଷ୍ଠା କରାଯିବ ବୋଲି ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ। ଏହି ବିଦ୍ୟାଳୟଗୁଡ଼ିକ ବ୍ୟାପକ ଶିକ୍ଷାଗତ ଅଭିବୃଦ୍ଧି ପ୍ରଦାନ କରିବ। ୨୦୩୬ରେ ଓଡିଶା ତାର ଶହେ ବର୍ଷ ପୂରଣ କରୁଛି। ୨୦୩୬ ସୁଦ୍ଧା ସମୃଦ୍ଧ ଓଡିଶା ଗଠନ ପାଇଁ ଆମର

**ବ୍ୟାପକ ନିଯୁକ୍ତି ସମ୍ଭାବନା**

**ବ୍ରହ୍ମପୁରରେ ହେବ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣୀ**

**ପ୍ରତି ପଞ୍ଚାୟତରେ ହେବ ମଡ଼େଲ ସ୍କୁଲ**

**ପୂର୍ବ ସରକାରଙ୍କ ୫-ଟି ସ୍କୁଲ ଥିଲା ଏକ ପ୍ରହସନ**

ଲକ୍ଷ୍ୟ ରହିଛି। ସମୃଦ୍ଧ ଓଡିଶା ଗଠନ ଦିଗରେ ଶିକ୍ଷାର ମହତ୍ୱପୂର୍ଣ୍ଣ ଭୂମିକା ରହିବ। ତେଣୁ ଉଭୟ ପ୍ରାଥମିକ ଓ ଉଚ୍ଚଶିକ୍ଷାକୁ ସୁଦୃଢ଼ କରିବା ପାଇଁ ଆମ ସରକାର ବଦ୍ଧପରିକର ବୋଲି ମୁଖ୍ୟମନ୍ତ୍ରୀ ଭୀମପୁର ଉନ୍ନୀତ ଉଚ୍ଚ ବିଦ୍ୟାଳୟର ଶତବାର୍ଷିକୀ ଉତ୍ସବରେ ଯୋଗ ଦେଇ ଏହା କହିଛନ୍ତି।



ମୁଖ୍ୟମନ୍ତ୍ରୀ ପ୍ରଥମେ ବିଦ୍ୟାଳୟର ପ୍ରତିଷ୍ଠାତା ଆଦର୍ଶ ଶିକ୍ଷକ ସ୍ୱର୍ଗତ ଭଗବାନ ପଣ୍ଡାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରି କହିଥିଲେ ଯେ ୧୯୨୪ ମସିହା ମାର୍ଚ୍ଚ ୧୫ ତାରିଖରେ ଏହି ବିଦ୍ୟାଳୟ ତାର ଶିକ୍ଷାଦାନର ଯାତ୍ରା ଆରମ୍ଭ କରି ଦୀର୍ଘ ୧୦ ଦଶନ୍ଧି ଧରି ସୀମାନ୍ତ ଅଂଚଳରେ ଜ୍ଞାନର ଆଲୋକ ବିକିରଣ କରିଆସୁଛି । ଭାରତୀୟ ସଂସ୍କୃତି ଓ ପରମ୍ପରାରେ ଶିକ୍ଷାଦାନ ବ୍ୟବସ୍ଥା ଗୁରୁ ଶିଷ୍ୟ ପଦ୍ଧତିରେ କେଉଁ ଆବାହମାନ ଯୁଗରୁ ରହିଆସିଛି । ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀ ଦେଶର ଶାସନଭାର ନେଲା ପରେ ଶିକ୍ଷା ବ୍ୟବସ୍ଥାରେ ପରିବର୍ତ୍ତନ ଆସିଛି। ୨୦୨୦ ମସିହାରେ ମୋଦିଜୀଙ୍କ ଦିଗ୍‌ଦର୍ଶନରେ ନୂତନ ଶିକ୍ଷାନୀତି ଦେଶରେ ପ୍ରଣୟନ ହୋଇଥିଲା । ଦୁର୍ଭାଗ୍ୟର କଥା, ଆମ ରାଜ୍ୟରେ ଏହି ନୂତନ ଶିକ୍ଷା ନୀତିକୁ ୫ ବର୍ଷ ଧରି ଲାଗୁ କରାଯାଇ ନ ଥିଲା । ଆଜି ଆମ ସରକାର ଆସିବା ପରେ, ଏହା ଲାଗୁ କରାଯାଇଛି। ଏହାଦ୍ୱାରା ନିଶ୍ଚିତଭାବେ ଶିକ୍ଷା କ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନ ଆସିବ।

ସେ ପୁଣି କହିଥିଲେ ଯେ ପ୍ରାଥମିକ ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ କରିବା ପାଇଁ ଜାତୀୟ ଶିକ୍ଷାନୀତି-୨୦୨୦ ଅନୁଯାୟୀ ଆମେ ପ୍ରାକ୍-ପ୍ରାଥମିକ ଶ୍ରେଣୀ ଶିକ୍ଷା ବା ଶିଶୁବାଟିକା ଆରମ୍ଭ କରିଛୁ । ନୂତନ ଜାତୀୟ ଶିକ୍ଷାନୀତି ଆଧାରରେ ଓଡିଶାରେ ➪ପୃଷ୍ଠା-୬

## ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ସହ ସାଂଘାତିକ ଖେଳ

- ❑ ଏକାଦିନେ ଦୁଇ ଦୁଇଟି ପରୀକ୍ଷାରେ ବଡ଼ ତ୍ରୁଟି
- ❑ ଭୁଲ ମାନିଲେ କମିଶନ, ଲୋଡିଲେ ପରାମର୍ଶ

**ଭୁବନେଶ୍ୱର, ୨୭।୪(ସଂଚାର):** ପୁଣି ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ସହ ଖେଳ। ଏକାଦିନେ ଦୁଇ ଦୁଇଟି ବଡ଼ ପରୀକ୍ଷା ହୋଇଥିବା ବେଳେ ଦୁଇଟି ଯାକ ପରୀକ୍ଷାରେ ସାଂଘାତିକ ତ୍ରୁଟି ପଦାକୁ ଆସିଛି । ଓଡିଶା ଷ୍ଟାଫ ସିଲେକ୍ସନ କମିଶନର ଅବକାରୀ ଓ ଟ୍ରାଫିକ୍ ସବଇନସପେକ୍ଟର ପଦବୀ ପାଇଁ ହୋଇଥିବା ପରୀକ୍ଷାରେ ସିଜିଏଲ ପରୀକ୍ଷା ପ୍ରଶ୍ନ ଆସିଥିବା ବେଳେ, ଓଡିଶା ପ୍ରଶାସନିକ ସେବା ମେନ୍ ପରୀକ୍ଷାର ଆନ୍ଥ୍ରପୋଲୋଜି ପରୀକ୍ଷାରେ ହୋଇଛି ଗୋଳମାଳ। ଏଠି ପ୍ରଥମ ପେପରରେ ଦ୍ୱିତୀୟ ପେପର ପ୍ରଶ୍ନ, ଆଉ ଦ୍ୱିତୀୟ ପେପରରେ ଆସିଥିଲା ପ୍ରଥମ ପେପରର ପ୍ରଶ୍ନ। ଯାହାକୁ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି ପରୀକ୍ଷାର୍ଥୀ।

ଏହାଦ୍ୱାରା ପଦାରେ ପଡିଛି ଷ୍ଟାଫ ସିଲେକ୍ସନ କମିଶନ ଏବଂ ଓଡିଶା ପବ୍ଲିକ ସର୍ଭିସ କମିଶନର ବେପରୁଆ ମନୋଭାବ। ସକାଳ ସାଢେ ୯ଟାରୁ ଆରମ୍ଭ ହୋଇଥିଲା ଷ୍ଟାଫ ସିଲେକ୍ସନ କମିଶନ ଦ୍ୱାରା ପରିଚାଳିତ ଅବକାରୀ ଏବଂ ଟ୍ରାଫିକ୍ ସବ୍ ଇନସପେକ୍ଟର ପଦବୀ ପାଇଁ ମିଳିତ ନିଯୁକ୍ତି ପରୀକ୍ଷା । କିନ୍ତୁ ପ୍ରଶ୍ନ ଆସିଥିଲା ସିଜିଏଲ ବା କମ୍ବାଇଣ୍ଡ ଗ୍ରାଜୁଏଟ୍ ଲେବଲ ପରୀକ୍ଷାରୁ। ଯାହାକୁ ନେଇ ଦ୍ୱନ୍ଦ୍ୱରେ ପଡ଼ିଥିଲେ ପରିକ୍ଷାର୍ଥୀ। ଓଡ଼ିଆ, ଇଂରାଜୀ ଏବଂ ସାଧାରଣ ଜ୍ଞାନ ବଦଳରେ ଆରିଥମେଟିକ୍ ପ୍ରଶ୍ନ ଦେଖି ହତାଶ ହୋଇଥିଲେ ଆଶାୟୀ। ଆଜିର ପରୀକ୍ଷାକୁ ବାତିଲ କରି ପୁଣିଥରେ ସାନି ପରୀକ୍ଷା କରିବାକୁ ଦାବି କରିଛନ୍ତି ଅନେକ ପରୀକ୍ଷାର୍ଥୀ। ଠିକ୍ ➪ପୃଷ୍ଠା-୬



## କାନ ଡେରିଥା

ହାତରେ ନମାରି ଭାତରେ
ମାରିବେ
ଏହା ହିଁ ଚାହୁଁଚି ଦେଶ
ପାକିସ୍ତାନର ଆତଙ୍କିସ୍ଥାନ ଟା
ହୋଇଯିବ ଏବେ ଶେଷ
ତଥାପି ଯେ ଅବଶୋଷ...
ଯେମିତି ମାରିଲେ ସେମିତି
ମରିଲେ
ଗଡିବ ଆତଙ୍କୀ ଲାସ।

■ ଦେବାଶିଷ

## ତିନି ହଜାର ପୁଲିସ୍ ପଦବୀରେ ବୟସ୍କଙ୍କୁ ନିଯୁକ୍ତି

**ଭୁବନେଶ୍ୱର, ୨୭।୪ (ସଂଚାର ବ୍ୟୁରୋ)** : ଓଡିଶା ପୁଲିସ୍‌ର ଓଡିଶା ସ୍ୱତନ୍ତ୍ର ଷ୍ଟ୍ରାଇକିଂ ଫୋର୍ସ (ଓଏସଏସଏଫ୍)ରେ ବାହାରିଥିବା ୩ହଜାର ପଦବୀରେ ଏବେ ଅବସରପ୍ରାପ୍ତ ସେନା ଅଧିକାରୀଙ୍କୁ ନିଯୁକ୍ତି ମିଳୁଛି । ତେବେ ଏଥିରେ ଓଡିଶା ପରିବର୍ତ୍ତେ ଜମ୍ମୁ କାଶ୍ମୀର, ପଞ୍ଜାବ, ଉତ୍ତରପ୍ରଦେଶ ଆଦି ରାଜ୍ୟର ସଂଖ୍ୟାଧିକ ଅବସରପ୍ରାପ୍ତ ସେନା କର୍ମଚାରୀ ଓ ଅଧିକାରୀ ରାଜ୍ୟ ପୁଲିସ୍‌ର ଏହି ଚାକିରି ହାତେଇ ନେଉଥିବାବେଳେ ଓଡିଶାର ଶିକ୍ଷିତ ଯୁବକମାନେ ଚାତକ ଭଳି ଚାହିଁ ରହିଛନ୍ତି ।

ମିଳିଥିବା ସୂଚନା ଅନୁଯାୟୀ ଓଡିଶା ପୁଲିସ୍‌ରେ ଏହି ପଦବୀ ସୃଷ୍ଟି ସମୟରେ ରାଜ୍ୟର ବେକାର ଦକ୍ଷ ଯୁବକ ଯୁବତୀମାନଙ୍କ ପ୍ରତି ଦୃଷ୍ଟି ଦିଆଯିବା ବଦଳରେ ଅବସରପ୍ରାପ୍ତ ସେନା କର୍ମଚାରୀଙ୍କୁ ନିଯୁକ୍ତି ଉପରେ ଜୋର ଦିଆଗଲା । ପୁଲିସ୍ ବିଭାଗର ଏହି ପ୍ରସ୍ତାବକୁ ରାଜ୍ୟର ନୂଆ ସରକାର ବି ସବୁଜ ସଙ୍କେତ ଦେଇଦେଲେ । ଏହାପରେ ବିଜ୍ଞାପନ ପ୍ରକାଶ ପାଇଲା । ହେଲେ ସରକାର ଯେଉଁ ଦରମା ସୀମାରେଖା ରଖିଥିଲେ ସେଥିରେ କେହି ଆଗ୍ରହ ପ୍ରକାଶ କଲେନାହିଁ । କାଁ ଭାଁ ଅବସରପ୍ରାପ୍ତ ସେନା କର୍ମଚାରୀ ଏଥିପ୍ରତି ଆଗ୍ରହ ପ୍ରକାଶ କଲେ । ଏହାପରେ ପୁଲିସ୍ ବିଭାଗ ଶିକ୍ଷିତ ବେକାର ଯୁବକମାନଙ୍କ ପାଇଁ ଏହି ଚାକିରିର ଦ୍ୱାର ଖୋଲା କରିବା ବଦଳରେ ଅବସରପ୍ରାପ୍ତ ସେନା କର୍ମଚାରୀଙ୍କ ପାଇଁ ଧାର୍ଯ୍ୟ ଦରମାର ସୀମା ବଢାଇ ତାହାକୁ ୪୦,୦୦୦, ୪୫,୦୦୦ ଓ ୫୫,୦୦୦ କରିଦେଲେ । ପ୍ରଥମେ ଏହି ଦରମା ୩୦,୦୦୦, ୩୨,୦୦୦ ଓ ୪୦,୦୦୦ ଥିଲା । ଦରମା ବୃଦ୍ଧି ଦେଖି ଏବେ ସାରା ଦେଶର ଅବସରପ୍ରାପ୍ତ ସେନା କର୍ମଚାରୀମାନେ ନିଯୁକ୍ତି ପାଇଁ ଓଡିଶା ମୁହାଁ ହୋଇଛନ୍ତି । ଜମ୍ମୁ କାଶ୍ମୀର, ପଞ୍ଜାବ, ଉତ୍ତରପ୍ରଦେଶ ଆଦି ରାଜ୍ୟରେ ଲୋକେ ଅଧିକ ସଂଖ୍ୟାରେ ସେନାରେ ନିଯୁକ୍ତି ପାଉଥିବାରୁ ସେଠାକାର ଅବସରପ୍ରାପ୍ତ କର୍ମଚାରୀମାନେ ଆସି ଓଡିଶାର ହଜାର ହଜାର ପଦବୀରେ ନିଯୁକ୍ତି ପାଉଛନ୍ତି । ରାଜ୍ୟ ସରକାର ଦରମା ସୀମାରେଖା ବୃଦ୍ଧି କରିବା ଫଳରେ ସେନାରୁ କନଷ୍ଟେବଲ ପାହ୍ୟାରୁ ଅବସର ନେଇ ଏଠାରେ ନିଯୁକ୍ତି ପାଉଥିବା ଜଣେ କର୍ମଚାରୀଙ୍କ ପେନ୍‌ସନ, ଦରମା, ପୋଷାକ ଭତ୍ତା ଆଦି ମିଶି ୮୦ହଜାର ଟଙ୍କା ପାଖପାଖି ହୋଇଯାଉଛି । ସେହିଭଳି ଅବସରପ୍ରାପ୍ତ ଇନ୍ସପେକ୍ଟର ପାହ୍ୟାର କର୍ମଚାରୀଙ୍କର ପାଉଣା ମାସିକ ୯୦ହଜାର ଟଙ୍କାକୁ ଟପିଗଲାଣି । ଅବସ୍ଥା ଏଭଳି ହୋଇଛି ଯେ ଓଡିଶାରେ ଡିଏସ୍‌ପି ପାହ୍ୟାରେ କାର୍ଯ୍ୟରତ ଅଧିକାରୀଙ୍କ ସହିତ ଏମାନଙ୍କ ପାଉଣା ସମାନ ହେଲାଣି । ଏହି ଅବସରପ୍ରାପ୍ତ କର୍ମଚାରୀଙ୍କୁ ବିଭିନ୍ନ ସ୍ଥାନରେ ମୁତୟନ ଦାୟିତ୍ୱରେ ଅଧିକ ଅଧିକାରୀଙ୍କ ବେତନ ସହିତ ଏମାନଙ୍କ ପାଉଣା ସମାନ କିମ୍ବା ଅଧିକ ହୋଇଗଲାଣି । ତେଣୁ ଏହି ଅଧିକାରୀଙ୍କ ନିର୍ଦ୍ଦେଶକୁ କିଭଳି ଅବସରପ୍ରାପ୍ତ ସେନା କର୍ମଚାରୀ ମାନିବେ ତାହା ଆଗକୁ ଜଣାପଡିବ ।

ଓଏସଏସଏଫ ରେ ନିଯୁକ୍ତି ପାଉଥିବା ଏହି କର୍ମଚାରୀମାନେ ଓଡିଶାରେ ମାଓ ଦମନ ସହିତ ଅନ୍ୟାନ୍ୟ ସୁରକ୍ଷା କାର୍ଯ୍ୟ ଓ ଦଙ୍ଗା ନିୟନ୍ତ୍ରଣରେ ନିୟୋଜିତ ହେବେ । ତେବେ ଏହି ଅବସରପ୍ରାପ୍ତ ବୟସ୍କ କର୍ମଚାରୀମାନେ ଏଥିରେ ➪ପୃଷ୍ଠା-୬

- ● ହାତେଇ ନେଉଛନ୍ତି ଅନ୍ୟ ରାଜ୍ୟର ଲୋକେ
- ● ଓଡ଼ିଶାର ଶିକ୍ଷିତ ଯୁବକ ହତାଶ



## ଚମକିଲେ ଓଡ଼ିଆ ପୁଅ ଯଶ୍ ଜୈନ୍

**କଣ୍ଟାବାଞ୍ଜି, ୨୭।୪ (ସଂଚାର ବ୍ୟୁରୋ)** : ନିଟ୍-ସୁପର ସ୍ପେଶାଲିଟି ପ୍ରବେଶିକା ପରୀକ୍ଷାରେ ଚମକିଲେ ଓଡିଆ ପୁଅ ଯଶ ଜୈନ। ନିଟ୍-ସୁପର ସ୍ପେଶାଲିଟି ପରୀକ୍ଷାରେ ପ୍ରଥମ ସ୍ଥାନରେ ରହି ଓଡ଼ିଶା ପାଇଁ ଗର୍ବ ଆଣିଲେ ଓଡ଼ିଆ ପୁଅ ଯଶ୍। ସର୍ବ ଭାରତୀୟ ସ୍ତରରେ ଆଜି ରେଜଲ୍ଟ ପ୍ରକାଶ ପାଇଥିବା ବେଳେ ସବୁଆଡୁ ଛୁଟୁଛି ପ୍ରଶଂସାର ସୁଅ। କଣ୍ଟାବାଞ୍ଜିର ସୁନୀଲ ଜୈନଙ୍କ ପୁଅ ଯଶ୍ ନିଜର କଠିନ ପରିଶ୍ରମ ପାଇଁ ଏଭଳି ସଫଳତା ପାଇଛନ୍ତି । ଜେନେରାଲ ସର୍ଜରୀ ବିଭାଗର ଡାକ୍ତର ହେଉଛନ୍ତି ଯଶ୍ । ସେ ମୁମ୍ବାଇର କେଇଏମ ହସ୍ପିଟାଲରେ ଡାକ୍ତରୀ ପାଠ ପଢିବା ପରେ ନାଗପୁର ସରକାରୀ ମେଡ଼ିକାଲରେ ପିଜି କରିଥିଲେ । ସେ ପିଜି ପରେ ➪ପୃଷ୍ଠା-୬





## ଏଇ ଜୀବନଟା ଏକ ନାଟକ

**ଡଃ ତାନଶ୍ରୀ ପାଣିଗ୍ରାହୀ**

ଏଇ ଜୀବନଟା ଏକ ନାଟକ
ମୁଁ ନାୟିକା ତୁମେ ମୋ ନାୟକ
ତୁମ ପାଇଁ ମୋର ସବୁ ସମର୍ପିତ
ଚିର ଅତୁଟ ଆମ ଏ ସମ୍ପର୍କ...
ଏଇ ଜୀବନଟା ଏକ ନାଟକ...

ମୋ ହୃଦୟେ ତୁମେ ସଦା ସ୍ପନ୍ଦିତ
ମୋ ଆଖିରେ ତୁମେ ସଦା ଚିତ୍ରିତ
କେବେ ସାରା ରାତି ତୁମେ ଚନ୍ଦ୍ରମା
ତୁମେ ମୋ ମନରେ ଏକ
କୋଣାର୍କ...
ଏଇ ଜୀବନଟା ଏକ ନାଟକ...

କେଉଁ ଜନମର ଥିଲା କି ସ୍ମୃତି
ଏ ଜୀବନେ ହେଲ ତୁମେ ମୋ ସାଥୀ
ତୁମେ ମୋ ଜୀବନ ତୁମେ ମୋ
ସପନ
ତୁମ ବିନା ଶୂନ୍ୟ ଲାଗେ କ୍ଷଣିକ...
ଏଇ ଜୀବନଟା ଗୋଟେ ନାଟକ ॥

**ଆଚାର୍ଯ୍ୟା, ସରସ୍ୱତୀ ଶିଶୁ**



## ଅକ୍ଷୟ ତୃତୀୟା

**ସନ୍ତୋଷ କୁମାର ସାହୁ**

ବୈଶାଖ ଶୁକୁଳ ତୃତୀୟା ତିଥିରେ
ଅକ୍ଷୟ ତୃତୀୟା ହୁଏ
ବାହାଘର ବ୍ରତ ନିର୍ବନ୍ଧ ଓ ଚାଷ
ଶୁଭ କାର୍ଯ୍ୟ ହୋଇଥାଏ ....
ଉକ୍ତ ଦିନ ଦେବୀ ଲକ୍ଷ୍ମୀ ପୂଜା କରି
ନବ ଗଉଣିକୁ ଆଣି
ହଳଦୀ ଚନ୍ଦନ ସଜାଇ ପୁଷ୍ପରେ
ଦିଅନ୍ତି ଚିତ୍ରକୁ ଟାଣି ....
ଧାନ ବିହନକୁ ଗଉଣି ଭିତରେ
ପୂର୍ଣ୍ଣ କରି ରଖାହୁଏ
ଟୋକେଇରେ ରଖି ପୂଜା ସାମଗ୍ରୀକୁ
ଖେତେ ଧରି ନିଆଯାଏ ....
ବିହନ ଟୋକେଇ ପୂର୍ବ ଦିଗେ ରଖି
ବସୁମାତା ପୂଜା ହୁଏ
ପୂଜାର ଶେଷରେ ଐଶାନ୍ୟ କୋଣରେ
ପୂଜା ଭୋଗ ପୋତାଯାଏ ...
ବସୁଦା ମାତାଙ୍କୁ ସୂର୍ଯ୍ୟ ଦେବତାଙ୍କୁ
ପୂଜା ଆରାଧନା କରି
ଶୁଭାରମ୍ଭ କରି ମୁଠି ବିହନକୁ
ବିଲେ ଯାଏ ଚଷା ଧରି ....
ବୁଣାଯାଏ ବୋଲି ମୁଠା ମୁଠା ଧାନ
ନାମ ତା'ର ଅକ୍ଷି ମୁଠି
ଉକ୍ତ ଦିନ ପୁଣି ପୁରାଣେ ବର୍ଣ୍ଣିତ
ତ୍ରେତେୟା ଯୁଗର ସୃଷ୍ଟି ...
ଅକ୍ଷୟ ତୃତୀୟା କୃଷି ପର୍ବ ରୂପେ
ଓଡ଼ିଶାରେ ପରିଚିତ
କେହି କେହି ପୁଣି କୁହନ୍ତି ବିଶ୍ୱାସେ
ଏହା ଅନୁକୂଳ ଯାତ ...
ରଥ କାଠ କାମ ଚନ୍ଦନ ଯାତରା
ଆରମ୍ଭ ଯେ ଏହି ଦିନ
ପର୍ଶୁରାମ ଜନ୍ମ ହେଲେ ଏ ଧରାରେ
ଗଙ୍ଗା ମାତା ଆଗମନ ....

**ଗାନ୍ଧିନଗର, କୋରାପୁଟ**

# ଜୋକର

**ଦ୍ୱିତୀ ଚନ୍ଦ୍ର ସାହୁ**



ଛୋଟ ଝିଅଟେ ଖୁବ୍ ଭଲ ପାଉଥିଲା ଜୋକର ଚରିତ୍ରକୁ। ସେଥିପାଇଁ ଯାତ୍ରାରୁ ଗୋଟେ ଜୋକର କଣ୍ଢେଇ କିଣି ସବୁବେଳେ ଧରି ଖେଳୁଥିଲା ସେମିତି ଅନ୍ତରଙ୍ଗ ଭାବେ। ଅନେକଥର ତାର ବାପାକୁ କହେ, 'ବାପା! ଥରେ ଜୋକର ପରି ହେଉନା। କେଡ଼େ ମଜା ଲାଗିବ।' ବାପା ଝିଅର କଥାକୁ ବାଆଁରେଇ ଯାଏ ପ୍ରତିଥର। ସେଇ ଚୁଲୁବୁଲି ଝିଅକୁ ଝୁଣିଲେ କିଛି ବ୍ୟଭିଚାରୀ। ଗୁରୁତର ଅବସ୍ଥାରେ ସିଟି ମେଡିକାଲ୍‌ରେ ସେ ଭର୍ତ୍ତି ହେଲା। ସ୍ତବ୍ଧ ହେଲା ଜଗତ। ନାରକୀୟ କାଣ୍ଡର ମୁଖ୍ୟ ଖଳନାୟକ ହେଲା ଫେରାର। ଜନୈକ ମନ୍ତ୍ରୀଙ୍କ ପୁଅ ଓ ସାଙ୍ଗସାଥୀ ସହରରୁ ଉଭାନ୍ ଖବର ବ୍ୟାପିଗଲା ନିଆଁ ପରି।

**ଏକ**

ବାପା ଗଲା ଥାନାକୁ। ସାଙ୍ଗରେ ଥିଲେ ଜଣେ ସମାଜସେବୀ। ଥାନାରେ ଥିବା ଜଣେ ବାବୁଙ୍କୁ ଏତଲା ଦେଲେ। ରାଇଟର୍‌ବାବୁ କହିଲେ, 'ଟିକେ ରୁହ! ଥାନାବାବୁ ଆସିଲେ ଯାହା। ତୁମେ ଦେଇଦେଲେ କଣ ଏମିତି ରିପୋର୍ଟ ରଖିଦେବି?' ଥାନା ବାରଣ୍ଡାରେ ଥିବା ଷ୍ଟୁଲ୍‌ରେ ବସିଲେ ଦୁହେଁ। ପୋଲିସ୍ ଓ କେତେ କେତେ ଲୋକ ଥାନାକୁ ଆସୁଥିଲେ ଯାଉଥିଲେ। ଘଣ୍ଟାକଣ୍ଟା ଚକ୍ରାକାରରେ ଘୂରି ବୁଲୁଥିଲା। ଦୀର୍ଘ ସମୟ ପରେ ପୋଲିସ୍ ଗାଡ଼ି ଆସି ଥାନାରେ ଲାଗିଲା। ବାକି ପୋଲିସ୍ ତାଙ୍କୁ ଦେଖି ସ୍ୟାଲୁଟ୍ ମାରିଲେ। ଥାନା ବଡ଼ବାବୁ ଆସିଗଲେ ବୋଲି ଦୁହେଁ ପଛେ ପଛେ ଗଲେ ଭିତରକୁ।

ଥାନାବାବୁ ପୂର୍ବରୁ ଚିହ୍ନିଲା ଢଙ୍ଗରେ ଦେଖୁ ଦେଖୁ କହିଲେ, 'ଏମିତିରେ କଣ ରିପୋର୍ଟ ରଖିହେବ? ଝିଅର ଡାକ୍ତରୀ ମାଇନା କରିବାକୁ ପଡ଼ିବ। ସେ ଦୁଷ୍କର୍ମ ହୋଇଥିବା ପ୍ରମାଣିତ ହେଲେ ଯାଇ ଏତଲା ରଖିହେବ।' କାବା ହୋଇଗଲେ ଦୁହେଁ। ଆପତ୍ତି ଉଠେଇଲେ ସମାଜସେବୀ। ଥାନାବାବୁ ଏକଲାରେ ସମାଜସେବୀଙ୍କୁ ଡାକି କହିଲେ, 'କାହିଁକି ଏସବୁ ଝାମେଲାରେ ପଶୁଛନ୍ତି। ଉପରୁ ବଡ଼ ବଡ଼ ଲୋକଙ୍କ ନିର୍ଦ୍ଦେଶ। ଆପଣ ଚୁପ୍ ରହିଲେ ଆପଣଙ୍କ ଶରୀର ପାଇଁ ଭଲ।' ସମାଜସେବୀ ବିରୋଧ କଲେ। ନାବାଳିକାର ବାପା ସବୁ ଜାଣିଲା ପରେ ତାଙ୍କୁ ଲାଗିଲା ଥାନାବାବୁ ଜଣେ ପୋଲିସ୍ ନୁହନ୍ତି, ବରଂ ଜଣେ ଜୋକର। ସେ ଆଉ କାହା ଇସାରାରେ ନାଚୁଛନ୍ତି।

**ଦୁଇ**

ବିରୋଧୀଙ୍କ ପକ୍ଷରୁ ଆରମ୍ଭ ହେଲା ରାଜନୀତି। ହଲ୍ଲାପଟା ଓ ଥାନା ଘେରାଉ। ଗଣମାଧ୍ୟମ ବି ଘେରିଲେ। ଚାଲିଲା ଘନଘନ ବିତର୍କ। ବିଜୁଳି ବେଗରେ ସବୁଆଡ଼େ ଖବର ଖେଳିଗଲା। ଲୋକ ରୁଣ୍ଡ ହୋଇ ପ୍ରତିବାଦ ଜଣାଇଲେ। ଦୋଷୀଙ୍କୁ ଗିରଫ କରିବା ପାଇଁ ରାସ୍ତାରୋକ କଲେ। ସ୍ଥାନୀୟ ବିରୋଧୀ ଦଳ ନେତା ଆନ୍ଦୋଳନର ନେତୃତ୍ୱ ନେଲେ ଏବଂ ବନ୍ଦ ଡାକରା ଦେଲେ। ଘଟଣାକୁ ନେଇ ସରକାରଙ୍କ ବିରୋଧରେ ଦାନା ବି ବାନ୍ଧିଲା। ହଠାତ୍ ଖବର ମିଳିଲା ସ୍ଥାନୀୟ ନେତା ଅସୁସ୍ଥ ଓ ମେଡିକାଲ୍‌ରେ ଭର୍ତ୍ତି ହୋଇଛନ୍ତି। ତା'ପରେ ଆନ୍ଦୋଳନ କ୍ରମଶଃ ନିରବିଗଲା। ସ୍ଥାନୀୟ ବିରୋଧୀ ଦଳ ନେତାଙ୍କ ଅଚାନକ ଦେହ ଖରାପକୁ ସାଧାରଣ ଲୋକ ହଜମ କରି ପାରୁ ନ ଥିଲେ।

**ତିନି**

ଏହା ସତ୍ତ୍ୱେ ଆନ୍ଦୋଳନ ଥମୁ ନ ଥାଏ। ସାରା ରାଜଧାନୀରେ ପ୍ରକମ୍ପିତ ହେଉଥାଏ ପ୍ରତିବାଦର ସ୍ୱର। ସମସ୍ତଙ୍କର ଦାବି ଦୋଷୀଙ୍କୁ ତୁରନ୍ତ ଗିରଫ କରାଯାଉ ଏବଂ ପୀଡ଼ିତା ପରିବାରଙ୍କୁ ତିରିଶ ଲକ୍ଷ ଟଙ୍କା କ୍ଷତିପୂରଣ ଦିଆଯାଉ। ସରକାର ତ୍ୱରିତ୍ ବେଗରେ ପଦକ୍ଷେପ ଗ୍ରହଣ କଲେ। ଦଶ ଲକ୍ଷ ଟଙ୍କାର କ୍ଷତିପୂରଣ ରାଶି ଘୋଷଣା କଲେ। ପୀଡ଼ିତାର ଚିକିତ୍ସା ଦାୟିତ୍ୱ ବି ନେଲେ। ଏଥିସହିତ, କେତେଜଣ ଅପରାଧୀ ବି ଗିରଫ ହେଲେ। ମାତ୍ର, ମୁଖ୍ୟ ଅପରାଧୀ ମନ୍ତ୍ରୀଙ୍କ ପୁଅଙ୍କ ନାଁକୁ ତାଲିକାରୁ ବାଦ୍ ଦିଆଗଲା। ଏହିଭଳି ଏକ ଘଟଣା ଭିତରେ ଅଚାନକ ବିରୋଧୀ ଦଳ ନେତା ଶାସକ ଦଳରେ ସାମିଲ ହୋଇଗଲେ। ଟିଭିରେ ସହାସ୍ୟ ବଦନରେ ଦଳୀୟ ଉତ୍ତରୀୟ କାନ୍ଧରେ ପକାଉଥିଲେ ସେ। ପୀଡ଼ିତଙ୍କ ପରିବାରକୁ ଲାଗୁଥିଲା ବିରୋଧୀ ଦଳ ନେତା ସେମିତି ଜୋକର ହୋଇ ରହିଛନ୍ତି।

**ଚାରି**

ଚିକିତ୍ସିତ ଅବସ୍ଥାରେ ଆଖିବୁଜିଲା ପୀଡ଼ିତା। ଗଣମାଧ୍ୟମରେ ରିପୋର୍ଟ ପ୍ରକାଶ ପାଇଲା ଉପଯୁକ୍ତ ଚିକିତ୍ସା ଅଭାବରୁ ନାବାଳିକା ମୃତ୍ୟୁବରଣ କଲେ। ଏହାକୁ ନେଇ ଦି'ଫାଳ ହେଲା ମିଡିଆ। ଅଧେ ସରକାରଙ୍କ ପକ୍ଷ ନେଇ ଚିକିତ୍ସାରେ ଅବହେଳା ହୋଇନି ଏବଂ ଡାକ୍ତରମାନଙ୍କ ଶତ ଚେଷ୍ଟା ସତ୍ତ୍ୱେ ଝିଅକୁ ବଞ୍ଚେଇବା ସମ୍ଭବ ହେଲାନି ବୋଲି କହିଲେ। ଏଠି ଗଣମାଧ୍ୟମ ବି ନିଜ ରୂପ ବଦଳେଇପାରେ ଏବଂ ଜୋକର ପାଲଟିଯାଏ? ଏକଥା ବୁଝିବାକୁ ପୀଡ଼ିତାର ପରିବାରକୁ ଟିକେ ସମୟ ଲାଗିଲା।

**ପାଞ୍ଚ**

ଘଟଣା ପରଠାରୁ ବାପା ସତରେ ଆଉ ବାପା ହୋଇ ରହି ନ ଥିଲେ। ଏହା ଭିତରେ ସେ ବି ନିଜେ ଜଣେ ଜୋକର ପାଲଟି ଯାଇଥିଲେ। ଯିଏ ଯାହା କହୁଥିଲେ ଶୁଣୁଥିଲେ। କେବେ କେବେ ଭୋ ଭୋ କାନ୍ଦୁଥିଲେ ତ ପୁଣି ନିରବ ରହୁଥିଲେ। ହଠାତ୍ ଦିନେ ଘୋଷଣା କଲେ, 'ମୋର କ୍ଷତିପୂରଣ ନୁହେଁ, ଝିଅ ଲୋଡ଼ା।' ଅନ୍ୟମାନେ ଏକଥା ଶୁଣିବା ପରେ ତାଙ୍କୁ କହିଲେ, 'କେଡ଼େ ବୋକା ତମେ? ଝିଅ କ'ଣ ଆଉ ଫେରିବ? କେହି କ'ଣ ଦଶଲକ୍ଷ ଟଙ୍କାକୁ ଏମିତି ହାତଛଡ଼ା କରିପାରେ?'



## ସୂର୍ପଣଖାର ପ୍ରତିଶୋଧ

**ଶୁଭେନ୍ଦୁ ମେହେର**

ଲଙ୍କା ରାଇଜର ଏକଇ ନନ୍ଦିନୀ
ନାମ ତାର ସୂର୍ପଣଖା
ବିଦ୍ୟୁତଜିହ୍ୱ ଦୈତ୍ୟରାଜକୁ ବରିଣ
କରିଥିଲା ହୃଦ ସଖା।

ଦିଗବିଜୟ ଆଶେ ଲଙ୍କାର ରାବଣ
ବାହାରିଲା ଯୁଦ୍ଧ କରି
ସୈନ୍ୟ ସାମନ୍ତଙ୍କୁ ସାଙ୍ଗରେ ଧରିଣ
ବୀର ଦର୍ପେ ଲଙ୍କ ଶିରି।

କାଳକେୟ ରାଜ୍ୟ ଅଶ୍ୱ ନଗରରେ
ରାବଣ ରଚିଲା ଯୁଦ୍ଧ
ମୁହୂର୍ତ୍ତ ମଧରେ ଚାରିଶହ ସୈନ୍ୟ
କରି ପକାଇଲା ବଧ।

ସେ' ସୈନ୍ୟ ମଧରେ ବିଦ୍ୟୁତଜିହ୍ୱ ବୀର
ଅଜାଣତେ ହେଲା ହତ
ରାବଣ ଜାଣିଲା ଭଉଣୀର ଆଜି
ଦୁଃଖ ହେଲା ଦ୍ୱିଗୁଣିତ।

ଦିଗବିଜୟ ସାରି ଫେରି ଲଙ୍କେଶ୍ୱର
ଯାହା ଦେଖିଲା ନୟନେ
ଭଗ୍ନୀ ସୂର୍ପଣଖା ଭୂମିପରେ ଲୋଟି
ବିହ୍ୱଳିତ ସେ' କ୍ରନ୍ଦନେ।

ଦେଖିଣ ରାବଣ ପ୍ରବୋଧି କହିଲା
ଶୁଣ ମୋ' ସୁନା ଭଉଣୀ
ଯୁଦ୍ଧରେ ପ୍ରମତ୍ତ ହୋଇ ମଦମତ୍ତ
ନ ପାରିଲି କିଛି ଜାଣି।

ଆଶ୍ୱାସନା ଦେଇ କହେ ଲଙ୍କସାଇଁ
କ୍ଷମା କରିଦେବୁ ମୋତେ
ଅଧିକୁ ଅଧିକ ଯତ୍ନର ସହିତ
ସୁଖରେ ରଖିବି ତତେ।

ଖର ଦୂଷଣ ଓ ତ୍ରିଶୀର ସହିତ
ଚଉଦ ସହସ୍ର ସୈନ୍ୟ
ସେନାଧକ୍ଷ ହୋଇ ରହିବୁ ଭଉଣୀ
ମଧୁ ପଞ୍ଚବଟୀ ବନ।
ସେଦିନୁ ଅସୁରୀ ଦଣ୍ଡକା ଅରଣ୍ୟେ
ନିଜେ ଅଧିଷ୍ଠାତ୍ରୀ ହେଲା
ଭାଇ ରାବଣକୁ ପ୍ରଥମ ସ୍ଥାନୀୟ
ଶତ୍ରୁ ଭାବରେ ମଣିଲା।

ସ୍ୱାମୀ ଇହ ପର କାଳର ଦେବତା
ସ୍ୱାମୀ ବିନେ କିଛି ନାହିଁ
ଅନ୍ତରେ ଅନ୍ତରେ ପ୍ରତିହିଂଶାନଳେ
ପ୍ରଜ୍ୱଳିତ ହୁଏ ତହିଁ।

କୂଟ ଓ କପଟ ମନ୍ତ୍ରଣା କରିଲା
କୁତ୍ସିତ ମନ୍ଥରା ନାରୀ
ବନବାସ ଅର୍ଥେ ଶ୍ରୀରାମ ଲକ୍ଷ୍ମଣ
ସିତୟା ଗଲେ ବାହାରି।

କିଛି କାଳ ଅନ୍ତେ ଶ୍ରୀରାମ ଲକ୍ଷ୍ମଣ
ଜନକ ନନ୍ଦିନୀ ସୀତା
ପିତୃ ସତ୍ୟ ପାଳି ଦଣ୍ଡକାରଣ୍ୟରେ
ଆସି ହେଲେ ସେ' ସ୍ଥପିତା।

ସୂର୍ପଣଖା ଜଳେ ପ୍ରତିହିଂଶାନଳେ
ଦଣ୍ଡକାରଣ୍ୟରେ ରହି
ରାମ ଲକ୍ଷ୍ମଣଙ୍କ ବଳ ପରାକ୍ରମ
ମନେ ମନେ ନିରେଖଇ।

ଭାବିଲା ସେମନେ ଯେମନ୍ତ ପ୍ରକାରେ
ରାବଣ ହେଉ ନିହତ
ସୁନ୍ଦରୀ ତରୁଣୀ ବେଶରେ ଅସୁରୀ
ରାମ ଆଗେ ଉପସ୍ଥିତ।

କାମାର୍ତ୍ତ ଅନଳେ ଅଭିନୟ କରି
ରାମ ଆଗେ ତାମ୍ରକେଶୀ
ପ୍ରେମ ନିବେଦନ ରଖିଲା ପୟରେ
ଧିକ୍କାରିଲେ ରଘୁବଂଶୀ।

ମୁହିଁ ସପତ୍ନୀକ କହିଣ ଶ୍ରୀରାମ
ପ୍ରେରିଲେ ଲକ୍ଷ୍ମଣ ପାସ
ଧିକ୍କାରି କହନ୍ତି ସେ' ଯେ, ଉଗ୍ରମୂର୍ତ୍ତି
ମୁହିଁ ଶ୍ରୀରାମଙ୍କ ଦାସ।

ଦାସର ଭାରିଜା ନହୋଇ ସୁନ୍ଦରୀ
ପ୍ରଭୁଙ୍କ ପୟରେ ଭଜ
ଲକ୍ଷ୍ମଣଙ୍କ ବ୍ୟଙ୍ଗ ବାକ୍ୟରେ ଅସୁରୀ
ଶ୍ରୀରାମ ଆଗରେ ସଜ।

ବୃଦ୍ଧା ମାନୁଷିକୁ ଛାଡ଼ିଣ ଶ୍ରୀରାମ
ମୋତେ କର ହୋ ବରଣ
ଏମନ୍ତ କହିକି ଜନକ ସୁତାଙ୍କୁ
କରିବାକୁ ସେ' ଭକ୍ଷଣ।

ଉଦ୍ୟତ ହୁଅନ୍ତେ ରାମଙ୍କ ଆଦେଶେ
ଉଠିଲେ ରାମର ସାନ
ବିରୂପ କରିକି ସେ' ସୂର୍ପଣଖାକୁ
କାଟିଦେଲେ ନାଶାକର୍ଣ୍ଣ।

ଭାଇ ଭାଇ ବୋଲି ଅସୁରୀ ଚଲିଲା
ଖର ଦୂଷଣଙ୍କ ପାସ
ତ୍ରିଶୀର ସହିତେ ଚଉଦ ସହସ୍ର
ସୈନ୍ୟଙ୍କୁ କରିଲେ ନାଶ।

ରାବଣକୁ ଯାଇ ସମସ୍ତ ବୃତ୍ତାନ୍ତ
କାନ୍ଦି କହେ ସୂର୍ପଣଖା
ଦଣ୍ଡକା ଅରଣ୍ୟେ ଜଟାଧାରୀ ବେନି
ହୋଇଗଲେ ଆଜି ଦେଖା।

ସଙ୍ଗତେ ସୁନ୍ଦରୀ ତରୁଣୀ ମଣି ଏ
ଲକ୍ଷେ ବ୍ରହ୍ମାଣ୍ଡର ଜ୍ୟୋତି
କୋଟିଏ ବ୍ରହ୍ମା କି ସମର୍ଥ ହୋଇବେ
ଗଢ଼ିବାକୁ ସେଇ ମୂର୍ତ୍ତି।

ତାକୁ ଆଣି ତୋତେ ଦେବି ବୋଲି ଗଲି
କାଟିଲେ ମୋ ନାଶା କର୍ଣ୍ଣ
ଖର ଦୂଷଣ ଓ ତ୍ରିଶୀର ମାରିଲେ
ଦେଖାଇ ବୀରତ୍ୱ ପଣ।

କ୍ରୋଧଭର ହୋଇ ଗର୍ଜିଲା ରାବଣ
କିଏ ସେ ରାମ ଲକ୍ଷ୍ମଣ
ତୁରନ୍ତ ଯିବି ମୁଁ ସୀତା ଆଣିବାକୁ
କରୁଅଛି ଏହି ପଣ।

ରାଇଲା ମାରିଚ ଶୀଘ୍ର ଘେନ ତୁହି
ହେମ ହରିଣୀର ବେଶ
ଅସୁରୀ ପ୍ରବୀଣା ଜାଣିଲା ଅନ୍ତରେ
ହୋଇବୁ ଅବଶ୍ୟ ନାଶ॥

**ଯାଲୋଏ, ସୁବର୍ଣ୍ଣପୁର**







## ବୀର ମାରେ ଅବା ମରେ କରି ରଣ

**ଅନୁପମା ବିଶ୍ୱାଳ**



ବାସ୍ତବରେ ବୀର ଅଟେ ଯେଉଁ ନର
ସାହସ ତା ଅଳଙ୍କାର
ନଚାହେଁ ପଛକୁ ଗତି ତା ଆଗକୁ
ରଣେ ଦିଶଇ ସୁନ୍ଦର।



ଜାତିର ମାନଟି ତା ହାତେ ଥାଏଟି
ସେ ପରା ପ୍ରାଣ ରକ୍ଷକ
ଭୟଭାବ ହରି ହୁଏ ଆଗଭରି
ରଖିବାକୁ ଜାତି ଟେକ।

ଶତ୍ରୁ ସହ ଲଢ଼ି ଯାଉଥାଏ ମାଡି
ରଖି ଦୃଢ଼ ଲକ୍ଷ୍ୟ ମନେ
ନିଜ ଜୀବନକୁ ବାଜି ଲଗାଇ ସେ
ମାତି ଉଠିଥାଏ ରଣେ।



କ୍ଷତ୍ରିୟ ଧରମ ବିହିତ ଚରମ
ସିଂହ ବଳ ହୃଦେ ବହି
ଶାରୀରିକ କ୍ଷତେ ନହୋଇ ଆହତେ
ରଣକ୍ଷେତ୍ରେ ଯାଏ ସହି।

ହରାଇ ଶତ୍ରୁକୁ ତୋଷିବ ନିଜକୁ
ସେଥିପାଇଁ ଦୃଢ଼ ଚିତ୍ତ
ବିଜୟର ମାଳା ଶୋଭିବ ତା ଗଳା
ଭାବନା କରେ ମୋହିତ।

ଜୟ ପରାଜୟ ମଧ୍ୟରେ ଗୋଟିଏ
ହୋଇଥିବ ପ୍ରାପ୍ତ ନିଶ୍ଚୟ
ମାଟିର ସନ୍ତାନ ରଚେ ଇତିହାସ
ଦେଇ ଯୁଦ୍ଧ କ୍ଷେତ୍ରେ ଲୟ।

**ସମ୍ବଲପୁର, ମୋବାଇଲ୍: ୭୯୭୮୫୬୮୩୨୨**



## ସନ୍ତାନ ପରିକା ଥିବୁରେ ଚାହିଁ

**ଧୀରେନ୍ଦ୍ର ମଲ୍ଲିକ**

କାନ୍ଦିବା ନିଇତି ଭାଗ୍ୟରେ ମୋହର
ଲେଖିଛୁ ଯଦି ତୁ କଳା ଶ୍ରୀମୁଖ,
ସହିବା ଶକ୍ତିବି ଭରିଦେ ହୃଦୟେ
ବାଧିବନି ଯେତେ ପାଇଲେ ଦୁଃଖ।
ସ୍ୱାର୍ଥଭରା ଏଇ ମିଛ ସଂସାର ରେ
ବଞ୍ଚିବାକୁ ଅଣନିଶ୍ୱାସୀ ଲାଗେ,
ଜୀବନ କୁ ଲୋଭ ନାହିଁ ଆଉ ମୋର
କାଳିଆରେ ତୋତେ ମରଣ ମାଗେ।
ଜାଣିନଥିଲି ମୁଁ ସତପଥେ ଗଲେ
ପାଇବାକୁ ହୁଏ ନିନ୍ଦା ଓ କଷ୍ଟ,
ସମସ୍ୟା ଆସଇ ପ୍ରତିଟି କ୍ଷେତ୍ରରେ
ଆତ୍ମ ସ୍ୱାଭିମାନ ହୁଅଇ ନଷ୍ଟ ।
ତୁଚ୍ଛ ନ୍ୟୁନ ଭାବି ସମାଜ ବାଛନ୍ଦ
କରିବ ଯାହାବି ସୁଗୁଣ ଥାଉ।
ଅମଣିଷ ହୋଇ ଅନିଷ୍ଟ ଚିନ୍ତିବେ
ଦେଖିବେନି ଶିରୀ ସାଜିବେ ଦାଉ।
ଧରମ ହାରିବ ଅଧରମ ଠାରୁ
ପାପୀଙ୍କର ଜୟ ସବୁଠି ହେବ,
ପୁଣ୍ୟମାର୍ଗେ ଥିବା ପଥିକର କର୍ମ
ଜ୍ଞାନ ବୁଦ୍ଧି ଶିକ୍ଷା କାମ ନଦେବ।
କୁସଂସ୍କାରୀ ଜନ ପାଇବ ସମ୍ମାନ
ଚରିତ୍ର ଯେତେବି ଖରାପ ଥିଲେ,
ସତ୍ୟବାଦୀ ଟିଏ ଅଲୋଡ଼ା ସାଜିବ
ପଚାରିବେନି କେ ଯୁଆଡ଼େ ଗଲେ।
ଶାନ୍ତ ଧୀର ନମ୍ର ଆଧାତ୍ମିକବାଦୀ
ଯନ୍ତ୍ରଣା ପାଇବ ଗର୍ବୀଟେ ପରି,
ଅଭାବେ ରହିବ ଜୀବନଟା ସାରା
କର୍ତ୍ତବ୍ୟ ନିଷ୍ଠାକୁ ଜାବୁଡ଼ି ଧରି।
ଆଖିର ଲୁହକୁ ଓଠେ ପିଇସିଏ
ଗୁମୁରି ଗୁମୁରି କାନ୍ଦିବ ନିତି,
ପଥର ହୋଇବ ହୃଦୟ ତାହାର
ଦୁଃଖରେ ସମୟ ଯିବଟି ବିତି।
ସେପାଇଁ ତୋ ପରେ ଭରଷା କରିଛି
ଧର୍ଯ୍ୟହରା ମୋତେ କରିବୁ ନାହିଁ,
ନିବେଦନ ରଖି କରୁଣା ନେତ୍ରରେ
ସନ୍ତାନ ପରିକା ଥିବୁରେ ଚାହିଁ॥

**ନୀଳକଣ୍ଠପୁର, ମଙ୍ଗଳପୁର, ଯାଜପୁର**
**ମୋବାଇଲ୍: ୭୯୦୪୩୯୨୬୮୬**

## ସକାଳର ଶେଯ

**ଶାନ୍ତିଲତା ପଣ୍ଡା**

କେଡେ ମନୋହର ସକାଳର ଶେଯ
ଆଖି ଯହିଁ ଲାଖିଯାଏ
ଯେଉଁଠି ସୂରୁଯ ନାଲି ଅଳତାକୁ
ନିଇତି ପିନ୍ଧାଇ ଦିଏ
ମଧୁ ମଳୟର ଶୀତଳ ଚନ୍ଦନ
ଲେପଇ ଗଳାରେ ତାର
ଫୁଲର ପସରା ବାସ ଭରିଦିଏ
ମହକେ ତା ଟିକି ପୁର
ପକ୍ଷୀ କାକଳିରେ ବେଦମନ୍ତ୍ର ଶୁଭେ
ଶୁଦ୍ଧ ହୁଏ ଚିତ୍ତ ମନ
ସବୁଜ ସମ୍ଭାର ଆଣେ ସମ୍ଭାବନା
ବନ ପରଓ୍ୱତମାନ
ମନ୍ଦିର ପ୍ରାଙ୍ଗଣ ମନ୍ତ୍ର ଉଚ୍ଚାରଣ
ଶୁଦ୍ଧ ପୂତ ପରିବେଶ
ଦିବ୍ୟ ଭାବନାରେ ଜାଗ୍ରତ ହୁଅଇ
ଅନ୍ତରେ ମଞ୍ଜୁଳ ହସ
କି ଅମୃତମୟ ଲାଗଇ ସଂସାର
ଜୀବନେ ଆଣେ ପୁଲକ
ଆଶା ଅସୁମାରୀ ଖେଳାଇ ଲହରୀ
ହସାଏ ସାରା ମୂଲକ
ପଲ୍ଲୀଠୁ ସହର ଉତ୍ସାହ ମୁଖର
ସକାଳ ଆହ୍ୱାନ ପାଇ
କର୍ମେ ନିୟୋଜନ ହୁଅନ୍ତି ସଭିଏଁ
ଜୀବନ ଜୀବିକା ପାଇଁ

**ବାଲେଶ୍ୱର**

# ସମ୍ପର୍କରେ ସୀମାବଦ୍ଧତା



**ଡ. ପ୍ରଜ୍ଞା ପ୍ରବର୍ତ୍ତିକା ଦାଶ**




ଗ୍ରୀକ୍ ଦାର୍ଶନିକ ସକ୍ରେଟିସ ମାନବିକ ବ୍ୟବହାର ସମ୍ପର୍କରେ ଅନେକ କିଛି କହି ଯାଇଛନ୍ତି। ମାତ୍ର ଏହି ମହାନ୍ ଦାର୍ଶନିକଙ୍କ ବୈବାହିକ ଜୀବନ ଅତ୍ୟନ୍ତ କଠିନ ଥିଲା। ତାଙ୍କର ପତ୍ନୀ ଅତିରିକ୍ତ ବଦମିଜାଜି ଓ କ୍ରୋଧୀ ଥିଲେ। କୌଣସି ସାମାଜିକ ବୈଠକ ମଧରେ ମଧ୍ୟ ସେ ସକ୍ରେଟିସଙ୍କୁ ଅପମାନ ଦେବାରୁ ବିରତ ହେଉ ନଥିଲେ। ଅପର ପକ୍ଷରେ ସକ୍ରେଟିସ ଏହାକୁ ଏକ ବଡ଼ ଆହ୍ୱାନ ଭାବରେ ଗ୍ରହଣ କରି ଶାନ୍ତ ରହୁଥିଲେ। ତାଙ୍କର ଏ ପ୍ରକାର ବ୍ୟବହାର ସମାଜ ସହ ଲଢ଼ିବାର ପରୋକ୍ଷ ପ୍ରେରଣା ଭାବରେ ସିଦ୍ଧ ହୋଇ ଥିଲା। ଏହା ତାଙ୍କର ଉତ୍ତମ ଦାମ୍ପତ୍ୟ ଜୀବନର ଏକ ମନ୍ତ୍ର। ସଂପର୍କର ପରିପକ୍ୱତା ଏକ ସମର୍ପିତ ଭାବନା ଓ ପରିପକ୍ୱ ପ୍ରେମ ଉପରେ ନିର୍ଭରଶୀଳ। ଏହା ବ୍ୟତିରେକ ସମ୍ପର୍କ ସୀମାବଦ୍ଧ ହୋଇ ଯାଏ।

ଅପରିପକ୍ୱ ପ୍ରେମ କାହାକୁ ପରିପକ୍ୱ କରେନାହିଁ। ବରଂ ଏହା ହୃଦୟକୁ ଚପଳ ଓ ବିବେକକୁ ଦିଗହରା କରିଦିଏ। ଅପରିପକ୍ୱ ନପ୍ରେମରେ ବଞ୍ଚୁଥିବା ବ୍ୟକ୍ତି ଚିରକାଳ ଅପରିପକ୍ୱ ହିଁ ରହି ଯାଏ। ହୃଦୟକୁ ଆଘାତ ଦେଇଥିବା ପ୍ରତିଟି ପ୍ରବଞ୍ଚନା ଓ ଧୋକା ହିଁ ତାକୁ ପରିପକ୍ୱ କରେ ଓ ଧିରେ ଧୀରେ ପ୍ରେମର ସେ କୋମଳ ଆବରଣରୁ ମୁକ୍ତ ହୋଇ ସେ ନିଷ୍ଠୁର ଦୁନିଆଁ କୁ ସାମ୍ନା କରି ପାରେ। ପ୍ରେମରହିତ ବ୍ୟକ୍ତି ହିଁ ପ୍ରକାରାନ୍ତରେ ସାମାଜିକ ଭାବେ ସଫଳ।

ସମୟେ ସମୟେ ଏକ ଅଜଣା ଆକର୍ଷଣରେ କିଛି ଖୁସି ସାଉଁଟିବାକୁ କେହି କେହି ତୁମ ଜୀବନ ପରିଧିକୁ ପଶି ଆସନ୍ତି। ସେ ଆକର୍ଷଣର ସମୟ ଉପରାନ୍ତେ ସେ ଖୁସି ହୁଏ ସମାପ୍ତ। ତେଣିକି ତୁମ ଉପସ୍ଥିତି ସେମାନଙ୍କ ପାଇଁ ମୂଲ୍ୟହୀନ, ସ୍ଥଳ ବିଶେଷରେ ହୁଏ ଅସହ୍ୟ। ସେତେବେଳେ ତାଙ୍କର ପୂର୍ବୋକ୍ତ ଖୁସି କଥା ମନେପକାଇ ଦୁଃଖୀ ହେବା ପରିବର୍ତ୍ତେ ସ୍ୱସ୍ଥାନରେ ଅବିଚଳିତ ରହିବା ଚାହି। କାରଣ, ମନୁଷ୍ୟ ସଚରାଚର ଆପଣାର ଖୁସି ପାଇଁ ହିଁ ବ୍ୟସ୍ତ ଥାଏ। ଅହଂରହିତ ଖୁସି କେବଳ ଦୁଷ୍ପ୍ରାପ୍ୟ ନୁହେଁ, ଅସାଧ ମଧ୍ୟ।

ଦୁନିଆରେ ସମସ୍ତେ ଖୁସି ଚାହାଁନ୍ତି। ଚାହାଁନ୍ତି ସମ୍ପର୍କରେ ସ୍ଥିରତା ଓ ପ୍ରେମ। ମାତ୍ର ମଣିଷର ଆଶା, ଆକାଂକ୍ଷା, ଆବେଗ, ଅନୁରାଗ ମଣିଷ କୁ ଅନ୍ୟ ଉପରେ ନିର୍ଭରଶୀଳ କରି ଦିଏ। ଏହି ନିର୍ଭରଶୀଳତା ରୁ ହିଁ ସୃଷ୍ଟି ହୁଏ ସମ୍ପର୍କରେ ସୀମାବଦ୍ଧତା। ପ୍ରକୃତରେ ନିଜର ସୁଖ, ଦୁଃଖ ପାଇଁ ଆମେ ନିଜେ ହିଁ ଦାୟୀ ଥାଆନ୍ତି। ମାତ୍ର ଆମେ ଭାବି ନିଅନ୍ତି ଯେ ଏସବୁ ଅନ୍ୟମାନଙ୍କ ଦ୍ୱାରା ନିୟନ୍ତ୍ରିତ ହେଉଚି। ବିଶେଷ ଭାବରେ ଘରୋଇ ଜୀବନରେ ଆମେ ସାଙ୍ଗ ସାଥୀ, ପରିବାର ସଦସ୍ୟ ଓ ଅନ୍ୟ ମାନଙ୍କୁ ଆମ ଦୁଃଖର କାରଣ ଭାବି ଥାଆନ୍ତି। ଆପଣ ଭାବନ୍ତୁ, ଆପଣ ଜଣଙ୍କ ସହ ଭେଟ ହେଲେ। ତାଙ୍କର ବ୍ୟକ୍ତିତ୍ୱ, ଜ୍ଞାନ ବା କ୍ଷମତା ଦ୍ୱାରା ପ୍ରଭାବିତ ହେଲେ। ସମୟ ବିତିବା ସହ ଏହା ଆକର୍ଷଣର କାରଣ ଓ ପରେ ପ୍ରେମର କାରଣ ହେଲା। ତେବେ ବର୍ତ୍ତମାନ କଣ ହେବ। ଆପଣ ଯେହେତୁ ତାଙ୍କୁ ପ୍ରେମ କରୁଛନ୍ତି ଆପଣ ଆଶା କରିବେ ଯେ ସେ ମଧ ଆପଣଙ୍କୁ ପ୍ରେମ କରନ୍ତୁ କିମ୍ବା ଆପଣଙ୍କ ଶ୍ରଦ୍ଧାର ମୂଲ୍ୟ ରଖନ୍ତୁ। ମାତ୍ର ଏହା ସମ୍ଭବ ହୁଏ ନାହିଁ। ଏଠି ମନେ ରଖିବାକୁ ହେବ ଯେ ଆପଣଙ୍କ ପୂର୍ବରୁ ସେହି ବ୍ୟକ୍ତିର ଏକ ନିଜସ୍ୱ ପୃଥିବୀ ଥିଲା ଓ ସେଠାରେ ତାର ବିସ୍ତୃତ ସମ୍ପର୍କର ସବୁଜିମା ପରିବ୍ୟାପ୍ତ ଥିଲା। ଆପଣଙ୍କ ଉପସ୍ଥିତି ସେଠାରେ କେତେ ଦୂର ପ୍ରଭାବଶାଳୀ ହେବ ତାହା ସମୟ ଉପରେ ଛାଡ଼ି ଦେବା ହିଁ ବୁଦ୍ଧିମାନର କାର୍ଯ୍ୟ। ବର୍ତ୍ତମାନ ସମୟରେ ମଣିଷ ବହୁବିଧ ସମସ୍ୟାରେ ପୀଡ଼ିତ ଥିବା ବେଳେ ପ୍ରେମ ଏକ ସାମୟିକ ଭାବନା ସମ୍ବଳିତ ଆଶ୍ୱାସନା ପାଲଟି ଯାଇଛି। ମାତ୍ର ଚେତନାଗତ ଭାବରେ ଏହା ଏକ ବ୍ୟାପକ କଥା ନୁହେଁ କି? ତରୁଣ ବୟସରେ ହେଉଥିବା ପ୍ରେମ ଏକ ଆକର୍ଷଣରୁ ସୃଷ୍ଟି ହୋଇ କ୍ରମଶଃ ମନ ମସ୍ତିଷ୍କକୁ ଆକ୍ରାନ୍ତ କରୁଥିବା ବେଳେ ଏଥିରେ ଜୀବନର ମୂଲ୍ୟବାନ ସମୟ, ଶ୍ରମ ଓ ଶକ୍ତି ଖର୍ଚ୍ଚ ହୋଇ ଯାଏ। କିଛି ସମୟ ପରେ ହୁଏତ ସେଥିପାଇଁ ଅନେକ ପଶ୍ଚାତାପ ମଧ କରନ୍ତି। ଏହା ତାରୁଣ୍ୟର ରାସାୟନିକ ପ୍ରକ୍ରିୟା ମଧ ହୋଇ ଥିବାରୁ ଏହାକୁ ପ୍ରତିରୋଧ କରିବା, ବୁଝାଇବା ବା ବଦଳାଇବା ସମ୍ଭବ ନୁହେଁ। ମାତ୍ର ବୟସ୍କ ମାନେ ମଧ ଅପରିପକ୍ୱ ମାନସିକତାରେ ପୀଡ଼ିତ ହୋଇ ସମସ୍ତ ଆକର୍ଷଣକୁ ପ୍ରେମ ଭାବି ନେବା ଗୋଟିଏ ଉତ୍ତର ଆଧୁନିକ ବ୍ୟାଧି। ଏଥିପାଇଁ ଦୁଃଖୀ ହେବା, ଅମନଯୋଗୀ ହେବା, ପୁରୁଣା ସମ୍ପର୍କ ପ୍ରତି ବିଶ୍ୱାସହୀନ ହେବା ଓ ସମୟ ସମୟରେ ପ୍ରତିଶୋଧ ପରାୟଣ ହେବା ମଧ ଦେଖା ଯାଉଛି। ଯାହା ପ୍ରେମକୁ କଳଙ୍କିତ ଓ ସର୍ବାଦୌ ବର୍ଜନୀୟ ପର୍ଯ୍ୟାୟକୁ ଠେଲି ଦେଉଛି। ହୃଦୟରେ ଆବିଳତା ରହିଲେ ସମସ୍ତ ସମ୍ପର୍କ ତିକ୍ତ ହୋଇ ଯାଏ। ଆମେ ଯାହାକୁ ଶ୍ରଦ୍ଧା କରୁ, ତାର ଜୀବନ ଶୈଳୀ ଓ କାର୍ଯ୍ୟଧାରାକୁ ମଧ ଶ୍ରଦ୍ଧା କରିବାର ଆବଶ୍ୟକତା ରହିଛି। ସେ ମଧ ଆମ ପ୍ରତି କେତେ ଶ୍ରଦ୍ଧାଶୀଳ ତାହା ମଧ ପରଖି ନେବା ଉଚିତ୍। ଧରାଯାଉ ଆପଣ ଜଣଙ୍କୁ ସବୁ ସମୟରେ ମନେ ପକାନ୍ତି, ତାଙ୍କୁ ଦୈନିକ ସନ୍ଦେଶ ପଠାନ୍ତି, ନିଜ ଭଲ ମନ୍ଦ ତାଙ୍କୁ ଜଣାନ୍ତି। ମାତ୍ର ସେ ସେଥିରେ ଆଗ୍ରହ ଦେଖାନ୍ତି ନାହିଁ। ତେବେ ଏହାକୁ ତାଙ୍କ ଜୀବନରେ ଅନଧିକାର ଚର୍ଚ୍ଚା ବୋଲି ହିଁ ଧରାଯିବ। ହୁଏତ ଆପଣଙ୍କର ଏପରି କରିବା ତାଙ୍କୁ ବିରକ୍ତି କରୁଥାଇପାରେ। ତେଣୁ ଏସବୁ ପ୍ରଦର୍ଶନ ନ କରି ନିଜର ଆବେଗକୁ ନିୟନ୍ତ୍ରଣ କରିବା ଉଚିତ୍। ଆତ୍ମସମ୍ମାନକୁ ହରାଇ ହାସଲ କରାଯାଉଥିବା ପ୍ରେମ ପ୍ରେମ ନୁହେଁ। ଆମର ଆବେଗ ଏବଂ ଅନୁରାଗ ମଧ ଆମର ଆତ୍ମସମ୍ମାନର ଏକ ଅଂଶ ଯାହା ନଷ୍ଟ ହେଲେ ଆମକୁ କଷ୍ଟ ହୋଇ ଥାଏ। ନିଜକୁ କଷ୍ଟ ଦେଇ କିଛି ବି ହାସଲ କରିବା ମୂଲ୍ୟହୀନ। ଏହା ଦୀର୍ଘସ୍ଥାୟୀ ନୁହେଁ। ଅଧିକାଂଶ ପ୍ରେମ ବିବାହ ଅସଫଳ ହେବାର କାରଣ ମଧ ଏହା। ପରସ୍ପରକୁ ବୁଝିବା ପୂର୍ବରୁ ବନ୍ଧନରେ ବାନ୍ଧି ହୋଇଯିବାକୁ ପସନ୍ଦ କରନ୍ତି ଲୋକ। ବିବାହ ପରେ ପରସ୍ପରର ଦୋଷ ଦୁର୍ବଳତା ଅନୁଭବ କରି ଭୁଲ୍ ଠିକ୍ ର ହିସାବ ଚାଲେ। ଶହେରେ ଆଠ ଜଣ ଲୋକ ଭୁଲ୍ ବୈବାହିକ ସମ୍ପର୍କରେ ଅଛନ୍ତି ବୋଲି ମତ ଦିଅନ୍ତି। ଅନେକେ ନିଜ ଦୁଃଖର କାରଣ ନିଜ ଜୀବନସାଥିଙ୍କୁ ଭାବନ୍ତି। କାରଣ ଅନ୍ୟ କେହି ଜଣେ ଆଦର୍ଶ ଜୀବନସାଥି ରୂପେ ତାଙ୍କ ମନରେ ରହି ଥାଏ । ଏହି କାଳ୍ପନିକ ଛବିଟି ଏତେ ବେଶି ପ୍ରଭାବିତ କରେ ଯେ ସେ ଜୀବନର ଛୋଟ ଛୋଟ ଖୁସିକୁ ସାଉଁଟି ପାରେ ନାହିଁ। ପ୍ରେମ କେବଳ ନାରୀ ପୁରୁଷର ସମ୍ପର୍କ ମଧରେ ସୀମାବଦ୍ଧ ନୁହେଁ। ଏହା ସଂସାରକୁ ଈଶ୍ୱରଙ୍କ ଏକ ଅନୁପମ ଦାନ। ବିଶ୍ୱାସ ଓ ଭରସା ଏହାର ମୂଳଦୁଆ। ଏହାକୁ ଏକ ନିର୍ଦ୍ଦିଷ୍ଟ ନିୟମ ବା ଶୃଙ୍ଖଳାରେ ସୀମାବଦ୍ଧ କରି ଦେଲେ ଏହା ଅଣନିଃଶ୍ୱାସୀ କରି ଦିଏ। ନିଜସ୍ୱ ଚିନ୍ତା, ଚେତନାକୁ ସର୍ବଦା ଊର୍ଦ୍ଧ ମୁଖୀ କରିବା ଉଚିତ୍। ତେବେ ହିଁ ପ୍ରେମର ପ୍ରକୃତ ସ୍ୱାଦକୁ ଅନୁଭବ କରି ପାରିବେ।

**ବିଭାଗୀୟ ମୁଖ୍ୟ, ଇଂରାଜୀ, ବ୍ୟାସନଗର ସ୍ୱୟଂଶାସିତ ମହାବିଦ୍ୟାଳୟ**
**ଯାଜପୁର ରୋଡ, ମୋବାଇଲ୍: ୯୪୩୮୦୬୪୪୬୪**

## 'ଗୋପବନ୍ଧୁଙ୍କ ସତ୍ୟବାଦୀ'ର ବାର୍ଷିକ ସମାରୋହ-୨୦୨୫




**ଭୁବନେଶ୍ୱର,୨୭।୪ (ସଂଚାର ବ୍ୟୁରୋ):** ଉତ୍କଳମଣିଙ୍କ ସାହିତ୍ୟ ପତ୍ରିକା 'ଗୋପବନ୍ଧୁଙ୍କ ସତ୍ୟବାଦୀ'ର ନବମ ବାର୍ଷିକ ସମାରୋହ ଭୁବନେଶ୍ୱର ଉତ୍କଳ ବିଶ୍ୱବିଦ୍ୟାଳୟ ପରିସରସ୍ଥ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ପ୍ରେକ୍ଷାଳୟରେ ରବିବାର ଅପରାହ୍ନରେ ଅନୁଷ୍ଠିତ ହୋଇଯାଇଛି।

ଲୋକସେବକ ମଣ୍ଡଳର ସଭାପତି ଶ୍ରୀ ରାଜକୁମାରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମାରୋହରେ ମୁଖ୍ୟ ଅତିଥିଭାବେ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି, ଉଚ୍ଚ ଶିକ୍ଷା ଓ କ୍ରୀଡ଼ା, ଯୁବ ବ୍ୟାପାର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ମୁଖ୍ୟବକ୍ତା ଲବ୍ଧପ୍ରତିଷ୍ଠ ସାହିତ୍ୟିକ ତଥା ପୂର୍ବତନ ମୁଖ୍ୟ ଶାସନ ସଚିବ ତରୁଣକାନ୍ତି ମିଶ୍ର ଏବଂ ସମ୍ମାନିତ ଅତିଥିଭାବେ ଉତ୍କଳ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସବିତା ଆଚାର୍ଯ୍ୟ ଯୋଗଦେଇ ଉତ୍କଳମଣିଙ୍କ ପ୍ରତିଷ୍ଠିତ ଦୈନିକ 'ସମାଜ'ର ବିଶ୍ୱସନୀୟତା ଓ 'ଗୋପବନ୍ଧୁଙ୍କ ସତ୍ୟବାଦୀ'ର ଓଡ଼ିଆ ସାହିତ୍ୟ ଜଗତକୁ ଅନବଦ୍ୟ ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। 'ଗୋପବନ୍ଧୁଙ୍କ ସତ୍ୟବାଦୀ'ର ସମ୍ପାଦକ ତଥା 'ସମାଜ'ର ମୁଦ୍ରାକର ଓ ପ୍ରକାଶକ ଡ. ପ୍ରଭାସ ଆଚାର୍ଯ୍ୟ ସ୍ୱାଗତ ଭାଷଣରେ ପତ୍ରିକାର ସଂଘର୍ଷପୂର୍ଣ୍ଣ ଯାତ୍ରା ଓ ସଫଳତା ସମ୍ପର୍କରେ ଆଲୋକପାତ କରିଥିଲେ। ଲୋକସେବକ ମଣ୍ଡଳର ଆଜୀବନ ସଦସ୍ୟ, ଜି ମହାର ର ଅଧ୍ୟକ୍ଷ ରାଜେନ୍ଦ୍ର ଜେନା ମଞ୍ଚାସୀନ ଥିଲେ। 'ସମାଜ'ର ସମ୍ପାଦକ ତଥା କାର୍ଯ୍ୟବାହୀ ମୁଖ୍ୟ ପରିଚାଳକ ପତନ କୁମାର ମିଶ୍ର ଓ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

ଏହି ଅବସରରେ ସତ୍ୟବାଦୀ ସାରସ୍ୱତ ସମ୍ମାନ-୨୦୨୪ ଲବ୍ଧପ୍ରତିଷ୍ଠ ସାରସ୍ୱତ ସାଧକ ତରୁଣକାନ୍ତି ମିଶ୍ରଙ୍କୁ ପ୍ରଦାନ କରାଯାଇଥିଲା। ସେହିପରି ସତ୍ୟବାଦୀ ସାହିତ୍ୟ ସମ୍ମାନ-୨୦୨୪ ଡ. ବାବାଜୀ ଚରଣ ପଟ୍ଟନାୟକ(ପ୍ରବନ୍ଧ), ମମତା ଦାଶ(କବିତା), ପ୍ରଫେସର ଶରତ ଚନ୍ଦ୍ର ଶତପଥୀ(ଗଳ୍ପ), ଡ. ନାରାୟଣ ଚନ୍ଦ୍ର ଶତପଥୀ (ରମ୍ୟ ରଚନା), ଡ. ରମେଶ ପତ୍ରୀ(ଶିଶୁ ଗଳ୍ପ), ହରିହର ଶୁକ୍ଳ(ଶିଶୁ କବିତା)ଙ୍କୁ ପ୍ରଦାନ କରାଯାଇଥିଲା। ବିଶିଷ୍ଟ ଲେଖକ ପଦ୍ମଶ୍ରୀ ପଣ୍ଡିତ ଅନ୍ତର୍ଯ୍ୟାମୀ ମିଶ୍ରଙ୍କ 'ଆମ ସଂସ୍କୃତିର ସୌରଭ' ପୁସ୍ତକ ପାଠକାର୍ପିତ ହୋଇଥିଲା। ସମାରୋହରେ ଶ୍ରେଷ୍ଠ ବିତରକ ସମ୍ମାନରେ ପ୍ରଶାନ୍ତ କୁମାର ନାୟକ, ରବୀନ୍ଦ୍ର କୁମାର ପାତ୍ର, ପୁଣ୍ୟଶ୍ଳୋକ ଦାସ ଓ ଶ୍ରେଷ୍ଠ ବିଜ୍ଞାପନଦାତା ସମ୍ମାନରେ ରବୀନ୍ଦ୍ର କୁମାର ପାତ୍ର, ପତିତପାବନ ଭଦ୍ର, ବିଜୟ କୁମାର ମହାରଣାଙ୍କୁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମର ସହଯୋଗୀ ଓଏଫେରର ଚେୟାରମ୍ୟାନ୍ କିଶୋର ଚନ୍ଦ୍ର ପ୍ରଧାନୀ, ଓୟୁଟିଆରର କୁଳପତି ପ୍ରଫେସର ବିଭୂତି ଭୂଷଣ ବିଶ୍ୱାଳ, ସାଇ ଇଣ୍ଟରନ୍ୟାସନାଲ ସ୍କୁଲର ଜିଏମ୍ ଶରତ କର, ଇଫିକଲ, ଇଡ୍‌କୋ ଅଧିକାରୀ ଓ କଲୋମ୍ବୋ ଇଞ୍ଜିନିୟରିଂର ପରିଚାଳନା ନିର୍ଦ୍ଦେଶକ ସୌମେନ୍ଦ୍ର ପ୍ରକାଶ ରାୟଙ୍କୁ ଅତିଥିମାନେ ସମ୍ମାନିତ କରିଥିଲେ। ଆରମ୍ଭରେ ଗୋପବନ୍ଧୁ ନର୍ସିଂ କଲେଜର ଛାତ୍ରୀ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ଅଧ୍ୟାପକ ଡ. ମୃତ୍ୟୁଞ୍ଜୟ ରଥ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ଲୋକସେବକ ମଣ୍ଡଳର ବରିଷ୍ଠ ଆଜୀବନ ସଦସ୍ୟ ନିରଞ୍ଜନ ରଥ ଧନ୍ୟବାଦ୍ ଦେଇଥିଲେ।

# ଓଡ଼ିଶାରେ କୃଷି ରପ୍ତାନୀକୁ ମିଳିବ ପ୍ରୋତ୍ସାହନ

- ଏପିଡା ଏବଂ ରାଜ୍ୟ ସରକାରଙ୍କ ମିଳିତ କାର୍ଯ୍ୟକ୍ରମ
- ବିଭିନ୍ନ ଜିଲ୍ଲାର ଜିଆଇ ଉତ୍ପାଦ ପ୍ରଦର୍ଶିତ




**ଭୁବନେଶ୍ୱର,୨୭।୪ (ସଂଚାର ବ୍ୟୁରୋ):** କୃଷି ଏବଂ ପ୍ରକ୍ରିୟାକୃତ ଖାଦ୍ୟ ଉତ୍ପାଦ ରପ୍ତାନୀ ବିକାଶ ପ୍ରାଧିକରଣ (ଏପିଡା) ଏବଂ ଓଡ଼ିଶା ସରକାରଙ୍କ ପକ୍ଷରୁ ମିଳିତ ଭାବେ ଭୁବନେଶ୍ୱରର ଓଡ଼ିଶା କୃଷି ଏବଂ ବୈଷୟିକ ବିଶ୍ୱବିଦ୍ୟାଳୟର ସ୍ୱାମୀନାଥନ ସମ୍ମିଳନୀ କକ୍ଷରେ ରାଜ୍ୟର କୃଷି ଉତ୍ପାଦ ରପ୍ତାନିକୁ ପ୍ରୋତ୍ସାହନ ଦେବା ଲାଗି ଏକ କର୍ମଶାଳା ଆୟୋଜିତ ହୋଇଯାଇଛି।

ଏହି କାର୍ଯ୍ୟକ୍ରମରେ ବିଭିନ୍ନ କୃଷକ ଉତ୍ପାଦକ ସଂଗଠନ, ମହିଳା କୃଷି ଉଦ୍ୟୋଗୀ, ଓଡ଼ିଶା ସରକାରଙ୍କ ବିଭିନ୍ନ ବିଭାଗ ଏବଂ ସମଗ୍ର ଓଡ଼ିଶାର ରପ୍ତାନିକାରୀଙ୍କ ପ୍ରତିନିଧିତ୍ୱରେ ୧୦ରୁ ଅଧିକ ଷ୍ଟଲ ପ୍ରଦର୍ଶିତ ହୋଇଥିଲା। ଏହି ବିଶ୍ୱବିଦ୍ୟାଳୟରେ କୋରାପୁଟ କଳାଜିରା ଚାଉଳ, ନୟାଗଡ କଣ୍ଟେଇମୁଣ୍ଡି ବାଇଗଣ, ଗଞ୍ଜାମ କିଆ ଫୁଲ ଉତ୍ପାଦ, କୋରାପୁଟ କଫି ଏବଂ କନ୍ଧମାଳ ହଳଦୀ ଭଳି ଜିଆଇ ଉତ୍ପାଦ, କେନ୍ଦ୍ରାପଡ଼ା ରସାବଳୀ, ସାଲେପୁର ରସଗୋଲା, ଖଜୁରୀ ଗୁଡ, ଢେଙ୍କାନାଳ ମଗଜି ଲଡୁ ଏବଂ ମୟୂରଭଞ୍ଜ କାଇ ଚଟଣୀ ଭଳି ରାଜ୍ୟର ଅନେକ ଜିଆଇ ଟ୍ୟାଗ୍ ଏବଂ କୃଷି ଉତ୍ପାଦ ପ୍ରଦର୍ଶିତ ହୋଇଥିଲା।

ମୁଖ୍ୟ ଅତିଥି ଭାବେ ରାଜ୍ୟ ଉପମୁଖ୍ୟମନ୍ତ୍ରୀ ତଥା କୃଷି ମନ୍ତ୍ରୀ କନକ ବର୍ଦ୍ଧନ ସିଂହ ଦେଓ ତାଙ୍କ ଅଭିଭାଷଣରେ ରାଜ୍ୟରୁ କୃଷି ରପ୍ତାନୀ, ବିଶେଷ କରି ଜୈବିକ ସାମଗ୍ରୀର ରପ୍ତାନୀ ବୃଦ୍ଧି ପାଇଁ ରାଜ୍ୟ ସରକାରଙ୍କ ପଦକ୍ଷେପ ଉପରେ ଆଲୋକପାତ କରିଥିଲେ। ବିଶ୍ୱ ବଜାରରେ ପ୍ରୋତ୍ସାହନ ପାଇଁ ରାଜ୍ୟରୁ ଜିଆଇ ଉତ୍ପାଦ ଏବଂ ଉତ୍ପାଦଗୁଡ଼ିକର ଅନୁସନ୍ଧାନ କରିବାକୁ ସେ ରପ୍ତାନିକାରୀମାନଙ୍କୁ ଉତ୍ସାହିତ କରିଥିଲେ। ରାଜ୍ୟରୁ କୃଷି ରପ୍ତାନି ବୃଦ୍ଧି ଦିଗରେ ରାଜ୍ୟ ସରକାରଙ୍କ ସହ ଏପିଡାର ସକ୍ରିୟ ସହଯୋଗକୁ ସେ ପ୍ରଶଂସା କରିଥିଲେ।

ଏହି କାର୍ଯ୍ୟକ୍ରମରେ ଓଡ଼ିଶାର କୃଷି ରପ୍ତାନୀ ବୃଦ୍ଧି ପାଇଁ ପ୍ରମୁଖ କ୍ଷେତ୍ର ଉପରେ ଧ୍ୟାନ କେନ୍ଦ୍ରିତ କରି ତିନୋଟି ବୈଷୟିକ ଅଧିବେଶନ ଅନୁଷ୍ଠିତ ହୋଇଥିଲା। ପ୍ରଥମ ଅଧିବେଶନରେ ସଂଶୋଧିତ ଜାତୀୟ ଜୈବିକ ଉତ୍ପାଦନ କାର୍ଯ୍ୟକ୍ରମ (ଏନପିଓପି) ଅଧୀନରେ ଜୈବିକ ରପ୍ତାନୀ ପ୍ରୋତ୍ସାହନ, ଜୈବିକ ପ୍ରମାଣୀକରଣ, ମୂଲ୍ୟ ଶୃଙ୍ଖଳା ବିକାଶ ଏବଂ ବଜାର ପ୍ରବେଶ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଦ୍ୱିତୀୟ ଅଧିବେଶନରେ ଅନନ୍ୟ କିସମର ଲାଭ ଉଠାଇବା, ଲଜିଷ୍ଟିକ୍ସରେ ଉନ୍ନତି ଆଣିବା ଏବଂ ରପ୍ତାନି ଆଧାରକୁ ମଜଭୁତ କରି ଓଡ଼ିଶାରୁ ଚାଉଳ ରପ୍ତାନୀ ବୃଦ୍ଧି କରିବାର ରଣନୀତି ଉପରେ ଆଲୋଚନା କରାଯାଇଥିଲା। ତୃତୀୟ ଅଧିବେଶନରେ ଲଜିଷ୍ଟିକ୍ସ, କୋଲ୍ଡ ଚେନ୍ ଭିତ୍ତିଭୂମି ଏବଂ ଜିଆଇ-ଟ୍ୟାଗ୍ ହୋଇଥିବା ଉତ୍ପାଦଗୁଡ଼ିକର ମୂଲ୍ୟ ବୃଦ୍ଧି ଏବଂ ରପ୍ତାନି ପ୍ରୋତ୍ସାହନ ପାଇଁ ସୁଯୋଗ ଉପରେ ଆଲୋକପାତ କରାଯାଇଥିଲା।

## ୩୧୫ ଗ୍ରାମ ବ୍ରାଉନସୁଗର ଜବତ୍, ଜଣେ ଗିରଫ



**କଟକ,୨୭।୪(ସଂଚାର ବ୍ୟୁରୋ):** ୩୧୫ ଗ୍ରାମ ବ୍ରାଉନସୁଗର ଜବତ୍ । କଟକ ମଙ୍ଗୁଳି ଅଞ୍ଚଳରେ ପେଟ୍ରୋଲିଂ ବେଳେ ଧରିଲା ଅବକାରୀ ଫ୍ଲାଇଙ୍ଗ ସ୍କ୍ୱାଡ । ଜବତ୍ ନିଶା ଦ୍ରବ୍ୟର ଆନୁମାନିକ ମୂଲ୍ୟ ୩୧ ଲକ୍ଷ ୫୦ ହଜାର ଟଙ୍କା। ସରଳ ସେଠ ନାମକ ବ୍ୟକ୍ତି ଙ୍କୁ ଗିରଫ କଲା ଅବକାରୀ ସ୍କ୍ୱାର୍ଡ । ବାଲେଶ୍ୱରରୁ ଅନୁଗୋଳ ଚାଲାଣ ହେଉଥିଲା ବ୍ରାଉନସୁଗର।

### ସେଲଫି ହେଲା କାଳ

## ଜଳପ୍ରପାତରେ ଚାଲିଗଲା ୨ ଜୀବନ

**କେନ୍ଦୁଝର,୨୭।୪(ସଂଚାର ବ୍ୟୁରୋ):** ସେଲଫି ନେବା ହେଲା କାଳ। ଅକାଳରେ ଝରି ପଡିଲା ୨ ଜଣ ଯୁବକଙ୍କ ଜୀବନ। ଏପରି ଦୁଃଖଦ ଘଟଣା ଘଟିଛି କେନ୍ଦୁଝର ଜିଲା ହରିଚନ୍ଦନପୁର ଥାନା ଅନ୍ତର୍ଗତ ଚନ୍ଦନଗିରି ନିକଟ ପାଟହରା ଜଳପ୍ରପାତରେ। ସଠିକ୍ କାରଣ ଜଣାପଡ଼ି ନ ଥିଲେ ହେଁ ଫଟୋ ଉଠାଉଥିବା ବେଳେ ଗୋଡ଼ ଖସିଯିବାରୁ ପାଣିରେ ଖସି ପଡ଼ି ନିଖୋଜ ହୋଇଯାଇଥିଲେ ୨ଜଣ। ଦମକଳ ବାହିନୀ ସହାୟତାରେ ଖୋଜାଖୋଜି କରି ସେମାନଙ୍କ ମୃତଦେହ ଉଦ୍ଧାର କରାଯାଇଛି। ପୁଲିସ ମୃତଦେହ ଉଦ୍ଧାର କରି ତଦନ୍ତ କରିବା ସହ ମୃତଦେହ ବ୍ୟବଚ୍ଛେଦ କରିବାକୁ ମେଡ଼ିକାଲ ପଠାଇଥିବା ଜଣାପଡ଼ିଛି। ପ୍ରକାଶ ଯେ, ସେମାନେ ୪ ଜଣ ବୁଲିବାକୁ ଆସିଥିଲେ। ସମସ୍ତେ ଏକ ଘରୋଇ କମ୍ପାନୀରେ ଟ୍ରେନି ଭାବେ କାମ କରୁଥିଲେ। ସେମାନଙ୍କ ସଠିକ୍ ନାମ ଜଣାପଡ଼ି ନ ଥିଲେ ହେଁ ସେମାନଙ୍କ ଘର କେନ୍ଦ୍ରାପଡ଼ା ଅଞ୍ଚଳରେ ବୋଲି ଜଣାପଡ଼ିଛି ଓ ବୟସ ପାଖାପାଖି ୨୦ ହେବ।

## ପୋଖରୀରେ ବୁଡ଼ି ୩ ନାବାଳକ ମୃତ

**ନୟାଗଡ଼,୨୭।୪(ସଂଚାର ବ୍ୟୁରୋ):** ନୟାଗଡ଼ ଜିଲା ଦଶପଲ୍ଲା ବ୍ଲକ ଅନ୍ତର୍ଗତ ଗୋଡ଼ିବିଡ଼ା ଗାଁ ପୋଖରୀରେ ବୁଡ଼ି ୩ ନାବାଳକଙ୍କ ଜୀବନ ଯାଇଛି। ମୃତକ ହେଲେ ନୂଆଗାଁ ଥାନା ଖାଲମଡା ଗାଁର ରିତେଶ ପ୍ରଧାନ(୧୧), ଲ୍ଲା ଥାନା ଗୋଡିବିଡା ଗାଁର ଉମାକାନ୍ତ ନାୟକ(୧୦), ଓଡ଼ଗାଁ ଥାନା ପୋଡ଼ାସାହି ଗାଁର ଶୁଭ ଖିଲାଏର (୧୨)। ଗୋଡ଼ିବିଦା ଗାଁକୁ ବାହାଘର ଭୋଜି ଖାଇବାକୁ ୩ ଜଣ ନାବାଳକ ପରିବାର ଲୋକଙ୍କ ସହ ଆସିଥିଲେ। ସକାଳେ ଗାଧୋଇବା ପାଇଁ ନିକଟସ୍ଥ ପୋଖରୀକୁ ଯାଇଥିବା ବେଳେ ଅଘଟଣ ଘଟିଥିଲା। ୩ ନାବାଳକ ଗାଧୋଇବା ବେଳେ ବୁଡ଼ି ଯାଉଥିବା ବେଳେ ପୋଖରୀରୁ ଉଦ୍ଧାର କରାଯାଇଥିଲା। ସେମାନଙ୍କୁ ଗୁରୁତର ଅବସ୍ଥାରେ ଦଶପଲ୍ଲା ସ୍ୱାସ୍ଥ୍ୟକେନ୍ଦ୍ରସ୍‌ରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ସେମାନଙ୍କୁ ମୃତ ଘୋଷଣା କରିଥିଲେ। ଏହି ଘଟଣାରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି।

## ବ୍ୟବସାୟୀଙ୍କୁ ହତ୍ୟା, ଲୁଟିନେଲେ ଟଙ୍କା ବ୍ୟାଗ

**ବୌଦ୍ଧ ,୨୭।୪ (ସଂଚାର ବ୍ୟୁରୋ) :** ରାସ୍ତା ଉପରେ ବ୍ୟବସାୟୀଙ୍କୁ ହତ୍ୟା କରି ନେଇଗଲେ ଟଙ୍କା । ବୌଦ୍ଧ ସହରରେ ହତ୍ୟାକାଣ୍ଡ ଓ ଲୁଟ୍। ମୃତକଙ୍କ ନାଁ ମନୋଜ ପାତ୍ର। ଦୁଇଟି ସ୍କୁଟିରେ ଆସି ମନୋଜଙ୍କୁ ଆକ୍ରମଣ କରିବା ସହ ଟଙ୍କା ବ୍ୟାଗ ନେଇ ଯାଇଥିଲେ ଦୁର୍ବୃତ୍ତ ବୌଦ୍ଧ ଥାନା ଅନ୍ତର୍ଗତ ବାଇପାସ୍ ଜଗଦୀଶପୁର ଛକରେ ହତ୍ୟାକାଣ୍ଡ ଘଟିଛି । ଉତ୍ୟକ୍ତ ଲୋକେ ୫୭ ନମ୍ବର ଜାତୀୟ ରାଜପଥ ଅବରୋଧ କରିଛନ୍ତି । ଜଗଦୀଶପୁର ଛକ ନିକଟରେ ନିଜ ନୂଆ ଘରର ନିର୍ମାଣ କାର୍ଯ୍ୟ ଦେଖିବା ପାଇଁ ଯୁବ ବ୍ୟବସାୟୀ ମନୋଜ ପାତ୍ର ଆସିଥିଲେ । ଘର ନିକଟରେ ଠିଆ ହୋଇଥିବା ସମୟରେ ହଠାତ ୩ ଜଣ ଯୁବକ ଆସି ତାଙ୍କୁ ଧାରୁଆ ଅସ୍ତ୍ରରେ ଆକ୍ରମଣ କରିବା ସହ ଟଙ୍କା ବ୍ୟାଗ ଛଡାଇ ନେଇ ପଳାଇଥିଲେ। ଘଟଣା ସ୍ଥଳରେ ମନୋଜଙ୍କ ମୃତ୍ୟୁ ଘଟିଥିଲା । ବୌଦ୍ଧ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରୁଛି।

## ସ୍ତ୍ରୀକୁ ମାରିବାକୁ ଆସି ମଲା

**ଜଟଣୀ,୨୭।୪(ସଂଚାର ବ୍ୟୁରୋ):** ଖୋର୍ଦ୍ଧା ଜିଲା ଜଟଣୀ ଇନଫୋ ଭ୍ୟାଲି ଥାନା ଅନ୍ତର୍ଗତ ଗ୍ରାମଣ୍ଡିହରେ ଏକ ଅଭାବନୀୟ ଘଟଣା ଘଟିଛି। ସ୍ତ୍ରୀକୁ ମାରିବାକୁ ଆସି ନିଜ ଜୀବନ ଦେଇଛି ସ୍ୱାମୀ। ଶ୍ୱଶୁର ଘରେ ଶାଶୂ ଓ ସ୍ତ୍ରୀକୁ ଆକ୍ରମଣ ବେଳେ ଜ୍ୱାଇଁଙ୍କ ଜୀବନ ଯାଇଛି। ମୃତ ଜ୍ୱାଇଁଙ୍କ ଆକ୍ରମଣରେ ଶାଶୂ ଓ ସ୍ତ୍ରୀ ଗୁରୁତର ହୋଇ ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ତେବେ ଚିକିତ୍ସାଧୀନ ଅବସ୍ଥାରେ ଜ୍ୱାଇଁଙ୍କ ମୃତ୍ୟୁ ହୋଇଥିବା ସୂଚନା ମିଳିଛି। ଶ୍ୱଶୁର ଘରକୁ ରାତିରେ ଆସି ରାତିରେ ସ୍ତ୍ରୀଙ୍କୁ ଆକ୍ରମଣ କରିଥିଲେ ବୋଲି ଅଭିଯୋଗ ହୋଇଛି। ଏଥିରେ ଝିଅଙ୍କ ବାପଘର ଲୋକେ ପିଟାପିଟି କରିବାରୁ ଜ୍ୱାଇଁଙ୍କ ମୃତ୍ୟୁ ଘଟିଛି। କିଛି ଦିନ ହେଲା ଦୁଇ ପରିବାର ମଧ୍ୟରେ ବିବାଦ ରହିଥିଲା। ପ୍ରାୟ ଦେଢ଼ ବର୍ଷ ହେଲା ଶାଶୂଘର ଛାଡ଼ି ଝିଅ ବାପ ଘରେ ଥିଲେ।

# ପାଠାଗାରରେ ଖାଲିପଡିଛି ମାଲମାଲ ପଦବୀ

**ନିଯୁକ୍ତି ପାଇଁ ସରକାରଙ୍କ ପାଖରେ ଦାବି**



**ଭୁବନେଶ୍ୱର, ୨୭।୪ (ସଂଚାର ବ୍ୟୁରୋ):** ରାଜ୍ୟର ପାଠାଗାରଗୁଡିକରେ ସାଂଘାତିକ ସ୍ଥିତି। ଖାଲି ପଡ଼ିଛି ମାଲମାଲ ପଦବୀ। ରାଜ୍ୟ ଗ୍ରନ୍ଥାଗାର ହେଉକି ଜିଲ୍ଲା ଗ୍ରନ୍ଥାଗାର, ବିଶ୍ୱବିଦ୍ୟାଳୟ ହେଉ କି କଲେଜ, ସବୁଠି ହଜାର ହଜାର ପଦବୀ ଖାଲି ରହିଛି । ଲାଇବ୍ରେରୀ ପଦବୀ ପୂରଣ ହେଉନଥିବା ବେଳେ, ବେକାର ହୋଇ ବସିଛନ୍ତି ଲାଇବ୍ରେରୀ ପାଠ ସାରି ନିଯୁକ୍ତି ଅପେକ୍ଷାରେ ଥିବା ଆଶାୟୀ । ଖାଲିଥିବା ପଦବୀଗୁଡ଼ିକ ଦୀର୍ଘ ବର୍ଷ ଧରି ପୂରଣ ହେଉ ନଥିବା ବେଳେ ଆଶାୟୀଙ୍କ ବୟସ ବି ଗଡ଼ି ଚାଲିଛି । ଗ୍ରନ୍ଥାଗାରିକ ପଦବୀ ନିଯୁକ୍ତି ପାଇଁ ରାଜ୍ୟ ସରକାରଙ୍କୁ ବାରମ୍ବାର ଅନୁରୋଧ କରିବା ସତ୍ତ୍ୱେ ମଧ୍ୟ ସରକାର ଏନେଇ କୌଣସି ସମାଧାନ କରୁନଥିବା ଅଭିଯୋଗ କରିଛନ୍ତି ଆଶାୟୀ।

ଅନେକ ପିଲା ଚାକିରି ଆଶା ନେଇ ଲାଇବ୍ରେରୀ କୋର୍ସ ପାଠ ପଢ଼ିଲେ । କିନ୍ତୁ ରାଜ୍ୟ ତମାମ ପାଠାଗାରରେ ପଦବୀ ଖାଲି ଥିଲେ ମଧ ନିଯୁକ୍ତି ବିଜ୍ଞପ୍ତି ପ୍ରକାଶ କରାଯାଉନାହିଁ। ଫଳରେ ଚାକିରି ଆଶାରେ ଅନେକ ପିଲାଙ୍କ ବୟସ ସରିଗଲାଣି । ଗ୍ରନ୍ଥାଗାର ଗୁଡ଼ିକରେ ହଜାର ହଜାର ପଦବୀ ଖାଲି ପଡ଼ିଛି । ଜିଲ୍ଲା ପାଠାଗାର, ସମନ୍ୱିତ ପାଠାଗାର, ସ୍ମାରକୀ ପାଠାଗାର, ହରେକୃଷ୍ଣ ମହତାବ ରାଜ୍ୟ ଗ୍ରନ୍ଥାଗାରରେ ଉପଯୁକ୍ତ ଭିତ୍ତିଭୂମିର ଅଭାବ ରହିବା ସହ ଖାଲିଥିବା ପଦବୀ ଗୁଡିକରେ ନିଯୁକ୍ତିର ଅଭାବ ରହିଛି । ଯାହାକୁ ନେଇ ଖାଲିଥିବା ପଦବୀ ପୂରଣ ପାଇଁ ରାଜ୍ୟ ସରକାରଙ୍କୁ ଅନୁରୋଧ କରିଛନ୍ତି ଚାକିରି ଆଶାୟୀ ।

ବଲାଙ୍ଗୀର ଜିଲ୍ଲା ପାଠାଗାରରେ ମଞ୍ଜୁରୀପ୍ରାପ୍ତ ପଦବୀ ସଂଖ୍ୟା ୧ ରହିଥିବା ବେଳେ ତାହା ବି ପୂରଣ ହେଉନି। ସେହିପରି ଭାବରେ ଗ୍ରନ୍ଥାଗାରର ଗୋଟିଏ ମାତ୍ର ପରିଚାରକଙ୍କ ପଦବୀ ମଧ ପୂରଣ ନହୋଇ ପଡିରହିଛି। ରାୟଗଡା ଜିଲ୍ଲା ପାଠାଗାରରେ ସହାୟକ ପରିଚାରକ ପଦବୀ ଖାଲି ପଡିଛି। ବାଲେଶ୍ୱର, କୋରାପୁଟ, କଟକ, ମୟୁରଭଂଜ, ସୁନ୍ଦରଗଡ, କେନ୍ଦୁଝର, ଗଞ୍ଜାମ, କନ୍ଧମାଳ ସବୁଠି ସମାନ ସ୍ଥିତି। ଗୋଟିଏ ଗୋଟିଏ ସହାୟକ ଓ ପରିଚାଳକ ପଦବୀକୁ ମଂଜୁରୀ ମିଳିଥିଲେ ବି ତାହା ପୂରଣ ନହୋଇ ବର୍ଷ ବର୍ଷ ଧରି ଖାଲି ପଡିଛି। ଭୁବନେଶ୍ୱରର ହରେକୃଷ୍ଣ ମହତାବ ପାଠାଗାରରେ ୨୫ଟି ସହାୟକ ଲାଇବ୍ରେରିଆନ ପଦକୁ ମଂଜୁରୀ ମିଳିଥିବା ବେଳେ ଅଛନ୍ତି ମାତ୍ର ୪ଜଣ।

# ବେଦାନ୍ତ ପକ୍ଷରୁ ମ୍ୟାଲେରିଆ ସଚେତନତା ଅଭିଯାନ




**ଭବାନୀପାଟଣା,୨୭।୪ (ସଂଚାର ବ୍ୟୁରୋ) :** ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦନକାରୀ ବେଦାନ୍ତ ଆଲୁମିନିୟମ ବିଶ୍ୱ ମ୍ୟାଲେରିଆ ଦିବସ ଅବସରରେ କଳାହାଣ୍ଡି ଜିଲ୍ଲାର ନାକରୁଣ୍ଡି ଏବଂ ଗୁଣପୁର ନାମକ ଦୁଇଟି ଗ୍ରାମରେ ସଚେତନତା ଅଭିଯାନ ଆରମ୍ଭ କରିଛି । ଏହି ଅଭିଯାନରେ ୩୮୦ ରୁ ଅଧିକ ବାସିନ୍ଦାଙ୍କୁ ଆକର୍ଷିତ କରି ଅଭିଜ୍ଞ କଳାକାରମାନଙ୍କ ଦ୍ୱାରା ପରିବେଷଣ କରାଯାଇଥିବା ଆକର୍ଷଣୀୟ ପଥପ୍ରାନ୍ତ ନାଟକ ପ୍ରଦର୍ଶିତ ହୋଇଥିଲା। ପୂର୍ବରୁ ସିଜିମାଳି ବକ୍ସାଇଟ୍ ଟିମ୍ ଦ୍ୱାରା ବଣ୍ଟନ କରାଯାଇଥିବା ଔଷଧଯୁକ୍ତ ମଶାରୀ ବ୍ୟବହାର ଉପରେ ସ୍ୱତନ୍ତ୍ର ଧ୍ୟାନ ଦେବା ସହିତ ଏହି ପଥପ୍ରାନ୍ତ ନାଟକଗୁଡ଼ିକ ପ୍ରମୁଖ ମ୍ୟାଲେରିଆ ପ୍ରତିରୋଧ ରଣନୀତିଗୁଡ଼ିକୁ ପ୍ରଭାବୀ ଢଙ୍ଗରେ ଉପସ୍ଥାପନ କରିଥିଲା । ଏହି ପ୍ରଦର୍ଶନ ପରେ ଉପସ୍ଥିତ ଲୋକଙ୍କୁ ନେଇ ଆଲୋଚନା କରାଯାଇଥିଲା, ଯାହା ଗ୍ରାମବାସୀଙ୍କୁ ପ୍ରଶ୍ନ ପଚାରିବା ଏବଂ ଅଭିଜ୍ଞତା ବାଣ୍ଟିବାରେ ସକ୍ଷମ କରିଥିଲା । ଯାହାଦ୍ୱାରା ମ୍ୟାଲେରିଆ ନିୟନ୍ତ୍ରଣ ବିଷୟରେ ଗୋଷ୍ଠି ବୁଝାମଣା ବୃଦ୍ଧି ପାଇଥିଲା ।

ଏହି କାର୍ଯ୍ୟକ୍ରମ ବେଦାନ୍ତ ଆଲୁମିନିୟମର ସ୍ୱାସ୍ଥ୍ୟସେବା ଏବଂ ଗୋଷ୍ଠି କଲ୍ୟାଣ ପ୍ରତି ନିରନ୍ତର ପ୍ରତିବଦ୍ଧତାର ଅଂଶ ବିଶେଷ । କମ୍ପାନୀ ଗତ ବର୍ଷ ସ୍ୱାସ୍ଥ୍ୟ ଶିବିର, ସ୍ୱର୍ଣ୍ଣ ପ୍ରାଶନ ଟୀକାକରଣ ପଦକ୍ଷେପ ଏବଂ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ମାଧ୍ୟମରେ ୪୫,୦୦୦ ରୁ ଅଧିକ ଲୋକଙ୍କ ନିକଟରେ ପହଞ୍ଚିଛି ।

କଳାହାଣ୍ଡି ଜିଲ୍ଲା ଏକଦା ଦାରିଦ୍ର୍ୟ ପାଇଁ କୁଖ୍ୟାତି ଅର୍ଜନ କରିଥିଲା । ଏହି ଅଞ୍ଚଳରେ ଦୀର୍ଘ ଦିନ ଧରି ନଗଣ୍ୟ ସ୍ୱାସ୍ଥ୍ୟ ଭିତ୍ତିଭୂମି, କମ୍ ସଚେତନତା ଏବଂ ଅଧିକ ରୋଗ ବୋଝ ଯୋଗୁଁ ସଂଘର୍ଷ କରୁଥିଲା । ଦଶନ୍ଧି ଦଶନ୍ଧି ଧରି ମ୍ୟାଲେରିଆ ଏକ ନିରନ୍ତର ବିପଦ ଭାବରେ ଉଭା ହୋଇଥିଲା, ଉପଯୁକ୍ତ ସ୍ୱାସ୍ଥ୍ୟସେବା ଏବଂ ମୌଳିକ ପରିମଳ ଅଭାବରୁ କଳାହାଣ୍ଡି ଜିଲ୍ଲାର ଦୂର ଦୂରାନ୍ତର ଗ୍ରାମବାସୀମାନେ ବାରମ୍ବାର ଏହି ରୋଗର ଶିକାର ହେଉଥିଲେ । ତେବେ ଗତ ଦୁଇ ଦଶନ୍ଧି ମଧ୍ୟରେ ଏହି କାହାଣୀ ନାଟକୀୟ ଭାବେ ବଦଳିଛି-ଏହି ଅଞ୍ଚଳରେ ବେଦାନ୍ତ ଆଲୁମିନିୟମର ନିରନ୍ତର ପ୍ରୟାସ ଯୋଗୁଁ ଏହା ସମ୍ଭବ ହୋଇଛି ।

ଏହି ପଦକ୍ଷେପ ସମ୍ପର୍କରେ ବେଦାନ୍ତ ଆଲୁମିନିୟମର ମୁଖ୍ୟ ପରିଚାଳନା ଅଧିକାରୀ (ସି.ଓ.ଓ) ଶ୍ରୀ ସୁନୀଲ ଗୁପ୍ତା କହିଛନ୍ତି ଯେ ଉତ୍ତମ ସ୍ୱାସ୍ଥ୍ୟସେବା ହେଉଛି ସମୃଦ୍ଧ ଗୋଷ୍ଠି ଏବଂ ସ୍ଥାୟୀ ବିକାଶର ମୂଳଦୁଆ । ଆମର ପ୍ରତିବଦ୍ଧତା ସ୍ୱାସ୍ଥ୍ୟସେବା ପ୍ରଦାନ ଠାରୁ ଉର୍ଦ୍ଧ୍ୱରେ । ଆମେ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ ମାଧ୍ୟମରେ ସୁସ୍ଥତାର ଏକ ସଂସ୍କୃତିକୁ ପ୍ରୋତ୍ସାହିତ କରିବାକୁ ଚେଷ୍ଟା କରୁଛୁ ଯାହା ତୃଣମୂଳ ସ୍ତରରେ ବ୍ୟକ୍ତିବିଶେଷଙ୍କୁ ଶିକ୍ଷିତ ଏବଂ ସଶକ୍ତ କରିଥାଏ । ମ୍ୟାଲେରିଆ ପ୍ରତିରୋଧ ହେଉ, ପୁଷ୍ଟିସାଧନ ସଚେତନତା ହେଉ, କିମ୍ବା ଯୋଗ ଏବଂ କର୍କଟ ଶିକ୍ଷା ଭଳି ସାମଗ୍ରିକ ସ୍ୱାସ୍ଥ୍ୟ ପଦକ୍ଷେପ ହେଉ, ଆମର ଲକ୍ଷ୍ୟ ହେଉଛି ସୁସ୍ଥ ଜୀବନଶୈଳୀକୁ ସକ୍ଷମ ଏବଂ ସୁସ୍ଥ ସମ୍ପ୍ରଦାୟ ଗଠନ କରି ସ୍ଥାୟୀ ପ୍ରଭାବ ସୃଷ୍ଟି କରିବା ।

ବେଦାନ୍ତ ଆଲୁମିନିୟମ ସ୍ୱାସ୍ଥ୍ୟ, ଶିକ୍ଷା, ସ୍ଥାୟୀ ଜୀବିକା, ଭିତ୍ତିଭୂମି ଏବଂ ତୃଣମୂଳ ସ୍ତରରେ କ୍ରୀଡ଼ା ଏବଂ ସଂସ୍କୃତି କ୍ଷେତ୍ରରେ ଉତ୍ସର୍ଗୀକୃତ ହସ୍ତକ୍ଷେପ ମାଧ୍ୟମରେ ସ୍ଥାନୀୟ ଗୋଷ୍ଠିକୁ ସଶକ୍ତ କରିବା ପାଇଁ ଉତ୍ସର୍ଗୀକୃତ । ଏହି ପ୍ରୟାସ ଓଡ଼ିଶାର ସାମଗ୍ରିକ ଅଭିବୃଦ୍ଧି ଏବଂ ପ୍ରଗତି ଦିଗରେ ଗୋଷ୍ଠି ଯୋଗଦାନର ଭାବନାକୁ ପ୍ରୋତ୍ସାହିତ କରି ଏହାର ପରିଚାଳନା କ୍ଷେତ୍ର ମଧ୍ୟରେ ଏବଂ ବାହାରେ ପରିବର୍ତ୍ତନ ଆଣିବା ପାଇଁ କମ୍ପାନୀର ପ୍ରତିବଦ୍ଧତାକୁ ରେଖାଙ୍କିତ କରିଥାଏ। ସ୍ଥାନୀୟ କର୍ତ୍ତୃପକ୍ଷ ଏବଂ ଗୋଷ୍ଠି ଅଂଶୀଦାରମାନଙ୍କ ସହିତ ଘନିଷ୍ଠ ସହଯୋଗ ରକ୍ଷାକରି, କମ୍ପାନୀ ନିଶ୍ଚିତ କରେ ଯେ ଏହାର ହସ୍ତକ୍ଷେପ ବାସ୍ତବ ସାମାଜିକ-ଅର୍ଥନୈତିକ ପ୍ରଗତି ଆଡ଼କୁ ନେଇଯିବ । ଯତ୍ନ ଏବଂ ଭାଗିଦାରୀର ନୈତିକତା ଉପରେ ଆଧାରିତ ବେଦାନ୍ତର ସାମାଜିକ ପ୍ରଭାବ ପଦକ୍ଷେପଗୁଡ଼ିକ କଳାହାଣ୍ଡି ଜିଲ୍ଲାର ୬୭ଟି ଗାଁର ଦେଢ଼ ଲକ୍ଷ ଲୋକ ଏବଂ ଓଡ଼ିଶାର ୫ ଲକ୍ଷ ଲୋକଙ୍କ ଜୀବନ ଜୀବିକାକୁ ପ୍ରଭାବିତ କରିବାରେ ସଫଳ ହୋଇଛି ।

## ବନ୍ତ ଛକ ଫ୍ଲାଏଓଭର ୱାଲରେ ପିଟିହୋଇ ୨ ଯୁବକ ମୃତ

**ଭଦ୍ରକ,୨୭।୪(ସଂଚାର ବ୍ୟୁରୋ):** ୧୬ ନଂ ଜାତୀୟ ରାଜପଥ ଭଦ୍ରକ ବନ୍ତ ଛକ ଓଭର ବ୍ରିଜ ନେହରୁ ଷ୍ଟାଡିଅମ ନିକଟରେ ରବିବାର ପୂର୍ବାହ୍ନରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏଥିରେ ଦୁଇଜଣ ଯୁବକଙ୍କ ମୃତ୍ୟୁ ଘଟିଥିବା ବେଳେ ଜଣେ ଯୁବକ ଗୁରୁତର ହୋଇଛନ୍ତି।ସୂଚନା ମୁତାବକ ପଶ୍ଚିମବଙ୍ଗ ମୁର୍ଶିବାଦ ଅଞ୍ଚଳର ୩ ଯୁବକ ଏକ ବାଇକ ( ଡବ୍ଲ୍ୟୁବି ୩୨ ଆର ୨୮୪୦) ଯୋଗେ ଯାଜପୁର ଯାଉଥିଲେ।। କୌଣସି କାରଣରୁ ଚାଳକ ନିୟନ୍ତ୍ରଣ ହରାଇ ଓଭର ବ୍ରିଜର ସୁରକ୍ଷା ପାଚେରୀରେ ଲଗାତାର ୩ ଥର ବାଡେଇ ହୋଇ ତଳେ ଛିଟିକି ପଡ଼ିଥିଲେ। ଦୁଇ ଜଣ ଯୁବକଙ୍କ ମୁଣ୍ଡ ଫାଟି ପ୍ରବଳ ରକ୍ତସ୍ରାବ ହୋଇଥିବା ବେଳେ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା। ମଝିରେ ବସିଥିବା ଯୁବକର ଅବସ୍ଥା ଗୁରୁତର ହୋଇଥିବା ବେଳେ ତାଙ୍କୁ ସ୍ଥାନୀୟ ଯୁବକ ମାନେ ଭଦ୍ରକ ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ଟୁଆଁ ପୁଲିସ ପହଞ୍ଚି ମୃତଦେହକୁ ଆମ୍ବୁଲାନ୍ସ ଯୋଗେ ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି । ବାଇକ ଜବତ କରି ଥାନାକୁ ଆଣିଛି। ତେବେ ଯୁବକ ମାନଙ୍କର ପରିଚୟ ମିଳିପାରିନାହିଁ। ଜାତୟ ରାଜପଥରେ ରାସ୍ତା ଦବି ଯାଇଥିବାରୁ ଦୁର୍ଘଟଣା ଘଟିଥିବା ସ୍ଥାନୀୟ ଯୁବକ ମାନେ ପ୍ରକାଶ କରିଛନ୍ତି।

## ମହିଳାଙ୍କ ସୁରକ୍ଷା ପାଇଁ ଲଢ଼େଇ ଜାରି ରଖିବ କଂଗ୍ରେସ



**ଭୁବନେଶ୍ୱର,୨୭।୪ (ସଂଚାର ବ୍ୟୁରୋ):** ରାଜ୍ୟରେ ହୁ ହୁ ହୋଇ ବଢ଼ୁଥିବା ନାରୀ ନିର୍ଯ୍ୟାତନାକୁ ନେଇ ଆଜି ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଶ୍ରୀ ଭକ୍ତ ଚରଣ ଦାସଙ୍କ ପରାମର୍ଶକ୍ରମେ ଏକ ସାମ୍ବାଦିକ ସମ୍ମିଳନୀ କଂଗ୍ରେସ ଭବନ ଠାରେ ଅନୁଷ୍ଠିତ ହୋଇଯାଇଅଛି । ନାରୀ ନିର୍ଯ୍ୟାତନା ପାଇଁ ଗଠିତ ତଥ୍ୟ ଅନୁଧାନକାରୀ ଦଳ କମିଟି ଅଧ୍ୟକ୍ଷ ଶ୍ରୀ ନଗେନ୍ଦ୍ର କୁମାର ପ୍ରଧାନ ସାମ୍ବାଦିକମାନଙ୍କୁ ସୂଚନା ପ୍ରଦାନ କରି କହିଲେ ଯେ ଗତ ଫେବୃଆରୀ ୨୧ ତାରିଖରୁ ଆଜି ମଧ୍ୟରେ ଶତାଧିକ ନା ବାଳିକା ମାତୃତ୍ୱ ଲାଭ କରିବା ଏବଂ ନିରୀହ ଶିଶୁମାନେ ଦୁଷ୍କର୍ମ ଓ ହତ୍ୟାର ଶିକାର ହେବା ଆଜି ରାଜ୍ୟରେ ଏକ ସାଧାରଣ ଘଟଣାରେ ପରିଣତ ହୋଇଅଛି । ମୋହନ ମାଝୀଙ୍କ ୧୦ ମାସର ସରକାରରେ ପ୍ରାୟ ୨ ହଜାରରୁ ଅଧିକ ନାରୀ ନିର୍ଯ୍ୟାତନା ଓ ହତ୍ୟା ମାମଲା ଓଡ଼ିଶାର ବିଭିନ୍ନ ଥାନାରେ ରୁଜୁ ହୋଇଅଛି। ଗତ ୨୫ ତାରିଖରେ ଗଞ୍ଜାମ ଜିଲ୍ଲାର ପାଟପୁର ଥାନା ଅନ୍ତର୍ଗତ ୪ ବର୍ଷର ଶିଶୁକନ୍ୟାକୁ ଦୁଷ୍କର୍ମପରେ ହତ୍ୟା ଘଟଣା ହେଉ ଅବା ଗତ ମାର୍ଚ୍ଚ ମାସ ଅନୁଗୁଳ ଜିଲ୍ଲାର ଦିସା ଇଣ୍ଡଷ୍ଟ୍ରିଆଲ ଇଷ୍ଟେଟ୍ ଅଞ୍ଚଳର ୬ ବର୍ଷର ଶିଶୁ କନ୍ୟାକୁ ଦୁଷ୍କର୍ମ ପରେ ହତ୍ୟ ଘଟଣା ହେଉ କିମ୍ବା ଢେଙ୍କାନାଳ ଜିଲ୍ଲାର ହିନ୍ଦୋଳ ଥାନା ଅଞ୍ଚଳରେ ୭ ବର୍ଷର ଶିଶୁ କନ୍ୟାକୁ ଗଣଦୁଷ୍କର୍ମ ଘଟଣା ହେଉ ଏହା ମୋହନ ମାଝୀ ସରକାରଙ୍କର ଅପାରଗ ପଣିଆକୁ ଦର୍ଶାଉଅଛି । ଗତ ମାଟ୍ରିକ ପରୀକ୍ଷା ଚାଲୁଥିବା ବେଳେ ୨୧ ଫେବୃଆରୀରେ ମାଲକାନଗିରି ଜିଲ୍ଲାର ଚିତ୍ରକୋଣ୍ଡା ବାଳିକା ଉଚ୍ଚ ବିଦ୍ୟାଳୟର ଜନୈକ ନାବାଳିକା ଛାତ୍ରୀ ବିଦ୍ୟାଳୟର ଛାତ ଉପରେ ସନ୍ତାନ ପ୍ରସବ କରିବା ଘଟଣା ହେଉ କିମ୍ବା ଯାଜପୁର ଜିଲ୍ଲାର ବରି ଥାନା ଅଞ୍ଚଳରେ ମାଟ୍ରିକ ପରୀକ୍ଷାର ଦିତୀୟଦିନ ୨୩ ଫେବୃଆରୀରେ ଜନୈକ ନାବାଳିକା ଛାତ୍ରୀ ସନ୍ତାନ ପ୍ରସବ କରିବା ଘଟଣା ହେଉ ଏହା ସରକାରଙ୍କର ଆଇନକାନୁନ ରକ୍ଷା କରିବାରେ ବିଫଳତାକୁ ପ୍ରମାଣିତ କରୁଅଛି। ସେହିପରି ଗତ ୮ ମାର୍ଚ୍ଚରେ କୋରାପୁଟ ଜିଲ୍ଲାର ଲକ୍ଷ୍ମୀପୁର ଥାନା ଅଞ୍ଚଳରେ ଏକ ନାବାଳିକାକୁ ଗଣଦୁଷ୍କର୍ମ ଘଟଣା ହେଉ କିମ୍ବା ଯୁକ୍ତ ଦୁଇ ପରୀକ୍ଷା ଦେଉଥିବା ବେଳେ କେନ୍ଦ୍ରାପଡ଼ା ଜିଲ୍ଲାର ପଟ୍ଟାମୁଣ୍ଡାଇ ମହାବିଦ୍ୟାଳୟର ଜନୈକ ନାବାଳିକା ଛାତ୍ରୀ ଶିକ୍ଷକଙ୍କର ଦୁର୍ବ୍ୟବହାରରେ ମାନସିକ ଆଘାତ ପାଇ ଆତ୍ମହତ୍ୟା କରିବା ଘଟଣା ହେଉ ଏହା ପ୍ରମାଣିତ କରୁଅଛି ଯେ ଓଡ଼ିଶାର ଦକ୍ଷିଣ ପ୍ରାନ୍ତରୁ ଉପକୂଳ ପ୍ରାନ୍ତ ନେଇ ପଶ୍ଚିମାଞ୍ଚଳ ପର୍ଯ୍ୟନ୍ତ ମହିଳା ଓ ନାବାଳିକାମାନେ ସୁରକ୍ଷିତ ନୁହନ୍ତି। ଯେହେତୁ ଓଡ଼ିଶା ପୋଲିସ ଦୁଷ୍କର୍ମକାରୀ ଓ ହତ୍ୟାକାରୀ ମାନଙ୍କ ବିରୁଦ୍ଧରେ କଠୋର ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାରେ ବିଫଳ ହେଉଛି ଏହାର ସୁଯୋଗ ନେଇ ଅପରାଧୀମାନେ ଏପରି ଘଟଣା ବାରମ୍ବାର କରିବାକୁ ସାହସ କରୁଛନ୍ତି । ଯେପର୍ଯ୍ୟନ୍ତ ରାଜ୍ୟର ପ୍ରତ୍ୟେକଟି ମହିଳାଙ୍କୁ ସୁରକ୍ଷା ନମିଳିଛି ପିସିସି ସଭାପତି ଭକ୍ତ ଦାସଙ୍କ ନେତୃତ୍ୱରେ କଂଗ୍ରେସ ଦଳ ଲଢ଼େଇ ଜାରି ରଖିବ ବୋଲି କମିଟିର ସଦସ୍ୟ ଆଡଭୋକେଟ ମାନସ ମଲ୍ଲିକ କହିଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ପିସିସି ମୁଖପାତ୍ର ମନୋରଞ୍ଜନ ଦାଶ, କଂଗ୍ରେସ ନେତା ଦେବାଶିଷ ନାୟକ, ଅନିମା ମିଞ୍ଜ, ଅମ୍ରିତା ଦାଶ ପ୍ରମୁଖ ଉପସ୍ଥିତ ଥିଲେ ।

# ରାଜ୍ୟରେ ଅଢେଇ ଲକ୍ଷ ମହିଳା ଉଦ୍ୟୋଗୀ



**ଭୁବନେଶ୍ୱର,୨୭।୪:** ରାଜ୍ୟରେ ମହିଳା ଉଦ୍ୟୋଗୀଙ୍କ ସଂଖ୍ୟା ପାଖାପାଖି ଅଢେଇ ଲକ୍ଷ ଥିବାବେଳେ ଖୋରଧା ଜିଲ୍ଲାରେ ଏମାନଙ୍କ ସଂଖ୍ୟା ସବୁଠାରୁ ଅଧିକ ରହିଛି। ମହିଳା ଉଦ୍ୟୋଗୀମାନଙ୍କୁ ସରକାର ପ୍ରୋତ୍ସାହନ ଯୋଗାଇ ଦେଉଥିବାରୁ ଉଦ୍ୟୋଗ ପ୍ରତିଷ୍ଠାପାଇଁ ଏମାନେ ଆଗକୁ ଆସିବାରେ ଲାଗିଛନ୍ତି ।

ସୂଚନା ଅନୁଯାୟୀ ରାଜ୍ୟରେ ପଞ୍ଜିକୃତ ମହିଳା ଉଦ୍ୟୋଗୀଙ୍କ ସଂଖ୍ୟା ୨,୪୩,୫୨୭ ରହିଛି । ଏମାନେ ବିଭିନ୍ନ ପ୍ରକାର ଉଦ୍ୟୋଗ ପରିଚାଳନା ଦାୟିତ୍ୱରେ ରହିଥିବାବେଳେ ଖୋରଧା ଜିଲ୍ଲାରେ ଏମାନଙ୍କ ସଂଖ୍ୟା ସର୍ବାଧିକ ୨୮,୬୭୦ ଥିବା ଜଣାଯାଇଛି । ସେହିଭଳି କଟକରେ ୨୦ହଜାରରୁ ଅଧିକ ମହିଳା ଉଦ୍ୟୋଗ ଥିବାବେଳେ ଗଞ୍ଜାମରେ ଏମାନଙ୍କ ସଂଖ୍ୟା ୧୯ହଜାରରୁ ଅଧିକ ରହିଛି । ପୁରୀ, ବଲାଙ୍ଗିର, ମୟୁରଭଞ୍ଜ ଭଳି ଜିଲ୍ଲାରେ ୧୦ହଜାରରୁ ଅଧିକ କରି ମହିଳା ଉଦ୍ୟୋଗୀ ରହିଛନ୍ତି । ସବୁଠାରୁ କମ୍ ୧୪୧୫ ମହିଳା ଉଦ୍ୟୋଗୀ ବୌଦ୍ଧ ଜିଲ୍ଲାରେ ଥିବାବେଳେ ମାଲକାନଗିରିରେ ଏହି ସଂଖ୍ୟା ୨୧୮୮ ରହିଛି ।

ମହିଳାମାନଙ୍କ ଦ୍ୱାରା ପରିଚାଳିତ ଉଦ୍ୟୋଗରେ ୫୨୯୭ କୋଟି ଟଙ୍କାର ପୁଞ୍ଜି ନିବେଶ ହୋଇଥିବାବେଳେ ଏମାନେ ୧୭ଲକ୍ଷ ୭୩ହଜାରରୁ ଅଧିକ ଲୋକଙ୍କୁ କର୍ମସଂସ୍ଥାନ ଯୋଗାଇ ଦେଇଛନ୍ତି। ମହିଳାମାନଙ୍କୁ ଉଦ୍ୟୋଗ ଜରିଆରେ କର୍ମସଂସ୍ଥାନ ଦେବା କ୍ଷେତ୍ରରେ କେନ୍ଦ୍ରାପଡା ଜିଲ୍ଲା ସବୁଠାରୁ ଆଗରେ ରହିଛି । ଏହି ଜିଲ୍ଲାରେ ୨ଲକ୍ଷ ୯୦ହଜାରରୁ ଅଧିକ ମହିଳା କର୍ମସଂସ୍ଥାନ ପାଇଥିବାବେଳେ ଖୋରଧାରେ ପାଖପାଖି ୨ଲକ୍ଷ ମହିଳା କର୍ମସଂସ୍ଥାନ ପାଇଛନ୍ତି । ପୁରୀ, କଟକ ଓ ଗଞ୍ଜାମରେ ଏହି ସଂଖ୍ୟା ଏକ ଲକ୍ଷରୁ ଅଧିକ ରହିଛି । ତେବେ ମହିଳାମାନଙ୍କ ଦ୍ୱାରା ଚଳାଯାଉଥିବା ଉଦ୍ୟୋଗ ଅଧିକ ଦିନ ତିଷ୍ଠି ରହିବା ସହିତ ଏଥିରେ ମହିଳାମାନେ ଅଧିକ ସଂଖ୍ୟାରେ ରୋଜଗାର ପାଉଥିବାରୁ ସରକାର ବିଭିନ୍ନ ପ୍ରକାର ପ୍ରୋତ୍ସାହନ ଯୋଗାଇ ଦେଉଛନ୍ତି ।

ଓଡିଶା ଏମଏସଏମଇ ବିକାଶ ନୀତି ୨୦୨୨ ଓ ଓଡିଶା ଖାଦ୍ୟ ପ୍ରକ୍ରିୟାକରଣ ନୀତି ୨୦୨୨ରେ ଅଧିକ ବ୍ୟାପକ ପ୍ରୋତ୍ସାହନ ମିଳୁଛି । ଏମଏସଏମଇ କ୍ଷେତ୍ରରେ ପ୍ଲାଣ୍ଟ ଏବଂ ଯନ୍ତ୍ରପାତିରେ ନିବେଶ ଉପରେ ୨କୋଟି ଟଙ୍କା ପର୍ଯ୍ୟନ୍ତ ପ୍ରୋତ୍ସାହନ ଥିବାବେଳେ ମହିଳାମାନଙ୍କ ପାଇଁ ଏହା ଅଢେଇ କୋଟି ଟଙ୍କା ରହିଛି ।

ଖାଦ୍ୟ ପ୍ରକ୍ରିୟାକରଣ କ୍ଷେତ୍ରରେ ରାଜ୍ୟ ସରକାର ପ୍ରୋତ୍ସାହନରାଶିକୁ ଅଧିକ କରିଛନ୍ତି । ୫୦କୋଟି ଟଙ୍କା ପର୍ଯ୍ୟନ୍ତ ପୁଞ୍ଜି ନିବେଶ ଉପରେ ପ୍ଲାଣ୍ଟ ଓ ଯନ୍ତ୍ରପାତିର ୩୦ ପ୍ରତିଶତ ଏବଂ ସର୍ବାଧିକ ସାଢେ ୩କୋଟି ଟଙ୍କା ପର୍ଯ୍ୟନ୍ତ ପ୍ରୋତ୍ସାହନ ରାଶି ଯୋଗାଇ ଦିଆଯାଉଛି । ମହିଳାମାନଙ୍କ କ୍ଷେତ୍ରରେ ଏହି ରାଶି ୪କୋଟି ଟଙ୍କା ରହିଛି । ସେହିଭଳି କେନ୍ଦ୍ର ସରକାରଙ୍କ ପ୍ରଧାନମନ୍ତ୍ରୀ ନିଯୁକ୍ତ ସୃଜନ ଯୋଜନା (ପିଏମଇଜିପି) ରେ ମଧ୍ୟ ଗାଁ ଗହଳରେ ଉଦ୍ୟୋଗ ପ୍ରତିଷ୍ଠାପାଇଁ ମହିଳାମାନଙ୍କୁ ଅଗ୍ରାଧିକାର ମିଳୁଛି ଏବଂ ସେମାନଙ୍କ ପାଇଁ ସବସିଡ୍ ରାଶି ଅଧିକ ରହିଛି । ଏଥିପାଇଁ ଏବେ ରାଜ୍ୟର ମହିଳାମାନେ ଉଦ୍ୟୋଗ ପ୍ରତିଷ୍ଠାପାଇଁ ଆଗେଇ ଆସିବା ସହିତ ଅଧିକରୁ ଅଧିକ ସଂଖ୍ୟାରେ ମହିଳାଙ୍କୁ ରୋଜଗାର ଯୋଗାଇ ପାରୁଛନ୍ତି । (ତଥ୍ୟ)

ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିକ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

SANCHAR
ସଂଚାର




# ଅପରେସନ ଆକ୍ରମଣ

ପହଲଗାମ ଘଟଣା ପରେ ଭାରତ ଓ ପାକିସ୍ତାନ ମଧ୍ୟରେ ସୀମାରେ ଉତ୍ତେଜନା ସହ ଉଭୟ ଦେଶ ମଧ୍ୟରେ ଯୁଦ୍ଧ ପରିସ୍ଥିତି ସୃଷ୍ଟି ହୋଇଛି। ଏଥିପାଇଁ ଭାରତୀୟ ସେନାର ତିନି ବାହିନୀ ପ୍ରସ୍ତୁତି ଚଳାଇଛନ୍ତି। ବାୟୁସେନା ପକ୍ଷରୁ ଆରମ୍ଭ ହୋଇଛି ଅପରେସନ ଆକ୍ରମଣ। ଏଥିରେ ସୁଖୋଇ-୩୦ଏବଂ ରାଫେଲ ବିମାନ ସାମିଲ ହୋଇଛନ୍ତି। ପାକିସ୍ତାନ ସହ ଯୁଦ୍ଧ ହେଲେ ଏହି ରାଫେଲ ହିଁ ହେବ ଗେମଚେଞ୍ଜର। ମୋଦି ସରକାର ଫ୍ରାନ୍ସରୁ ୩୬ଟି ରାଫେଲ ବିମାନ କିଣିବା ଫଳରେ ଭାରତୀୟ ବାୟୁସେନାର ଶକ୍ତି ବହୁଗୁଣ ବୃଦ୍ଧି ପାଇଛି। ଆଉ ୨୬ଟି ରାଫେଲ ବିମାନ କିଣିବାକୁ ଭାରତ ଫ୍ରାନ୍ସ ସହିତ ଚୁକ୍ତି କରିବାକୁ ଯାଉଛି। ପାକିସ୍ତାନ ନିକଟରେ ଏହାର ସମକକ୍ଷ ବିମାନ ନାହିଁ। ବାୟୁସେନା ସହ ସ୍ଥଳସେନା ଏବଂ ନୌସେନା ମଧ୍ୟ ଏହି ଅପରେସନରେ ସାମିଲ ହୋଇଛି। ଆରବ ସାଗରରେ ନୌସେନା ପକ୍ଷରୁ ଘନ ଘନ ମିସାଇଲ ଟେଷ୍ଟ କରାଯାଉଛି। ନିକଟରେ ଭାରତୀୟ ନୌସେନାରେ ୩ଟି ଅତ୍ୟାଧୁନୀକ ଯୁଦ୍ଧ ଜାହାଜ ଆଇଏନଏସ ସୁରତ, ଆଇଏନଏସ ବାଘଶୀର ଏବଂ ଆଇଏନଏସ ନୀଳଗିରି ସାମିଲ ହୋଇଛି। ସମ୍ପୂର୍ଣ୍ଣ ସ୍ୱଦେଶୀଜ୍ଞାନ କୌଶଳରେ ନିର୍ମିତ ୩ଟି ଯୁଦ୍ଧ ଜାହାଜ ଦୂରଗାମୀ କ୍ଷେପଣାସ୍ତ୍ର ନିକ୍ଷେପ ଲାଗି ସମର୍ଥ। ଏହା ମଧ୍ୟ ଏୟାରକ୍ରାଫ୍ଟ କ୍ୟାରିୟର। ଏହା ଦ୍ୱାରା ଭାରତୀୟ ନୌସେନା ବା ଭାରତୀୟ ସେନା ବେଶ ଶକ୍ତିଶାଳି ଏବଂ ଆତ୍ମନିର୍ଭରଶୀଳ ହୋଇପାରିବ ବୋଲି ଆଶା କରାଯାଉଛି। ମୁମ୍ବାଇ ନାଭାଲ ଡକ ୟାର୍ଡରେ ଏହି ୩ଟି ଯୁଦ୍ଧ ଜାହାଜ ନୌସେନାରେ ସାମିଲ ହୋଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହାକୁ ଉଦଘାଟନ କରିଛନ୍ତି। ଏହି ଅବସରରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଏବଂ ସିଡିଏସଙ୍କ ସହ ତିନି ବାହିନୀର ମୁଖ୍ୟମାନେ ଉପସ୍ଥିତ ଥିଲେ। ଭାରତର ତିନି ଦିଗରେ ସମୁଦ୍ର ରହିଛି। ତେଣୁ ସାମରିକ ଦୃଷ୍ଟିରୁ ଭାରତୀୟ ନୌସେନାର ସୁଦୃଢ଼ୀକରଣ ଜରୁରୀ। ସେଥିପାଇଁ ଭାରତ ସରକାର ଭାରତୀୟ ନୌସେନାର ସୁଦୃଢ଼ୀକରଣ ଉପରେ ସର୍ବାଧିକ ଗୁରୁତ୍ୱ ଦେଇ ଆସୁିଛନ୍ତି। ଏକଦା ଭାରତୀୟ ନୌସେନାରେ ମାତ୍ର ଗୋଟିଏ ଏୟାରକ୍ରାଫ୍ଟ କ୍ୟାରିୟର ବିକ୍ରାନ୍ତ ଥିଲା। ତାହା ବି ମାଗିକି ଅଣାଯାଇଥିଲା। ଏବେ ଭାରତ ନିକଟରେ ଅନେକ ଶକ୍ତିଶାଳି ଯୁଦ୍ଧ ଜାହାଜ, ଏୟାରେକ୍ରାଫ୍ଟ କ୍ୟାରିୟର, ଅଣୁ ଶକ୍ତି ସମ୍ପନ୍ନ ସବମେରିନ ରହିଛି। ଏହା ଦ୍ୱାରା ଭାରତ ଉଭୟ ପାକିସ୍ତାନ ଏବଂ ଚୀନର ମୁକାବିଲା କରିପାରିବ ବୋଲି କୁହାଯାଉଛି। ପ୍ରତିରକ୍ଷା କ୍ଷେତ୍ରରେ ଭାରତକୁ ଆତ୍ମନିର୍ଭର କରିବାରେ ଏହା ଏକ ମହତ୍ୱପୂର୍ଣ୍ଣର୍ ପଦକ୍ଷେପ। ଆମେରିକା ଓ ଚୀନ ଭଳି ଦେଶର ଆର୍ôଥକ ସମୃଦ୍ଧିର ଏକ ବଡ଼ କାରଣ ହେଲା ଏମାନେ ଅନେକ କ୍ଷେତ୍ରରେ ଆତ୍ମନିର୍ଭରଶୀଳ ଏବଂ ବିଦେଶରୁ ଏସବୁ କ୍ରୟ କରିବାକୁ ପଡ଼େନାହିଁ। କେବଳ ଖାଦ୍ୟ ସାମଗ୍ରୀ ନୁହେଁ, ପ୍ରତିରକ୍ଷା ସାମଗ୍ରୀ ଉତ୍ପାଦନରେ ମଧ୍ୟ ଚୀନ ଓ ଆମେରିକା ଏପରିକି ଋଷିଆ ମଧ୍ୟ ଆତ୍ମନିର୍ଭରଶୀଳ। ଭାରତ ଏସବୁ ସାମଗ୍ରୀ ଆମଦାନୀ ବାବଦରେ ବିପୁଳ ବୈଦେଶିକ ମୁଦ୍ରା ବ୍ୟୟ କରୁଛି। ଏବେ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ କେନ୍ଦ୍ର ସରକାର ଏଥିରୁ ନିସ୍ତାର ପାଇବାକୁ ଚିନ୍ତା କରୁଛନ୍ତି ଏବଂ ତଦନୁଯାୟୀ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ଏହା ବହୁ ବର୍ଷ ତଳୁ ହେବାର ଥିଲା। ପ୍ରତିରକ୍ଷା କ୍ଷେତ୍ରରେ ଆତ୍ମନିର୍ଭରଶୀଳ ଭାରତ ଗଠନ ଲକ୍ଷ୍ୟ ଆଗକୁ ଭାରତୀୟ ଅର୍ଥନୀତିରେ ଗେମ ଚେଞ୍ଜର ହୋଇପାରେ। ଏହା ଉଭୟ ବୈଦେଶିକ ମୁଦ୍ରେ ଉପାର୍ଜନ ସହ ଭାରତର ପ୍ରତିରକ୍ଷା ସାମର୍ଥ୍ୟକୁ ବୃଦ୍ଧି କରିବ। ଇତିମଧ୍ୟରେ ଭାରତୀୟ ବାୟୁସେନା ଆଉ କିଛି ଲଢୁଆ ବିମାନ କିଣିବାକୁ ଯାଉଛି। ପ୍ରତିରକ୍ଷା ସଂକ୍ରାନ୍ତୀୟ କ୍ୟାବିନେଟ କମିଟି ଏହାକୁ ଅନୁମୋଦନ କରିଛି। ଏଥିରେ କେବଳ ହାଲ ନୁହେଁ, ଅନେକ ଭାରତୀୟ ଶିଳ୍ପ ସଂସ୍ଥା ଉପକୃତ ହେବେ। ପ୍ରତିରକ୍ଷା କ୍ଷେତ୍ରରେ ଆତ୍ମନିର୍ଭରଶୀଳତା ଦିଗରେ ଏହା ଆଉ ଏକ ମହତ୍ୱପୂର୍ଣ୍ଣ ପଦକ୍ଷେପ ହେବ। କେନ୍ଦ୍ରରେ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ବିଜେପି କ୍ଷମତାକୁ ଆସିବା ପରେ ଭାରତ ପ୍ରତିରକ୍ଷା କ୍ଷେତ୍ରରେ ଅଧିକ ଶକ୍ତିଶାଳି ହୋଇଛି, ଏହାକୁ ସ୍ୱୀକାର କରିବାକୁ ପଡ଼ିବ। ଆମେରିକା, ରୁଷ ଏବଂ ଫ୍ରାନ୍ସ ଭଳି ଦେଶରୁ ଭାରତ ବହୁ ଶକ୍ତିଶାଳି ପ୍ରତିରକ୍ଷା ସାମଗ୍ରୀ କ୍ରୟ କରିଛି, ଆଉ କିଛି କ୍ରୟ କରିବାକୁ ଚୁକ୍ତି ସ୍ୱାକ୍ଷର କରିଛି। ପ୍ରଧାନମନ୍ତ୍ରୀ ମୋଦିଙ୍କ ସଫଳ ବୈଦେଶିକ ନୀତି ଏବଂ କୂଟନୀତି ବଳରେ ଏହା ସମ୍ଭବ ହୋଇପାରିଛି। ଏବେ ଭାରତ ଆଉ ପାକିସ୍ତାନକୁ ନିଜର ପ୍ରତିଦ୍ୱନ୍ଦ୍ୱି ଭାବେ ବିଚାର କରୁନି। ଏବେ ଚୀନ ହେଉଛି ଭାରତର ଟାର୍ଗେଟ। ଭାରତ ତୁଳନାରେ ଚୀନ ପ୍ରତିରକ୍ଷା କ୍ଷେତ୍ରରେ ବହୁ ଆଗରେ। ତେଣୁ ଚୀନ ସହ ସମ୍ଭାବ୍ୟ ସାମରିକ ମୁକାବିଲାକୁ ଭାରତ ସର୍ବାଧିକ ଗୁରୁତ୍ୱ ଦେଉଛି। ଯାହା ୫୦ ବର୍ଷ ତଳୁ କରିବାର ଥିଲା ତାହା ଏବେ ହେଉଛି। ତେଣୁ ଚୀନ ସହ ସମକକ୍ଷ ହେବାକୁ ଭାରତକୁ ଆହୁରି ୫୦ ବର୍ଷ ଲାଗିଯିବ। ଯାହା ବି ହେଉ ଏବେ ଅନ୍ତତଃ ପକ୍ଷେ ଚୀନର ମୁକାବିଲା ନିମନ୍ତେ ଭାରତୀୟ ସେନାର ମନୋବଳ ବୃଦ୍ଧି ପାଇଛି। କେବଳ ଚୀନ ନୁହେଁ, ଭବିଷ୍ୟତରେ ଯଦି କେବେ ଚୀନ ଏବଂ ପାକିସ୍ତାନ ମିଳିତ ଭାବେ ଭାରତ ସହ ଯୁଦ୍ଧରେ ଅବତୀର୍ଣ୍ଣ ହୁଅନ୍ତି ତେବେ ଏହାର ମୁକାବିଲା ନିମନ୍ତେ ଭାରତୀୟ ସେନା ପ୍ରସ୍ତୁତ ବୋଲି ସେନା ମୁଖ୍ୟ କହିଛନ୍ତି। ମନମୋହନ ସିଂହଙ୍କ ଶାସନ କାଳରେ ଭାରତ ଫ୍ରାନ୍ସରୁ ରାଫେଲ ବିମାନ କିଣିବାକୁ ନିଷ୍ପତ୍ତି ନେଇଥିଲା। କିନ୍ତୁ ବିଭିନ୍ନ କାରଣରୁ ଏହା ଅଟକି ରହିଥିଲା। ନିଷ୍ପତ୍ତି କାର୍ଯ୍ୟକାରୀ ହୋଇପାରୁନଥିଲା। ନରେନ୍ଦ୍ର ମୋଦି କ୍ଷମତାକୁ ଆସିବା ପରେ ଏହାକୁ ତତ୍କାଳ କାର୍ଯ୍ୟକାରୀ କରାଗଲା। ଫ୍ରାନ୍ସରୁ ଭାରତ ୩୬ଟି ରାଫେଲ ବିମାନ କ୍ରୟ କରିଛି। ଏଲଏସିରେ ଏବେ ରାଫେଲ ମୁତୟନ ହୋଇଛି। ଏହା ସହିତ ଆମେରିକାରୁ ମଧ୍ୟ ଭାରତ ଶକ୍ତିଶାଳି ହେଲିକପ୍ଟର, ମିଶାଇଲ ସିଷ୍ଟମ, ଅନ୍ୟାନ୍ୟ ଅସ୍ତ୍ରଶସ୍ତ୍ର କ୍ରୟ କରିଛି। ଏବେ ନିକଟରେ ପ୍ରଧାନମନ୍ତ୍ରୀ ମୋଦି ଆମେରିକା ଗସ୍ତରେ ଯାଇଥିବା ବେଳେ ଉଭୟ ଦେଶ ମଧ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ସାମରିକ ଚୁକ୍ତି ହୋଇଛି। ଏହି ଚୁକ୍ତି ଅନୁଯାୟୀ ଭାରତ ଆମେରିକାରୁ ପ୍ରିଡେଟର ଡ୍ରୋନ କ୍ରୟ କରିବ। ସେହିପରି ଫ୍ରାନ୍ସ ସହ ମଧ୍ୟ ଭାରତ ସାମରିକ ଚୁକ୍ତି କରିଛି। ଏହି ଚୁକ୍ତି ଅନୁଯାୟୀ ଭାରତୀୟ ନୌସେନା ନିମନ୍ତେ ଫ୍ରାନ୍ସରୁ ଆଉ ୨୬ଟି ରାଫେଲ ଏବଂ ୩ଟି ସବମେରିନ କ୍ରୟ କରାଯିବ। ଏହା ଫଳରେ ଭାରତୀୟ ନୌସେନାର ଶକ୍ତି ବହୁଗୁଣ ବୃଦ୍ଧି ପାଇବ। ସାମରିକ କ୍ଷେତ୍ରରେ ଭାରତକୁ ଆତ୍ମନିର୍ଭରଶୀଳ କରିବାକୁ ନରେନ୍ଦ୍ର ମୋଦି ସଙ୍କଳ୍ପ ନେଇଛନ୍ତି। ତଦନୁଯାୟୀ ଭାରତରେ ଅନେକ ଅତ୍ୟାଧୁନୀକ ଅସ୍ତ୍ରଶସ୍ତ୍ର, ଲଢୁଆ ବିମାନ, ସବମେରିନ ଏବଂ ଏୟାରକ୍ରାଫ୍ଟ କ୍ୟାରିୟର ନିର୍ମାଣ କରାଯାଉଛି। ଏହା ଦ୍ୱାରା କେବଳ ଭାରତୀୟ ସେନା ଶକ୍ତିଶାଳି ହେଉନି, ଏହାକୁ ଅନ୍ୟ ଦେଶକୁ ବିକ୍ରି କରି ଭାରତ ବିପୁଳ ବୈଦେଶିକ ମୁଦ୍ରା ଅର୍ଜନ କରିପାରୁଛି। ଡିଆରଡିଏ ଏବଂ ହାଲ ଭଳି ରାଷ୍ଟ୍ରାୟତ ସଂସ୍ଥା ଏହା ଦ୍ୱାରା ଆର୍ôଥକ ଦୃଷ୍ଟିରୁ ସମ୍ପନ୍ନ ହେଉଛି। କିଛି ମାସ ତଳେ ସମ୍ପୂର୍ଣ୍ଣ ସ୍ୱଦେଶୀ ଜ୍ଞାନ କୌଶଳରେ ନିର୍ମିତ ଆଇଏନଏସ ବିକ୍ରାନ୍ତ ଜଳାବତରଣ କରିଛି। ଫ୍ରାନ୍ସରୁ ଯେଉଁ ସବମେରିନ କ୍ରୟ କରାଯିବ ତାହା ବାସ୍ତବରେ ମାଜାଗାଓଁରେ ନିର୍ମିତ ହେବ। ଭାରତୀୟ ବାୟୁ ସେନା ନିମନ୍ତେ ସ୍ୱଦେଶୀ ଜ୍ଞାନ କୌଶଳରେ ନିର୍ମିତ ଲଢୁଆ ବିମାନ ତେଜସ ଆଜି ପ୍ରତିରକ୍ଷା କ୍ଷେତ୍ରରେ ଭାରତର ଆତ୍ମନିର୍ଭରଶୀଳତାକୁ ପ୍ରମାଣିତ କରୁଛି। ନିକଟରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହଙ୍କ ଅଧ୍ୟକ୍ଷତାରେ ପ୍ରତିରକ୍ଷା ସାମଗ୍ରୀ କ୍ରୟ ଲାଗି ଗଠିତ ଉଚ୍ଚ କ୍ଷମତା ସମ୍ପନ୍ନ କମିଟି ୧ ଲକ୍ଷ କୋଟି ଟଙ୍କାରୁ ଅଧିକ ମୂଲ୍ୟର ପ୍ରତିରକ୍ଷା ସାମଗ୍ରୀ କ୍ରୟ ପ୍ରସ୍ତାବକୁ ଅନୁମୋଦନ କରିଛି। ଏହାର ସିଂହଭାଗ ଭାରତରେ ନିର୍ମିତ ହେବ। ଦେଶର ସେନା ବାହିନୀକୁ ସଶକ୍ତ କରିବାକୁ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧିନ ସରକାର ଯେପରି ତ୍ୱରାନ୍ୱିତ ନିଷ୍ପତ୍ତି ନେଉଛନ୍ତି ତାହା ବାସ୍ତବରେ ପ୍ରଶଂସନୀୟ ଏବଂ ଉଦାହରଣଯୋଗ୍ୟ। ଯଦି ଅତୀତରେ କେନ୍ଦ୍ର ସରକାର ଏଭଳି ତ୍ୱରିତ ନିଷ୍ପତ୍ତି ନେଇଥାନ୍ତେ ଏବଂ ଭାରତୀୟ ସେନାକୁ ଚୀନର ସମକକ୍ଷ କରିବାକୁ ଉଦ୍ୟମ କରିଥାନ୍ତେ ତେବେ ଆଜି ଭାରତୀୟ ସୀମା ଉପରେ ଚୀନ ଲୋଲୁପ ଦୃଷ୍ଟି ପକାଇବାକୁ ସାହସ କରିନଥାନ୍ତା। ଭାରତ ସରକାର ମାତ୍ରାଧିକ ଟିକସ ଆଦାୟ କରୁଛନ୍ତି ବୋଲି କେତେକ ଅଭିଯୋଗ କରୁଛନ୍ତି। କିନ୍ତୁ ଯଦି ଟିକସ ଆଦାୟ ନହେବ ତେବେ ଭାରତୀୟ ସେନା କିପରି ଶକ୍ତିଶାଳି ହେବ? ଅତ୍ୟାଧୁନୀକ ଅସ୍ତ୍ରଶସ୍ତ୍ର, ଟ୍ୟାଙ୍କ, ସବମେରିନ, ଯୁଦ୍ଧ ବିମାନ ଏବଂ କ୍ଷେପଣାସ୍ତ୍ର କେଉଁଠୁ ଆସିବ? ଭାରତ ନିଜସ୍ୱ ଜ୍ଞାନ କୌଶଳରେ ଆଜି ଦୂରଗାମୀ କ୍ଷେପଣାସ୍ତ୍ର ନିର୍ମାଣରେ ସଫଳ ହୋଇଛି। ଆଜି ଭାରତୀୟ ସେନାର କ୍ଷେପଣାସ୍ତ୍ର ଲକ୍ଷ୍ୟ ଭେଦ କ୍ଷମତା ଚୀନର ରାଜଧାନୀ ବେଜିଂ ପର୍ଯ୍ୟନ୍ତ ସମ୍ପ୍ରସାରିତ ହୋଇଛି। ଆମେରିକାରୁ ଅତ୍ୟାଧୁନୀକ ଡ୍ରୋନ ଆସିବା ଦ୍ୱାରା ଏଲଏସିରେ ଚୀନ ସେନାର ଗତିବିଧି ଉପରେ ଏହା ନଜର ରଖିପାରିବ। ତେବେ ସ୍ୱଦେଶୀ ଜ୍ଞାନ କୌଶଳରେ ନିର୍ମିତ ଲଢୁଆ ବିମାନ ତେଜସ ଏବଂ ହେଲିକ୍ପ୍ଟରରେ ତ୍ରୁଟି ରହିଛି। ଫଳରେ ଏସବୁ ବିମାନ ଏବଂ ହେଲିକପ୍ଟର ବାରମ୍ବାର ଦୁର୍ଘଟଣାଗ୍ରସ୍ତ ହେଉଛି। ଏହାକୁ ଭଲଭାବେ ଯାଞ୍ଚ କରି ତ୍ରୁଟି ସଂଶୋଧନ କରାଯିବା ଉଚିତ। ସ୍ଥଳସେନା ପାଇଁ ଅତ୍ୟାଧୁନୀକ ଟ୍ୟାଙ୍କ ଏବଂ ଅନ୍ୟ ସାମରିକ ସରଞ୍ଜାମର ଆବଶ୍ୟକତା ରହିଛି। ଏହାର ଉତ୍ପାଦନ ବୃଦ୍ଧି ଏବଂ ଗୁଣାତ୍ମକ ମାନ ଉପରେ ଦୃଷ୍ଟି ଦିଆଯିବା ଉଚିତ। ସାମରିକ ଦୃଷ୍ଟିରୁ ଚୀନଠାରୁ ଭାରତ ଏବେ ବି ବହୁ ପଛରେ ପଡ଼ିଛି। ଚୀନ ସହ ସମକକ୍ଷ ହେବାକୁ ହେଲେ ଆମକୁ ପ୍ରତିରକ୍ଷା ବାବଦ ବ୍ୟୟ ବରାଦ ବୃଦ୍ଧି କରିବାକୁ ପଡ଼ିବ। ଆସନ୍ତା କେନ୍ଦ୍ରୀୟ ବଜେଟରେ ଏଥିଲାଗି ଅଧିକ ଅର୍ଥ ବରାଦ ହେବ ବୋଲି ଆଶା। ତେବେ ଅଗ୍ନିପଥ ଯୋଜନା ନୁହେଁ, ସେନାରେ ଅତ୍ୟାଧୁନୀକ ତାଲିମ ପ୍ରାପ୍ତ ଶିକ୍ଷିତ ଯୁବକଙ୍କୁ ସ୍ଥାୟୀ ନିଯୁକ୍ତିର ଆବଶ୍ୟକତା ରହିଛି। ଏଲଏସିରେ ପ୍ରତିକୂଳ ପରିସ୍ଥିତିରେ କିପରି ଲଢ଼େଇ କରିବାକୁ ହେବ ସେଥିଲାଗି ତାଲିମର ଆବଶ୍ୟକତା ରହିଛି। ନିକଟରେ ପ୍ରଧାନମନ୍ତ୍ରୀ ମୋଦି କାଶ୍ମୀରରେ ଏକ ନୂତନ ଟନେଲ ଉଦଘାଟନ କରିଛନ୍ତି। ଏହା ଫଳରେ କାଶ୍ମୀରରୁ ଲଦାଖକୁ ଯୋଗାଯୋଗ ସହଜ ଏବଂ ସୁବିଧାଜନକ ହୋଇପାରିବ। ଏହା ଭାରତୀୟ ସେନା ପାଇଁ ଏକ ଗେମ ଚେଞ୍ଜର ଭାବେ କାର୍ଯ୍ୟ କରିବ ବୋଲି ଆଶା।

# ନୂଆ ପରିଚୟ ଦେଇଛି ଆହାର କେନ୍ଦ୍ର



**ପ୍ରଭାକର ସାହୁ**

ସମାଜର ମୁଖ୍ୟଧାରାରେ ସାମିଲ ହୋଇଛି ବସୁଧା (ଏମ୍.ଏସ୍.ଜି)। ପାରାଦୀପରେ ଏକ ସାମାଜିକ ବିପ୍ଳବ ସୃଷ୍ଟି କରିଛନ୍ତି ଏହି ଗ୍ରୁପର ମହିଳାମାନେ। ଏକ ଅନିଶ୍ଚିତତାରୁ କାମ ଆରମ୍ଭ କରିଥିବା ଏହି ଗୋଷ୍ଠି ଏବେ ଗର୍ବର ସହିତ ସେବା କରୁଛନ୍ତି। ଏକଦା ଦିନ ମଜୁରିଆ ଭାବେ ଜୀବନ ଜୀବିକା ପାଇଁ ସଂଘର୍ଷ କରୁଥିଲେ ପାରାଦୀପର ବସୁଧା ମିଶନ ଶକ୍ତି ଗ୍ରୁପ (ଏମ୍. ଏସ୍. ଜି.) ର ସଦସ୍ୟାମାନେ। ହେଲେ ଏବେ ଓଡ଼ିଶା ସରକାରଙ୍କ ଫ୍ଲାଗସିପ୍ ଆହାର ଯୋଜନାର ଗର୍ବିତ ଅଂଶୀଦାର। ପ୍ରତିଦିନ ୧୨୫୦ ଗରମ, ପୁଷ୍ଟିକର ଖାଦ୍ୟ ରୋଷେଇ କରି ଗରିବ, ଦିନମଜୁରିଆ ଓ ନିଷ୍କେସିତଙ୍କ ମୁହଁରେ ଆହାର ଦେଉଛନ୍ତି। ସେମାନଙ୍କର ଏହି ଜୟଯାତ୍ରା ମହିଳା ସଶକ୍ତିକରଣର ଏକ ନୂତନ ଅଧ୍ୟାୟ ଲେଖୁଛି, ଯାହା ଓଡ଼ିଶାର ବୃହତ୍ତର ସହରୀ କାହାଣୀକୁ ପ୍ରତିଫଳିତ କରୁଛି।

୨୦୧୬ ପୂର୍ବରୁ ପାରାଦୀପ ପୌରପାଳିକା ଅର୍ନ୍ତଗତ ଲକପାଡ଼ା ବସ୍ତିରେ କଷ୍ଟ ଏବଂ ଅନିଶ୍ଚିତତା ମଧ୍ୟରେ କାଳାତିପାତ କରୁଥିବା ମହିଳା ମାନଙ୍କୁ ଚିହ୍ନିତ କରାଯାଇଥିଲା। ବର୍ତ୍ତମାନ ବସୁଧା ଏମ୍. ଏସ୍. ଜି. ଗଠନ କରିଥିବା ମହିଳାମାନେ ଅନିଶ୍ଚିତତା ଭାବେ ଜୀବନ କାଟୁଥିଲେ। ଦିନକୁ ୫୦୦ ଟଙ୍କାରୁ କମ୍ ରୋଜଗାର କରୁଥିଲେ। ତାହା ପୁଣି ନିୟମିତ ନଥିଲା। ଜୀବିକା ଦୁର୍ବଳ ଥିଲା, ଏବଂ ଭବିଷ୍ୟତ ଅନିଶ୍ଚିତ ଥିଲା।ଏହା ବଦଳିବାକୁ ଲାଗିଲା ଯେତେବେଳେ ଗୋଷ୍ଠି ଆୟୋଜକ ଏବଂ ସିଟି ମିଶନ ମ୍ୟାନେଜରଙ୍କ ସମେତ ପାରାଦୀପ ପୌରପାଳିକାର ଅଧିକାରୀମାନେ ହସ୍ତକ୍ଷେପ କରିଥିଲେ। ସେମାନେ ମହିଳାମାନଙ୍କୁ ଏକତ୍ରିତ କରିଥିଲେ ଏବଂ ମିଶନ ଶକ୍ତି ଅଧୀନରେ ଏକ ସ୍ୱୟଂ ସହାୟକ ଗୋଷ୍ଠୀ ଗଠନ କରିବାକୁ ଉତ୍ସାହିତ କରିଥିଲେ, ଯାହା ପଞ୍ଚସୂତ୍ରର ନୀତି ଉପରେ ଆଧାରିତ ଥିଲା - ନିୟମିତ ବୈଠକ, ସଞ୍ଚୟ, ଆଭ୍ୟନ୍ତରୀଣ ଋଣ, ହିସାବରକ୍ଷଣ ଏବଂ ପାରସ୍ପରିକ ସମର୍ଥନ। ସେମାନେ ଆହାର କେନ୍ଦ୍ରରେ ଏକ ସୁଯୋଗ ଦେଖିଥିଲେ, ଯାହା ସହରାଞ୍ଚଳର ଗରିବ ଲୋକଙ୍କୁ ରିହାତି ଦରରେ ଖାଦ୍ୟ ଯୋଗାଇଥାଏ। ଦୃଢ଼ ସଂକଳ୍ପ ସହିତ, ସେମାନେ କେନ୍ଦ୍ରର ପରିଚାଳନା ଭାର ନେବାକୁ ପୌରପାଳିକା ନିକଟକୁ ଯାଇଥିଲେ।ସେମାନଙ୍କର ସାମର୍ଥ୍ୟର ପୁଙ୍ଖାନୁପୁଙ୍ଖ ମୂଲ୍ୟାଙ୍କନ ପରେ, ବସୁଧା ଏମ୍. ଏସ୍. ଜି. କୁ ଆହାର କେନ୍ଦ୍ରର ପରିଚାଳନା ପାଇଁ ଚୟନ କରାଯାଇଥିଲା। ୨୦୧୬ ମସିହା ଏପ୍ରିଲ ୧୧ ତାରିଖରେ ସେମାନେ ଆନୁଷ୍ଠାନିକ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ, ଯାହାକୁ ପୌରସଂସ୍ଥାର ଗଠନମୂଳକ ତାଲିମ ଏବଂ ଘନିଷ୍ଠ ସହଯୋଗର ସହାୟତା ମିଳିଥିଲା।

ସେମାନଙ୍କର କାର୍ଯ୍ୟ ଦକ୍ଷତା ଶୀଘ୍ର ସେମାନଙ୍କୁ ଏକ



ବଡ଼ ଭୂମିକା ନିଭାଇବାରେ ସାହାଯ୍ୟ କରିଥିଲା-ସେମାନଙ୍କୁ ଆହାର କେନ୍ଦ୍ରର ରୋଷେଇ ପାଇଁ କାର୍ଯ୍ୟକାରୀ ଅଂଶୀଦାର ଭାବରେ ଦାୟିତ୍ୱ ଦିଆଯାଇଥିଲା, ଯାହା ସେମାନଙ୍କର ବର୍ଦ୍ଧିତ କ୍ଷମତା ଏବଂ ପ୍ରତିବଦ୍ଧତାର ଏକ ପ୍ରମାଣ ବୃଦ୍ଧି, ସମ୍ମାନ ଅର୍ଜନ, ଜନସାଧାରଣଙ୍କ ବିଭିନ୍ନ ସଦସ୍ୟଙ୍କ ସହ ସେମାନଙ୍କର ଦୈନନ୍ଦିନ କଥାବାର୍ତ୍ତା ମାଧ୍ୟମରେ ମହିଳାମାନେ କେବଳ ରୋଷେଇ ଏବଂ ସ୍ୱଚ୍ଛତା ପରିଚାଳନାରେ ନୂତନ ଦକ୍ଷତା ହାସଲ କରିନଥିଲେ, ବରଂ ସାମାଜିକ ସ୍ୱୀକୃତି ଏବଂ ଆତ୍ମବିଶ୍ୱାସ ମଧ୍ୟ ହାସଲ କରିଥିଲେ। ଅଣକୁଶଳୀ ଶ୍ରମିକ ଭାବରେ ଦେଖାଯାଉଥିବା ସେହି ମହିଳାମାନେ ବର୍ତ୍ତମାନ ସେମାନଙ୍କ ଗୋଷ୍ଠିରେ ସେବା ପ୍ରଦାନକାରୀ ଏବଂ ନେତୃତ୍ୱକୁ ପ୍ରତିପାଦନ କରିପାରିଛନ୍ତି।

ଆର୍ଥିକ ସଶକ୍ତିକରଣ ଏହାର ବଡ ପ୍ରଭାବ ରହିଛି। ଏହି ଗୋଷ୍ଠିର ବାର୍ଷିକ ଆୟ ଏବେ ପାଖାପାଖି ୪ ଲକ୍ଷ ଟଙ୍କା, ଯାହା ସେମାନଙ୍କର ପୂର୍ବ ଆୟ ତୁଳନାରେ ବଡ ଉପଲବ୍ଧି। ଏହି ନୂତନ ଆର୍ଥିକ ସ୍ଥିରତା ସହିତ, ସଦସ୍ୟମାନେ ସେମାନଙ୍କର ପାରିବାରିକ ସମ୍ପତ୍ତି ବୃଦ୍ଧି କରିବାରେ, ସେମାନଙ୍କ ପିଲାମାନଙ୍କ ଶିକ୍ଷାରେ ବିନିଯୋଗ କରିବାରେ ଏବଂ ସେମାନଙ୍କର ସାମଗ୍ରିକ ଜୀବନର ଗୁଣବତ୍ତାରେ ଉନ୍ନତି ଆଣିବାରେ ସକ୍ଷମ ହୋଇଛନ୍ତି।

ବସୁଧା ଏମ୍. ଏସ୍. ଜି. ର ଜଣେ ସଦସ୍ୟ କହନ୍ତି, "ଆମେ ଏତେ ବଡ଼ ଧରଣର କିଛି

**ମିଶନ ଶକ୍ତି ଗ୍ରୁପ 'ବସୁଧା'**

ଚଳାଇ ପାରିବା ବୋଲି କେବେ ଭାବି ନଥିଲୁ।" "ଆଜି, ଆମେ କେବଳ ଶହ ଶହ ଲୋକଙ୍କୁ ଖାଇବାକୁ ଦେଉ ନାହୁଁ, ବରଂ ଆମେ ଗର୍ବ ଏବଂ ମର୍ଯ୍ୟାଦାର ସହିତ ଆମ ପରିବାରକୁ ମଧ୍ୟ ଭଲରେ ଖାଇବାକୁ ଦେଉଛୁ। "ଅନ୍ୟମାନଙ୍କ ପାଇଁ ଏହା ଏକ ଆଦର୍ଶ। ବସୁଧା ଏମ୍. ଏସ୍. ଜି. ଙ୍କ ଯାତ୍ରା ହେଉଛି ଏକ ଉଜ୍ଜ୍ୱଳ ଉଦାହରଣ ଯେ ଯେତେବେଳେ ସାହସର ସହିତ ମହିଳା ଗୋଷ୍ଠି କୌଣସି କାର୍ଯ୍ୟ ହାତକୁ ନେଇଥାଏ ତାହା ଅସମ୍ଭବକୁ ସମ୍ଭବ କରିଥାଏ। ଏହା ଓଡ଼ିଶାର ସମାବେଶୀ ସହରାଞ୍ଚଳ ବିକାଶ ମଡେଲର ସଫଳତା ଉପରେ ଆଲୋକପାତ କରେ-ଯେଉଁଠାରେ ସଶକ୍ତିକରଣ କେବଳ ଏକ ନୀତିଗତ ଲକ୍ଷ୍ୟ ନୁହେଁ, ବରଂ ଏକ ଜୀବନ୍ତ ବାସ୍ତବତା। ବସୁଧା ଏମ୍. ଏସ୍. ଜି. ର ମହିଳାମାନେ ପ୍ରମାଣ କରଛନ୍ତି ଯେ ସଠିକ୍ ସୁଯୋଗ ଏବଂ ସମର୍ଥନ ସହିତ, ପରିବର୍ତ୍ତନ କେବଳ ସମ୍ଭବ ନୁହେଁ-ଏହା ସ୍ଥାୟୀ ଅଟେ।


**ମୋବାଇଲ: ୯୪୩୯୬୫୪୨୨୨**


# ଏ ଜାତିକୁ ଆଉ ଜଣେ ମଧୁବାରିଷ୍ଟର ଦରକାର



**ବାଦଲ ଭୂୟାଁ**

ମହାନ ଉତ୍କଳୀୟ ସଂସ୍କୃତି, ବିଭବ, ଅଭିବୃଦ୍ଧିକୁ ନେଇ ତାର ମହନୀୟତା ଯୁଗେ ଯୁଗେ ଗରୀୟାନ। ଆଜି ଉତ୍କଳଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ। ବର୍ତ୍ତମାନର ପିଢ଼ୀ ହୁଏତ ମଧୁବାବୁଙ୍କୁ ଗୁଗୁଲରେ, ମୋବାଇଲରେ ଜାଣିବାର ସୁଯୋଗ ପାଇବେ। ବାସ୍ତବ କଥା ହେଉଛି ଆଜିକାର ମୂଲ୍ୟବୋଧହୀନ ଓ ସ୍ୱାର୍ଥଲିପ୍ସୁ ଜୀବନ ଭିତରେ ନିଜ ରାଜ୍ୟ, ସଂସ୍କୃତି ଓ ଭାଇଚାରାକୁ ବନ୍ଧନୀରେ ରଖିବା ପାଇଁ ଉତ୍କଳ ଗୌରବ ମଧୁସୂଦନ ଯେଉଁ ନିଃସ୍ୱାର୍ଥପର ତ୍ୟାଗ କରିଯାଇଛନ୍ତି ତାହା ଇତିହାସର ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିବ। ପ୍ରତିବର୍ଷ ପରି ଆଜିର ଦିନରେ ସରକାରୀ ଓ ବେସରକାରୀ ଅନେକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ, ବକ୍ତାମାନେ ଗଳା ଫଟାଇ ମଧୁବାବୁଙ୍କ ଉପରେ ବହୁତ ଭାଷଣ ଦେବେ। ମଧୁବାବୁ କିପରି ବହୁକ୍ଷେତ୍ରରେ ପ୍ରଥମ ଥିଲେ, ତାଙ୍କ ଉଦ୍ୟମରେ କିପରି ଏ ରାଜ୍ୟର ଗଠନ ସମ୍ଭବ ହୋଇଥିଲା ସେନେଇ ଇତିହାସର ପୃଷ୍ଠାକୁ ବକ୍ତାମାନେ ସ୍ମରଣୀୟ କରି ଗଢ଼ି ତୋଳିବେ। କିନ୍ତୁ ଦିନକ ପରେ ସମସ୍ତେ ପୁଣି ଭୁଲିଯିବେ ମଧୁବାବୁଙ୍କୁ। କେଉଁ ପରିସ୍ଥିତିରେ କିଭଳି ଅଦମ୍ୟ ସଂକଳ୍ପ ନେଇ ମଧୁବାବୁ ଏ ଜାତି ପାଇଁ ସଂଗ୍ରାମ କରିଥିଲେ ଏବଂ ଅଧ୍ୟବସାୟ ଫଳରେ ଓଡ଼ିଆମାନଙ୍କର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବାରେ ସଫଳ ହୋଇଥିଲେ, ତାହାର ମୂଲ୍ୟ ଯିଏ ନବୁଝିଛି ଏବଂ ସେହି ଅନୁସାରେ ନିଜର ଅବଦାନ ଦେବା ପାଇଁ ଆଗ୍ରହୀ ନ ହୋଇଛି ତାହେଲେ ଏସବୁ ଲୋକଦେଖାଣିଆ ସ୍ମୃତିଚାରଣର କିଛି ଅର୍ଥ ନାହିଁ। ସମ୍ପୂର୍ଣ୍ଣ ପ୍ରତିକୂଳ ପରିସ୍ଥିତିରେ ମଧୁବାବୁ ଏକ ସ୍ୱତନ୍ତ୍ର ଓଡ଼ିଆ ଜାତି ପାଇଁ ସଂଘର୍ଷ କରି ବହୁ ପ୍ରଥମ ପରିଚୟର ସ୍ରଷ୍ଟା ହୋଇଥିଲେ। ନିଜେ ଦେବାଳିଆ ମଧ୍ୟ ହୋଇଥିଲେ। କିନ୍ତୁ ତାଙ୍କୁ ବିରୋଧ କରି ବହୁ ବ୍ୟକ୍ତି ସେତେବେଳେ ବି ମୁଣ୍ଡ ଟେକିଥିଲେ। ତାଙ୍କ ସ୍ୱାଭିମାନର ପରିଭାଷାକୁ ବହୁ ବ୍ୟକ୍ତି ହୃଦୟଙ୍ଗମ କରିନପାରି ତାଙ୍କୁ ଅହଙ୍କାରୀ କହୁଥିଲେ, ପାଗଳ କହୁଥିଲେ। କିନ୍ତୁ ଏହି ପାଗଳାମୀ ଏହି ଅହଙ୍କାର କେବଳ ଓଡ଼ିଆ ଜାତିର ଉନ୍ନତିକଳ୍ପେ ଉଦ୍ଦିଷ୍ଟ ଥିଲା ଏକଥା ଲୋକେ ବହୁ ପଛରେ ବୁଝିଲେ। ସେ ନିଜ ଜୀବଦ୍ଦଶାରେ ଯାହା କରିଯାଇଛନ୍ତି ତାହା ଆଜି କଳ୍ପନା କଲେ ଆଚମ୍ବିତ ହେବାକୁ ପଡ଼େ। ଦଧିଚି ସଦୃଶ ସେ ଓଡ଼ିଆ ଜାତି ପାଇଁ ତିଳ ତିଳ କରି ନିଜକୁ ଦଗ୍ଧ କରିଥିଲେ। କିନ୍ତୁ ବାସ୍ତବରେ ଆମେ ସେହି ଅବଦାନର ମୂଲ୍ୟ ବୁଝିପାରିଛୁ କି? ଆମେ କେବଳ ନିଜର ବ୍ୟକ୍ତିଗତ ସ୍ୱାର୍ଥ, ଉଚ୍ଚାକାଂକ୍ଷା, ଈର୍ଷା, ଦ୍ୱେଷ ଆଦିରେ ଘାଣ୍ଟି ହୋଇ ସାମୂହିକ ଉନ୍ନତିର କଥା ଭୁଲିଯାଉଛୁ। ହେଲେ ସେଥିପାଇଁ ଆମର ଲଜ୍ଜା କିମ୍ବା ଅନୁଶୋଚନା ନାହିଁ। ଆଜି ରାଜ୍ୟ ପାଇଁ କଣ କଲେ ଆମର ବିକାଶ ହୋଇପାରିବ, ରାଜ୍ୟର ସ୍ୱାଭିମାନ ରକ୍ଷା ହୋଇପାରିବ, ସମସ୍ତେ ଓଡ଼ିଶାକୁ ଏକ ସମ୍ମାନଜନକ ଦୃଷ୍ଟିରେ ଦେଖିବେ, ସେକଥା ସମ୍ଭବ କରିବା ଦିଗରେ କାହାରି ଉଦ୍ୟମ ନାହିଁ। ଯଦିବା କିଛିଲୋକ ଏ ଦିଗରେ ପ୍ରୟାସ କରୁଛନ୍ତି ସେମାନଙ୍କୁ ନା ଉପଯୁକ୍ତ ସମର୍ଥନ ମିଳୁଛି ନା ସୁବିଧା।



ଦୁଃଖର କଥା ହେଉଛି ଆଜିର ଓଡ଼ିଶା ଅତୀତର ଓଡ଼ିଶା ନୁହେଁ, ସମୟ କ୍ରମେ ଏଠାରେ ଅନେକ ପରିବର୍ତ୍ତନ ସଂଘଟିତ ହୋଇସାରିଛି। ବହୁ ସୁବିଧା ସୁଯୋଗ ମଧ୍ୟ ଉପଲବ୍ଧ। ତା ସତ୍ତ୍ୱେ ଆମେ ଆମର ଓଡ଼ିଆତ୍ୱ, ଆମ ଭାଷା, ସଂସ୍କୃତି, ବିକାଶ ପାଇଁ ମାର୍ଗ ସବୁକିଛି ଭୁଲିଯିବା ପରି ମନେହେଉଛି। ଆମେ ଅନୁକରଣପ୍ରିୟ ହୋଇ କେତେବେଳେ ଅନ୍ୟ ରାଜ୍ୟ ଅଥବା ବିଦେଶୀ ଢ଼ାଞ୍ଚାର ମାୟାରେ ପଡ଼ିଯାଉଛୁ ଆଉ ନିଜ ପରିଚୟ ଭୁଲିଯାଉଛୁ। ଯଦି ଜଣେ ବାସ୍ତବରେ ମଧୁବାବୁଙ୍କ ଜୀବନ ଏବଂ ତାଙ୍କ କାର୍ଯ୍ୟକଳାପକୁ ଅନୁଧ୍ୟାନ କରେ ତେବେ ସେ ସବୁ ଆଧୁନିକତା ଭିତରେ କିପରି ମୌଳିକତ୍ୱ ରକ୍ଷା କରାଯାଇପାରେ ଏବଂ ନିଜ ମାଟିର ବିକାଶକୁ ପ୍ରାଧାନ୍ୟ ଦିଆଯାଇପାରେ ସେ ସମ୍ପର୍କରେ ପ୍ରକୃତ ମାର୍ଗଦର୍ଶନ ପାଇପାରିବ। ମଧୁବାବୁ ଏଇ ମାଟିରୁ ଉଠି ବଢ଼ିଥିଲେ, ଇଂରାଜୀ ଶିକ୍ଷା ପାଇଥିଲେ, କଲିକତା ଭଳି ବଙ୍ଗଳା ମୁଲକରେ ପାଠ ପଢ଼ିଥିଲେ, ଖ୍ରୀଷ୍ଟିୟାନ ଧର୍ମ ଗ୍ରହଣ କରିଥିଲେ, ବିଦେଶ ଯାଇଥିଲେ, ବିଦେଶୀ ଉଚ୍ଚଶିକ୍ଷା ପାଇଥିଲେ ଏବଂ ବିଦେଶୀ ଆଦବକାଇଦା ଚଳଣୀ ସବୁକିଛି ଶିଖି ସେଇ ଅନୁସାରେ ଚଳୁଥିଲେ ମଧ୍ୟ। କିନ୍ତୁ ସମାନ୍ତରାଳ ଭାବେ ସେ ଓଡ଼ିଆ ପଗଡ଼ି ବାନ୍ଧୁଥିଲେ, ସ୍ୱତନ୍ତ୍ର ଓଡ଼ିଶା ରାଜ୍ୟ ପାଇଁ ଦାବି କରୁଥିଲେ, ଓଡ଼ିଆଙ୍କ ପାଇଁ ଶକ୍ତିଶାଳୀ ବଙ୍ଗାଳୀ, ତେଲୁଗୁ ଗୋଷ୍ଠୀ ଏବଂ ଇଂରେଜ ସରକାରଙ୍କ ସହ ମୁକାବିଲା କରୁଥିଲେ। ଓଡ଼ିଆତ୍ୱ ପ୍ରତିପାଦନ କରୁଥିବା ଏଠାକାର ଜିନିଷକୁ ନେଇ ବ୍ୟବସାୟ ଆରମ୍ଭ କରିଥିଲେ। କ୍ଷତି ହେଲେ ବି ମାନ ସଂକ୍ରାନ୍ତରେ ବୁଝାମଣା କରୁନଥିଲେ, କାଳେ ଓଡ଼ିଆଙ୍କର ବଦନାମ ହେବ। ଆଜିକାଲି ଏସବୁ ପ୍ରତି କେହି ଧ୍ୟାନ ଦେଉଛନ୍ତି କି? ଆମ ରାଜ୍ୟରେ ବିଦେଶମୁହାଁ ବିଦେଶୀ ଖିଆ ଲୋକ ଏବେ ମାଲମାଲ। ଓଡ଼ିଶା ଏବଂ ଓଡ଼ିଆ ଏବେ ସେମାନଙ୍କ ପାଇଁ ଏକ ଘୃଣ୍ୟ ଶବ୍ଦ। ଓଡ଼ିଆ ଭାଷାକୁ ଚୁଲିକୁ ଗଲାଣି, ସ୍ୱୟଂ ରାଜ୍ୟର ମୁଖିଆ ଧାଡ଼ିଏ ଓଡ଼ିଆ କହିବା କଷ୍ଟକର। ସେପଟେ ସୀମାନ୍ତ ଅଞ୍ଚଳକୁ ଅନ୍ୟରାଜ୍ୟ ଖାଇଗଲେଣି, ତା ପ୍ରତି କାହାରି ନିଘା ନାହିଁ। ଯାହା ବି ପ୍ରତିବାଦ କରାଯାଉଛି ଯେ ତାହା ଏତେ କ୍ଷୀଣ ଏବଂ ବିଳମ୍ବିତ ଯେ ସେଥିରୁ ଫାଇଦା କିଛି ମିଳୁନି। ଓଡ଼ିଶାକୁ ଏବେ ଲୁଟେରାଙ୍କ ଭୂସ୍ୱର୍ଗରେ ପରିଣତ କରାଯାଇଛି, ଏଠାକାର ଉଦ୍ୟୋଗୀଙ୍କ ପାଇଁ ପ୍ରୋତ୍ସାହନ ଶୂନ। ସମସ୍ତେ ସ୍ୱାର୍ଥପର ଯାତ୍ରୀ, ସ୍ୱାର୍ଥମେଧ ଯଜ୍ଞରେ ଆହୂତି ଦେବା କାହାଦ୍ୱାରା ସମ୍ଭବ ନୁହେଁ। ଏଭଳି କ୍ଷେତ୍ରରେ ଆମେ ମଧୁବାବୁଙ୍କ ସ୍ମୃତିଚାରଣ କରିବା ପାଇଁ କେତେଦୂର ଯୋଗ୍ୟ ସେ ସମ୍ପର୍କରେ ବିଚାର କରିବା ଉଚିତ। ଓଡ଼ିଶା ଠାରୁ ସୁଦୂର କିଛି ବାଟ ପରେ ଝାଡ଼ଖଣ୍ଡର ଟାଟା ନଗରରେ ଓଡ଼ିଆପ୍ରେମୀମାନେ ଏହି ଦିବସରେ ଅନେକ କାର୍ଯ୍ୟକ୍ରମ ହାତକୁ ନେଇଥାନ୍ତି। ମଧବାବୁ ବିକଳ ହୋଇ ମାଆକୁ ଖୋଜିଥିଲେ, ଭାଇକୁ ଖୋଜିଥିଲେ, କାହାଠୁ ଉତ୍ତର ପାଇନଥିଲେ। ଆଜି ମଧ୍ୟ ଆମେ ତାଙ୍କୁ ଉତ୍ତର ଦେବା ସ୍ଥିତିରେ ନାହୁଁ। ଓଡ଼ିଆ ଜାତୀୟ ଚେତନା, ଭାଷା ଆନ୍ଦୋଳନ ଓ ସ୍ୱାଭିମାନର ମୂର୍ତ୍ତିମନ୍ତ ପ୍ରତୀକ ଥିଲେ ମଧୁବାବୁ। ଓଡ଼ିଆ ଅସ୍ମିତା ଓ ତାଙ୍କରି ସ୍ୱାଭିମାନର ଚିନ୍ତା ଚେତନା ବିନା ଏ ରାଜ୍ୟର କୌଣସି ପ୍ରଗତି ସମ୍ଭବ ବି ନୁହେଁ।


**ପ୍ରତିଷ୍ଠାତା ସମ୍ପାଦକ 'ସିଂହଭୂମ', ୪ଜି ପ୍ରତାପ ଆପାର୍ଟମେଣ୍ଟ, ୭ ଏକ୍ସଟେନସନ ରୋଡ଼, ପୁରୁଣା ସୋନାରୀ, ଜାମସେଦପୁର**


# ଚର୍ଚ୍ଚାରେ ନ୍ୟାୟାଳୟ ଏବଂ ଉପରାଷ୍ଟ୍ରପତିଙ୍କ ଚିନ୍ତା



**ଗୋପାଳ ମହାପାତ୍ର**

ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼ ସୁପ୍ରିମ୍ କୋର୍ଟଙ୍କ ଉପରେ ଦେଇଥିବା ମନ୍ତବ୍ୟକୁ ନେଇ ଏକ ନୂଆ ବିବାଦ ସୃଷ୍ଟି ହୋଇଛି। ଉପରାଷ୍ଟ୍ରପତି ଧନଖଡ଼ କହିଛନ୍ତି ଯେ, "ଦେଶ ଏମିତି ଗଣତନ୍ତ୍ରର କଳ୍ପନା କରି ନଥିଲା ଯେଉଁଠି ବିଚାରପତି ଆଇନ୍ ପ୍ରଣୟନ କରିବେ, କାର୍ଯ୍ୟ ପାଳିକାର କାମ ବି କରିବେ ଏବଂ ସୁପର ସାଂସଦ ଭଳି କାମ କରିବେ। ଅନୁଛେଦ ୧୪୨ ନ୍ୟାୟପାଳିକା ପାଇଁ ନ୍ୟୁକ୍ଲିୟର ମିଶାଇଲ ପାଲଟି ଯାଇଛି। ଗଣତାନ୍ତ୍ରିକ ପ୍ରକ୍ରିୟାକୁ ଅଣଦେଖା କରାଯାଇ ଏହାର ଉପଯୋଗ କରାଯାଉଛି।" ଉପରାଷ୍ଟ୍ରପତି ଜଣେ ଆଇନ ବିଶାରଦ। ରାଜସ୍ଥାନ ହାଇକୋର୍ଟ ଠାରୁ ସୁପ୍ରିମକୋର୍ଟ ପର୍ଯ୍ୟନ୍ତ ଓକିଲାତି କରିଛନ୍ତି। ଉପରାଷ୍ଟ୍ରପତି ହେବା ପୂର୍ବରୁ ପଶ୍ଚିମବଂଗର ରାଜ୍ୟପାଳ ମଧ୍ୟ ଥିଲେ। ଏଭଳି ଜଣେ ବିଦ୍ୱାନ ଉପରାଷ୍ଟ୍ରପତି ଯେତେବେଳେ ନ୍ୟାୟପାଳିକାକୁ ନେଇ ମନ୍ତବ୍ୟ ଦେଉଛନ୍ତି ସେତେବେଳେ ତାଙ୍କ ମନ୍ତବ୍ୟର ନିହିତାର୍ଥ କ'ଣ ସେକଥା ମଧ୍ୟ ବୁଝିବା ଆବଶ୍ୟକ।

ଦେଶର ସମ୍ବିଧାନ ଅନୁସାରେ ରାଷ୍ଟ୍ରପତି ଏବଂ ସୁପ୍ରିମ୍ କୋର୍ଟଙ୍କ କାର୍ଯ୍ୟ ନିର୍ଦ୍ଧାରିତ ହୋଇଛି। ନିୟମତଃ ବିଧାୟିକାର କାମ, ଆଇନ ପ୍ରଣୟନ କରିବା। କାର୍ଯ୍ୟପାଳିକା ଉକ୍ତ ଆଇନ୍‌କୁ କାର୍ଯ୍ୟକାରୀ କରିଥାଏ ଏବଂ ନ୍ୟାୟପାଳିକା ଆଇନ୍‌ର ବ୍ୟାଖ୍ୟା କରିବା ସହ ବିବାଦର ସମାଧାନ କରିଥାଏ। ଗଣତନ୍ତ୍ରର ଏହି ତିନି ସ୍ତମ୍ଭର ଉପରେ ରହିଛନ୍ତି ଭାରତର ରାଷ୍ଟ୍ରପତି। ସୁପ୍ରିମ୍ କୋର୍ଟର ବିଚାରପତି ନିଯୁକ୍ତି ମଧ୍ୟ ରାଷ୍ଟ୍ରପତି କରିଥାନ୍ତି। ରାଷ୍ଟ୍ରପତି ନ୍ୟାୟାଳୟର ସମ୍ମାନରେ ହିଁ ସୁପ୍ରିମକୋର୍ଟର କୋଲୋଜିୟମର ସୁପାରିଶକୁ ଭିତ୍ତିକରି ବିଚାରପତିଙ୍କୁ ନିଯୁକ୍ତି ଦେଇଥାନ୍ତି। ରାଷ୍ଟ୍ରପତି ଚାହିଁଲେ କୌଣସି ବିଚାରପତିଙ୍କୁ ତାଙ୍କ ପଦରୁ ହଟାଇ ପାରିବେ। ଯେତେବେଳେ ଦେଶରେ କୌଣସି ମାମଲାରେ ଆଇନ ସମ୍ପର୍କୀତ ପ୍ରଶ୍ନ ଉଠେ ସେତେବେଳେ ରାଷ୍ଟ୍ରପତି ତାଙ୍କ ଅଧିକାରର ଉପଯୋଗ କରିପାରନ୍ତି ଏପରିକି ଅଦାଲତକୁ ମଧ୍ୟ ନିର୍ଦ୍ଦେଶ ଦେଇ ପାରିବାର ଅଧିକାର ତାଙ୍କ ପାଖରେ ରହିଛି।

ଏ ସବୁପରେ ସୁପ୍ରିମ୍‌କୋର୍ଟଙ୍କ ପକ୍ଷରୁ ଦିଆ ଯାଇଥିବା ମୃତ୍ୟୁଦଣ୍ଡ (ଫାସୀ) ପ୍ରସଙ୍ଗରେ ନିଜର ଅଧିକାରର ଉପଯୋଗ କରି ଅପରାଧିକୁ ରାଜକ୍ଷମା ପ୍ରଦାନ କରିବାର ଅଧିକାର ମଧ୍ୟ ରାଷ୍ଟ୍ରପତିଙ୍କର ରହିଛି। ରାଷ୍ଟ୍ରପତି ହେଉଛନ୍ତି ଦେଶର ତିନିସେନା ବାହିନୀର ମୁଖ୍ୟ। ଏଣୁ ସମ୍ବିଧାନ ଭାରତର ରାଷ୍ଟ୍ରପତିଙ୍କୁ ଅପାର ଶକ୍ତି ପ୍ରଦାନ କରିଛି ଯାହାଙ୍କୁ କୌଣସି ନ୍ୟାୟାଳୟର ସୀମା ଭିତରେ ବାନ୍ଧି ରଖାଯାଇ ପାରିବ ନାହିଁ କାରଣ ରାଷ୍ଟ୍ରପତି ନ୍ୟାୟାଳୟର ସୀମାର ଉର୍ଦ୍ଧ୍ୱରେ। ଦେଶର ସମ୍ବିଧାନ ଅନୁସାରେ ରାଷ୍ଟ୍ରପତି ଦେଶର ସର୍ବୋଚ୍ଚପଦ। ସୁପ୍ରିମ୍ କୋର୍ଟ ଦେଶର ସର୍ବୋଚ୍ଚ ନ୍ୟାୟିକ ସଂସ୍ଥା ହୋଇଥିବା କାରଣରୁ ରାଷ୍ଟ୍ରପତିଙ୍କୁ ପରାମର୍ଶ ଦେଇପାରିବେ କିନ୍ତୁ ରାଷ୍ଟ୍ରପତି ସୁପ୍ରିମ୍‌କୋର୍ଟଙ୍କ ପରାମର୍ଶକୁ ମାନିବେ କିମ୍ବା ନମାନିବେ ଏହା ତାଙ୍କ ବିବେକାଧିନ ଅଟେ। ଅର୍ଥାତ୍ ନ୍ୟାୟାଳୟ ଦ୍ୱାରା ଦିଆଯାଇଥିବା ପରାମର୍ଶକୁ ରାଷ୍ଟ୍ରପତି ମାନିବାକୁ ବାଧ ନୁହଁନ୍ତି।

ମୋଟାମୋଟି ଭାବେ କହିବାକୁ ଗଲେ ରାଷ୍ଟ୍ରପତି ବିଧାୟିକା, କାର୍ଯ୍ୟପାଳିକା ଓ ନ୍ୟାୟପାଳିକାର ଉର୍ଦ୍ଧ୍ୱରେ ରାଷ୍ଟ୍ରପତିଙ୍କୁ ବିଧାୟିକା ନିର୍ବାଚନ କରିଥାନ୍ତି ଏବଂ ଗଣତାନ୍ତ୍ରିକ ବ୍ୟବସ୍ଥା ଅନୁସାରେ ବିଧାୟିକା (ସାଂସଦ ବିଧାୟକ) ହେଉଛି, ଜନତାଙ୍କ ଦ୍ୱାରା ନିର୍ବାଚିତ ବା ଅନ୍ୟ ଅର୍ଥରେ ଜନପ୍ରତିନିଧି। ଜନତାଙ୍କ ଦ୍ୱାରା ନିର୍ବାଚିତ ପ୍ରତିନିଧି ବା ବିଧାୟିକା ଉପରେ ନ୍ୟାୟାପାଳିକା ଅଙ୍କୁଶ ଲଗାଇବା ଭଳି କାର୍ଯ୍ୟ କରୁଛି। ଉଦାହରଣ ହେଉଛି ସୁପ୍ରିମକୋର୍ଟ ନିକଟରେ ରାଷ୍ଟ୍ରପତି ଏବଂ ରାଜ୍ୟପାଳ ମାନଙ୍କୁ ବିଧେୟକକୁ ଅନୁମୋଦନ କରିବାର ସମୟସୀମା ଧାର୍ଯ୍ୟ କରିଛି। ଏହାକୁ ନେଇ ଉପରାଷ୍ଟ୍ରପତି ଧନଖଡ଼ ଅସନ୍ତୋଷ ପ୍ରକାଶ କରିଛନ୍ତି। ଉପରାଷ୍ଟ୍ରପତି କହିଛନ୍ତି ଯେ ଅଦାଲତ ରାଷ୍ଟ୍ରପତିଙ୍କୁ



ଆଦେଶ ଦେଇ ପାରିବେ ନାହିଁ। ଅନୁଛେଦ ୧୪୨ ଅନୁସାରେ ସୁପ୍ରିମ୍ କୋର୍ଟ ପୁର୍ଣ୍ଣ ନ୍ୟାୟ ପାଇଁ କୌଣସି ଆଦେଶ, ନିର୍ଦ୍ଦେଶ ଓ ନିଷ୍ପତ୍ତି ଦେଇ ପାରିବେ। ଯେକୌଣସି ମାମଲାରେ ଏହା ପ୍ରଜୁଜ୍ୟ। କିନ୍ତୁ ନ୍ୟାୟପାଳିକା ମନେ ରଖିବା ଉଚିତ୍ ଯେ ଗଣତାନ୍ତ୍ରିକ ବ୍ୟବସ୍ଥାରେ ନିର୍ବାଚିତ ହୋଇ ଗଠନ କରାଯାଇଥିବା ସରକାର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଏବଂ ସବୁ ସଂସ୍ଥାମାନେ ନିଜନିଜ ସୀମା ମଧ୍ୟରେ ରହି କାମ କରିବା ଆବଶ୍ୟକ। କୌଣସି ସଂସ୍ଥା ସମ୍ବିଧାନର ଉର୍ଦ୍ଧ୍ୱରେ ନୁହେଁ।

ଉପରାଷ୍ଟ୍ରପତି ଧନଖଡ୍ ଏବେ ବିଧେୟକକୁ ମଞ୍ଜୁରୀ ଦେବା ପ୍ରସଙ୍ଗରେ ସୁପ୍ରିମକୋର୍ଟ ଯେଉଁ ସମୟ ସୀମା ନିର୍ଦ୍ଧାରଣ କରିଛନ୍ତି ତାକୁ ନେଇ ଚିନ୍ତା ପ୍ରକଟ କରିଛନ୍ତି। ଉପରାଷ୍ଟପତିଙ୍କ ଚିନ୍ତା ଉପରେ ବ୍ୟାପକ ବିମର୍ଷ ମଧ୍ୟ ଆବଶ୍ୟକ। ଆଷ୍ଟର୍ଯ୍ୟର କଥା ଯେ ରାଷ୍ଟ୍ରପତିଙ୍କୁ ଧାର୍ଯ୍ୟ ସମୟ ମଧ୍ୟରେ ନିଷ୍ପତ୍ତି ନେବାପାଇଁ କୁହାଯାଇଛି ଏବଂ ରାଷ୍ଟ୍ରପତି ଯଦି ଧାର୍ଯ୍ୟ ସମୟସୀମା ମଧ୍ୟରେ ବିଧେୟକକୁ ଅନୁମୋଦନ ନ କରନ୍ତି ତେବେ ସମ୍ବନ୍ଧିତ ବିଧେୟକ ଆପେ ଆପେ ଆଇନ୍‌ରେ ପରିଣତ ହୋଇଯିବ ବୋଲି କୋର୍ଟ କହିଛନ୍ତି। ଉପରାଷ୍ଟପତିଙ୍କ ଚିନ୍ତା ଠିକ୍। ଭାରତରେ ରାଷ୍ଟ୍ରପତି ସମ୍ବିଧାନର ରକ୍ଷା, ସଂରକ୍ଷଣ ଏବଂ କାର୍ଯ୍ୟକାରୀତାର ଶପଥ ନେଇଥାନ୍ତି। କିନ୍ତୁ ମନ୍ତ୍ରୀ, ସାଂସଦ, ଏବଂ ବିଚାରପତିଙ୍କ ସମେତ ଅନ୍ୟ ମାନେ ସମ୍ବିଧାନର ପାଳନ କରିବାର ସପଥ ନେଇଥାନ୍ତି। ଏଣୁ କେଉଁ ଧାରାରେ ନ୍ୟାୟପାଳିକା ରାଷ୍ଟ୍ରପତିଙ୍କୁ ନିର୍ଦ୍ଦେଶ ଦେଇ ପାରିବେ ବୋଲି ପ୍ରଶ୍ନ କରିଛନ୍ତି ଧନଖଡ଼େ। ସମ୍ବିଧାନର ଅନୁଛେଦ ୧୪୫ (୩) ଅନୁସାରେ ନ୍ୟାୟପାଳିକା ପାଖରେ ସମ୍ବିଧାନର ବ୍ୟାଖ୍ୟା କରିବାର ଏକମାତ୍ର ଅଧିକାର ଅଛି ବୋଲି କହିଛନ୍ତି ଧନଖଡ଼େ। ଏହି ବ୍ୟାଖ୍ୟା ପାଇଁ ମଧ୍ୟ ୫ କିମ୍ବା ତାଠାରୁ ଅଧିକ ସଂଖ୍ୟକ ବିଚାରପତିଙ୍କର ଆବଶ୍ୟକତା ରହିଛି।

ଉପରାଷ୍ଟ୍ରପତି ଧନଖଡ଼୍‌ଙ୍କ ସମ୍ବିଧାନର ବ୍ୟାଖ୍ୟା ପାଇଁ ବିଚାରପତିଙ୍କ ସଂଖ୍ୟାକୁ ନେଇ ମଧ୍ୟ ପ୍ରଶ୍ନ ଉଠାଇଛନ୍ତି। ସେ କହିଛନ୍ତି ଯେ ଯେତେବେଳେ ଅନୁଛେଦ ୧୪୫ (୩) ନିର୍ଦ୍ଧାରିତ କରାଯାଇଥିଲା ସେତେବେଳେ ସୁପ୍ରିମ୍‌କୋର୍ଟ ବିଚାରପତିଙ୍କ ସଂଖ୍ୟା ଥିଲା ୮ କିନ୍ତୁ ଏବେ ୩୦ରୁ ଅଧିକ ବିଚାରପତି ଅଛନ୍ତି। ୮ ବିଚାରପତି ଥିବାବେଳେ ୫ କିମ୍ବା ତା ଠାରୁ ଅଧିକ ବିଚାର ପତିଙ୍କ ପୀଠ ସମ୍ବିଧାନର ବ୍ୟାଖ୍ୟା କରିବାର ନିୟମ ଥିଲା କିନ୍ତୁ ଏବେ ୩୦ରୁ ଅଧିକ ବିଚାରପତି ଥିବା ବେଳେ ସମ୍ବିଧାନର ବ୍ୟାଖ୍ୟା କେତେ ଜଣ ବିଚାରପତି କରିପାରିବେ? ତାମିଲନାଡୁ ସରକାର ଏବଂ ରାଜ୍ୟପାଳଙ୍କ ମାମଲାରେ ସୁପ୍ରିମକୋର୍ଟ ଯେଉଁ ନିଷ୍ପତ୍ତି ନେଇଛନ୍ତି ଏବଂ ସେଥିରେ ଯେଭଳି ଭାବେ ରାଷ୍ଟ୍ରପତିଙ୍କ ଅଧିକାରକୁ ଛୋଟ କରିବାପାଇଁ ପ୍ରୟାସ କରାଯାଇଛି ତାକୁ ଠିକ୍ ବୋଲି କୁହାଯାଇ ପାରିବ ନାହିଁ ବୋଲି ସ୍ପଷ୍ଟ ଭାବେ କହିଛନ୍ତି ଧନଖଡେ। ଭାରତୀୟ ସାମ୍ବିଧାନିକ ବ୍ୟବସ୍ଥାରେ ପ୍ରଥମଥର ପାଇଁ ରାଜ୍ୟପାଳଙ୍କ ଅନୁମୋଦନ ବିନା ସୁପ୍ରିମକୋର୍ଟଙ୍କ ଆଦେଶରେ ବିଧେୟକ ଆଇନ୍‌ରେ ପରିଣତ ହୋଇଛି। ତ୍ମିଲନାଡୁ ମାମଲାରେ ସୁପ୍ରିମ୍‌କୋର୍ଟ କହିଛନ୍ତି ଯେ ରାଜ୍ୟପାଳଙ୍କ ପାଖରେ ପୁର୍ଣ୍ଣ ବା ଆଂଶିକ ଭିଟୋର ଅଧିକାର ନାହିଁ ଏବଂ ବିଧାନସଭାରେ ଗୃହୀତ ବିଧେୟକୁ ରାଜ୍ୟପାଳ ଅଟକାଇ ରଖିପାରିବେ ନାହିଁ। ଏଥିସହ ସୁପ୍ରିମକୋର୍ଟ ରାଷ୍ଟ୍ରପତିଙ୍କ ଉଦେଶ୍ୟରେ କହିଛନ୍ତି ଯେ ଯଦି କୌଣସି ରାଜ୍ୟର ବିଧେୟକ ରାଷ୍ଟ୍ରପତିଙ୍କ ପାଖକୁ ଅନୁମୋଦନ ପାଇଁ ଆସେ ତେବେ ରାଷ୍ଟ୍ରପତି ସୁପ୍ରିମକୋର୍ଟଙ୍କ ପରାମର୍ଶ ନେବେ ଏବଂ ବିଧେୟକକୁ ୩ମାସ ମଧ୍ୟରେ ଅନୁମୋଦନ କରିବେ। ବସ୍ତୁତଃ ଏହାକୁ ରାଷ୍ଟ୍ରପତିଙ୍କୁ ସୁପ୍ରିମକୋର୍ଟଙ୍କ ଆଦେଶ ବୋଲି କୁହାଯାଇପାରେ। ପ୍ରଶ୍ନ ଉଠିବା ସ୍ୱାଭାବିକ୍ ଯେ ସୁପ୍ରିମ୍ କୋର୍ଟ କ'ଣ ରାଷ୍ଟ୍ରପତିଙ୍କୁ ଆଦେଶ ଦେଇ ପାରିବେ? ସମ୍ବିଧାନ ନ୍ୟାୟପାଳିକାକୁ ଦେଇଥିବା ଅଧିକାର କ'ଣ ତ୍ରୁଟିପୂର୍ଣ୍ଣ ବ୍ୟାଖ୍ୟା ସୁପ୍ରିମ୍ କୋର୍ଟ ବୋଲି ମଧ୍ୟ ପ୍ରଶ୍ନ ଉଠୁଛି।


**ରାମଚନ୍ଦ୍ରପୁର, ରଣପୁର, ମୋବାଇଲ୍: ୯୪୩୮୪୮୫୦୯୪**

### ଗଣମାଧ୍ୟମ ଉପରେ ଲାଗୁ ହେଲା ପ୍ରସାରଣ କଟକଣା
## ସୈନ୍ୟ ଗତିବିଧି ପ୍ରସାରଣ ଉପରେ ରୋକ

**ନୂଆଦିଲ୍ଲୀ,୨୭।୪:** ଆତଙ୍କବାଦୀ ନିରୋଧୀ ଅଭିଯାନ, ଜାତୀୟ ସୁରକ୍ଷା ସ୍ୱାର୍ଥରେ ସୁରକ୍ଷାବଳର ଗତିବିଧି ଆଦିର ସିଧା ପ୍ରସାରଣଠାରୁ ଗଣମାଧ୍ୟମ ଚ୍ୟାନେଲଗୁଡ଼ିକ ଦୂରେଇ ରହିବା ପାଇଁ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଆଡଭାଇଜରି ଜାରି କରିଛି। ଜାତୀୟ ସ୍ୱାର୍ଥର ସୁରକ୍ଷାରେ ଗଣମାଧ୍ୟମ, ଡିଜିଟାଲ ପ୍ଲାଟଫର୍ମ ଏବଂ ବ୍ୟକ୍ତିବିଶେଷ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେବାକୁ ପରାମର୍ଶ ଦିଆଯାଇଛି। ସାମରିକ ସଞ୍ଚାଳନ କିମ୍ବା ସୈନ୍ୟ ପ୍ରେରଣ ସମ୍ପର୍କିତ ସୂତ୍ର ଆଧାରିତ ରିପୋର୍ଟ ପ୍ରକାଶ ନ କରିବାକୁ ମନ୍ତ୍ରଣାଳୟ କହିଛି। ସମ୍ବେଦନଶୀଳ ତଥ୍ୟଗୁଡ଼ିକର ଆଗୁଆ ପ୍ରଘଟ ଶତ୍ରୁଙ୍କ ପାଇଁ ସହାୟକ ହୋଇପାରେ ଏବଂ ପ୍ରଭାବୀ କାର୍ଯ୍ୟାନୁଷ୍ଠାନ ଏବଂ ସୁରକ୍ଷା ବଳର ନିରାପତ୍ତା ପ୍ରତି ବିପଦ ଆଣିପାରେ। ପୂର୍ବରୁ କାର୍ଗିଲ ଯୁଦ୍ଧ, ୨୬/୧୧ ମୁମ୍ବାଇ ଆକ୍ରମଣ ଏବଂ କାନ୍ଦାହାର ବିମାନ ଅପହରଣ ଘଟଣାରେ କଟକଣାବିହୀନ ଖବର ପ୍ରସାରଣ ଯୋଗୁ ଜାତୀୟ ସ୍ୱାର୍ଥ ଉପରେ ଉଦ୍ୟମହୀନ ପ୍ରତିକୂଳ ପ୍ରଭାବ ପଡ଼ିଥିଲା। ସୁରକ୍ଷା ବଳ ଦ୍ୱାରା କୌଣସି ଆତଙ୍କବାଦ ନିରୋଧୀ ଅଭିଯାନର ସିଧା ପ୍ରସାରଣ କେବୁଲ ସର୍ଭିସ ଜରିଆରେ କରାଯିବା ଉଚିତ ନୁହେଁ ବୋଲି କେବୁଲ ଟେଲିଭିଜନ ନେଟ୍‌ୱର୍କ ସଂଶୋଧନ ନିୟମାବଳୀରେ ବ୍ୟବସ୍ଥା ରହିଛି। ତେଣୁ ଜାତୀୟ ସୁରକ୍ଷା ସ୍ୱାର୍ଥକୁ ଦୃଷ୍ଟିରେ ରଖି ସମସ୍ତ ଗଣମାଧ୍ୟମ ପ୍ଲାଟଫର୍ମ, ନ୍ୟୁଜ୍ ଏଜେନ୍ସି ଏବଂ ସୋସିଆଲ ମିଡିଆ ୟୁଜରମାନଙ୍କୁ ପ୍ରତିରକ୍ଷା ବା ସୁରକ୍ଷା ଅଭିଯାନ ସମ୍ପର୍କିତ ବିଷୟ ଉପରେ ଅତ୍ୟନ୍ତ ଦାୟିତ୍ୱବାନ୍ ସହ କାର୍ଯ୍ୟ କରିବା ଏବଂ ପ୍ରଚଳିତ ଆଇନ ଓ ନିୟମାବଳୀକୁ କଡ଼ାକଡ଼ି ଅନୁପାଳନ କରିବାକୁ ପରାମର୍ଶ ଦିଆଯାଇଛି।

# ଏଲ୍‌ଓସି ସୁରକ୍ଷା ବଢ଼ିଲା, ନିର୍ମାଣ ହେଉଛି ନୂଆ ବଙ୍କର



**ନୂଆଦିଲ୍ଲୀ,୨୭।୪:** ପହଲଗାମରେ ୨୬ପର୍ଯ୍ୟଟକଙ୍କୁ ଆତଙ୍କବାଦୀମାନେ ଅତି ବର୍ବରତାର ସହ ଗୁଳିକରି ହତ୍ୟା କରିବା ଏବଂ ଅନେକ ପର୍ଯ୍ୟଟକ ଗୁଳିମାଡ଼ରେ ଆହତ ହେବା ଘଟଣା ଭାରତ-ପାକ୍ ତିକ୍ତତାକୁ ଚରମ ସୀମାରେ ପହଞ୍ଚାଇଛି। ଶୁକ୍ରବାର ରାତିରୁ ଜମ୍ମୁ ଅଞ୍ଚଳର ଅନ୍ତର୍ଜାତୀୟ ସୀମା ଓ ନିୟନ୍ତ୍ରଣ ରେଖା ନିକଟରେ ଗୁଳିବର୍ଷା ଜାରି ରହିଥିବାରୁ ଏବେ ସୀମାବର୍ତ୍ତୀ ଗ୍ରାମବାସୀଙ୍କ ସୁରକ୍ଷା ପାଇଁ ସେନା ଓ ପ୍ରଶାସନ ପକ୍ଷରୁ ଅନେକ ସତର୍କତା ପଦକ୍ଷେପ ଗ୍ରହଣ କରାଯାଇଛି । ଗ୍ରାମବାସୀମାନଙ୍କ ପାଇଁ ପୂର୍ବରୁ ରହିଥିବା ଭୂତଳ ବଙ୍କର ସଫା କରାଯିବା ସହ ନୂଆ ବଙ୍କର ନିର୍ମାଣ ମଧ୍ୟ ହେଉଛି । ବଡ଼ ଆକ୍ରମଣ ସ୍ଥିତିରେ ତତ୍କାଳ ସତର୍କତା ପଦକ୍ଷେପ ନେବାକୁ ଲୋକଙ୍କୁ ସଚେତନ କରାଯାଇଛି । ପାକିସ୍ତାନୀ ସୈନିକଙ୍କ ଗୁଳିମାଡ଼ରୁ ସୀମାନ୍ତ ଗ୍ରାମବାସୀଙ୍କୁ ସୁରକ୍ଷା ଦେବା ପାଇଁ ସରକାର ବହୁ ସଂଖ୍ୟାରେ ଭୂତଳ ସୁରକ୍ଷିତ ଆଶ୍ରୟସ୍ଥଳୀ ନିର୍ମାଣ କରିଛନ୍ତି । ୨୦୨୧ ପରଠାରୁ ଅସ୍ତ୍ରବିରତି ଉଲ୍ଲଂଘନ ଘଟଣା କମ ରହିଥିବା ବେଳେ ପହଲଗାମ ଆତଙ୍କବାଦୀ ଆକ୍ରମଣ ପରେ ସୀମାବାସିନ୍ଦାଙ୍କ ମଧ୍ୟରେ ନିରାପତ୍ତା ଚିନ୍ତା ବଢ଼ିଯାଇଛି। ଆଗକୁ କିଭଳି ପରିସ୍ଥିତି ସୃଷ୍ଟି ହେବ ତାହା କେହି ଜାଣନ୍ତି ନାହିଁ ।



### ଗ୍ରାମବାସୀ ସଫା କରୁଛନ୍ତି ପୁରୁଣା ବଙ୍କର

ପହଲଗାମ ଘଟଣା ପରେ, ସମଗ୍ର ଦେଶ, ବିଶେଷକରି ଜମ୍ମୁ କଶ୍ମୀରରେ ଏବେ ହାଇ ଆଲର୍ଟ ଜାରି। ପାକିସ୍ତାନ ସୀମା ସଂଲଗ୍ନ ଗାଁର ଲୋକମାନେ ପୁରୁଣା ବଙ୍କର ଗୁଡ଼ିକୁ ସଫା କରିବା ଆରମ୍ଭ କରିଛନ୍ତି । ଅରିନାର ଟ୍ରେୱାନ୍ ଗାଁର ଜଣେ ବାସିନ୍ଦା କହିଛନ୍ତି ଯେ, ପୂର୍ବରୁ ଲୋକମାନେ ସରକାରଙ୍କ ଦ୍ୱାରା ଯୋଗାଇ ଦିଆଯାଇଥିବା ବଙ୍କରରେ ଗୁଳିଚାଳନା ସମୟରେ ଆଶ୍ରୟ ନେଉଥିଲେ । ପହଲଗାମ ଘଟଣା ପରେ ଏବେ ପୁଣି ଥରେ ପ୍ରସ୍ତୁତି ଜୋରଦାର କରାଯାଉଛି । କାହିଁକି ଯେକୌଣସି ମୁହୂର୍ତ୍ତରେ କିଛି ବି ହୋଇପାରେ ।

# ଭୟରେ ପାକିସ୍ତାନ ଛାଡ଼ି କାନାଡ଼ା ପଳାଇଲେ ବିଲୱାଲ

**ଇସଲାମାବାଦ,୨୭।୪:** ଜମ୍ମୁ-କଶ୍ମୀରର ପହଲଗାମରେ ଆତଙ୍କବାଦୀ ଆକ୍ରମଣ ପରେ, ଭାରତ ସିନ୍ଧୁ ଜଳ ଚୁକ୍ତିନାମାକୁ ସ୍ଥଗିତ କରି ପାକିସ୍ତାନ ବିରୁଦ୍ଧରେ ଅନେକ ବଡ଼ ପଦକ୍ଷେପ ନେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି । ଏହାକୁ ନେଇ ପଡୋଶୀ ଦେଶରେ ଆତଙ୍କ ଦେଖାଦେଇଛି ଏବଂ ଲୋକମାନେ ଭୟରେ ରହୁଛନ୍ତି। ଲୋକମାନେ ଦେଶ ଛାଡି ପଳାଇବା ଆରମ୍ଭ କରିଛନ୍ତି, ଏହି କଥାରୁ ଯାହା ଅନୁମାନ କରାଯାଇପାରେ। ପାକିସ୍ତାନ ସେନା ମୁଖ୍ୟ ଅସୀମ ମୁନିରଙ୍କ ପରିବାର ସମ୍ପୂର୍ଣ୍ଣ ଦେଶ ଛାଡି ଚାଲିଯାଇଛନ୍ତି ଏବଂ ଏବେ ଖବର ଆସିଛି ଯେ ପିପିପି ଅଧ୍ୟକ୍ଷ ବିଲାୱାଲ ଭୁଟ୍ଟୋଙ୍କ ପରିବାର ପାକିସ୍ତାନ ଛାଡି କାନାଡା ପଳାଇ ଯାଇଛନ୍ତି।



ସିନ୍ଧୁ ଜଳ ଚୁକ୍ତିନାମା ସ୍ଥଗିତ ହେବା ପରେ, ବିଲାୱାଲ ଧମକ ଦେଇଥିଲେ ଯେ ଯଦି ପାକିସ୍ତାନର ପାଣି ବନ୍ଦ କରାଯାଏ, ତେବେ ରକ୍ତର ନଦୀ ପ୍ରବାହିତ ହେବ। ଏହି ଧମକର ଗୋଟିଏ ଦିନ ପରେ, ଖବର ଆସୁଛି ଯେ ତାଙ୍କ ପରିବାରର ସଦସ୍ୟ ବଖତାୱର ଭୁଟ୍ଟୋ ଏବଂ ଆସିଫା ଭୁଟ୍ଟୋ ରବିବାର ସକାଳେ ପାକିସ୍ତାନ ଛାଡି କାନାଡା ପଳାୟନ କରିଛନ୍ତି।

ପାକିସ୍ତାନ ଭିତରେ ଏକ ଭୟ ଅଛି ଯେ ଭାରତ ଯେକୌଣସି ସମୟରେ ଆକ୍ରମଣ କରିପାରେ। ଏପରି ପରିସ୍ଥିତିରେ ତାଙ୍କ ସେନାର ମନୋବଳ ମଧ୍ୟ ହ୍ରାସ ପାଇଛି ଏବଂ ଅନେକ ଅଧିକାରୀ ସେମାନଙ୍କ ପରିବାରକୁ ବିଦେଶ ପଠାଇ ଦେଇଛନ୍ତି। ଏଥିରେ ପାକିସ୍ତାନ ସେନା ମୁଖ୍ୟ ଅସୀମ ମୁନିର ମଧ୍ୟ ସାମିଲ ଅଛନ୍ତି। ଏହି ଲୋକମାନେ ଏକ ଘରୋଇ ଜେଟ ମାଧ୍ୟମରେ ସେମାନଙ୍କ ପରିବାରକୁ ବ୍ରିଟେନ ଏବଂ ନ୍ୟୁ ଜର୍ସି ପଠାଉଥିବା ରିପୋର୍ଟ ରହିଛି। ପହଲଗାମ ଆତଙ୍କବାଦୀ ଆକ୍ରମଣ ପରେ ତୁରନ୍ତ ଭାରତ ଆରବ ସାଗରରେ INS ସୁରତରୁ ଏକ କ୍ଷେପଣାସ୍ତ୍ର ପରୀକ୍ଷଣ କରି ପାକିସ୍ତାନକୁ ଏକ କଡ଼ା ବାର୍ତ୍ତା ଦେଇଥିଲା। ସେହି ସମୟରେ, ପ୍ରଧାନମନ୍ତ୍ରୀ ମୋଦୀ ଏହା ମଧ୍ୟ କହିଥିଲେ ଯେ ଆତଙ୍କବାଦୀ ଏବଂ ସେମାନଙ୍କ ମାଲିକମାନଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବ ଏବଂ ସେମାନେ ବିଶ୍ୱର ଯେକୌଣସି ସ୍ଥାନରେ ଲୁଚି ରହିଥିଲେ ମଧ୍ୟ ସେମାନଙ୍କୁ ଖୋଜାଯିବ।

## ପ୍ରତ୍ୟକ୍ଷଦର୍ଶୀଙ୍କୁ ମିନିଟ୍ ବାଏ ମିନିଟ୍ ପଚରାଉଚରା କରୁଛି ଏନ୍‌ଆଇଏ




**ନୂଆଦିଲ୍ଲୀ,୨୭।୪:** ଆତଙ୍କବାଦୀ ଆକ୍ରମଣ ପରେ ଏପ୍ରିଲ ୨୩ ତାରିଖରୁ ପହଲଗାମରେ ଡେରା ପକାଇ ବସିଛନ୍ତି ଜାତୀୟ ତଦନ୍ତକାରୀ ସଂସ୍ଥା(ଏନ୍‌ଆଇଏ) ଅଧିକାରୀ। ରବିବାର ଏନ୍‌ଆଇଏ ବିଧିବଦ୍ଧ ଭାବେ ଏହି ଘଟଣାର ତଦନ୍ତ ଭାର ନିଜ ହାତକୁ ନେବା ପରେ ତଦନ୍ତ ତୀବ୍ର କରିଛି। ସୂତ୍ରରୁ ପ୍ରକାଶ ଯେ, ତଦନ୍ତକାରୀ ଦଳ ପ୍ରତ୍ୟକ୍ଷଦର୍ଶୀଙ୍କୁ "ମିନିଟ୍ ବାଏ ମିନିଟ୍" ପଚରାଉଚରା କରୁଛନ୍ତି, ଯାହା ଘଟଣାର ସମୟରେ ଘଟିଥିବା ସମସ୍ତ ଘଟଣାକୁ ନିଖୁଣ ଭାବେ ବୁଝିବାରେ ସହାୟକ ହେବ। ପହଲଗାମ ଆକ୍ରମଣ, ଯାହା ସ୍ଥାନୀୟ ଅଞ୍ଚଳରେ ଆତଙ୍କ ସୃଷ୍ଟି କରିଛି, ସୁରକ୍ଷା ବାହିନୀ ଏବଂ ସରକାରଙ୍କ ପାଇଁ ଏକ ଗୁରୁତର ଚ୍ୟାଲେଞ୍ଜ ସୃଷ୍ଟି କରିଛି। ଏନ୍‌ଆଇଏ ଅଧିକାରୀମାନେ ଘଟଣାସ୍ଥଳରୁ ଗୁରୁତ୍ୱପୂର୍ଣ୍ଣ ପ୍ରମାଣ ସଂଗ୍ରହ କରିବା ସହ ସ୍ଥାନୀୟ ପୋଲିସ ଏବଂ ଅନ୍ୟାନ୍ୟ ସୁରକ୍ଷା ଏଜେନ୍ସିଙ୍କ ସହ ମିଳିତ ଭାବେ କାର୍ଯ୍ୟ କରୁଛନ୍ତି। ତଦନ୍ତରେ ସିସିଟିଭି ଫୁଟେଜ୍ ବିଶ୍ଳେଷଣ, ଫରେନସିକ୍ ପରୀକ୍ଷା ଏବଂ ସନ୍ଦିଗ୍ଧ ବ୍ୟକ୍ତିଙ୍କ ଗତିବିଧି ଉପରେ ନଜର ରଖାଯାଉଛି। ପ୍ରତ୍ୟକ୍ଷଦର୍ଶୀଙ୍କ ବୟାନକୁ ଅତ୍ୟନ୍ତ ଗୁରୁତ୍ୱ ଦିଆଯାଉଛି, କାରଣ ଏହା ଘଟଣାର କାରଣ ଏବଂ ଅପରାଧୀଙ୍କ ଯୋଜନାକୁ ବୁଝିବାରେ ମୂଲ୍ୟବାନ ସୂଚନା ମିଳିପାରେ। ଏନ୍‌ଆଇଏ ଏକ ବିବୃତିରେ କହିଛି ଯେ, ସମସ୍ତ ଦିଗକୁ ବିଚାରକୁ ନେଇ ତଦନ୍ତ ଚାଲିଛି ଏବଂ ଦୋଷୀଙ୍କୁ କଡା ଦଣ୍ଡ ମିଳିବ। ଏହି ଘଟଣା ସମ୍ପର୍କରେ ଅଧିକ ସୂଚନା ପାଇଁ ସାର୍ବଜନୀନ ସହଯୋଗ ମଧ୍ୟ ଅନୁରୋଧ କରାଯାଇଛି। ଏହି ତଦନ୍ତର ଅଗ୍ରଗତି ଉପରେ ସମସ୍ତଙ୍କ ନଜର ରହିଛି, କାରଣ ଏହା ଅଞ୍ଚଳରେ ସୁରକ୍ଷା ବ୍ୟବସ୍ଥାକୁ ଆହୁରି ଦୃଢ଼ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିପାରେ।

## ସ୍ତନ ସ୍ପର୍ଶ ଉଦ୍ୟମ ବଳାତ୍କାର ନୁହେଁ: କୋଲକାତା ହାଇକୋର୍ଟ



**କୋଲକାତା,୨୭।୪:** ଶିଶୁ ଯୌନ ଅପରାଧ ସୁରକ୍ଷା (ପୋକ୍ସୋ) ଆଇନ ଅନୁଯାୟୀ, ପିଡ଼ିତାଙ୍କ ସ୍ତନ ସ୍ପର୍ଶ କରିବା ଉଦ୍ୟମ ବଳାତ୍କାର ନୁହେଁ ବରଂ ଗମ୍ଭୀର ଯୌନ ଉତ୍ପୀଡ଼ନ ବୋଲି କୋଲକାତା ହାଇକୋର୍ଟ ଟିପ୍ପଣୀ ଦେଇଛନ୍ତି। ଏଭଳି ଏକ ମାମଲାରେ ପଶ୍ଚିମବଙ୍ଗର ଏକ ତଳକୋର୍ଟ ଜଣେ ଅଭିଯୁକ୍ତଙ୍କୁ ଦୋଷୀସାବ୍ୟସ୍ତ କରି ଦଣ୍ଡ ଶୁଣାଇଥିବାବେଳେ ଶୁକ୍ରବାର ହାଇକୋର୍ଟ ଏହାକୁ ସ୍ଥଗିତ ରଖିଛନ୍ତି। ତଳକୋର୍ଟ ଅଭିଯୁକ୍ତଙ୍କୁ ଯୌନ ଉତ୍ପୀଡ଼ନ ଓ ବଳାତ୍କାର ଉଦ୍ୟମରେ ଦୋଷୀସାବ୍ୟସ୍ତ କରି ୧୨ ବର୍ଷ ଜେଲ ଦଣ୍ଡାଦେଶ ଦେଇଥିଲେ। ଏହା ବିରୋଧରେ ହୋଇଥିବା ଅପିଲର ଶୁଣାଣି କରି ଜଷ୍ଟିସ ଅରିଜିତ ବାନାର୍ଜୀ ଏବଂ ବିଶ୍ୱରୂପ ଚୌଧୁରୀଙ୍କ ଖଣ୍ଡପୀଠ କହିଛନ୍ତି, ପିଡ଼ିତାଙ୍କୁ ବଳାତ୍କାର କିମ୍ବା ବଳାତ୍କାର ଉଦ୍ୟମ ହୋଇଥିବା ଡାକ୍ତରୀ ରିପୋର୍ଟରେ ଦର୍ଶାଯାଇନାହିଁ। ପିଡ଼ିତାଙ୍କ ବୟାନ ଅନୁଯାୟୀ, ନିଶାଗ୍ରସ୍ତ ଅଭିଯୁକ୍ତ ତାଙ୍କ ସ୍ତନ ସ୍ପର୍ଶ କରିବାକୁ ଉଦ୍ୟମ କରିଥିଲେ।

## ପାକିସ୍ତାନ ଆଣ୍ଠୁମାଡ଼ି ପଡ଼ିବ: ହରଦୀପ

**ନୂଆଦିଲ୍ଲୀ, ୨୭।୪:** ଜମ୍ମୁ ଓ କାଶ୍ମୀରର ପାହାଲଗାମରେ ହୋଇଥିବା ଆତଙ୍କବାଦୀ ଆକ୍ରମଣକୁ ନେଇ କେନ୍ଦ୍ରୀୟ ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ ମନ୍ତ୍ରୀ ହରଦୀପ ସିଂ ପୁରୀ ପାକିସ୍ତାନକୁ କଡ଼ା ଚେତାବନୀ ଦେଇଛନ୍ତି। ଏକ ଖବରଦାତା ସମ୍ମିଳନୀରେ ପୁରୀ କହିଛନ୍ତି, "ପାକିସ୍ତାନ ଏହି ଆତଙ୍କବାଦୀ କାର୍ଯ୍ୟକଳାପର ପରିଣାମ ଭୋଗିବ। ସେମାନେ ଆଣ୍ଠୁମାଡ଼ି ପଡ଼ିବେ। ଭାରତ ଏଭଳି କାପୁରୁଷତା କାର୍ଯ୍ୟକୁ ସହ୍ୟ କରିବ ନାହିଁ।"



ସେ ଆହୁରି ମଧ୍ୟ କହିଛନ୍ତି ଯେ ଭାରତୀୟ ସୁରକ୍ଷା ବାହିନୀ ଏହି ଆକ୍ରମଣର ମୂଳ ଉପରେ ତୀବ୍ର ଅଭିଯାନ ଚଳାଇଛି ଏବଂ ଦୋଷୀମାନଙ୍କୁ ନିଶ୍ଚିତ ଭାବେ ଦଣ୍ଡ ଦିଆଯିବ। ପାହାଲଗାମ ଆକ୍ରମଣ ପରେ ଜମ୍ମୁ ଓ କାଶ୍ମୀର ପୋଲିସ ଏବଂ ସୁରକ୍ଷା ବାହିନୀ ଆତଙ୍କବାଦୀ ଭିତ୍ତିଭୂମିକୁ ନଷ୍ଟ କରିବା ଲାଗି ବ୍ୟାପକ ଅଭିଯାନ ଆରମ୍ଭ କରିଛନ୍ତି। ଗତ ୪୮ ଘଣ୍ଟା ମଧ୍ୟରେ ସାତ ଜଣ ଆତଙ୍କବାଦୀ କିମ୍ବା ତାଙ୍କ ସହଯୋଗୀଙ୍କ ଘର ଭାଙ୍ଗି ଦିଆଯାଇଛି। ଶ୍ରୀନଗରରେ ୬୦ରୁ ଅଧିକ ସ୍ଥାନରେ ଅଭିଯାନ ଚାଲିଛି, ଯେଉଁଠାରେ ଅସ୍ତ୍ରଶସ୍ତ୍ର, ଦଲିଲ ଏବଂ ଡିଜିଟାଲ ଉପକରଣ ଜବତ କରାଯାଉଛି। ପୁରୀ ଆହୁରି କହିଛନ୍ତି, "ଏହା କେବଳ ଏକ ଆକ୍ରମଣ ନୁହେଁ, ଏହା ଆମ ଦେଶର ସାର୍ବଭୌମତ୍ୱ ଏବଂ ଶାନ୍ତି ଉପରେ ଆକ୍ରମଣ। ଆମେ ଏହାର ଜବାବ ଦେବୁ, ଏବଂ ପାକିସ୍ତାନ ଏହାର ପରିଣାମ ଅନୁଭବ କରିବ।"

## ଜମ୍ମୁ-କାଶ୍ମୀର ଆକ୍ରମଣ ଉପରେ ମନ୍ତବ୍ୟ ଦେଇ ୧୯ ଗିରଫ

**ନୂଆଦିଲ୍ଲୀ,୨୭।୪:** ପାହାଲଗାମରେ ହୋଇଥିବା ଆତଙ୍କବାଦୀ ଆକ୍ରମଣ ଉପରେ ମନ୍ତବ୍ୟ ଦେଇ ଉତ୍ତର-ପୂର୍ବାଞ୍ଚଳର ତିନୋଟି ରାଜ୍ୟରେ ଅତି କମରେ ୧୯ ଜଣଙ୍କୁ ଗିରଫ କରାଯାଇଛି। ଏହି ଆକ୍ରମଣରେ ୨୬ ଜଣଙ୍କର ମୃତ୍ୟୁ ହୋଇଥିଲା, ଯାହା ମଧ୍ୟରେ ଜଣେ ନୌସେନା ଅଧିକାରୀ ଏବଂ ଗୋଇନ୍ଦା ବିଭାଗର ଜଣେ ଅଧିକାରୀ ସାମିଲ ଅଛନ୍ତି। ଆସାମ, ମେଘାଳୟ ଏବଂ ତ୍ରିପୁରାରେ ଗିରଫ ହୋଇଥିବା ବ୍ୟକ୍ତିଙ୍କ ମଧ୍ୟରେ ଜଣେ ବିଧାୟକ, ଜଣେ ସାମ୍ବାଦିକ, ଛାତ୍ର, ଜଣେ ଓକିଲ ଏବଂ ଅବସରପ୍ରାପ୍ତ ଶିକ୍ଷକମାନେ ଅନ୍ତର୍ଭୁକ୍ତ। ଅଧିକାଂଶ ଗିରଫଦାରୀ ସୋସିଆଲ ମିଡିଆ ପୋଷ୍ଟଗୁଡ଼ିକ ଯୋଗୁଁ ହୋଇଛି। ଏଯାଏଁ କେବଳ ଆସାମରେ ୧୪ ଜଣଙ୍କୁ ଗିରଫ କରାଯାଇଛି। ପ୍ରଥମ ଗିରଫଦାରୀ ଗୁରୁବାର ଦିନ ହୋଇଥିଲା ଯେତେବେଳେ ଅଖିଲ ଭାରତ ମିଳିତ ଗଣତାନ୍ତ୍ରିକ ମୋର୍ଚ୍ଚା  ଆସାମର ଏକ ବିରୋଧୀ ଦଳର ବିଧାୟକ ଅମିନୁଲ ଇସଲାମଙ୍କୁ ଗିରଫ କରାଯାଇଥିଲା ଏବଂ ୨୦୧୯ରେ ପୁଲୱାମା ଆକ୍ରମଣ ଏବଂ ମଙ୍ଗଳବାରର ପାହାଲଗାମ ଆକ୍ରମଣକୁ "ସରକାରଙ୍କ ଷଡ଼ଯନ୍ତ୍ର" ବୋଲି ମନ୍ତବ୍ୟ ଦେଇ ତାଙ୍କ ବିରୁଦ୍ଧରେ ରାଷ୍ଟ୍ରଦ୍ରୋହ ଅଭିଯୋଗ ଲଗାଯାଇଥିଲା। ଶୁକ୍ରବାର ଦିନ ତାଙ୍କୁ ଚାରି ଦିନ ପାଇଁ ପୋଲିସ ହେପାଜତକୁ ପଠାଯାଇଥିଲା। ଶୁକ୍ରବାର ପର୍ଯ୍ୟନ୍ତ ଆସାମରେ ଅନ୍ୟ ଗିରଫଦାରୀ ମଧ୍ୟରେ ହୈଲାକାଣ୍ଡିର ମୋ. ଜାବିର ହୁସେନ, ସିଲଚରର ମୋ. ଏକେ ବାହାଉଦ୍ଦିନ ଏବଂ ମୋ. ଜାଭେଦ ମଜୁମଦାର, ମୋରିଗାଓଁର ମୋ. ମହାହାର ମିଆ ଏବଂ ଶିବସାଗରର ମୋ. ସାହିଲ ଆଲୀ ଅନ୍ତର୍ଭୁକ୍ତ। କରିମଗଞ୍ଜର ମୋ. ମୁସ୍ତା ଆହମେଦ ଉର୍ଫ ସାହେଲଙ୍କୁ ଶୁକ୍ରବାର ରାତିରେ 'ପାକିସ୍ତାନ ଜିନ୍ଦାବାଦ' ଫେସବୁକରେ ପୋଷ୍ଟ କରିବା ଯୋଗୁଁ ଗିରଫ କରାଯାଇଥିଲା। ଏମାନଙ୍କ ମଧ୍ୟରେ ହୁସେନ ଜଣେ ସାମ୍ବାଦିକ, ବାହାଉଦ୍ଦିନ ସିଲଚରର ଆସାମ ବିଶ୍ୱବିଦ୍ୟାଳୟରେ କମ୍ପ୍ୟୁଟର ବିଜ୍ଞାନର ଛାତ୍ର ଏବଂ ମଜୁମଦାର ଜଣେ ଓକିଲ। ଶନିବାର ଦିନ ପୋଲିସ ୨୫ ବର୍ଷୀୟ ମୋ. ଜାରିଫ ଆଲୀ ଏବଂ ବିଶ୍ୱନାଥରୁ ଏକ ଛାତ୍ର ସଂଗଠନ ସତ୍ର ମୁକ୍ତି ସଂଗ୍ରାମ ପରିଷଦର ଜିଲା ସମ୍ପାଦକ ଅନିଲ ବାନିଆଙ୍କୁ ଗିରଫ କରିଥିଲା। ହୈଲାକାଣ୍ଡିରେ ସୁମନ ମଜୁମଦାର ଉର୍ଫ ବୁଲବୁଲ ଆଲୋମ ମଜୁମଦାର, ନାଗାଓଁରେ ମଶୁଦ ଆଜହାର ଏବଂ ଗୁୱାହାଟୀ ନିକଟସ୍ଥ ହାଜୋରୁ ଆଉ ଜଣେ ବ୍ୟକ୍ତିଙ୍କୁ "ଭାରତ ବିରୋଧୀ ମନ୍ତବ୍ୟ" ଅନଲାଇନରେ ଦେବା ଯୋଗୁଁ ଗିରଫ କରାଯାଇଥିଲା। କାଚାର ଜିଲା ପୋଲିସ ମଧ୍ୟ ସୋସିଆଲ ମିଡିଆରେ "ପାକିସ୍ତାନକୁ ସମର୍ଥନ କରୁଥିବା ବିଷୟବସ୍ତୁ" ପୋଷ୍ଟ କରିବା ଯୋଗୁଁ ଆଉ ଦୁଇ ଜଣଙ୍କୁ ଗିରଫ କରିଥିଲା। ଆସାମର ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱ ଶର୍ମା କହିଛନ୍ତି, "ଆବଶ୍ୟକ ହେଲେ, ଆମେ ତାଙ୍କ ଉପରେ ଜାତୀୟ ସୁରକ୍ଷା ଆଇନର ବ୍ୟବସ୍ଥା ଲାଗୁ କରିବୁ। ଆମେ ସମସ୍ତ ସୋସିଆଲ ମିଡିଆ ପୋଷ୍ଟ ପରୀକ୍ଷା କରୁଛୁ, ଏବଂ ଯେଉଁମାନେ ଆମେ ମନେ କରୁଛୁ ରାଷ୍ଟ୍ରବିରୋଧୀ, ସେମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ... ଭାରତ ଏବଂ ପାକିସ୍ତାନ ମଧ୍ୟରେ କୌଣସି ସାମଞ୍ଜସ୍ୟ ନାହିଁ। ଏହି ଦୁଇ ଦେଶ ଶତ୍ରୁ ରାଷ୍ଟ୍ର ଏବଂ ଆମେ ସେହିପରି ରହିବା ଆବଶ୍ୟକ।"

## ସ୍ୱାମୀଙ୍କୁ ସହିଦ ଘୋଷଣା କଲେ ମୁଁ ଏବଂ ମୋ ପରିବାର ଖୁସି ହେବୁ

**ନୂଆଦିଲ୍ଲୀ,୨୭।୪:** ଏପ୍ରିଲ ୨୨ ତାରିଖ । କଶ୍ମୀରର ପହଲଗାମରେ ପ୍ରକୃତିକୁ ଉପଭୋଗ କରୁଥିବା ବେଳେ ପର୍ଯ୍ୟଟକମାନଙ୍କ ଉପରେ ଅଚାନକ ଆକ୍ରମଣ କଲେ ଆତଙ୍କୀ । ଅନେକ ମହିଳା କିଛି କ୍ଷଣରେ ନିଜ ସାତ ଜନ୍ମର ସାଥୀଙ୍କୁ ହରାଇଲେ । ଏମାନଙ୍କ ଭିତରେ ଥିଲେ କାନପୁରର ୩୧ ବର୍ଷୀୟ ବ୍ୟବସାୟୀ ଶୁଭମ ଦ୍ୱିବେଦୀ । ଗତ ଫେବ୍ରୁଆରୀ ୧୨ ତାରିଖରେ ତାଙ୍କର ଆସାନ୍ୟାଙ୍କ ସହ ବାହାଘର ହୋଇଥିଲା । ସ୍ୱାମୀ ସ୍ତ୍ରୀ ଖୁସିରେ ବୁଲୁଥିବା ବେଳେ ଜଣେ ଆତଙ୍କୀ



ଆସି ଶୁଭମଙ୍କୁ ପଚାରିଥିଲା, ତୁମେ ହିନ୍ଦୁ ନା ମୁସଲମାନ୍ ? ଶୁଭମ୍ କହିଥିଲେ ମୁଁ ହିନ୍ଦୁ । ବାସ୍ ତା ପରେ ପ୍ରଥମ ଗୁଳି ବାଜିଥିଲା ଶୁଭମଙ୍କ ଦେହରେ । ସେଇଠି ସ୍ତ୍ରୀ ଆଗରେ ଟଳି ପଡ଼ିଥିଲେ । ପତ୍ନୀ ଆସାନ୍ୟା କହିଛନ୍ତି, ମୋ ସ୍ୱାମୀ ସାହସର ସହ କହିଥିଲେ ମୁଁ ହିନ୍ଦୁ ବୋଲି । ମୋରି ଆଗରେ ଅନ୍ୟ କେତେ ଜଣ ପ୍ରାଣ ବଞ୍ଚାଇ ଦୌଡ଼ି ପଳାଇଥିଲେ । ହେଲେ ମୋ ସ୍ୱାମୀ ଜବାବ ଦେଇଥିଲେ । ତେଣୁ ତାଙ୍କୁ ମାରି ଦିଆଗଲା । ତାଙ୍କ ମୃତ୍ୟୁ ମେତେ ଓ ମୋ ପରିବାରକୁ ଭୀଷଣ କଷ୍ଟ ଦେଇଛି। ଆମେ ତାଙ୍କୁ ଆଉ କେବେବି ଫେରି ପାଇବୁ ନାହିଁ ଏକଥା ସତ । ତେବେ ତାଙ୍କ ଜୀବନ ବଦଳରେ ମୁଁ ଆଉ କିଛି ଚାହୁଁ ନାହିଁ। ତାଙ୍କୁ ସହିଦ ଘୋଷଣା କଲେ ଆମ ପରିବାର ଖୁସି ହେବ ।

## କାଶ୍ମୀର ଘାଟିରେ ପୁଣି ହତ୍ୟା, ଘରେ ପଶି ଗୁଳି ମାରିଲେ ଆତଙ୍କବାଦୀ

**ନୂଆଦିଲ୍ଲୀ,୨୭।୪:** ପହଲଗାମ୍ ଆତଙ୍କବାଦ ବିରୋଧୀ ଅଭିଯାନ ପରେ ସୁରକ୍ଷା ବାହିନୀର ଜାରି ରହିଛି ଅପରେସନ୍। ଗତ ୨୪ ଘଣ୍ଟା ମଧ୍ୟରେ କାଶ୍ମୀର ଉପତ୍ୟକାରେ ସକ୍ରିୟ ଆତଙ୍କବାଦୀଙ୍କ ଆଉ ଚାରୋଟି ଘରକୁ ବିସ୍ଫୋରଣରେ ଉଡ଼ାଇ ଦେଇଛି। ସେପଟେ ଜମ୍ମୁ ଏବଂ କାଶ୍ମୀରର କୁପୱାଡା ଜିଲ୍ଲାରେ ଅଜ୍ଞାତ ବନ୍ଧୁକଧାରୀଙ୍କ ଗୁଳିରେ ଜଣେ ସାଧାରଣ ନାଗରିକର ମୃତ୍ୟୁ ହୋଇଛି। ହତ୍ୟା କରାଯାଇଥିବା ବ୍ୟକ୍ତି ଜଣେ ସାଧାରଣ ନାଗରିକ ଥିଲେ, ଯାହାଙ୍କ ଭାଇ କିଛି ବର୍ଷ ପୂର୍ବେ ପାକିସ୍ତାନ ଯାଇଥିଲେ ଏବଂ ଲସ୍କରରେ ସାମିଲ ଥିଲେ। ପୋଲିସ କହିଛି ଯେ ସନ୍ଦିଗ୍ଧ ବନ୍ଧୁକଧାରୀମାନେ ଶନିବାର ବିଳମ୍ବିତ ରାତିରେ ତାଙ୍କ କାଣ୍ଡି ଖାସ୍ ସ୍ଥିତ ବାସଭବନରେ ୪୫ ବର୍ଷୀୟ ଗୁଲାମ ରସୁଲ ମାଗ୍ରେଙ୍କୁ ଗୁଳି କରି ହତ୍ୟା କରାଯାଇଛି। ଯେଉଁଥିରେ ସେ ଗୁରୁତର ଆହତ ହୋଇଥିଲେ। ଅଧିକାରୀମାନେ କହିଛନ୍ତି "ମାଗ୍ରେଙ୍କୁ ତୁରନ୍ତ ଏକ ମେଡିକାଲକୁ ନିଆଯାଇଥିଲା, ସେଠାରୁ ତାଙ୍କୁ ଶ୍ରୀନଗରର ଏକ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ଅଧିକାରୀମାନେ କହିଛନ୍ତି ମୃତଦେହର ପୋଷ୍ଟମର୍ଟମ କରାଯାଇଛି।

ଆକ୍ରମଣ ପରେ, ମିଳିତ ସୁରକ୍ଷା ବାହିନୀ ଆକ୍ରମଣକାରୀଙ୍କୁ ଖୋଜିବା ପାଇଁ ଏକ ବଡ଼ ଧରଣର ତଲାସୀ ଅଭିଯାନ ଆରମ୍ଭ କରିଥିଲେ। ଜମ୍ମୁ କାଶ୍ମୀର ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ହତ୍ୟା ପଛର ଉଦ୍ଦେଶ୍ୟ ସ୍ପଷ୍ଟ ନଥିଲେ ମଧ୍ୟ ସୁରକ୍ଷା ସୂତ୍ର ଅନୁଯାୟୀ ମାଗ୍ରେଙ୍କ ଭାଇ ଗୁଲାମ ମୋହିଦିନ ମାଗ୍ରେ ନିୟନ୍ତ୍ରଣ ରେଖା ଆରପାରିରେ ପାକିସ୍ତାନ ଅଧିକୃତ କାଶ୍ମୀର (ପିଓକେ)ରେ ରୁହନ୍ତି। ମୋହିଦିନ୍ ଲସ୍କର-ଇ-ତୋଇବା ଆତଙ୍କବାଦୀ ଗୋଷ୍ଠୀର ଜଣେ ସକ୍ରିୟ ସଦସ୍ୟ ।

କୁପୱାଡ଼ାରେ ଜଣେ ସାଧାରଣ ନାଗରିକଙ୍କ ହତ୍ୟା ଏପରି ଏକ ସମୟରେ ଘଟିଛି ଯେତେବେଳେ ଏହି ସପ୍ତାହର ଆରମ୍ଭରେ ପହଲଗାମ ଆକ୍ରମଣ ପରେ ସୁରକ୍ଷା ବାହିନୀ କାଶ୍ମୀରରେ ଆତଙ୍କବାଦୀ ଏବଂ ସେମାନଙ୍କ ସମର୍ଥକମାନଙ୍କ ବିରୁଦ୍ଧରେ ଅପରେସନ ଜୋରଦାର ବଢ଼ିଛି। ଚାଲିଥିବା ଅପରେସନରେ, ଅତି କମରେ ନଅ ଜଣ ଆତଙ୍କବାଦୀଙ୍କ ଘର "ବିସ୍ଫୋରକ ବ୍ୟବହାର କରି ଭାଙ୍ଗି ଦିଆଯାଇଛି" ଏବଂ ଶହ ଶହ ସନ୍ଦିଗ୍ଧ ଲୋକଙ୍କୁ ପଚରାଉଚରା ପାଇଁ ଅଟକ ରଖାଯାଇଛି।

## ଏନ୍‌ସିସି କ୍ୟାମ୍ପରେ ନମାଜ ପଢ଼ିବାକୁ ବାଧ୍ୟ କରିବା ଅଭିଯୋଗରେ ୭ ଶିକ୍ଷକଙ୍କ ବିରୁଦ୍ଧରେ ମାମଲା

**ଛତିଶଗଡ଼,୨୭।୪:** ବିଲାସପୁର ଜିଲାରେ ଗୁରୁ ଘାସୀଦାସ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର କେତେକ ଛାତ୍ରଛାତ୍ରୀଙ୍କୁ ଏନ୍‌ସିସି ଶିବିର ସମୟରେ ନମାଜ ପଢ଼ିବାକୁ ବାଧ୍ୟ କରାଯାଇଥିବା ଅଭିଯୋଗରେ ଶନିବାର ୭ ଜଣ ଶିକ୍ଷକ ସମେତ ୮ ଜଣଙ୍କ ବିରୁଦ୍ଧରେ ମାମଲା ରୁଜୁ ହୋଇଛି। କୋଟା ଥାନା ଅଧୀନ ଶିବତରାଇ ଗାଁରେ ମାର୍ଚ୍ଚ ୨୬ରୁ ଏପ୍ରିଲ ୧ ମଧ୍ୟରେ ଆୟୋଜିତ ଏହି ଶିବିରରେ ୧୫୯ ଜଣ ଛାତ୍ରଛାତ୍ରୀଙ୍କୁ ନମାଜ ପଢ଼ିବାକୁ ବାଧ୍ୟ କରାଯାଇଥିଲା, ଯଦିଓ ସେମାନଙ୍କ ମଧ୍ୟରୁ କେବଳ ୪ ଜଣ ମୁସଲମାନ ଥିଲେ ବୋଲି ଅଧିକାରୀ କହିଛନ୍ତି। ଛାତ୍ରଛାତ୍ରୀମାନେ ଫେରିବା ପରେ ବିରୋଧ ପ୍ରଦର୍ଶନ କରିଥିଲେ, ଏହାପରେ ଦକ୍ଷିଣପନ୍ଥୀ ସଂଗଠନମାନେ ମଧ୍ୟ ଦାୟୀ ବ୍ୟକ୍ତିଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଦାବି କରି ଆନ୍ଦୋଳନ କରିଥିଲେ। ଏହାକୁ ନେଇ ଏକ ତଦନ୍ତ ଆରମ୍ଭ ହୋଇଥିଲା। ଘଟଣାଟି ମାର୍ଚ୍ଚ ୩୧ ତାରିଖରେ ଘଟିଥିଲା। ବିଲାସପୁରର ବରିଷ୍ଠ ପୁଲିସ ଅଧୀକ୍ଷକ ରାଜନେଶ ସିଂହ ଏହି ମାମଲାର ତଦନ୍ତ ପାଇଁ ସିଟି ସୁପରିଣ୍ଟେଣ୍ଡେଣ୍ଟ ଅଫ ପୁଲିସ (କୋଟୱାଲି) ଅକ୍ଷୟ ସାବାଦ୍ରାଙ୍କ ନେତୃତ୍ୱରେ ଏକ ଚାରି ସଦସ୍ୟ ବିଶିଷ୍ଟ କମିଟି ଗଠନ କରିଥିଲେ। ତଦନ୍ତ ରିପୋର୍ଟ ଏସ୍‌ଏସ୍‌ପିଙ୍କୁ ଦାଖଲ ହେବା ପରେ ଶନିବାର ଦିନ ମାମଲା ରୁଜୁ ହୋଇଛି। ଗୁରୁ ଘାସୀଦାସ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ଶିକ୍ଷକ ଦିଲୀପ ଝା, ମଧୁଲିକା ସିଂହ, ଜ୍ୟୋତି ବର୍ମା, ନୀରଜ କୁମାରୀ, ପ୍ରଶାନ୍ତ ବୈଷ୍ଣବ, ସୂର୍ଯ୍ୟଭାନ ସିଂହ ଏବଂ ବସନ୍ତ କୁମାର ଏବଂ ଟିମ କୋର ଲିଡର-ତଥା-ଛାତ୍ର ଆୟୁଷ୍ମାନ ଚୌଧୁରୀଙ୍କ ବିରୁଦ୍ଧରେ ଭାରତୀୟ ନ୍ୟାୟ ସଂହିତା (ବିଏନ୍‌ଏସ୍)ର ଧାରା ୧୯୬ (ବି), ୧୯୭ (୧) (ବି) (ସି), ୨୯୯, ୩୦୨, ୧୯୦ ଏବଂ ଛତିଶଗଡ଼ ଧାର୍ମିକ ସ୍ୱାଧୀନତା ଆଇନର ଧାରା ୪ ଅନୁଯାୟୀ ମାମଲା ରୁଜୁ ହୋଇଛି।

## ବସ୍ତିରେ ଲାଗିଲା ନିଆଁ, ୮୦୦ ଝୁମ୍ପୁଡ଼ି ଭସ୍ମ, ୨ ମୃତ

**ନୂଆଦିଲ୍ଲୀ,୨୭।୪:** ରବିବାର ସକାଳେ ଉତ୍ତର-ପଶ୍ଚିମ ଦିଲ୍ଲୀର ରୋହିଣୀ ଅଞ୍ଚଳର ଏକ ବସ୍ତିରେ ଭୟଙ୍କର ଅଗ୍ନିକାଣ୍ଡ ଘଟିଛି। ଏଥିରେ ଦୁଇଜଣଙ୍କ ମୃତ୍ୟୁ ହୋଇଥିବା ସୂଚନା ମିଳିଛି। ମୃତକ ମଧ୍ୟରୁ ଜଣେ ଅଢେଇ ବର୍ଷର ପିଲା ହୋଇଥିବା ବେଳେ ଆଉ ଜଣଙ୍କର ବୟସ ମାତ୍ର ୩ ବର୍ଷର ଅଗ୍ନିଶମ ବାହିନୀ ଅଫିସର ସୂଚନା ଦେଇଛନ୍ତି। ଅଗ୍ନିକାଣ୍ଡ ଖବର ପାଇବାର କିଛି ସମୟ ପରେ ଅଗ୍ନିଶମବାହିନୀ ଉକ୍ତ ଏରିଆରେ ପହଞ୍ଚିଥିଲା। ବିଭାଗ ପକ୍ଷରୁ ନିଆଁ ଲିଭାଇବା ପାଇଁ ୨୦ରୁ ଅଧିକ ଦମକଳ ଗାଡି ନିୟୋଜିତ କରାଯାଇଥିଲା ବୋଲି ଦିଲ୍ଲୀ ଅଗ୍ନିଶମ ବାହିନୀର ଜଣେ ଅଧିକାରୀ ସୂଚନା ଦେଇଛନ୍ତି। ନିଆଁ ଲିଭାଇବା ପାଇଁ ସମ୍ପୂର୍ଣ୍ଣ ୩ ଘଣ୍ଟାରୁ ଅଧିକ ସମୟ ଲାଗିଥିଲା। ଏଥିପାଇଁ ଅଗ୍ନିଶମବାହିନୀ କର୍ମଚାରୀ ଅକ୍ଲାନ୍ତ ପରିଶ୍ରମ କରିଥିଲେ। ନିଆଁ ଲିଭିବା ପରେ ଏବେ ଏରିଆକୁ କୁଲିଂ କରାଯାଉଛି। ଏବେ ବି କାମ ଜାରି ରହିଛି ବୋଲି ସେ କହିଛନ୍ତି। ଦିଲ୍ଲୀ ଫାୟାର ସର୍ଭିସ୍(ଡିଏଫ୍‌ଏସ୍) ଅଫିସରଙ୍କ ସୂଚନା ଅନୁସାରେ, ବସ୍ତିରେ ନିଆଁ ଲାଗିବା ପରେ ଅଗ୍ନିଶମବାହିନୀଙ୍କ ପାଖକୁ ସକାଳ ୧୧:୫୫ ସମୟରେ ଫୋନ୍ ଆସିଥିଲା। ଶ୍ରୀନିକେତନ ଆପାର୍ଟମେଣ୍ଟ ସେକ୍ଟର ୧୭ରେ ନିଆଁ ଲାଗିଥିବା ସୂଚନା ମିଳିଥିଲା। ଏହାପରେ ଆମେ ତୁରନ୍ତ ୧୭ଟି ଫାୟାର ଇଞ୍ଜିନ ଘଟଣା ସ୍ଥଳକୁ ପଠାଇଥିଲୁ। ହେଲେ ଅଗ୍ନିକାଣ୍ଡର ତୀବ୍ରତା ଦେଖିବା ପରେ ଆମେ ୧୨.୪୦ରେ ମିଡିୟମ କ୍ୟାଟେଗୋରୀ ଫାୟାର ସର୍ଭିସ୍‌ର ଉପଯୋଗ କରି ଅଧିକ ଗାଡ଼ି ଓ କର୍ମଚାରୀ ତୁରନ୍ତ ଘଟଣା ସ୍ଥଳକୁ ମଗାଇଥିଲୁ। ଘଟଣା ସ୍ଥଳରେ ମୋଟ ୨୬ ଫାୟାର ଟେଣ୍ଡର ମୁତୟନ କରାଯାଇଥିଲା।



# ଯେଉଁ ପାକିସ୍ତାନୀ ଛାଡିବେନି ଭାରତ, ସେମାନଙ୍କ ସହ କ'ଣ କରିବେ ସରକାର ?

**ନୂଆଦିଲ୍ଲୀ,୨୭।୪:** ପହଲଗାମ ଆତଙ୍କବାଦୀ ଆକ୍ରମଣରେ ୨୬ ଜଣଙ୍କ ହୋଇଥିବା ବିଭତ୍ସ ହତ୍ୟାରେ ସାରା ଦେଶ ସ୍ତମ୍ଭୀଭୂତ ହୋଇଯାଇଛି। ଏହାପରେ ଭାରତ ସରକାର ଭାରତରେ ଥିବା ପାକିସ୍ତାନୀ ନାଗରିକଙ୍କ ପ୍ରତି କଠୋର ନୀତି ଗ୍ରହଣ କରିଛନ୍ତି। ବୈଦେଶିକ ମନ୍ତ୍ରାଳୟ ଦୀର୍ଘମିଆଦୀ, କୂଟନୈତିକ ଏବଂ ସରକାରୀ ଭିସା ବ୍ୟତୀତ ସମସ୍ତ ପାକିସ୍ତାନୀ ନାଗରିକଙ୍କ ପାଇଁ ଭିସା ରଦ୍ଦ କରିଛି, ଯାହା ଏପ୍ରିଲ ୨୬ ଯାଏ ରହିଛି। ଚିକିତ୍ସା ଭିସା ଧାରୀମାନଙ୍କୁ ଏପ୍ରିଲ ୨୯ ପର୍ଯ୍ୟନ୍ତ ସମୟ ଦିଆଯାଇଛି। ସମସ୍ତ ପାକିସ୍ତାନୀ ନାଗରିକଙ୍କୁ ନିର୍ଦ୍ଦିଷ୍ଟ ସମୟ ସୀମା ପୂର୍ବରୁ ଭାରତ ଛାଡ଼ିବାକୁ ନିର୍ଦ୍ଦେଶ ଦିଆଯାଇଛି। କେନ୍ଦ୍ର ସରକାରଙ୍କ ଦ୍ୱାରା ପାକିସ୍ତାନୀ ନାଗରିକମାନଙ୍କୁ ଭାରତ ଛାଡିବା ପାଇଁ ଦିଆଯାଇଥିବା ଅଲ୍ଟିମେଟମ ୨୬ ଏପ୍ରିଲରେ ଶେଷ ହୋଇଛି। ଏପରି ପରିସ୍ଥିତିରେ, ପ୍ରଶ୍ନ ଉଠୁଛି ଯେ, ଯେଉଁ ପାକିସ୍ତାନୀ ନାଗରିକମାନେ ଭାରତରେ ରହୁଛନ୍ତି ଏବଂ କୌଣସି କାରଣରୁ



ଏପର୍ଯ୍ୟନ୍ତ ଦେଶ ଛାଡି ପାରିନାହାନ୍ତି, ସେମାନଙ୍କର କଣ ହେବ? ସରକାର ସେମାନଙ୍କ ବିରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ ନେବେ କି?

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଗୃହମନ୍ତ୍ରୀ ଅମିତ ଶାହଙ୍କ ନେତୃତ୍ୱରେ ସରକାରଙ୍କ ନିର୍ଦ୍ଦେଶ ପାଳନ ନ କଲେ ଶୂନ୍ୟ ସହନଶୀଳତା ନୀତି ଗ୍ରହଣ କରିଛନ୍ତି। ଶାହା ସମସ୍ତ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କୁ ସେମାନଙ୍କ ଅଞ୍ଚଳରେ ଥିବା ପାକିସ୍ତାନୀ ନାଗରିକଙ୍କୁ ଚିହ୍ନଟ କରି ତୁରନ୍ତ ସ୍ୱଦେଶ ପଠାଇବାକୁ ନିର୍ଦ୍ଦେଶ ଦେଇଛନ୍ତି। ପହଲଗାମ ଆତଙ୍କବାଦୀ ଆକ୍ରମଣ ପରେ, ଭାରତ ସରକାର ପାକିସ୍ତାନୀ ନାଗରିକଙ୍କ ଭିସା ବାତିଲ ଘୋଷଣା କରିଥିଲେ ଏବଂ ସେମାନଙ୍କୁ ଭାରତ ଛାଡିବା ପାଇଁ ୪୮ ଘଣ୍ଟା ସମୟ ଦିଆଯାଇଥିଲା, ଯାହା ଏପ୍ରିଲ ୨୬ରେ ଶେଷ ହୋଇଥିଲା। ଓଡ଼ିଶାରେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ନିଶ୍ଚିତ କରିଛନ୍ତି ଯେ ୧୨ ଜଣ ବ୍ୟକ୍ତିଙ୍କୁ ତାଲିକାଭୁକ୍ତ କରାଯାଇଛି, ଏବଂ ପୋଲିସ ଏହି ପ୍ରକ୍ରିୟାକୁ କାର୍ଯ୍ୟକାରୀ କରୁଛି। ଅଟାରୀ-ୱାଗାହ ସୀମାନ୍ତ ବନ୍ଦ ହୋଇଛି, ଏବଂ ପାକିସ୍ତାନୀଙ୍କ ପାଇଁ ଭିସା ସେବା ସ୍ଥଗିତ ରହିଛି, ଯାହା ପାକିସ୍ତାନ ସମର୍ଥିତ ଆତଙ୍କବାଦ ଅଭିଯୋଗରେ ଭାରତର ପ୍ରତିକ୍ରିୟାକୁ ପ୍ରତିଫଳିତ କରୁଛି। ବର୍ତ୍ତମାନ ସୁଦ୍ଧା କେବଳ ସାର୍କ ଭିସାର ମିଆଦ ଶେଷ ହୋଇଛି। ୨୭ ଏପ୍ରିଲ ପରେ ଅନ୍ୟ ଭିସା ବେଆଇନ ହୋଇଯିବ, କିନ୍ତୁ ମେଡିକାଲ ଭିସାରେ ଭାରତ ଆସିଥିବା ପାକିସ୍ତାନୀ ନାଗରିକମାନେ ୨୯ ଏପ୍ରିଲ ପର୍ଯ୍ୟନ୍ତ ଭାରତରେ ରହିପାରିବେ।

ବୈଦେଶିକ ମନ୍ତ୍ରଣାଳୟରୁ ମିଳିଥିବା ସୂଚନା ଅନୁଯାୟୀ, ଭାରତରେ ରହୁଥିବା ଯେକୌଣସି ପାକିସ୍ତାନୀ ନାଗରିକ ଯିଏ ସରକାରଙ୍କ ଦ୍ୱାରା ଦିଆଯାଇଥିବା ସମୟ ସୀମା ମଧ୍ୟରେ ଭାରତ ଛାଡି ନାହାନ୍ତି, ତାଙ୍କୁ ଅଧିକ ସମୟ ଧରି ବାସ କରୁଥିବା ବିଦେଶୀ ନାଗରିକ ଭାବରେ ବିବେଚନା କରାଯିବ। ଯାହା ପରେ ସେମାନଙ୍କ ବିରୁଦ୍ଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

ୱାଗାହ ସୀମାନ୍ତ ନିକଟରେ ଭାରତୀୟ-ପାକିସ୍ତାନୀ ମିଶ୍ରିତ ପରିବାରମାନେ ଅନିଶ୍ଚିତତାର ସମ୍ମୁଖୀନ ହେଉଛନ୍ତି। ବାଜିଦା ଖାନ ପରି ଭାରତୀୟ ନାଗରିକ, ଯେଉଁମାନେ ପାକିସ୍ତାନୀଙ୍କୁ ବିବାହ କରିଛନ୍ତି, ସେମାନେ ପାକିସ୍ତାନୀ ପାସପୋର୍ଟ ଧାରୀ ସେମାନଙ୍କ ପିଲାଙ୍କଠାରୁ ବିଚ୍ଛେଦର ଭୟ କରୁଛନ୍ତି। ପାକିସ୍ତାନ ଭାରତୀୟ ଭିସା ରଦ୍ଦ କରି ଏବଂ ବାଣିଜ୍ୟ ମାର୍ଗ ବନ୍ଦ କରି ପ୍ରତିଶୋଧ ନେଇଛି, ଆକ୍ରମଣରେ ଜଡ଼ିତ ଥିବାରୁ ଅସ୍ୱୀକାର କରିଛି। ଆମେରିକା ଏବଂ ଇରାନ ଉଭୟ ଦେଶକୁ ସଂଯମ ରଖିବାକୁ ଆହ୍ୱାନ ଜଣାଇଛନ୍ତି। ଘରୋଇ ଭାବେ, କେତେକ ନାଟୋକାଇ ନୀତିକୁ ସମର୍ଥନ କରୁଛନ୍ତି, କିନ୍ତୁ ବିଶ୍ଳେଷକମାନେ ଚେତାବନୀ ଦେଇଛନ୍ତି ଯେ ଏହା ଭାରତର ମାନବୀୟ ଛବିକୁ କ୍ଷତି ପହଞ୍ଚାଇ ପାରେ।

ଏପ୍ରିଲ ୨୯ ସମୟସୀମା ନିକଟତର ହେଉଥିବାରୁ, ଓଡ଼ିଶା ପରି ରାଜ୍ୟମାନେ ନାଟୋକାଇ ପ୍ରୟାସକୁ ତୀବ୍ର କରୁଛନ୍ତି। ଅନୁପାଳନ ନକରୁଥିବା ପାକିସ୍ତାନୀ ନାଗରିକମାନେ ଆଇନଗତ ପରିଣାମ କିମ୍ବା ବାଧ୍ୟତାମୂଳକ ନାଟୋକାଇର ସମ୍ମୁଖୀନ ହେବାର ସମ୍ଭାବନା ରହିଛି, କାରଣ ଭାରତ ଉତ୍ତେଜନା ମଧ୍ୟରେ ସୁରକ୍ଷାକୁ ପ୍ରାଧାନ୍ୟ ଦେଉଛି।

ସଂଚାର SANCHAR

## କଳିଙ୍ଗ ସୁପର କପ-୨୦୨୫

# ସେମି ଫାଇନାଲ୍‌ରେ ମୋହନ ବାଗାନ, ଏଫ୍‌ସି ଗୋଆ

**ଭୁବନେଶ୍ୱର, ୨୭।୪:** କଳିଙ୍ଗ ସୁପର କପ୍‌ରେ ମୋହନ ବାଗାନ ଏସ୍‌ସି ଓ ଏଫ୍‌ସି ଗୋଆ ଆଧିପତ୍ୟ ଜାରି ରଖି ସେମି ଫାଇନାଲ୍‌ରେ ପ୍ରବେଶ କରିଛନ୍ତି। କଳିଙ୍ଗ ଷ୍ଟାଡିୟମରେ ଶନିବାର ଅନୁଷ୍ଠିତ ପ୍ରଥମ କ୍ୱାର୍ଟର ଫାଇନାଲ୍‌ରେ ମୋହନ ବାଗାନ ୨-୧ ଗୋଲ୍‌ରେ କେରଳ ବ୍ଲାଷ୍ଟର୍ସକୁ ଏବଂ ଦ୍ୱିତୀୟ କ୍ୱାର୍ଟରରେ ଏଫ୍‌ସି ଗୋଆ ୨-୧ ଗୋଲ୍‌ରେ ପଞ୍ଜାବ ଏଫ୍‌ସିକୁ ପରାସ୍ତ କରିଥିଲା।





ମୋହନ ବାଗାନ ବନାମ କେରଳ ବ୍ଲାଷ୍ଟର୍ସ: ଏହି ମ୍ୟାଚ୍ କଡ଼ା ସଂଘର୍ଷପୂର୍ଣ୍ଣ ହୋଇଥିଲା। ମୋହନ ବାଗାନ ଆରମ୍ଭରୁ ଘନଘନ ଆକ୍ରମଣ କରି ୨୨ମିନିଟ୍‌ରେ ଗୋଲ୍ ଖାତା ଖୋଲିଥିଲା। ଦଳ ପକ୍ଷରୁ ସହଲ ଅବଦୁଲ ସମଦ ଏହି ଗୋଲ୍‌ଟି ଦେଇଥିଲେ। ଏହି ଭାଗରେ କେରଳ ଗୋଲ୍ ପରିଶୋଧ କରିପାରି ନଥିଲା। ଦ୍ୱିତୀୟାର୍ଦ୍ଧ ଖେଳ ଆରମ୍ଭରୁ ସୁହେଲ ଅହମ୍ମଦ ଭଟ (୫୧ମିନିଟ୍)ଙ୍କ ଗୋଲ୍ ବଳରେ ମୋହନ ବାଗାନ ୨-୦ରେ ଅଗ୍ରଣୀ ହାସଲ କରିଥିଲା। ଏହାପରେ କେରଳ ମ୍ୟାଚ୍‌କୁ ଫେରିବା ପାଇଁ ସବୁ ଶକ୍ତ ଲଗାଇ ଦେଇଥିଲା। ମାତ୍ର ନିର୍ଦ୍ଧାରିତ ସମୟ ମଧ୍ୟରେ ଦଳ ଗୋଲ୍ କରିବାରେ ବିଫଳ ହୋଇଥିଲା। ଇନ୍‌ଜ୍ୟୁରୀ ଟାଇମ୍‌ରେ କେରଳ ପକ୍ଷରୁ ଶ୍ରୀକୁଟନ ଏମ୍.ଏସ୍ ଗୋଟିଏ ଗୋଲ୍ ପରିଶୋଧ କରିବାରେ ସଫଳ ହୋଇଥିଲେ।

ଏଫ୍‌ସି ଗୋଆ ବନାମ ପଞ୍ଜାବ ଏଫ୍‌ସି: ମ୍ୟାଚ୍ ତୀବ୍ର ପ୍ରତିଦ୍ୱନ୍ଦ୍ୱୀତାମୂଳକ ହୋଇଥିଲା। ଇନ୍‌ଜ୍ୟୁରୀ ଟାଇମ୍‌ରେ ମହମ୍ମଦ ୟାସିର ଗୋଟିଏ ଦର୍ଶନୀୟ ଗୋଲ୍ କରି ଗୋଆ ବିଜୟରେ ହିରୋ ସାଜିଥିଲେ। ପ୍ରଥମାର୍ଦ୍ଧ ଖେଳ ଆକ୍ରମଣ ଓ ପ୍ରତିଆକ୍ରମଣ ମଧ୍ୟରେ ଗୋଲଶୂନ୍ୟ ରହିଥିଲା। ଦ୍ୱିତୀୟାର୍ଦ୍ଧରେ ପଞ୍ଜାବ ଆକ୍ରମଣ ଜୋରଦାର କରି ଖାତା ଖୋଲିଥିଲା। ୫୭ମିନିଟ୍‌ରେ ଏନ୍. ଏଜେକୁଇଲ ଭିଡାଲ ଏହି ଗୋଲ୍ ସ୍କୋର କରିଥିଲେ। ଏହାପରେ ଗୋଆ ଗୋଲ୍ ପରିଶୋଧ ପାଇଁ ଘନଘନ ଆକ୍ରମଣ ଜାରି ରଖିଥିଲା। ୮୮ମିନିଟ୍ ପର୍ଯ୍ୟନ୍ତ ପଞ୍ଜାବ ଅଗ୍ରଣୀ ବଜାୟ ରଖିଥିଲା। ୮୯ମିନିଟ୍‌ରେ ବୋର୍ଜା ହେରେରା ଗୋଞ୍ଜାଲେଜଙ୍କ ଗୋଲ୍ ବଳରେ ଗୋଆ ସ୍ଥିତି ୧-୧ରେ ବରାବର କରିଥିଲା। ମାତ୍ର ଇନ୍‌ଜ୍ୟୁରୀ ଟାଇମ୍‌ରେ ୟାସିର ଆଉ ଏକ ଗୋଲ୍ କରି ଗୋଆକୁ ସେମିରେ ପହଞ୍ଚାଇଥିଲେ।

# ପାକିସ୍ତାନ ସହ କ୍ରିକେଟ୍ ସଂପର୍କ ଛିନ୍ନ ସପକ୍ଷରେ ଗାଙ୍ଗୁଲି



**କୋଲକାତା, ୨୭।୪:** ପହଲଗାମରେ ପାକିସ୍ତାନ ସମର୍ଥିତ ଆତଙ୍କବାଦୀଙ୍କ ବର୍ବରୋଚିତ ଆକ୍ରମଣରେ ୨୬ଜଣ ନିରୀହ ପର୍ଯ୍ୟଟକଙ୍କ ପ୍ରାଣହାନି ଘଟିବା ପରେ ସାରା ଦେଶରେ କ୍ଷୋଭ ଓ ଅସନ୍ତୋଷର ବାତାବରଣ ସୃଷ୍ଟି ହୋଇଛି। ଏଭଳି ଏକ ଦୁଃଖଦ ସମୟରେ ପୀଡ଼ିତଙ୍କ ପରିବାରଙ୍କୁ ହୃଦୟର ଗଭୀରତମ କୋଣରୁ ସମବେଦନା ଜଣାଉଛନ୍ତି ପୂର୍ବତନ ଭାରତୀୟ ଅଧିନାୟକ ତଥା ବିସିସିଆଇର ପୂର୍ବତନ ସଭାପତି ସୌରଭ ଗାଙ୍ଗୁଲି। ତା' ସହିତ ତୁରନ୍ତ ପାକିସ୍ତାନ ସହ ସମସ୍ତ କ୍ରିକେଟ୍ ସଂପର୍କ ଛିନ୍ନ କରିବାକୁ ଆହ୍ୱାନ କରିଛନ୍ତି ପ୍ରିନ୍ସ ଅଫ୍ କୋଲକାତା ଭାବେ ପରିଚିତ ଗାଙ୍ଗୁଲି। ଏକ ସାକ୍ଷାତକାର ଅବସରରେ ସେ କହିଛନ୍ତି, ପାକିସ୍ତାନ ସହ କୌଣସି କ୍ରିକେଟ୍ ସଂପର୍କ ଜାରି ରଖିବାର କୌଣସି ଆବଶ୍ୟକତା ନାହିଁ। ପ୍ରତିବର୍ଷ ଏଭଳି ଲୋମଟାଙ୍କୁରା ଘଟଣା ଘଟିବା ଆଦୌ ଗ୍ରହଣୀୟ ନୁହେଁ। ଆତଙ୍କବାଦକୁ କୌଣସି ମତେ ବରଦାସ୍ତ କରାନଯାଉ। ସୂଚନାଯୋଗ୍ୟ ଯେ ତିକ୍ତ ରାଜନୈତିକ ସଂପର୍କ ପାଇଁ ୨୦୦୮ ମସିହାରୁ ଭାରତୀୟ କ୍ରିକେଟ୍ ଦଳ ପାକିସ୍ତାନ ଗସ୍ତ କରିନି। ଉଭୟ ଦଳ ମଧ୍ୟରେ ଶେଷ ଦ୍ୱିପାକ୍ଷିକ ଶୃଙ୍ଖଳା ୨୦୧୨-୧୩ ମସିହାରେ ଖେଳାଯାଇଥିଲା। ଦୁଇ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ଅବଶ୍ୟ ଆଇସିସି ଦ୍ୱାରା ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ ପରସ୍ପର ସହ ଖେଳି ଆସୁଛନ୍ତି। ଚଳିତବର୍ଷ ଚାମ୍ପିଅନ୍ସ ଟ୍ରଫି ଅବସରରେ ପାକିସ୍ତାନ ଗସ୍ତ କରିବାକୁ ଭାରତ ମନା କରିଦେବା ପରେ ବଡ଼ ବିବାଦ ସୃଷ୍ଟି ହୋଇଥିଲା। ଶେଷରେ ପାକିସ୍ତାନ କ୍ରିକେଟ୍ ବୋର୍ଡ ମୁଣ୍ଡ ନୁଆଁଇଥିଲା ଏବଂ ଭାରତ ତା'ର ମ୍ୟାଚ୍‌ଗୁଡ଼ିକ ୟୁଏଇରେ ଖେଳିଥିଲା। ବିଜେତା ମଧ୍ୟ ହୋଇଥିଲା।

# ନାୟରଙ୍କୁ ମିଳିଲା ଟି-୨୦ ମୁମ୍ବାଇ ଲିଗ୍‌ର ମେଣ୍ଟର

**ନୂଆଦିଲ୍ଲୀ,୨୭।୪:** ଟିମ୍ ଇଣ୍ଡିଆର ପୂର୍ବତନ ସହାୟକ ପ୍ରଶିକ୍ଷକ ଅଭିଷେକ ନାୟାର ଏବେ ପ୍ରଶିକ୍ଷକ ଦଳର ଅଂଶ ନୁହଁନ୍ତି। ନିକଟରେ ବିସିସିଆଇ ତାଙ୍କୁ ଚାକିରିରୁ ବହିଷ୍କାର କରିଥିଲା। ହେଲେ ଦଳରୁ ବାଦ ପଡ଼ିବା ପରେ ଟି-୨୦ ଲିଗରେ ତାଙ୍କର ଚାହିଦା ବଢ଼ିଯାଇଛି। କିଛିଦିନ ପୂର୍ବେ ନାୟାର ଆଇପିଏଲ୍‌କୁ ଫେରି ପୂର୍ବତନ ଫ୍ରାଞ୍ଚାଇଜ କୋଲକାତା ନାଇଟ ରାଇଡର୍ସରେ ଯୋଗ ଦେଇଥିଲେ।



ଏସବୁ ମଧ୍ୟରେ ଏବେ ତାଙ୍କୁ ଆଉ ଏକ ଚାକିରି ମିଳିଛି। ମୁମ୍ବାଇ ଦକ୍ଷିଣ କେନ୍ଦ୍ରୀୟ ମରାଠା ରୟାଲ୍ସ ତାଙ୍କୁ ଟି-୨୦ ମୁମ୍ବାଇ ଲିଗର ତୃତୀୟ ସଂସ୍କରଣ ପାଇଁ ନିଜର ମେଣ୍ଟର(ମାର୍ଗଦର୍ଶକ) କରିଛି। ଏହାର ଅର୍ଥ ହେଉଛି ଆଇପିଏଲ୍ ସରିବା ପରେ ସେ ଏହି ଲିଗ୍‌ରେ ପ୍ରମୁଖ ଦାୟିତ୍ୱ ତୁଲାଇବେ। ଟି-୨୦ ମୁମ୍ବାଇ ଲିଗରେ ଦୁଇଟି ନୂତନ ଦଳକୁ ସାମିଲ କରାଯାଇଛି। ମୁମ୍ବାଇ ଦକ୍ଷିଣ କେନ୍ଦ୍ରୀୟ ମରାଠା ରୟାଲ୍ସ ମଧ୍ୟ ସେମାନଙ୍କ ମଧ୍ୟରୁ ଗୋଟିଏ। ୨୦୨୫ ଆଇପିଏଲ୍ ଶେଷ ହେବା ପରେ, ୨୬ ମଇରେ ଆରମ୍ଭ ହେବାକୁ ଥିବା ଏହି ଲିଗ୍‌ରେ ନାୟାରଙ୍କୁ ମେଣ୍ଟର ଭୂମିକାରେ ଦେଖିବାକୁ ମିଳିବ। ସେ ପୂର୍ବତନ ମୁମ୍ବାଇ ଦ୍ରୁତ ବୋଲର ଏବଂ ଦଳର ମୁଖ୍ୟ ପ୍ରଶିକ୍ଷକ ଅମିତ ଦାନିଙ୍କ ସହ କାମ କରିବେ। ନାୟାର ୭ ମଇରେ ହେବାକୁ ଥିବା ନିଲାମ ସମୟରେ ଦଳକୁ ସାହାଯ୍ୟ କରିବେ। ଅନ୍ୟପକ୍ଷରେ ପୂର୍ବତନ ଟିମ ଇଣ୍ଡିଆ ବୋଲିଂ ପ୍ରଶିକ୍ଷକ ପାରସ ମାହାମ୍ବ୍ରେ ଏଆର୍‌ସିଏସ୍ ଅନ୍ଧେରୀ ଦଳରେ ମେଣ୍ଟର ଭାବରେ ଯୋଗ ଦେଇଛନ୍ତି। ବର୍ତ୍ତମାନ ସେ ଆଇପିଏଲ୍‌ରେ ମୁମ୍ବାଇ ଇଣ୍ଡିଆନ୍ସର ବୋଲିଂ ପ୍ରଶିକ୍ଷକ ଅଛନ୍ତି।

# ମାଇକେଲ୍ କିଣ୍ଡୋ ସ୍ମାରକୀ ହକି: ଫାଇନାଲ୍‌ରେ ଛତ୍ରପୁର-ଭୁବନେଶ୍ୱର



**ଭୁବନେଶ୍ୱର, ୨୭।୪:** ଭୁବନେଶ୍ୱର ହକି କ୍ଲବ୍ ଟ୍ରଷ୍ଟ (ବିଏଚ୍‌ସିଟି) ଓ ହକି ଆସୋସିଏସନ୍ ଅଫ୍ ଓଡ଼ିଶା (ହାଓ)ର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ୍‌ରେ ଚାଲିଥିବା ମାଇକେଲ୍ କିଣ୍ଡୋ ସ୍ମାରକୀ ଯୁବ ହକି ପ୍ରତିଯୋଗିତାର ଫାଇନାଲ୍‌ରେ ଏଚ୍‌ଟିସି ଛତ୍ରପୁର ଭେଟିବ ଆୟୋଜକ ବିଏଚ୍‌ସିଟିକୁ। ଶନିବାର ଏଚ୍‌ଟିସି ଛତ୍ରପୁର ଏବଂ ଜିଆର୍ ରଣପୁର ମଧ୍ୟରେ ଖେଳାଯାଇଥିବା ପ୍ରଥମ ସେମିଫାଇନାଲ୍‌ରେ ୧-୧ ଗୋଲ୍‌ରେ ଶେଷ ହେବା ପରେ ସୁଟ୍‌ଆଉଟ୍‌ରେ ଛତ୍ରପୁର ୨-୧ରେ ବାଜି ମାରିନେଇଥିଲା। ଦ୍ୱିତୀୟ ସେମିଫାଇନାଲ୍‌ରେ କିନ୍ତୁ ଆୟୋଜକ ଭୁବନେଶ୍ୱର ହକି କ୍ଲବ୍ ଟ୍ରଷ୍ଟ (ବିଏଚ୍‌ସିଟି) ୨-୧ରେ ଏଚ୍‌ଟିସି ଭୁବନେଶ୍ୱରକୁ ହରାଇଦେଇଥିଲା। ଶନିବାର କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ହକି ଖେଳାଳି ଦୀପସାନ୍ ତିର୍କି, ରୋଶନ୍ ମିଞ୍ଜ୍, ପୋଲିନା ସୋରେନ୍, ଅଧିନାୟକ ଧ୍ରୁପତି ରାଉତ, କ୍ୟାପଟେନ୍ ତରାଇ, ଦେବାଶିଷ ଗୌଡ଼ ଅତିଥି ଭାବେ ଯୋଗ ଦେଇଥିଲେ। ରବିବାର ସଂଧ୍ୟା ୫.୩୦ରେ ଫାଇନାଲ୍ ମ୍ୟାଚ୍ ଖେଳାଯିବା ପୂର୍ବରୁ ତୃତୀୟ ସ୍ଥାନ ପାଇଁ ଜିଆର୍ ରଣପୁର-ଏଚ୍‌ଟିସି ଭୁବନେଶ୍ୱର ମୁକାବିଲା ହେବ।

# ନିନ୍ଦା କରିବା ପରିବର୍ତ୍ତେ ଭାରତକୁ ପ୍ରମାଣ ମାଗିଲେ ଶାହିଦ ଆଫ୍ରିଦି

**ଇସଲାମାବାଦ,୨୭।୪:** ଜମ୍ମୁ-କାଶ୍ମୀରର ପହଲଗାମରେ ହୋଇଥିବା ଆତଙ୍କବାଦୀ ଆକ୍ରମଣରେ ୨୬ ଜଣ ବ୍ୟକ୍ତି ପ୍ରାଣ ହରାଇଛନ୍ତି। ଏହାକୁ ନେଇ ଚାରିଆଡେ ପ୍ରତିକ୍ରିୟା ପ୍ରକାଶ ପାଉଥିବା ବେଳେ ପାକିସ୍ତାନ କ୍ରିକେଟ ଦଳର ପୂର୍ବତନ ଅଧିନାୟକ ତଥା ଅଲରାଉଣ୍ଡର ଶାହିଦ ଆଫ୍ରିଦି ବିବାଦୀୟ ବୟାନ ଦେଇଛନ୍ତି। ପାକିସ୍ତାନ ସହ ଜଡିତ ଏକ ଆତଙ୍କବାଦୀ ସଂଗଠନ ଏହି ଆକ୍ରମଣ ପାଇଁ ଦାୟୀ ବୋଲି ଦାବି କରିଛି।



ଏହା ସତ୍ତ୍ୱେ ଆଫ୍ରିଦି ଘଟଣାର ନିନ୍ଦା କରିବା ପରିବର୍ତ୍ତେ ଭାରତଠାରୁ ପ୍ରମାଣ ମାଗିଛନ୍ତି। ପାକିସ୍ତାନକୁ ଦୋଷ ଦେବା ପାଇଁ, ଆଫ୍ରିଦି ଲଜ୍ଜାଜନକ ଭାବରେ ଭାରତକୁ ସମାଲୋଚନା କରିଛନ୍ତି। ଏହି ଅଭିଯୋଗ ସମ୍ପୂର୍ଣ୍ଣ ଭିତ୍ତିହୀନ ଏବଂ କୌଣସି ତଦନ୍ତ ବିନା ପାକିସ୍ତାନକୁ ଦୋଷ ଦେବା ଠିକ ନୁହେଁ ବୋଲି ସେ କହିଛନ୍ତି। ପହଲଗାମ ଆକ୍ରମଣ ଉପରେ ଶାହିଦ ଆଫ୍ରିଦିଙ୍କ ମତାମତ ପଚରାଯାଇଥିଲା। ଜବାବରେ ପାକିସ୍ତାନ ବିରୋଧରେ ଅଭିଯୋଗ ସମ୍ପର୍କରେ ଆଫ୍ରିଦି କହିଛନ୍ତି, "ମୁଁ କ୍ରିକେଟ ଏବଂ କ୍ରୀଡା କୂଟନୀତିରେ ଗଭୀର ବିଶ୍ୱାସ ରଖେ। ଏଥିରେ କୌଣସି ରାଜନୀତି ହେବା ଉଚିତ ନୁହେଁ। ଯଦି ଆମେ ପଡ଼ୋଶୀ ଦେଶ, ତେଣୁ ଆମେ ପରସ୍ପରର ଯତ୍ନ ନେବା ଉଚିତ। କିନ୍ତୁ ଏହି ଘଟଣା ଏବେ ଘଟିଛି ଏବଂ ତୁମେ ସିଧାସଳଖ ପାକିସ୍ତାନର ନାମ ନେଲ। ଅତି କମରେ ପ୍ରମାଣ ସହିତ ଆସନ୍ତୁ। ବିଶ୍ୱକୁ କୁହନ୍ତୁ।" ସେ ଏହି ଘଟଣା ପାଇଁ ଦୁଃଖ ପ୍ରକାଶ କରି କହିଛନ୍ତି ଯେ କୌଣସି ଧର୍ମର ଆତଙ୍କବାଦୀଙ୍କୁ କେହି ସମର୍ଥନ କରନ୍ତି ନାହିଁ। ଏହା ପାକିସ୍ତାନରେ ମଧ୍ୟ ଘଟୁଛି। ଏହି ଘଟଣା ସତ୍ତ୍ୱେ ସେ ବିଶ୍ୱାସ କରନ୍ତି ଯେ ଦୁଇ ଦେଶ ମଧ୍ୟରେ ସମ୍ପର୍କରେ ଉନ୍ନତି ହେବା ଉଚିତ କାରଣ ଯୁଦ୍ଧ କରିବାର କୌଣସି କାରଣ ନାହିଁ।

ପହଲଗାମରେ ଆକ୍ରମଣ ପରେ ଭାରତ ଏବଂ ପାକିସ୍ତାନ ମଧ୍ୟରେ ଉତ୍ତେଜନା ବୃଦ୍ଧି ପାଇଛି। ଭାରତ ଦ୍ୱାରା ଅନେକ କଠୋର ପଦକ୍ଷେପ ନିଆଯାଇଛି। ଭାରତ ମଧ୍ୟ ପାକିସ୍ତାନ ସହିତ ସୀମା ବନ୍ଦ କରିଦେଇଛି। ଏହା ସହିତ ଭାରତରେ ଉପସ୍ଥିତ ସମସ୍ତ ପାକିସ୍ତାନୀ ନାଗରିକଙ୍କୁ ଫେରାଇ ଦିଆଯାଇଛି। କେବଳ ଏତିକି ନୁହେଁ ପାକିସ୍ତାନୀ କୂଟନୀତିଜ୍ଞଙ୍କ ଭିସା ମଧ୍ୟ ବାତିଲ କରାଯାଇଛି। ଏହା ବ୍ୟତୀତ ପାକିସ୍ତାନ ସହିତ ଜଳ ବାଣ୍ଟୁଥିବା ସିନ୍ଧୁ ଜଳ ଚୁକ୍ତିନାମା ମଧ୍ୟ ସମାପ୍ତ ହୋଇଛି। ଅନ୍ୟପକ୍ଷରେ, ବିସିସିଆଇ ଆଇସିସିକୁ ଚିଠି ଲେଖି ଭାରତ ଏବଂ ପାକିସ୍ତାନକୁ ଗୋଟିଏ ଗ୍ରୁପରେ ନ ରଖିବାକୁ ଅନୁରୋଧ କରିପାରେ ବୋଲି କୁହାଯାଉଛି।

# ପଣ୍ଟିଂଙ୍କ ପାଇଁ ଟ୍ରଫି ହାତେଇପାରିବ ନାହିଁ ପଞ୍ଜାବ କିଙ୍ଗସ: ମନୋଜ ତିୱାରୀ

**ନୂଆଦିଲ୍ଲୀ, ୨୭।୪:** ଶ୍ରେୟସ ଆୟରଙ୍କ ଅଧିନାୟକତ୍ୱରେ ପଞ୍ଜାବ କିଙ୍ଗ୍ସ ଶ୍ରେଷ୍ଠ ୪ରେ ସାମିଲ ହୋଇଛି ଏବଂ ପ୍ଲେଅଫରେ ସ୍ଥାନ ପାଇଁ ଲଢୁଥିବା ଦଳଗୁଡ଼ିକ ମଧ୍ୟରେ ଏହା ଏକ ଦୃଢ଼ ଦାବିଦାର ମଧ୍ୟ ରହିଛି। ଶ୍ରେୟସ ଆୟରଙ୍କ ଅଧିନାୟକତ୍ୱରେ ପଞ୍ଜାବ ୯ଟି ମ୍ୟାଚ୍ ରୁ ୫ଟିରେ ବିଜୟୀ ହୋଇଛି ଏବଂ ୩ଟିରେ ହାରିଛି। ଶେଷ ମ୍ୟାଚ୍ ବର୍ଷା ଯୋଗୁଁ ବାତିଲ ହୋଇଥିବାରୁ, ସେମାନଙ୍କୁ ୧ ପଏଣ୍ଟରେ ସନ୍ତୁଷ୍ଟ ହେବାକୁ ପଡିଥିଲା। ନିଶ୍ଚିତ ଭାବରେ ପଞ୍ଜାବ ଭଲ କରୁଛି କିନ୍ତୁ ଏହି ଦଳ ପାଇଁ ଖେଳିଥିବା ଜଣେ ପୂର୍ବତନ ଭାରତୀୟ କ୍ରିକେଟର କହିଛନ୍ତି ଯେ ଯଦି ଦଳ ଏପରି କରେ ତେବେ ଏହା ଟାଇଟଲ ଜିତିପାରିବ ନାହିଁ।

ପୂର୍ବତନ ଭାରତୀୟ କ୍ରିକେଟର ମନୋଜ ତିୱାରୀ ତାଙ୍କ ଏକ୍ସ (ଟ୍ୱିଟର)ରେ ଲେଖିଛନ୍ତି ଯେ ପଞ୍ଜାବ କିଙ୍ଗସ୍ ଶୀର୍ଷ ୨ ରେ ରହିଲେ ମଧ୍ୟ ଏହିପରି ଟାଇଟଲ ଜିତିପାରିବ ନାହିଁ। ସେ ପଞ୍ଜାବ କିଙ୍ଗସ୍ ପ୍ରଶିକ୍ଷକ ରିକି ପଣ୍ଟିଂଙ୍କୁ ମଧ୍ୟ ଟାର୍ଗେଟ କରିଛନ୍ତି ଏବଂ ତାଙ୍କର କିଛି ନିଷ୍ପତ୍ତିକୁ ସମାଲୋଚନା କରିଛନ୍ତି।



ମନୋଜ ତିୱାରୀ ଲେଖିଛନ୍ତି, "ମୁଁ ଭାବୁଛି ଯେ ଏହି ସିଜିନରେ ପଞ୍ଜାବ କିଙ୍ଗ୍ସ ଆଇପିଏଲ ଟ୍ରଫି ଜିତିପାରିବ ନାହିଁ କାରଣ ଆଜି ମୁଁ ଦେଖିଲି ଯେ ଯେତେବେଳେ ପଞ୍ଜାବ ବ୍ୟାଟିଂ କରୁଥିଲା, ପ୍ରଶିକ୍ଷକ (ରିକି ପଣ୍ଟିଂ) ଫର୍ମରେ ଥିବା ବ୍ୟାଟସମ୍ୟାନ୍ ନେହାଲ୍ ବଢେରା ଏବଂ ଶଶାଙ୍କ ସିଂହଙ୍କୁ ପଠାଇ ନଥିଲେ, ବରଂ ସେ ବିଦେଶୀ ଖେଳାଳିଙ୍କ ଉପରେ ଭରସା କରିଥିଲେ କିନ୍ତୁ ସେମାନେ ଭଲ କରିପାରିଲେ ନାହିଁ। ଏହା ସ୍ପଷ୍ଟ ଥିଲା ଯେ ତାଙ୍କର ନିମ୍ନ କ୍ରମରେ ଭାରତୀୟ ବ୍ୟାଟସମ୍ୟାନ୍ମାନଙ୍କ ଉପରେ କମ୍ ଭରସା ଅଛି। ଯଦି ସେ ଭବିଷ୍ୟତରେ ଏହା ଜାରି ରଖନ୍ତି, ତେବେ ଶୀର୍ଷ ୨ ରେ ସ୍ଥାନ ପାଇବା ପରେ ମଧ୍ୟ ସେମାନେ ଟାଇଟଲରୁ ଦୂରରେ ରହିବେ।" ପ୍ରିୟାଂଶ ଆର୍ଯ୍ୟ (୬୯) ଏବଂ ପ୍ରଭସିମରନ ସିଂହ (୮୩) ପ୍ରଥମ ୱିକେଟ ପାଇଁ ୧୨୦ ରନ ଯୋଡି ପଞ୍ଜାବ କିଙ୍ଗସକୁ ଏକ ଦୃଢ଼ ଆରମ୍ଭ ଦେଇଥିଲେ। ୧୨ତମ ଓଭରରେ ପ୍ରଥମ ୱିକେଟ୍ ପଡ଼ିବା ପରେ, ପ୍ରଭସିମରନ୍ ୧୫ତମ ଓଭରରେ ଆଉଟ୍ ହୋଇଥିଲେ, ଯାହା ପରେ ମ୍ୟାକ୍ସୱେଲ୍ ୮ ବଲ୍ ରେ ୭ ରନ୍ କରି ଆଉଟ୍ ହୋଇଥିଲେ। ଏହା ପରେ ମାର୍କୋ ଜାନସେନ୍ ୭ ବଲ୍ ରେ ୩ ରନ୍ କରି ପାଭିଲିୟନ ଫେରିଥିଲେ। ନିଶ୍ଚିତ ଭାବରେ, ପଞ୍ଜାବ ୨୦୧ ରନ କରିଥିଲା କିନ୍ତୁ ଆରମ୍ଭକୁ ବିଚାର କଲେ, ଦଳ ପ୍ରାୟ ୨୦ ରନ କମ୍ ସ୍କୋର କରିପାରିଥିଲା।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଅଟାରି-ୱାଘା ...

ପାଖରେ ଦୀର୍ଘମିଆଦୀ ଓ କୂଟନୈତିକ କିମ୍ବା ସରକାରୀ ଭିସା ରହିଛି ସେମାନଙ୍କୁ 'ଭାରତ ଛାଡ଼' ଆଦେଶରୁ ବାଦ୍ ଦିଆଯାଇଛି। ଅମୃତସର ଜିଲ୍ଲାର ଅଟାରୀ ସୀମାରେ ପାକିସ୍ତାନୀ ନାଗରିକମାନେ ତରବରିଆ ଭାବେ ନିଜ ଦେଶକୁ ପ୍ରବେଶ କରିବା ପାଇଁ ଗାଡି ଗୁଡ଼ିକ ଧାଡ଼ିରେ ଛିଡ଼ା ହୋଇଥିବା ଦେଖିବାକୁ ମିଳିଥିଲା। ଅନେକ ଭାରତୀୟ ନିଜ ସମ୍ପର୍କୀୟଙ୍କୁ ବିଦାୟ ଦେବାକୁ ଆସିଥିଲେ, ସେମାନଙ୍କ ମୁହଁରେ ଅଲଗା ହେବାର ଯନ୍ତ୍ରଣା ସ୍ପଷ୍ଟ ଦେଖାଯାଉଥିଲା । ୯ ଜଣ କୂଟନୀତିଜ୍ଞ ଓ ଅଧିକାରୀଙ୍କ ସମେତ ମୋଟ ୨୩୭ ଜଣ ପାକିସ୍ତାନୀ ନାଗରିକ ରବିବାର ଅଟାରି-ୱାଘା ସୀମା ପୋଷ୍ଟ ଦେଇ ଭାରତ ଛାଡ଼ିଥିବା ବେଳେ ଏପ୍ରିଲ ୨୬ରେ ୮୧ ଜଣ, ଏପ୍ରିଲ ୨୫ରେ ୧୯୧ ଜଣ ଏବଂ ଏପ୍ରିଲ ୨୪ରେ ୨୮ ଜଣ ପାକିସ୍ତାନୀ ନାଗରିକ ଭାରତ ଛାଡ଼ିଥିଲେ। ସେହିପରି ଜଣେ କୂଟନୀତିଜ୍ଞଙ୍କ ସମେତ ୧୧୬ ଜଣ ଭାରତୀୟ ରବିବାର ପାକିସ୍ତାନରୁ ଅନ୍ତର୍ଜାତୀୟ ସ୍ଥଳ ସୀମା ପାର ହୋଇ ଫେରିଛନ୍ତି। ଏପ୍ରିଲ ୨୬ରେ ୧୩ ଜଣ କୂଟନୀତିଜ୍ଞ ଓ ଅଧିକାରୀଙ୍କ ସମେତ ୩୪୨ ଜଣ ଭାରତୀୟ ଫେରିଥିଲେ। ଏପ୍ରିଲ ୨୫ରେ ୨୮୭ ଭାରତୀୟ ଅତିକ୍ରମ କରିଥିଲେ। ଏବଂ ଏପ୍ରିଲ ୨୪ରେ ୧୦୫ ଜଣ ଭାରତୀୟ ଫେରିଥିଲେ। ଅଟାରି ସୀମାର ପ୍ରୋଟୋକଲ ଅଫିସର ଅରୁଣ ମହଲ କହିଛନ୍ତି ଯେ ଏପ୍ରିଲ ୨୪ରୁ ୨୭ ମଧ୍ୟରେ ମୋଟ ୫୩୭ ଜଣ ପାକିସ୍ତାନୀ ନାଗରିକ ଅଟାରୀ-ୱାଘା ସୀମା ଦେଇ ପାକିସ୍ତାନକୁ ପ୍ରବେଶ କରିଥିବା ବେଳେ ୮୫୦ ଜଣ ଭାରତୀୟ ପାକିସ୍ତାନରୁ ଫେରିଛନ୍ତି । କେତେକ ପାକିସ୍ତାନୀ ବିମାନ ବନ୍ଦର ଦେଇ ମଧ୍ୟ ଭାରତ ଛାଡିଥାଇପାରନ୍ତି ବୋଲି ସେମାନେ କହିଛନ୍ତି ଏବଂ ପାକିସ୍ତାନ ସହ ଭାରତର ସିଧାସଳଖ ବିମାନ ଯୋଗାଯୋଗ ନଥିବାରୁ ସେମାନେ ଅନ୍ୟ ଦେଶକୁ ଚାଲିଯାଇଥାଇପାରନ୍ତି ବୋଲି ସେମାନେ ଦର୍ଶାଇଛନ୍ତି। ଅଧିକାରୀମାନେ କହିଛନ୍ତି ଯେ ସ୍ୱଳ୍ପ କାଳୀନ ଭିସା ଥିବା ପାକିସ୍ତାନୀଙ୍କ ମଧ୍ୟରୁ ସର୍ବାଧିକ ସଂଖ୍ୟକ ମହାରାଷ୍ଟ୍ରରେ ରହୁଛନ୍ତି। ସେମାନଙ୍କ ସଂଖ୍ୟା ପାଖାପାଖି ୧୦୦୦ ବୋଲି ଆକଳନ କରାଯାଇଛି। ଦକ୍ଷିଣ ଉପକୂଳବର୍ତ୍ତୀ ରାଜ୍ୟ କେରଳରେ ୧୦୪ ଜଣ ପାକିସ୍ତାନୀ ନାଗରିକ ଥିଲେ, ସେମାନଙ୍କ ମଧ୍ୟରୁ ୯୯ ଜଣ ଦୀର୍ଘମିଆଦୀ ଭିସାରେ ଥିଲେ। ବାକି ୫ ଜଣ ପର୍ଯ୍ୟଟକ କିମ୍ବା ମେଡିକାଲ ଭିସାରେ ଥିବା ବେଳେ ସେମାନେ ଦେଶ ଛାଡ଼ି ଚାଲିଯାଇଛନ୍ତି। କେନ୍ଦ୍ରୀୟ ଭାରତର ମଧ୍ୟପ୍ରଦେଶରେ ପ୍ରାୟ ୨୨୮ ଜଣ ପାକିସ୍ତାନୀ ନାଗରିକ ଅଛନ୍ତି, ଯେଉଁମାନଙ୍କ ମଧ୍ୟରୁ ଅଧିକାଂଶ ଦେଶ ଛାଡ଼ି ସାରିଛନ୍ତି। ଅପରପକ୍ଷରେ ଓଡ଼ିଶାରେ ପାଖାପାଖି ୧୨ ଜଣ ପାକିସ୍ତାନୀଙ୍କୁ ଚିହ୍ନଟ କରାଯାଇଛି ଏବଂ ସମସ୍ତଙ୍କୁ ଦେଶ ଛାଡିବା ପାଇଁ ଧାର୍ଯ୍ୟ ସମୟସୀମା ପାଳନ କରିବାକୁ କୁହାଯାଇଛି। କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଶୁକ୍ରବାର ସମସ୍ତ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କୁ ଫୋନ୍ କରି ଦେଶ ଛାଡିବା ପାଇଁ ଧାର୍ଯ୍ୟ ସମୟସୀମା ପରେ ଯେପରି କୌଣସି ପାକିସ୍ତାନୀ ଭାରତରେ ନ ରୁହନ୍ତି ତାହା ସୁନିଶ୍ଚିତ କରିବାକୁ କହିଛନ୍ତି। ମୁଖ୍ୟମନ୍ତ୍ରୀମାନଙ୍କ ସହ ଶାହଙ୍କ ଟେଲିଫୋନ୍ କଥାବାର୍ତ୍ତା ପରେ କେନ୍ଦ୍ର ଗୃହ ସଚିବ ଗୋବିନ୍ଦ ମୋହନ ମୁଖ୍ୟ ଶାସନ ସଚିବଙ୍କ ସହ ଭିଡିଓ କନଫରେନ୍ସିଂ କରି ଭିସା ରଦ୍ଦ ହୋଇଥିବା ସମସ୍ତ ପାକିସ୍ତାନୀ ନାଗରିକଙ୍କୁ ନିର୍ଦ୍ଧାରିତ ସମୟ ସୀମା ସୁଦ୍ଧା ଭାରତ ଛାଡ଼ିବାକୁ ନିର୍ଦ୍ଦେଶ ଦେଇଛନ୍ତି। ପହଲଗାମ ଆତଙ୍କବାଦୀ ଆକ୍ରମଣ ପରେ ଭାରତ ଓ ପାକିସ୍ତାନ ମଧ୍ୟରେ ପୂର୍ବରୁ ତିକ୍ତ ଥିବା ସମ୍ପର୍କ ଆହୁରି ଖରାପ ହୋଇଯାଇଥିଲା ଏବଂ ନୂଆଦିଲ୍ଲୀ ଭିସା ବାତିଲ କରିବା ସମେତ ଅନେକ ପ୍ରତିଶୋଧମୂଳକ ପଦକ୍ଷେପ ଘୋଷଣା କରିଥିଲା ଏବଂ ଇସଲାମାବାଦ ଏହାର ଜବାବ ଦେଇଥିଲା।

### ସମୁଦ୍ର...

ହୋଇଥିବାରୁ ସମୁଦ୍ର ପଥରେ ମଧ୍ୟ କଡା ନଜର ରଖିବାକୁ ପୁରୀ ଜିଲ୍ଲାର ୪ଟି ସାମୁଦ୍ରିକ ଥାନାକୁ ଆଲର୍ଟ କରାଯାଇଛି। ଶ୍ରୀମନ୍ଦିର ନିକଟରେ ହେଉ କି ପୁରୀ ସହରରେ ଅଥବା ସମୁଦ୍ର ପଥରେ କୌଣସି ସନ୍ଦିଗ୍ଧ କାର୍ଯ୍ୟକଳାପ, ସନ୍ଦିଗ୍ଧ ବ୍ୟକ୍ତି ବିଶେଷଙ୍କୁ ଦେଖିଲେ ସଙ୍ଗେ ସଙ୍ଗେ ପଦକ୍ଷେପ ନେବାକୁ ସବୁ ଥାନା ଅଧିକାରୀ ଓ ସାମୁଦ୍ରିକ ଥାନା ଅଧିକାରୀଙ୍କୁ କଡା ନିର୍ଦ୍ଦେଶ ଦେଇଛନ୍ତି ପୁରୀ ଏସପି । ବିଶ୍ୱର ଅନ୍ୟତମ ପ୍ରସିଦ୍ଧ ପର୍ଯ୍ୟଟନ କ୍ଷେତ୍ର ପୁରୀ ସହର ସମୁଦ୍ରକୂଳ ଅଞ୍ଚଳରେ ଥିବାରୁ ସମୁଦ୍ର ପଥ ଦେଇ କେତେବେଳେ ବି ଆତଙ୍କବାଦୀ ଆସି ପୁରୀରେ କିଛି ବି ଅଘଟଣ ଘଟାଇବାର ଆଶଙ୍କା ରହିଛି । ଏଣୁ ପୁରୀ ଉପକୂଳ ଉପରେ କଡା ନଜର ରଖିବାକୁ ପୁରୀ ଜିଲ୍ଲାରେ ମୋଟ ୪ଟି ସାମୁଦ୍ରିକ ଥାନା କାର୍ଯ୍ୟକାରୀ କରୁଛି । ସାମୁଦ୍ରିକ ଥାନା କର୍ମଚାରୀ ସମୁଦ୍ରରେ ପାଟ୍ରୋଲିଂ କରିବାକୁ ଦାୟିତ୍ୱ ଦିଆଯାଇଛି ।

### ଯୁଦ୍ଧ ପାଇଁ...

ବିଶ୍ୱସନୀୟ ଏବଂ ଭବିଷ୍ୟତ ପାଇଁ ଯେକୌଣସି ସମୟରେ ଯେକୌଣସି ସମୟରେ ଭାରତୀୟ ନୌସେନା ପ୍ରସ୍ତୁତ ବୋଲି ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ଏକ ପୋଷ୍ଟରେ କହିଛି।ଗତ ଏପ୍ରିଲ ୨୨ ତାରିଖରେ କାଶ୍ମୀରର ପହଲଗାମରେ ହୋଇଥିବା ଆତଙ୍କବାଦୀ ଆକ୍ରମଣରେ ୨୬ ଜଣଙ୍କ ମୃତ୍ୟୁ ହେବା ପରେ ଭାରତୀୟ ନୌସେନା ପକ୍ଷରୁ ସଫଳ ଆକ୍ରମଣ କରାଯିବ ବୋଲି ସାର୍ବଜନୀନ ଘୋଷଣା କରାଯାଇଛି। ଏହି ଆକ୍ରମଣ ପଛରେ ପାକିସ୍ତାନର ହାତ ଥିବା କୁହାଯାଉଛି। ଆକ୍ରମଣର ପ୍ରତିଶୋଧ ସ୍ୱରୂପ ଭାରତ ୧୯୬୦ ର ସିନ୍ଧୁ ଜଳ ଚୁକ୍ତିକୁ ସ୍ଥଗିତ ରଖିବା, ଏପ୍ରିଲ ୨୭ ସୁଦ୍ଧା ସମସ୍ତ ପାକିସ୍ତାନୀ ନାଗରିକଙ୍କୁ ଦେଶରୁ ତଡିବା ଏବଂ ଅଟାରୀ-ୱାଘା ସୀମାକୁ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଥିଲା। ନିୟନ୍ତ୍ରଣ ରେଖା ନିକଟରେ ପାକିସ୍ତାନୀ ସୈନିକମାନେ ବାରମ୍ବାର ଅସ୍ତ୍ରବିରତି ଉଲ୍ଲଂଘନ କରୁଥିବାରୁ ଭାରତ ମଧ୍ୟ ଏହାକୁ ନିନ୍ଦା କରିଛି। ଏହାର ଜବାବରେ ପାକିସ୍ତାନ ଭାରତ ସହ ସମସ୍ତ ଦ୍ୱିପାକ୍ଷିକ ଚୁକ୍ତିକୁ ସ୍ଥଗିତ ରଖିଛି। ରବିବାର ତାଙ୍କ ମାସିକ ରେଡିଓ କାର୍ଯ୍ୟକ୍ରମ 'ମନ୍ କି ବାତ୍'ରେ ପ୍ରଧାନମନ୍ତ୍ରୀ ସମଗ୍ର ଦେଶରେ ଅନୁଭବ ହେଉଥିବା ଯନ୍ତ୍ରଣା ଏବଂ କ୍ରୋଧ ବିଷୟରେ ବିସ୍ତୃତ ଭାବରେ କହିଥିଲେ। ସେ କହିଛନ୍ତି ଯେ ଦେଶ ଏବଂ ଜମ୍ମୁ-କାଶ୍ମୀରର ଶତ୍ରୁମାନେ ଏହି ଅଞ୍ଚଳର ପ୍ରଗତିରେ ନିରାଶ ହୋଇଛନ୍ତି। ଆତଙ୍କବାଦୀ ଏବଂ ଆତଙ୍କବାଦର ମାଷ୍ଟରମାଇଣ୍ଡମାନେ ଚାହୁଁଛନ୍ତି ଯେ କାଶ୍ମୀରକୁ ପୁନର୍ବାର ଧ୍ୱଂସ କରାଯାଉ ଏବଂ ତେଣୁ ସେମାନେ ଏତେ ବଡ଼ ଷଡ଼ଯନ୍ତ୍ର କରିଛନ୍ତି। ଜନସାଧାରଣଙ୍କୁ ଦୃଢ଼ ରହିବାକୁ ଅନୁରୋଧ କରି ସେ କହିଛନ୍ତି, ଦେଶ ସାମ୍ନାରେ ଦେଖାଦେଇଥିବା ଏହି ଆହ୍ୱାନର ମୁକାବିଲା କରିବା ପାଇଁ ଆମକୁ ଆମର ସଂକଳ୍ପକୁ ସୁଦୃଢ଼ କରିବାକୁ ପଡ଼ିବ। ଆମକୁ ଏକ ରାଷ୍ଟ୍ର ଭାବରେ ଦୃଢ଼ ଇଚ୍ଛାଶକ୍ତି ପ୍ରଦର୍ଶନ କରିବାକୁ ପଡିବ । ଆଜି ସାରା ବିଶ୍ୱ ଦେଖୁଛି, ଏହି ଆତଙ୍କବାଦୀ ଆକ୍ରମଣ ପରେ ସମଗ୍ର ଦେଶ ଏକ ସ୍ୱରରେ କହୁଛି ।

### ଭାସିଲା...

ରାଷ୍ଟ୍ରନିର୍ମାଣରେ ତାଙ୍କର ଅବଦାନକୁ ମନେ ପକାଇ ବିନମ୍ର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ମ୍ୟାଁମାରରେ ଘଟିଥିବା ଭୂମିକମ୍ପର ଭୟାବହତା, ଆଫ୍ରିକାର ଇଥିଓପିଆରେ ପ୍ରବାସୀ ଭାରତୀୟମାନଙ୍କ କଥା, ଭାରତର ଯୁବକଯୁବତୀମାନେ ଭାରତ ପ୍ରତି ଅବଦାନ, ଛତିଶଗଡ଼ର ଦନ୍ତେୱାଡ଼ାର ବିଜ୍ଞାନ କେନ୍ଦ୍ର କଥା, 'ମାଆ ନାଁରେ ଗଛଟିଏ', କର୍ଣ୍ଣାଟକର ସେଓର ସ୍ୱାଦ, ହିମାଚଳରେ କେସର ଚାଷ, ବିହାର, ପଶ୍ଚିମବଙ୍ଗ ଏବଂ ଝାଡ଼ଖଣ୍ଡରେ ଲିଚୁ ଉତ୍ପାଦନ, ଗାନ୍ଧିଜୀଙ୍କ ଐତିହାସିକ 'ଚମ୍ପାରଣ ସତ୍ୟାଗ୍ରହ' କଥା ମନେ ପକାଇଥିଲେ ମୋଦି।

### ନିଶ୍ଚିହ୍ନ...

କରାଯିବ ସେନେଇ କେନ୍ଦ୍ର ସରକାର ଯୋଜନା କରିଛନ୍ତି । ଯେଉଁଥି ପାଇଁ ସିନ୍ଧୁ ନଦୀ ଜଳ ଚୁକ୍ତିନାମା ସମ୍ପର୍କରେ ଗୃହମନ୍ତ୍ରୀ ଅମିତ ଶାହାଙ୍କୁ ପ୍ରସ୍ତାବ ଦିଆଯାଇଛି । ଏପରି ପରିସ୍ଥିତିରେ ପାକିସ୍ତାନକୁ ଗୋଟିଏ ବି ବୁନ୍ଦା ପାଣି ନଯିବାକୁ ଜଳ ଶକ୍ତି ମନ୍ତ୍ରୀ କହିଛନ୍ତି । ଯାହା ବୈଠକରେ ଆଲୋଚନା କରାଯାଇଥିଲା । ଚେନାବରେ ଅନେକ ପ୍ରକଳ୍ପ କାର୍ଯ୍ୟ ଜାରି ରହିଛି ଯାହା ସମ୍ପୂର୍ଣ୍ଣ ହେବା ପାଇଁ ୫ରୁ ୭ ବର୍ଷ ସମୟ ଲାଗି ପାରେ । ସେପର୍ଯ୍ୟନ୍ତ ପାକିସ୍ତାନ ଆଡକୁ ପାଣି ଛଡ଼ାଯିବ ଛଡ଼ା ଆଉ କିଛି ବିକଳ୍ପ ନାହିଁ । କାମ ଚାଲିଥିବା ବନ୍ଧଗୁଡ଼ିକ ସମ୍ପୂର୍ଣ୍ଣ ହେଲେ ଯାଇ ଭାରତ ଏହି ସବୁ ନଦୀର ଜଳକୁ ନିୟନ୍ତ୍ରଣ କରି ପାରିବ। ଯାହା ବର୍ତ୍ତମାନ ସମ୍ଭବ ନୁହେଁ । ବିଶ୍ୱବ୍ୟାଙ୍କର ମଧ୍ୟସ୍ଥତାରେ ଭାରତ ଓ ପାକିସ୍ତାନ ମଧ୍ୟରେ ଜଳ ଚିକ୍ତି ହୋଇଛି । ସେହି ଅନୁସାରେ ସତଲୁଜ, ବ୍ୟାସ ଓ ରାବି ନଦୀ ଜଳ ଉପରେ ଭାରତର ନିୟନ୍ତ୍ରଣ ରହିଛି । ଅନ୍ୟପଟେ ସିନ୍ଧ, ଝେଲମ ଓ ଚେନାବ ନଦୀର ଜଳ ଅଧିକାର ପାକିସ୍ତାନ ହାତରେ ରହିଛି । ବର୍ତ୍ତମାନ ଝେଲମ ନଦୀରେ ବନ୍ୟା ପାଇଁ ଭାରତକୁ ଦାୟୀ କରିଛି ପାକିସ୍ତାନ । ତେବେ ଏ ନେଇ ଭାରତ ପକ୍ଷରୁ କୌଣସି ପ୍ରତିକ୍ରିୟା ପ୍ରକାଶ କରାଯାଇ ନାହିଁ ।

### ଆଧାରକାର୍ଡ...

ଭିସା ୨୭ ତାରିଖ ଯାଏଁ ବୈଧ ରହିବ ବୋଲି ସରକାରଙ୍କ ପକ୍ଷରୁ ଘୋଷଣା କରାଯାଇଛି। କେବଳ ମେଡିକାଲ ଭିସା ଆସନ୍ତା ୨୯ ଯାଏ ବଳବତ୍ତର ରହିବ। ବୈଦେଶିକ ବ୍ୟାପାର ମନ୍ତ୍ରାଳୟ ପକ୍ଷରୁ ଏ ନେଇ ନିର୍ଦ୍ଦେଶନାମା ଜାରି ହୋଇଛି।

### ତିନି ହଜାର...

କେତେଦୂର ସଫଳ ହେବେ ତାହା ବଡ ପ୍ରଶ୍ନବାଚୀ ସୃଷ୍ଟି କଲାଣି । ଓଡିଶାର ଶିକ୍ଷିତ ଯୁବକମାନଙ୍କୁ ଏହିସବୁ ପଦବୀରେ ନିଯୁକ୍ତି ଦେବା ବଦଳରେ ଏତେ ସଂଖ୍ୟାରେ ସେନା କର୍ମଚାରୀଙ୍କୁ ନିଯୁକ୍ତି ଦେବାର ଚିନ୍ତାଧାରା କାହା ମଗଜରୁ ବାହାରିଲା ତାହା ଏବେ ଆଲୋଚନାର ବିଷୟ ହୋଇଛି । ଶିକ୍ଷିତ ବେକାରଙ୍କୁ ନିଯୁକ୍ତିର ପ୍ରତିଶ୍ରୁତି ଦେଇ ରାଜ୍ୟରେ କ୍ଷମତାକୁ ଆସିଥିବା ନୂଆ ସରକାର ଉପରେ ଏବେ ନିଯୁକ୍ତି ଦେବାପାଇଁ ଚାପ ବଢୁଥିବାବେଳେ ପୁଲିସ୍ ବାହିନୀରେ ଏତେ ସଂଖ୍ୟକ ପଦବୀ ଅନ୍ୟ ରାଜ୍ୟର ଅବସରପ୍ରାପ୍ତ ସେନା କର୍ମଚାରୀଙ୍କ ହାତରେ ଟେକିଦେବାକୁ ଅବସରପ୍ରାପ୍ତ ବରିଷ୍ଠ ପୁଲିସ୍ ଅଧିକାରୀମାନେ ସହଜରେ ଗ୍ରହଣ କରିପାରୁ ନାହାନ୍ତି । ଆଗାମୀ ଦିନରେ ଏହା କେବଳ ନିଯୁକ୍ତିଜନିତ ସମସ୍ୟା ସୃଷ୍ଟି କରିବ ନାହିଁ ଦରମା ଅସଙ୍ଗତିକୁ ନେଇ ପୁଲିସ୍ ବାହିନୀରେ ଅସନ୍ତୋଷ ବଢ଼ାଇବ ବୋଲି ମତପ୍ରକାଶ ପାଉଛି ।

### ଛାତ୍ରଛାତ୍ରୀଙ୍କ...

ସେହିପରି ଓପିଏସସି ଦ୍ୱାରା ପରିଚାଳିତ ଓଡ଼ିଶା ସିଭିଲ୍ ସର୍ଭିସେସ୍ ୨୦୨୩ ମେନ୍ ପରୀକ୍ଷାରେ ବି ଗୁରୁତର ତ୍ରୁଟି। ପ୍ରଥମ ସିଟିଂରେ ଥିବା ଅପସନାଲ୍ ଆନ୍ଥ୍ରୋପଲୋଜି ପେପର୍ ୱାନ୍‌ରେ ପେପର ଟୁ ପ୍ରଶ୍ନ, ଆଉ ଦ୍ୱିତୀୟ ସିଟିଂରେ ହୋଇଥିବା ପେପର୍ ଟୁ ପରୀକ୍ଷାରେ ପେପର୍ ୱାନ୍ ପ୍ରଶ୍ନ ଦେଖି ଅସନ୍ତୋଷ ଝାଡ଼ିଥିଲେ ପରୀକ୍ଷାର୍ଥୀ । ତେବେ ପରୀକ୍ଷାରେ ଏଭଳି ସାଂଘାତିକ ତ୍ରୁଟିକୁ ନେଇ ଅତି ହାଲୁକା ମନ୍ତବ୍ୟ ରଖିଛି ଓପିଏସସି । କମିଶନ୍ ପକ୍ଷରୁ ଦିଆଯାଇଥଇବା ପ୍ରଥମ ନୋଟିସ୍‌ରେ ଦର୍ଶାଇଥିଲା, ପ୍ରଥମ ସିଟିଂରେ, ଦ୍ୱିତୀୟ ସିଟିଂରେ ଥିବା ଆନ୍ଥ୍ରୋପଲୋଜି ପେପର୍‌ର କୋଶ୍ଚିନ୍ ଆସିଥିବାରୁ ପରୀକ୍ଷାର୍ଥୀମାନେ ପରୀକ୍ଷା ଦିଅନ୍ତୁ। ଦ୍ୱିତୀୟ ସେସନରେ ପେପର୍ ଟୁ ପ୍ରଶ୍ନପତ୍ର ଖୋଲାଯିବା ପରେ କମିଶନ୍ ଯାହାକିଛି ନିଷ୍ପତ୍ତି ନେବେ। ସେହିପରି ଦ୍ୱିତୀୟ ନୋଟିସରେ ଦର୍ଶାଯାଇଥିଲା, ପେପର୍ ଟୁରେ ପେପର୍ ୱାନ କୋଶ୍ଚିନ୍ ଆସିଥିବାରୁ ପରୀକ୍ଷା ଜାରି ରଖିବାକୁ ପରୀକ୍ଷାର୍ଥୀଙ୍କୁ କୁହାଯାଇଥିଲା। ଅନ୍ୟପକ୍ଷରେ ଓଡ଼ିଶା ଷ୍ଟାଫ ସିଲେକ୍ସନ କମିଶନ ଅଧ୍ୟକ୍ଷ ନିଜ ସୋସିଆଲ୍ ମିଡିଆ ହ୍ୟାଣ୍ଡେଲ୍-ଏକ୍ସରେ ପରୀକ୍ଷାରେ ତ୍ରୁଟି ସ୍ୱୀକାର କରିବା ସହ ଦୁଃଖ ପ୍ରକାଶ କରିଛନ୍ତି। କହିଛନ୍ତି ପ୍ରତିକାରମୂଳକ ପଦକ୍ଷେପ ପାଇଁ ଆସନ୍ତା ମେ ୪ ତାରିଖ ପୂର୍ବରୁ ଇମେଲ୍ ଜରିଆରେ ପରୀକ୍ଷାର୍ଥୀଙ୍କ ପରାମର୍ଶ ଲୋଡାଯାଇଛି। ଏଠି ପ୍ରଶ୍ନ, ଦୁଇ ଆୟୋଗ କାହିଁକି ପିଲାଙ୍କ ଭବିଷ୍ୟତ ସହ ଖେଳ ଖେଳୁଛନ୍ତି ? ଶିକ୍ଷାବିତଙ୍କ କହିବା କଥା ଆୟୋଗଙ୍କ ଏଭଳି ମନ୍ତବ୍ୟ ଦୁର୍ଭାଗ୍ୟଜନକ।

### ଗଞ୍ଜାମରେ...

ମଧ୍ୟ ନିପୁଣ ଓଡିଶା ମିଶନ ଆରମ୍ଭ କରାଯାଇଛି। ଏଥିରେ ଛାତ୍ରଛାତ୍ରୀ ମାନଙ୍କ ମୌଳିକ ସ୍ୱାକ୍ଷରତା ଓ ସଂଖ୍ୟାଜ୍ଞାନ ବୃଦ୍ଧି ପାଇଁ ବ୍ୟବସ୍ଥା କରାଯାଇଛି । ନିପୁଣ ଓଡିଶା କାର୍ଯ୍ୟକ୍ରମ ଜରିଆରେ ଆମର ଛାତ୍ରଛାତ୍ରୀମାନେ ନିଶ୍ଚିତଭାବେ ମୌଳିକ ଜ୍ଞାନ ହାସଲ କରି ଉଚ୍ଚଶିକ୍ଷାରେ ସଫଳ ହେବେ। ସେ ଆହୁରି କହିଥିଲେ ପୂର୍ବ ସରକାରଙ୍କ ୫-ଟି ସ୍କୁଲ ଏକ ପ୍ରହସନ ଥିଲା। ମାତ୍ର ୧୬ ପ୍ରତିଶତ ସ୍କୁଲରେ ଇଣ୍ଟରନେଟ ସଂଯୋଗ କରି ଡିଜିଟାଲ ସ୍କୁଲ ନାଁରେ ପ୍ରହସନ ଚାଲିଥିଲା । ବାସ୍ତବ କ୍ଷେତ୍ରରେ ପିଲାମାନଙ୍କ ଉତ୍ତମ ଶିକ୍ଷାଦାନ ପାଇଁ କୌଣସି ପଦକ୍ଷେପ ନିଆଯାଇ ନ ଥିଲା। ଆମ ସରକାର ଆସିବା ପରେ ଏବେ ପ୍ରାଥମିକ ବିଦ୍ୟାଳୟର ଉନ୍ନତି ପାଇଁ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନା ଆରମ୍ଭ କରିଛୁ। ଉତ୍ତମ ଭିତ୍ତିଭୂମି ସହିତ ଗୁଣି ଓ ତାଲିମପ୍ରାପ୍ତ ଶିକ୍ଷକ ପଞ୍ଚାୟତ ସ୍ତରରେ ଏହି ବିଦ୍ୟାଳୟ ମାନଙ୍କରେ ଶିକ୍ଷାଦାନ କରିବେ । ଆଦିବାସୀ ପିଲାଙ୍କ ଭିତରେ ଡ୍ରପଆଉଟ ହାର କମାଇବା ପାଇଁ ମାଧୋସିଂ ହାତଖର୍ଚ୍ଚ ଯୋଜନା ଆରମ୍ଭ କରାଯାଇଛି । ଚଳିତବର୍ଷ ବଜେଟରେ ପ୍ରାଥମିକ ଶିକ୍ଷା ପାଇଁ ରେକର୍ଡ ୩୧ ହଜାର କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି । ପିଲାଙ୍କୁ ମୁଖ୍ୟମନ୍ତ୍ରୀ ପୋଷଣ ଯୋଜନାରେ ପୁଷ୍ଟିକର ଖାଦ୍ୟ ମଧ୍ୟାହ୍ନ ଭୋଜନରେ ଯୋଗାଇ ଦିଆଯାଉଛି । ଆଗାମୀ ଦିନରେ ଏହିସବୁ ପଦକ୍ଷେପ ଗୁଡିକ ରାଜ୍ୟରେ ଶିକ୍ଷାର ଗୁଣାତ୍ମକ ମାନ ବୃଦ୍ଧି କରିବ ସେ କହିଥିଲେ। ବିଦ୍ୟାଳୟ ପକ୍ଷରୁ ଦିଆଯାଇଥିବା ବିଭିନ୍ନ ଦାବି ସଂପର୍କରେ ଉଲ୍ଲେଖ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଭୀମପୁର ଉନ୍ନୀତ ଉଚ୍ଚ ବିଦ୍ୟାଳୟକୁ ଐତିହ୍ୟ ବିଦ୍ୟାଳୟରେ ସାମିଲ କରାଯିବ। ଭିତ୍ତିଭୂମି ଉନ୍ନୟନ କାର୍ଯ୍ୟ ପାଇଁ ଏକ ଡିପିଆର ପ୍ରସ୍ତୁତ କରିବାପାଇଁ ମୁଖ୍ୟମନ୍ତ୍ରୀ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ । ସେ କହିଥିଲେ ସ୍କୁଲ ପକ୍ଷରୁ କରାଯାଇଥିବା ସମସ୍ତ ଦାବିଗୁଡିକ ନିଶ୍ଚିତଭାବେ ପୂରଣ କରାଯିବ । ଏଥିପାଇଁ ଯାହା ଅର୍ଥ ଆବଶ୍ୟକ, ଆମ ସରକାର ନିଶ୍ଚିତ ଭାବେ ଯୋଗାଇଦେବେ । ଉପସ୍ଥିତ ଜନସାଧାରଣଙ୍କୁ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଆମ ସରକାର ନିର୍ବାଚନ ପୂର୍ବରୁ ଯେଉଁ କଥା ଦେଇଥିଲେ, କଥା ରଖି ସବୁ କାମ କରିଛନ୍ତି । ଚାଷୀ, ମହିଳା, ଯୁବବର୍ଗ, ଗରୀବ - ସମସ୍ତଙ୍କ ପାଇଁ ଆମେ କାମ କରୁଛୁ । ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ ବ୍ରହ୍ମପୁରକୁ ଆସିବ, ଆପଣ ମାନଙ୍କ ଦାବି ଓ ସମସ୍ୟା ଶୁଣିବା ପାଇଁ ବ୍ରହ୍ମପୁରକୁ ଆସିବି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ସ୍କୁଲର ୪ ଜଣ ବର୍ଷୀୟାନ ପୁରାତନ ଛାତ୍ର ଏବଂ ବିଦ୍ୟାଳୟ ପ୍ରତିଷ୍ଠାତାଙ୍କ ପରିବାର ସଦସ୍ୟଙ୍କୁ ମଞ୍ଚକୁ ଡାକି ସମ୍ବର୍ଦ୍ଧିତ କରିଥିଲେ। ସେହିପରି ଜିଲ୍ଲା ଓ ରାଜ୍ୟସ୍ତରରେ କୃତୀତ୍ୱ ଅର୍ଜନ କରିଥିବା ୫ ଜଣ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ। ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନସାମନ୍ତରା ଏବଂ ଦିଗପହଣ୍ଡି ବିଧାୟକ ସିଦ୍ଧାନ୍ତ ମହାପାତ୍ର କାର୍ଯ୍ୟକ୍ରମରେ ନିଜର ଅଭିଭାଷଣ ରଖିଥିଲେ। ଖଲିକୋଟ ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠୀ, ଗଞ୍ଜାମ ଜିଲ୍ଲାପାଳ, ସାମନ୍ତିଆପଲ୍ଲୀ ସରପଞ୍ଚ ଓ ସମିତି ସଭ୍ୟ ପ୍ରମୁଖ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମରେ ସ୍କୁଲର ପୁରାତନ ଛାତ୍ର ରାଧାକୃଷ୍ଣ ନାୟକ ସ୍ୱାଗତ ଭାଷଣ ଦେଇଥିଲେ । ପ୍ରଧାନଶିକ୍ଷକ ସନ୍ତୋଷ ନାୟକ ବାର୍ଷିକ ବିବରଣୀ ପାଠ କରିଥିଲେ ଏବଂ ଶିକ୍ଷକ ଚିତ୍ତରଞ୍ଜନ ସାମନ୍ତରାୟ ଧନ୍ୟବାଦ ଅର୍ପଣ କରିଥିଲେ ।

### ଚମକିଲେ...

ନିଟ୍-ସୁପର ସ୍ପେଶାଲିଟି ଏଣ୍ଟ୍ରାସ୍ ପରୀକ୍ଷାରେ ପ୍ରଥମ ସ୍ଥାନରେ ଉତ୍ତୀର୍ଣ୍ଣ ହୋଇଛନ୍ତି । ସେ ପ୍ରଥମ ସ୍ଥାନ ଅଧିକାର କରିବା ପରେ କଣ୍ଟାବାଞ୍ଜିରେ ଖୁସିର ଲହରୀ ଖେଳିଯାଇଛି । ନିଜର ସଫଳତାକୁ ନେଇ ଯଶ୍ କହିଛନ୍ତି, ସେ ବହୁତ ଖୁସି ଅଛନ୍ତି। ସେ ଭାବିନଥିଲେ ତାଙ୍କୁ ପ୍ରଥମ ସ୍ଥାନ ମିଳିବ । ସେ ତିନି ବର୍ଷ ହେଲା ନାଗପୁର ସରକାରୀ ହସ୍ପିଟାଲରେ ରୋଗୀଙ୍କ ସେବା କରିଛନ୍ତି । ଯଶ୍ ଆହୁରି କହିଛନ୍ତି ସେ ୧୦ ରୁ ୧୨ ମାସ ହେଲା କାମ ନକରି ପଢ଼ାପଢ଼ି କରୁଥିଲେ । ଅନଲାଇନରେ କୋଚିଂ ନେଉଥିଲେ । ତାଙ୍କ ସିନିଅର ଏବଂ ଶିକ୍ଷକମାନେ ବହୁତ ସାହାଯ୍ୟ କରିଥିଲେ। ପ୍ରତ୍ୟେକ ଦିନ ଆଠରୁ ଦଶ ଘଣ୍ଟା ପଢୁଥିଲେ ଏବଂ ଶେଷ ସମୟରେ ୧୪ ଘଣ୍ଟା ପର୍ଯ୍ୟନ୍ତ ପାଠ ପଢୁଥିଲେ । ଗତ ମାସେ ଦୁଇ ମାସ ହେଲା ତାଙ୍କର ଅଧିକାଂଶ ସମୟ ଲାଇବ୍ରେରୀରେ ବିତୁଥିଲା । ସେ ପାଠ ପଢ଼ା ସରିବା ପରେ ଓଡିଶା ଆସିବେ। କଣ୍ଟାବାଞ୍ଜିର ହସ୍ପିଟାଲରେ କାମ କରିବା ସହ ସମସ୍ତଙ୍କୁ ସାହାଯ୍ୟ କରିବି ବୋଲି କହିଛନ୍ତି।

# ଉପମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ଲୋକାର୍ପଣ ଓ ବିଭିନ୍ନ ପ୍ରକଳ୍ପ ଶିଳାନ୍ୟାସ



ଗୋପ, ୨୭।୪ (ସଂଚାର ବ୍ୟୁରୋ) : ଗୋପ ବ୍ଲକ ବଣିଆସାହି ପଞ୍ଚାୟତ ଯାଉଁଳିପୋଖରୀ ଠାରେ ୪୬ ଲକ୍ଷ ବେୟରେ ନବ ନିର୍ମିତ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଲୋକାର୍ପଣ କରିଛନ୍ତି। ଏହା ସହିତ ବଣିଆସାହି ପଞ୍ଚାୟତ ଇଞ୍ଚଳ ପ୍ରାଇମେରୀ ସ୍କୁଲରେ ଅତିରିକ୍ତ କ୍ଲାସ ରୁମ ପାଇଁ ୧୮ ଲକ୍ଷ ଟଙ୍କା, ମହିଳା ମିଶନ ଶକ୍ତି ଗୃହ ପାଇଁ ୩୦ ଲକ୍ଷ ଟଙ୍କାର ଶିଳାନ୍ୟାସ କରିଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା। ଶ୍ରୀମତୀ ପରିଡା ନିର୍ବାଚନ ସମୟରେ ପ୍ରତିଶ୍ରୁତି ଦେଇଥିବା କଥାକୁ ପାଳନ କରି ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ଲୋକାର୍ପଣ ଓ ୪୮ଲକ୍ଷ ଟଙ୍କାର ବିଭିନ୍ନ ପ୍ରକଳ୍ପ ପାଇଁ ଶିଳାନ୍ୟାସ କରି ଭେଟି ଦେଇଛନ୍ତି ବୋଲି ପଞ୍ଚାୟତବାସୀ କହିଛନ୍ତି। ଲୋକାର୍ପଣ ଓ ଶିଳାନ୍ୟାସ କାର୍ଯ୍ୟକ୍ରମରେ ଗୋପ ବ୍ଲକ ବିଡ଼ିଓ ଛବିରାଣୀ ସାହୁ, ଗୋପ ବ୍ଲକ ଉପାଧ୍ୟକ୍ଷ ବନରଞ୍ଜନ ପଟ୍ଟନାୟକ, ୧୧ନଂ ଜୋନ ଜିଲ୍ଲା ପରିଷଦ ପ୍ରମୋଦ ରାୟ, ଜଗତସିଂହପୁର ସାଂସଦ ପ୍ରତିନିଧି ସୁଶାନ୍ତ ସ୍ୱାଇଁ, ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ରାଜ କିଶୋର ନାୟକ, ଗୋପ ପଞ୍ଚାୟତ ସଭାପତି ସହଦେବ ସେନାପତି, ବରିଷ୍ଠ ବିଜେପି ଯୁବ ନେତା ଅଶ୍ୱିନୀ ପଟ୍ଟନାୟକ, ଉଲ୍ଲାସ ପ୍ରଧାନ, ସନତ ସେନାପତି ଓ ମଞ୍ଜନାଥ ମଣ୍ଡଳ ସଭାପତି କିଶୋର ରାଉତ ସମେତ ଶତାଧିକ ବିଜେପି କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ଝିଅ ବାହାଘର ତିନିଦିନ ପୂର୍ବରୁ ବାପାର ଆତ୍ମହତ୍ୟା

ନାଉଗାଁ, ୨୭।୪ (ସଂଚାର ବ୍ୟୁରୋ) : ନାଉଗାଁ ଥାନା ଅନ୍ତର୍ଗତ ଗଙ୍ଗଦା(ପାଇକସାହି) ଗ୍ରାମରେ ଏକ ହୃଦୟ ବିଦାରକ ଘଟଣା ରବିବାର ଦେଖିବାକୁ ମିଳିଛି। ଝିଅର ବାହାଘରକୁ ତିନିଦିନ ଥିବା ବେଳେ ଘର ପଛପଟରେ ଥିବା ବାଉଁଶ ବୁଦାରେ ବାପା ବେକରେ ଦୌଡି ଲଗାଇ ଆତ୍ମହତ୍ୟା କରିଥିବା ଜଣାଯାଇଛି। ମୃତକ ଜଣକ ହେଲେ କ୍ଷିରୋଦ ଜେନା(୬୧)। ସ୍ଥାନୀୟ ଲୋକଙ୍କ କହିବା ମୁତାବକ କ୍ଷିରୋଦଙ୍କ ଝିଅର ବାହାଘର ବୁଧବାର ହୋଇଥାନ୍ତା। ବାହାଘର ପାଇଁ ସମସ୍ତ ବ୍ୟବସ୍ଥା ଶେଷ ହୋଇଥିବା ବେଳେ ଅନୁକୂଳ କାର୍ଯ୍ୟ ଶେଷ ମଧ ହୋଇଥିଲା। କ୍ଷିରୋଦ ନିଜେ ବନ୍ଧୁ ବାନ୍ଧବଙ୍କ ଘର ଘର ବୁଲି ଗୁଆ ଦେଇ ନିମନ୍ତ୍ରଣ କରିଥିଲେ। ଏପରିକି ଶନିବାର ରାତିରେ ପରିବାର ସହିତ ଖାଇ ପିଇ ଘରେ ଶୋଇଥିଲେ। ହେଲେ ରବିବାର ସକାଳୁ ତାଙ୍କର ମୃତଦେହ ବାଉଁଶ ବୁଦାରେ ଝୁଲୁଥିବା ବାରି ପଛପଟକୁ ଯାଇଥିବା ଲୋକେ ଦେଖି ଥାନାକୁ ଖବର ଦେଇଥିଲେ। ଗାରୋଇ ଫାଣ୍ଡି ଅଧିକାରୀ ଚନ୍ଦ୍ରମୋହନ ହାସଁଦା ଖବର ପାଇ ଘଟଣାସ୍ଥଳରେ ପହଁଚି ମୃତ ଦେହକୁ ଜବତ କରିଥିଲେ। ପରେ ପରିବାରଙ୍କ ଅଭିଯୋଗକୁ ଭିତ୍ତିକରି ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ଜଗତସିଂହପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଶବ ବ୍ୟବଚ୍ଛେଦ ପାଇଁ ପଠାଯାଇଥିଲା। ବ୍ୟବଚ୍ଛେଦ ପରେ ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ଥାନାଧିକାରୀ ପ୍ରଦିପ୍ତ କାନୁନଗୋ କହିଛନ୍ତି।

### ସାମ୍ବାଦିକ ଭବନର ସମ୍ମିଳନୀ ଗୃହ ଉଦ୍‌ଘାଟିତ

# ଗଣତନ୍ତ୍ର ପାଇଁ ଗଣମାଧ୍ୟମର ଭୂମିକା ଗୁରୁତ୍ୱପୂର୍ଣ୍ଣ




ନୟାଗଡ଼, ୨୭।୪ (ସଂଚାର ବ୍ୟୁରୋ): ନୟାଗଡ଼ ସାମ୍ବାଦିକ ଭବନ ସମ୍ମିଳନୀ ଗୃହ ଶୁଭ ଉଦଘାଟିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁ, ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା, ଜିଲ୍ଲା ପରିଷଦ ଅଧ୍ୟକ୍ଷ ଇ. ଦେବାଶିଷ ପଟ୍ଟନାୟକ, ପୌର ପରିଷଦ ଅଧକ୍ଷା ନିରୁପମା ଖଟେଇ, ନୟାଗଡ଼ ଏସଡିପିଓ ଜ୍ୟୋତି ରଞ୍ଜନ ସାମନ୍ତରାୟ ପ୍ରମୁଖ ଯୋଗ ଦେଇଥିଲେ। ଅତିଥିଙ୍କ ଦ୍ୱାରା ସଭା ଗୃହ ଉଦଘାଟନ କରାଯାଇଥିଲା। ଏହି ଅବସରରେ ସାମ୍ବାଦିକ ଭବନ ସଭାପତି ବୈଦ୍ୟ ଭୂଷଣ ମହାପାତ୍ରଙ୍କ ଆବାହକତ୍ୱରେ ସଭା ଅନୁଷ୍ଠିତ ହୋଇଥିଲା। ସଭାପତି ସ୍ୱାଗତ ଅଭିଭାଷଣ ରଖିବା ସହ ନୟାଗଡ଼ ବିଧାୟକଙ୍କ ସହଯୋଗ ଏହା ସମ୍ଭବ ହୋଇପାରିଛି ବୋଲି କହିଥିଲେ।

ପୌର ପରିଷଦ ଅଧକ୍ଷ ଶ୍ରୀମତୀ ଖଟେଇ ସାମ୍ବାଦିକଙ୍କ ସମସ୍ୟା ଉପରେ ଆଲୋଚନା କରିବା ସହ ସୁସ୍ଥ ପରିବେଶ ଭଲ ଖବର ପ୍ରସ୍ତୁତ କରିବାରେ ସହାୟକ ହୋଇପାରିବ ବୋଲି କହିଥିଲେ। ଏସଡିପିଓ ତାଙ୍କ ବକ୍ତବ୍ୟରେ ସାମ୍ବାଦିକ ଓ ପୁଲିସ ଭୂମିକା ଉପରେ ଆଲୋକପାତ କରିଥିଲେ। ଉଭୟଙ୍କ ମଧ୍ୟରେ ଉତ୍ତମ ସମ୍ପର୍କ ନିହାତି ରହିବା ଆବଶ୍ୟକ ବୋଲି କହିଥିଲେ। ଜିଲ୍ଲା ପରିଷଦ ଅଧକ୍ଷ ତାଙ୍କ ବକ୍ତବ୍ୟରେ ଗଣତନ୍ତ୍ର ପାଇଁ ଗଣମାଧମ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ବରିଷ୍ଠ ସାମ୍ବାଦିକ ରାମକୃଷ୍ଣ ରଥ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସାମ୍ବାଦିକ ଭବନ କାର୍ଯ୍ୟକାରୀ ସମ୍ପାଦକ ଅନୀଲ କୁମାର ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ଭବନ ଉପଦେଷ୍ଟା ଶ୍ରୀକାନ୍ତ ଖଟେଇ, କୋଷାଧକ୍ଷ ବିଶ୍ୱଜିତ୍ ନାୟକ, କାର୍ଯ୍ୟକାରିଣୀ ସଦସ୍ୟ କ୍ଷୀରୋଦ ପଟ୍ଟନାୟକ, ସଞ୍ଜୟ କୁମାର ସ୍ୱାଇଁ, ପ୍ରଶାନ୍ତ ଜେନା, ରଜତ ପଟ୍ଟନାୟକ, ଅନ୍ୱର ଅଲ୍ଲୀ, ରବୀନ୍ଦ୍ର ଦାଶ, ନିହାର ପଟ୍ଟନାୟକ, ବିଭୂତି ଭୂଷଣ ସ୍ୱାଇଁ, ସ୍ୱରୂପ ପଟ୍ଟନାୟକ, ଦେବବ୍ରତ ନାୟକ, ନବକିଶୋର ମିଶ୍ର, ମାନସ ସାହୁ, ଅମିତ୍ ପଟ୍ଟନାୟକ, ବାସୁଦେବ ମହାନ୍ତି, ମହେଶ ମିଶ୍ର, ଯଯାତି କେଶରୀ ମହାପାତ୍ର, ପ୍ରଭାତ ମହାପାତ୍ର ଓ ନୟାଗଡ ପୌର ପରିଷଦର କାଉଁନସିଲର୍, ସିଭିଲ ସୋସାଇଟର କର୍ମକର୍ତ୍ତା ମାନେ ଉପସ୍ଥିତ ରହି ସହଯୋଗ କରିଥିଲେ। ଜିଲ୍ଲା ଓ ବ୍ଲକ ସ୍ତରରେ କାର୍ଯ୍ୟରତ ଅନେକ ସାମ୍ବାଦିକ ଯୋଗ ଦେଇଥିଲେ। ପରିଶେଷରେ ସାମ୍ବାଦିକ ଚନ୍ଦ୍ରବିଜୟୀ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ମୁଖ୍ୟମନ୍ତ୍ରୀଙ୍କ ଜୟଦେବ ପୀଠକୁ ଗସ୍ତ ନେଇ ପ୍ରସ୍ତୁତି ବୈଠକ



ବାଲିଅନ୍ତା, ୨୭।୪ (ସଂଚାର ବ୍ୟୁରୋ): ବାଲିଅନ୍ତା ବ୍ଲକ କେନ୍ଦୁବିଲ୍ୱସ୍ଥିତ ମହାନକାବ୍ୟ ଗୀତ ଗୋବିନ୍ଦର ରଚୟିତା ଜୟଦେବଙ୍କ ଜୟନ୍ତୀ ଅବସରରେ ଆସନ୍ତା ୩୦ ତାରିଖ ଅକ୍ଷୟ ତୃତୀୟା ଦିନ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଜୟଦେବ ପୀଠକୁ ଗସ୍ତ କାର୍ଯ୍ୟକ୍ରମ ସ୍ଥିର ହୋଇଛି। ଏନେଇ ଆଜି ଖୋର୍ଧା ଜିଲ୍ଲାପାଳ ରଞ୍ଜନ ରାଣାଙ୍କ ଅଧକ୍ଷତାରେ ପୂର୍ବ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ପୂର୍ବାହ୍ନରେ ଜୟଦେବ ପୀଠରେ ପହଞ୍ଚି ସ୍ଥିତି ପରିଖି ଥିଲେ। ଜୟନ୍ତୀ ପୂର୍ବରୁ ପୀଠ ପରିସର ପରିଷ୍କାର, ପରିଚ୍ଛନ୍ନ କରାଯିବା ସହ ଆଲୋକୀକରଣ , ଅଚଳ ଅବସ୍ଥାରେ ପଡ଼ିଥିବା ପାଣି ଫାଉଣ୍ଟେନ ଓ ସାଉଣ୍ଡ ବ୍ୟବସ୍ଥା କାର୍ଯ୍ୟକ୍ଷମ କରାଯିବା ଉପରେ ପର୍ଯ୍ୟଟନ ବିଭାଗ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ନିକଟସ୍ଥ ଉଚ୍ଚ ପ୍ରାଥମିକ ଖେଳ ପଡ଼ିଆରେ ସାଧାରଣ ସଭା ଆୟୋଜନ ନେଇ ସ୍ୱୀକୃତୀ ପ୍ରଦାନ କରିଥିଲେ। ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀରେ ପାର୍କିଂ ବ୍ୟବସ୍ଥା କରାଯିବାକୁ ସମ୍ମତି ଜଣାଇଥିଲେ। ଏହାପରେ ଜୟଦେବ ଗ୍ରାମ ପଞ୍ଚାୟତ ସଭାକକ୍ଷରେ ବିଭିନ୍ନ ବିଭାଗର ଅଧିକାରୀଙ୍କୁ ନେଇ ଜିଲ୍ଲାପାଳଙ୍କ ଅଧକ୍ଷତାରେ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଯାତାୟତ ଠାରୁ ଆରମ୍ଭ କରି ସାଂସ୍କୃତିକ କାର୍ଯ୍ୟକ୍ରମ ଓ ସଂକୀର୍ତ୍ତନମଣ୍ଡଳୀ ସ୍ୱାଗତ ସମ୍ବର୍ଦ୍ଧନା ଉପରେ ବ୍ୟାପକ ଆଲୋଚନା ହୋଇଥିଲା। ସଂଧ୍ୟା ୫ଟାରେ ମୁଖ୍ୟମନ୍ତ୍ରୀ ପୀଠରେ ପହଞ୍ଚିବାର କାର୍ଯ୍ୟକ୍ରମ ରହିଥିବା ନେଇ ସୂଚନା ଦିଆଯାଇଛି।

## ଜନ୍ମମାଟିରେ ଗଣକବିଙ୍କ ଶ୍ରାଦ୍ଧୋତ୍ସବ



ମାହାଙ୍ଗା, ୨୭।୪ (ସଂଚାର ବ୍ୟୁରୋ): ଓଡିଆ ଗୀତିନାଟ୍ୟ ଜଗତର ଅପ୍ରତିଦ୍ୱନ୍ଦୀ ସ୍ରଷ୍ଟା, ପ୍ରଥିତଯଶା ସାରସ୍ୱତ ସାଧକ, ଗଣକବି ବୈଷ୍ଣବ ପାଣିଙ୍କ ୬୯ତମ ତିରୋଧାନ ଉତ୍ସବ ଜନ୍ମମାଟି କୋଠପଦା ଠାରେ ଅନୁଷ୍ଠିତ ହୋଇଯାଇଛି। ବିରୂପା ସାହିତ୍ୟ ସଂସଦ ଏବଂ ମାହାଙ୍ଗା ସାରସ୍ୱତ ସେବା ମଞ୍ଚର ମିଳିତ ସହଯୋଗରେ ଆୟୋଜିତ ଏହି ଉତ୍ସବରେ ସାହିତ୍ୟିକ ଅଖିଳେଶ ପଦ ମହାନ୍ତି ଅଧକ୍ଷତା କରିଥିଲେ। ଏହି କାର୍ଯ୍ୟକ୍ରମରେ ଶିକ୍ଷାବିତ ଡକ୍ଟର ଭାବଗ୍ରାହୀ ରାଉତ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସାରସ୍ୱତ ସଂଗଠକ ହୃଷିକେଶ ଲାଲ, ଶିକ୍ଷାବିତ ରତ୍ନାକର ମହାନ୍ତି, କବି ପ୍ରଶାନ୍ତ କୁମାର କର, ନାଟ୍ୟକାର କିଶୋର ଚନ୍ଦ୍ର ଦାଶ, ମଞ୍ଚ ଅଭିନେତା ସୁବାସ ଚନ୍ଦ୍ର ବେହେରା,କଳାକାର ଲକ୍ଷ୍ମୀଧର ସାମଲ, କଳାକାର ପ୍ରଭାକର ଦାସ, ଶିକ୍ଷକ ହୃଷିକେଶ ବେହେରା, ଶିକ୍ଷାବିତ କୈଳାଶ ବଳବନ୍ତରାୟ,ସମାଜସେବୀ କାହ୍ନୁ ଚରଣ ସାହୁ,ସୁଶାନ୍ତ କୁମାର ନନ୍ଦ, ଜିତେନ୍ଦ୍ର ସାହୁ,ଏମ୍ବିକେ ଆରତୀ ନାୟକ, ସି ଆର ପି ଅନ୍ନପୂର୍ଣ୍ଣା ସେଠୀ, ଯୁବ ସଂଗଠକ ଗଣେଶ ବିହାରୀ,ଶିକ୍ଷକ ଲକ୍ଷ୍ମୀଧର ଦାସ,ପ୍ରଭାତ ଘଡେଇ,ଜଗନ୍ନାଥ ପଣ୍ଡା,ବସନ୍ତ କୁମାର ଦାଶ, ପୁନନନ୍ଦ ଦାସ, ରଂଜିତ ଦାସ ପ୍ରମୁଖ ଯୋଗଦେଇ କବିଙ୍କ ଆବକ୍ଷ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଆମ ମାଟିର ଜଣେ ଦରିଦ୍ର ଯାତ୍ରାବାଲା ଓଡିଆ ଭାଷାରେ ଶହଶହ ଗୀତିନାଟ୍ୟ, ଗୀତାଭିନୟ, ସୁଆଙ୍ଗ, ଫାର୍ସ, ଛାନ୍ଦ-ଚମ୍ପୁ,ଚଉତିଶା, ଚଉପଦୀ, ଭଜନ-ଜଣାଣ,ଏବଂ ଅତି ଉଚ୍ଚ କୋଟିର ଗଦ୍ୟ ସାହିତ୍ୟ ସାଙ୍ଗକୁ ଆତ୍ମ ଜୀବନୀ ଭଳି ଅନବଦ୍ୟ କୃତୀ ଓ କୀର୍ତ୍ତି ପାଇଁ ସେ ଆଜି କୋଟି ହୃଦୟର ମଉଡମଣୀ ପାଲଟି ଯାଇଛନ୍ତି। ଏହି ଯଶସ୍ୱୀ ନାଟ୍ୟକାରଙ୍କ ସ୍ମୃତିରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ବିଶିଷ୍ଟ ବ୍ୟକ୍ତିମାନେ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

# ଅସ୍ତରଙ୍ଗରେ ବାଲି, ମାଟି ମାଫିଆ ସକ୍ରିୟ

**ସବୁ ଜାଣି ଅଜଣା ଖଣି ବିଭାଗ ଓ ସ୍ଥାନୀୟ ପ୍ରଶାସନ**

**ମୋଟା ଅଙ୍କର ମିଳୁଥିବା ନେଇ ଚର୍ଚ୍ଚା**



କାକଟପୁର/ଅସ୍ତରଙ୍ଗ, ୨୭।୪ (ସଂଚାର ବ୍ୟୁରୋ): ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଖଣି ବିଭାଗ ଅଧୀନ ଓ ସ୍ଥାନିୟ ପ୍ରଶାସନର ଅନୁକମ୍ପା ରହୁଥିବାରୁ ମୂଲ୍ୟବାନ ଲଘୁ ଖଣିଜ ସମ୍ପଦ ଚୋରା ଚାଲାଣ ବନ୍ଦ ହେବାର ନାଁ ଧରୁନି। ବିଭାଗୀୟ ଅଧିକାରୀ ଙ୍କ ଭିତରୁଆ ଅନୁକମ୍ପା ରହୁଥିବାରୁ ଏହି ବେଆଇନି କାର୍ଯ୍ୟ ଅଣାୟତ ହୋଇ ପଡିଛି। ପ୍ରତ୍ୟେକ ଦିନ ନଦୀ ପଠା ଓ ସରକାରୀ ଜମିରୁ ବାଲି ଓ ମାଟି ଚୋରି ହେଉଥିବା ଅଭିଯୋଗ ହେଉଥିବା ବେଳେ ଖଣି ବିଭାଗ ଟେର ପାଉନି। କିନ୍ତୁ ଅସ୍ତରଙ୍ଗ ସ୍ଥାନୀୟ ପ୍ରଶାସନ ଓ ପୁଲିସ ସବୁ ଜାଣି ଅଜଣା ଭଳି ଚାଲୁଛନ୍ତି। ଯାହା ସାଧାରଣ ଚର୍ଚ୍ଚା ମାଟି ଓ ବାଲି ଚାଲାଣ କରିବାକୁ ମାଫିଆ ମୋଟା ଅଙ୍କର ପକାଇ ପକେଟ ଗରମ କରି ବସୁଛନ୍ତି। ରାତି ହେଲେ ବାଲି ଓ ମାଟି ମାଫିଆ ଜେସିବି ଓ ଟ୍ରାକ୍ଟର ସାହାଯ୍ୟରେ ସରକାରୀ ଜମି ଓ ନଦୀପଠା କୁ ତାଡି ବାଲି ଓ ଧସା ମାଟି ନେଇ ଯାଉଛନ୍ତି। ତାହାକୁ ଟ୍ରିପ ପିଛା ହଜାର ହଜାର ଟଙ୍କା ବିକୁଥିବା ଜଣାପଡିଛି। ବ୍ୟାପକ ଲଘୁ ଖଣିଜ ସମ୍ପଦ ଲୁଟ ହେଉଥିବା ବେଳେ ଖଣି ବିଭାଗ କରୁଛି କଣ ବୋଲି ପ୍ରଶ୍ନ ହୋଇଛି। ବିଶେଷତଃ ଅସ୍ତରଙ୍ଗ ତହସିଲ ଅଧୀନ ନଗର, ଆଳସାହି, ଅସନ, ଖଣ୍ଡାସାହି, ମୁଦୁଗଲ, ଖଣ୍ଡାସାହି କ୍ଲସ ରୋଡ, କେନ୍ଦ୍ରାପଟି, ଶିଶୁଅ, ନୂଆଗଡ ଆଦି ପ୍ରାୟ ସମସ୍ତ ନଦୀ ପାଖ ପଠା ଏବଂ ସରକାରୀ ଜମିରେ ବାଲି ଓ ମାଟି ମାଫିଆ ସକ୍ରିୟ ଥିବା ବେଳେ ପ୍ରଶାସନ ଚୁପ ବସିଛି। ଏ ନେଇ ଲୋକେ ଅସ୍ତରଙ୍ଗ ପ୍ରଶାସନ ଠୁ ଆରମ୍ଭ କରି ଖଣି ବିଭାଗ ନିକଟରେ ବାରମ୍ବାର ଅଭିଯୋଗ କରୁଥିଲେ ମଧ କୌଣସି ସୁଫଳ ମିଳୁନାହିଁ। ଖୋଳା ଯାଉଥିବା ସ୍ଥାନ ଗୁଡିକରେ ବଡ଼ ବଡ଼ ଗର୍ତ୍ତ ହେଉଥିବାରୁ ବିଭିନ୍ନ ସମୟରେ ସେଥିରେ ପଡ଼ି ପ୍ରାଣ ହରାଉଛନ୍ତି। ପୂର୍ବରୁ ଅସ୍ତରଙ୍ଗ ପୁଲିସ ଚଢ଼ାଉ କରି ଗାଡି ଜବତ ହୋଇ ଅସ୍ତରଙ୍ଗ ଥାନାରେ ପଡ଼ି ରହିଛି। ବାରମ୍ବାର ଏ ନେଇ ଖବର ପ୍ରଶାରଣ ପରେ ପୁରୀ ଜିଲ୍ଲା ଖଣିବିଭାଗ ଅଧିକାରୀ ଧର୍ମକୁ ଆଖି ଠାର ପରି କେବଳ ବାକ୍ୟ ମାଧ୍ୟମରେ ସବୁ ବେଳେ ଚଢ଼ାଉ ହେବ।



## ଡାଙ୍ଗମାଳରେ ମନ କି ବାତ କାର୍ଯ୍ୟକ୍ରମରେ ସାଂସଦ ବୈଜୟନ୍ତ ପଣ୍ଡା

ରାଜନଗର, ୨୭।୪ (ସଂଚାର ବ୍ୟୁରୋ): ରାଜନଗର ବ୍ଲକ ଡାଙ୍ଗମାଳସ୍ଥିତ ମା ଜୟଦୁର୍ଗାଙ୍କ ମନ୍ଦିର ପରିସରରେ ଥିବା କଲ୍ୟାଣ ମଣ୍ଡପରେ ମନ କି ବାତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ରାପଡା ସାଂସଦ ବୈଜୟନ୍ତ ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ପହଲଗାମ ମୃତକଙ୍କ ପାଇଁ ଦୁଇ ମିନିଟ ନୀରବ ପାର୍ଥନା କରାଯାଇଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମନ କି ବାତ କାର୍ଯ୍ୟକ୍ରମକୁ ସାଂସଦଙ୍କ ସହିତ କେନ୍ଦ୍ରାପଡା ଜିଲ୍ଲା ସଭାପତି ଶଶାଙ୍କ ସେଠୀ, ବରିଷ୍ଟ ନେତା ସଞ୍ଜୟ ରଥ, ରାଜନଗର ନିର୍ବାଚନ ମଣ୍ଡଳୀ ବିଜେପି ନେତା ଲଳିତ କୁମାର ବେହେରାଙ୍କ ସମେତ ଦଳର କାର୍ଯ୍ୟକର୍ତ୍ତା ଓ କର୍ମୀ, ସ୍ଥାନୀୟ ଲୋକ ଦେଖିଥିଲେ। ଏହି ଅବସରରେ ଦଳର ବରିଷ୍ଟ କର୍ମୀ ହୃଷୀକେଶ ବେହେରା, ବାଇଧର ପ୍ରଧାନ, ହରେକୃଷ୍ଣ ପତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସାଂସଦଙ୍କୁ ନାଗା ନାରାୟଣ ଉଚ୍ଚ ବିଦ୍ୟାଳୟ ଠାରୁ ମୋଟର ସାଇକେଲ ଶୋଭାଯାତ୍ରାରେ ପାଛୋଟି ଅଣାଯାଇଥିଲା।

## ବେରୁହାଁ ପଞ୍ଚାୟତରେ ମନ କି ବାତ କାର୍ଯ୍ୟକ୍ରମ



ମହାକାଳପଡ଼ା, ୨୭।୪ (ସଂଚାର ବ୍ୟୁରୋ): ୧୨୧ ତମ ମନ୍ କି ବାତ୍ କାର୍ଯ୍ୟକ୍ରମ ମହାକାଳପଡା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବେରୁହା ପଞ୍ଚାୟତରେ ଆଜି ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବରେ ମହାକାଳପଡ଼ା ବିଧାୟକ ଡ଼ ଦୁର୍ଗା ପ୍ରସନ ନାୟକ ଯୋଗଦେଇ ଦଳୀୟ କାର୍ଯ୍ୟକର୍ତ୍ତା ମାନଙ୍କ ସହିତ ପ୍ରଧାନମନ୍ତ୍ରୀ ମୋଦୀଙ୍କ ର ଜନପ୍ରିୟ କାର୍ଯ୍ୟକ୍ରମ ଶୁଣିଥିଲେ। ଏହି ଅବସରରେ ଶ୍ରୀଯୁକ୍ତ ନାୟକ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା କାର୍ଯ୍ୟକାରୀ ହୋଇଥିବା ଲୋକାଭିମୁଖୀ ଯୋଜନା ବିଷୟରେ ଉପସ୍ଥିତ ଜନସାଧାରଣଙ୍କୁ ଅବଗତ କରାଇବା ସହିତ ଦଳୀୟ ସଙ୍ଗଠନକୁ ତୃଣମୂଳ ସ୍ତରରୁ ସଙ୍ଗଠିତ କରିବାକୁ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧରେ ମଣ୍ଡଳ ସଭାପତି ହିରଣ୍ୟ ମହାପାତ୍ର, ପ୍ରଶାନ୍ତ ସେଠୀ, ନିଗମ ପ୍ରସାଦ ରଥ, ମନୋରଞ୍ଜନ ମହାପାତ୍ର, ଗଙ୍ଗାଧର ସାମଲ, ବିକ୍ରମ ରାଉତରାୟ, ଉଷାରାଣୀ ମିଶ୍ର, ଆଶୁତୋଷ ମହାପାତ୍ର, ମାନସ ନାୟକ ପ୍ରମୁଖ ନେତୃମଣ୍ଡଳୀ ଉପସ୍ଥିତ ଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ସତ୍ୟ ରଞ୍ଜନ ନାୟକ, ଜ୍ୟୋତି ରଞ୍ଜନ ଜେନା, ଚିନ୍ମୟ ଗୋଛାୟତ, କାଳନ୍ଦୀ ସେଠୀ, ଜ୍ଞାନ ରଞ୍ଜନ ବସନ୍ତିଆ, ବଳଭଦ୍ର ଦାସ ପ୍ରମୁଖ ପରିଚାଳନା କରିଥିଲେ।

## ଓଷକଣାରେ ମନରେଗା କାର୍ଯ୍ୟରେ ଅନିୟମିତତା ଅଭିଯୋଗ

ନାଉଗାଁ, ୨୭।୪ (ସଂଚାର ବ୍ୟୁରୋ): ଜଗତସିଂହପୁର ଜିଲ୍ଲା ନାଉଗାଁ ବ୍ଲକର ଓଷକଣା ପଞ୍ଚାୟତରେ ମନରେଗା କାର୍ଯ୍ୟରେ ଅନିୟମିତା ହେଇଥିବା ନେଇ ଗ୍ରାମ ପଞ୍ଚାୟତର ଅଧିବାସୀଙ୍କ ଦ୍ୱାରା ମୁଖ୍ୟମନ୍ତ୍ରୀଙ୍କୁ ଅଭିଯୋଗ କରାଯାଇଛି। ଅଭିଯୋଗ ମୁତାବକ ଗ୍ରାମର କିଛି ବ୍ୟକ୍ତି ବାହାରୁ ୩୦-୩୫ ଟ୍ରିପ ମାଟି ଟ୍ରାକ୍ଟର ସାହାର୍ଯ୍ୟରେ ଆଣି ଓଷକଣା ଉପସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ପକାଇଥିଲେ। କିଛିଦିନ ବ୍ୟବଧାନ ପରେ ମାଟି ପକାଯାଇଥିବା ସ୍ଥାନରେ ଏକ ସୂଚନା ଫଳକ ନିର୍ମାଣ କରାଯାଇ ଏଥିରେ ମନରେଗା କାର୍ଯ୍ୟ ସମ୍ପର୍କିତ ସୂଚନା ଦର୍ଶାଇଥିଲା। ପରେ ପଞ୍ଚାୟତର ଏଡିଇଓ ଉକ୍ତ ସ୍ଥାନରେ କିଛି ସ୍ଥାନୀୟ ଲୋକଙ୍କୁ ଛିଡା କରାଇ ଫଟୋ ଉଠାଇଥିଲେ। ଏହାପରେ ବାହାର ଜିଲ୍ଲାର ଦାଦନ ଶ୍ରମିକଙ୍କୁ ଉକ୍ତ କାର୍ଯ୍ୟସ୍ଥଳରେ ଲଗାଇ ମାଟି ସମାନ କରିଥିଲେ। ଯାହାକୁ ନେଇ ପରେ ବିଲ୍ କରାଯାଉଛି।



ମନରେଗା କାର୍ଯ୍ୟ ଲୋକଙ୍କ ଦ୍ୱାରା କରାଯିବା ପାଇଁ ନିୟମ ରହିଥିବା ବେଳେ ଏଠାରେ ପଞ୍ଚାୟତର ଏଡିଇଓ କିଛି ଲୋକଙ୍କୁ ହାତ କରି ପୂର୍ବରୁ ଏହି ସ୍ଥାନରେ ଟ୍ରାକ୍ଟର ସାହାର୍ଯ୍ୟରେ ମାଟି ପକାଇ ମନରେଗା ଯୋଜନାରେ ବିଲ୍ କରୁଥିବା ଅଭିଯୋଗରେ ଦର୍ଶାଯାଇଛି। ଅନ୍ୟପଟରେ ଉକ୍ତ ପଞ୍ଚାୟତର ଜନୈକ ଜବକାର୍ଡଧାରୀ ଏନ୍ଏମ୍ଏମ୍ଏସ୍ ବେଳେ କାର୍ଯ୍ୟସ୍ଥଳରେ ଅନୁପସ୍ଥିତ ରହିଥିଲେ। ହେଲେ ସମ୍ପୃକ୍ତ ପଞ୍ଚାୟତର ଅଧିକାରୀମାନେ ଅନୁପସ୍ଥିତ ଜବକାର୍ଡଧାରୀଙ୍କ ନାମକୁ ମଷ୍ଟରରୋଲରେ ଉପସ୍ଥାନ ଦର୍ଶାଇ ଶ୍ରମ ଦିବସ ବାବଦକୁ ଅର୍ଥ ପଠାଇଥିବା ଜଣାଯାଇଛି। ଏସମ୍ପର୍କରେ ବ୍ଲକର ମନରେଗା ଅତିରିକ୍ତ କାର୍ଯ୍ୟକ୍ରମ ଅଧିକାରୀ ଜ୍ୟୋତିର୍ମୟୀ ନାୟକଙ୍କୁ ପଚାରିବାରୁ ଉକ୍ତ ପଞ୍ଚାୟତର ସମସ୍ତ ମଷ୍ଟରରୋଲକୁ ଶୂନ କରିବାକୁ ପଞ୍ଚାୟତର ଏଡିଇଓଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା କହିଛନ୍ତି।



## ପହଲଗାମରେ ନିହତଙ୍କ ପାଇଁ ଶ୍ରଦ୍ଧାଞ୍ଜଳି ସଭା ଓ ମହମବତୀ ଶୋଭାଯାତ୍ରା

ମହାକାଳପଡ଼ା, ୨୭।୪ (ସଂଚାର ବ୍ୟୁରୋ): ଏପ୍ରିଲ ୨୨ ତାରିଖରେ କାଶ୍ମୀର ର ପହଲଗାମ ଠାରେ ହୋଇଥିବା ଆତଙ୍କବାଦୀ ଆକ୍ରମଣରେ ନିହତ ହୋଇଥିବା ଭାରତୀୟ ମାନଙ୍କୁ ଆଜି ବରକନ୍ଧା ପଞ୍ଚାୟତର ଯୁବ ବର୍ଗଙ୍କ ଦ୍ୱାରା ଏକ ଶ୍ରଦ୍ଧାଞ୍ଜଳୀ ସଭା ଓ ମହମବତୀ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଆଜି ସନ୍ଧ୍ୟାରେ ବରକନ୍ଧା ଗ୍ରାମ ପଞ୍ଚାୟତ ର ଛେଡାକଣୀ ଗ୍ରାମର ସତ୍ୟ ନାରାୟଣ ପୀଠ ଠାରୁ ଗୋଜାବନ୍ଧ ପର୍ଯ୍ୟନ୍ତ ୫୦ରୁ ଉର୍ଦ୍ଧ୍ୱ ଯୁବକ ମହମବତୀ ଶୋଭାଯାତ୍ରାରେ ଯାଇ ଆତଙ୍କୀ ମାନଙ୍କ କାର୍ଯ୍ୟକୁ ବିରୋଧ କରିବା ସହିତ ଆତଙ୍କୀ ମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନାରାବାଜି କରିଥିଲେ। ଶାନ୍ତିପ୍ରିୟ ଦେଶ ଭାରତରେ ଜାତି, ଧର୍ମ ଭିତ୍ତିରେ ହିଂସା ସୃଷ୍ଟିକାରୀ ମାନଙ୍କୁ ସରକାର କଠୋର ଆଭିମୁଖ୍ୟ ଗ୍ରହଣ କରିବାକୁ ମଧ ଦାବି କରିଥିଲେ ଯୁବକମାନେ। ପ୍ରିତିରଞ୍ଜନ ରାଉତଙ୍କ ଉଦ୍ୟମରେ ହୋଇଥିବା ଏହି ଶ୍ରଦ୍ଧାଞ୍ଜଳି ସଭା ଓ ମହମବତୀ ଶୋଭାଯାତ୍ରାରେ ପଞ୍ଚାୟତର ସକ୍ରିୟ ଯୁବକ ତ୍ରିଲୋଚନ ରାଉତ, ଅମୁଲ୍ୟ ରାଉତ, ରଶ୍ମିରଞ୍ଜନ ସ୍ୱାଇଁ,ବିଶ୍ୱବିଜୟୀ ପରିଡ଼ା, ଅରକ୍ଷିତ ପ୍ରଧାନ, ସନ୍ତୋଷ ରାଉତ, ଦୀପକ୍ ରାଉତ, ରାଜାରାମ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

### ଯନ୍ତ୍ରୀ ଓ ଠିକାଦାରଙ୍କ ନେଉଟିଆ କିଆରି ତଟବନ୍ଧ ବିଭାଗ

# ପଥର ସ୍ପର ନାଁରେ ପାଣିରେ ପଡୁଛି କୋଟି କୋଟି ଟଙ୍କା

ରାଜକନିକା, ୨୭।୪ (ସଂଚାର ବ୍ୟୁରୋ): ଆଳି ତଟବନ୍ଧ ବିଭାଜନ ରାଜକନିକା ତଟବନ୍ଧ ବିଭାଗ ଅଧୀନରେ ଥିବା ଭରିଗଦା ପଞ୍ଚାୟତର କେଶନଗର,ଝାରକଟା ଗାଁକୁ ସଲଗ୍ନ ହୋଇ ରହିଥିବା ଖରସ୍ରୋତା ନଦୀର କରାଳ ରୂପରେ ଏକର ଏକର ଚାଷ ଜମି ନଦୀ ଗର୍ଭରେ ଲୀନ ହୋଇ ସାରିଛି। ଏହି ପଞ୍ଚାୟତ ଓ ଆଖପାଖ ପଞ୍ଚାୟତ ର ପାଖାପାଖି କୋଡିଏଟି ଗାଁର ଲୋକ ନିଜର ଜୀବିକା ହରାଇ ସାରିଛନ୍ତି। ଯାହାକୁ ନେଇ ବାରମ୍ବାର ଅଞ୍ଚଳ ବାସୀ ଦାବି କରିବା ପରେ ରାଜ୍ୟ ସରକାର ୪,୨୪,୮୬,୮୪୩.୦୦ଟଙ୍କାର ପ୍ରକଳ୍ପ ପଥର ପ୍ୟାକିଙ୍ଗ କରିବା ପାଇଁ ବେୟ ଅଟକଳ କରି ତଟବନ୍ଧ ବିଭାଗ ଜରିଆରେ ହରିହର ମହାପାତ୍ର ନାମକ ନିର୍ମାଣକାରୀ ସଂସ୍ଥାକୁ କାର୍ଯ୍ୟାଦେଶ ଦେଇ ୦୬. ୦୯. ୨୫ରେ ଶେଷ କରାଇବାକୁ ନିର୍ଦ୍ଦେଶ ଜାରି କରିଥିବା ବେଳେ ସମ୍ପୃକ୍ତ ଠିକାଦାର ଓ ତଦାରଖ କରୁଥିବା ବିଭାଗୀୟ କନିଷ୍ଠ ଯନ୍ତ୍ରୀ ଓ ଅଧିକାରୀ ମିଳିତ ଭାବରେ ଏହି ସରକାରୀ ଅର୍ଥକୁ ହଡ଼ପ କରି ସ୍ପର ନିୟମ ମୁତାବକ ଡ୍ରମ୍ପିଙ୍ଗ କରିବା ଜାଗାରେ କେବଳ ବଲ୍ଲୀ ଦେଇ ପାଞ୍ଚ ଇଞ୍ଚରୁ ପନ୍ଦର ଇଞ୍ଚ ପଥର ପକାଇ କାମ କରୁଥିବା ବେଳେ ସ୍ଥାନୀୟ ଲୋକ ପଚାରିବାରୁ ଲୋକ ମାନଙ୍କୁ ଭୁଆଁ ବୁଲାଉଛନ୍ତି ବୋଲି ଅଭିଯୋଗ ହୋଇଛି। ଦିନରେ କାମ ପରିବର୍ତ୍ତେ ରାତିରେ କାମ କରୁଥିବା କହିଛନ୍ତି ସ୍ଥାନୀୟ ଲୋକ। ତେବେ ଏନେଇ ଲୋକମାନେ ବିଭାଗୀୟ ଅଧିକାରୀଙ୍କୁ ପଚାରିଲେ ସବୁ ଠିକ ଚାଲୁଚି ବୋଲି ଅଧିକାରୀ କହୁଥିବା ଅଭିଯୋଗ ହୋଇଛି। କାମ ନେଉଥିବା ଠିକାଦାରଙ୍କୁ ପଚାରିଲେ ଏହି କମର ଫଳକରେ ମୋ ନା ଅଛି କିନ୍ତୁ ମୁଁ କିଛି ଜାଣିନି ବା କାମ ମୋର ନୁହଁ ବୋଲି ଉତ୍ତର ଦେଉଛନ୍ତି ଯାହା ସାଧାରଣରେ ସନ୍ଦେହ ସୃଷ୍ଟି କରିଛି। ନୂଆ ସରକାରଙ୍କୁ ସାଧାରଣ ଲୋକ ଭରସା କରି ଶାସନ ଭାର ଦେଇଥିବା ବେଳେ ସରକାରଙ୍କ ସ୍ୱଚ୍ଛତାକୁ ନେଇ ଅଞ୍ଚଳବାସୀଙ୍କ ମନରେ ପ୍ରଶ୍ନ ଉଙ୍କି ମାରିଛି। ତୁରନ୍ତ ଏହାର ତଦନ୍ତ କରାଯାଇ ଠିକ କାମ ନହେଲେ ଆଗାମୀ ଦିନରେ ଅଞ୍ଚଳବାସୀଙ୍କ ପକ୍ଷରୁ ଆନ୍ଦୋଳନ କରାଯିବ ବିଶେଷ ସୂତ୍ରରୁ ସୂଚନା ମିଳିଛି।



**କୁମ୍ଭକର୍ଣ୍ଣ ନିଦ୍ରାରେ ପ୍ରଶାସନ**

# ଗ୍ରାମ୍ୟ ଉନ୍ନୟନ ରାସ୍ତା ବିପର୍ଯ୍ୟସ୍ତ

ଡେରାବିଶ, ୨୭।୪ (ସଂଚାର ବ୍ୟୁରୋ): ଡେରାବିଶ ବ୍ଲକ ଅଧୀନ କଟକ-ଚାନ୍ଦବାଲି ରାଜ୍ୟ ରାଜପଥର ଚାନ୍ଦୋଳ କଲେଜ ଛକ ଠାରୁ ଢ଼ିଅବସୁପୁର ପର୍ଯ୍ୟନ୍ତ ଗ୍ରାମ୍ୟ ଉନ୍ନୟନ ବିଭାଗ ତତ୍ତ୍ୱାବଧାନରେ ହୋଇଥିବା ରାସ୍ତାର ପ୍ରଶସ୍ତି କରଣ କାର୍ଯ୍ୟକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହି ଆଠ କିମି ରାସ୍ତାର ଗୁରୁତ୍ତ୍ୱ କୁ ଉପଲବ୍ଧି କରାଯାଇ ପ୍ରଥମ ପର୍ଯ୍ୟାୟରେ ଛଅ ଫୁଟ ଓସାରର ଢ଼ଳେଇ ରାସ୍ତା ନିର୍ମାଣ କରାଯାଇଥିଲା। ଏପରିକି ଏହି ରାସ୍ତାରେ ଛୋଟ ଚାରିଚକିଆ ଯାନଟି ଗଲେ ଅପର ପାର୍ଶ୍ୱରୁ ଆସୁଥିବା ଆଉ ଗୋଟିଏ ଚାରିଚକିଆ ଯାନ ଯିବା ସମ୍ଭବ ହୋଇପାରୁ ନଥିଲା । ପରେ ଅବସ୍ଥାକୁ ଦେଖି ରାସ୍ତାର ପ୍ରଶସ୍ତି କରଣ କାର୍ଯ୍ୟ କରାଯାଇଥିଲା । ମାତ୍ର ପ୍ରଶସ୍ତୀକରଣ କାର୍ଯ୍ୟ କରାଯିବାର ଏକ ବର୍ଷ ପୂରଣ ହୋଇନଥିବା ବେଳେ ରାସ୍ତାର ଗୋଟିଏ ପାର୍ଶ୍ୱ ଢଳିପଡ଼ି ଫାଟ ସୃଷ୍ଟି ହେବା ଦ୍ୱାରା ଦୈନନ୍ଦିନ ଦୁର୍ଘଟଣା ଘଟୁଛି ।

ଏହି ରାସ୍ତାଦେଇ ରତାଦିଆ ଖଣ୍ଡସାହି ଓ ବସୁପୁର ପଞ୍ଚାୟତର ହଜାର ହଜାର ଜନସାଧାରଣ ଯାତାୟାତ ପାଇଁ ନିର୍ଭର କରୁଥିବାବେଳେ ଏହା ବସୁପୁର ସେତୁକୁ ସଂଯୋଗ କରୁଥିବାରୁ ଗରଦପୁର ଓ ମାର୍ଶାଘାଇ ବ୍ଲକର ହଜାର ହଜାର ଜନସାଧାରଣଙ୍କ ପାଇଁ ମଧ ଏହା ମୁଖ୍ୟ ରାସ୍ତା । ରାସ୍ତାଟି ଫାଟିଯାଇ ଢ଼ଳି ଆଁ କରିଥିଲେ ମଧ ଏଥିପ୍ରତି ଗ୍ରାମ୍ୟ ଉନ୍ନୟନ ବିଭାଗର ନିଘା ନାହିଁ । ପ୍ରଶସ୍ତୀକରଣ ରାସ୍ତା କାର୍ଯ୍ୟ ଚାଲିଥିବା ବେଳେ ନିମ୍ନମାନର କାର୍ଯ୍ୟକୁ ଦେଖି ଅଞ୍ଚଳବାସୀ ବିରୋଧ କରିଥିଲେ ମଧ ଏଥିପ୍ରତି ଗ୍ରାମ୍ୟ ଉନ୍ନୟନ ବିଭାଗ ଉଚ୍ଚ କର୍ତ୍ତୃପକ୍ଷ କର୍ଣ୍ଣପାତ କରିନଥିଲେ। ଏପରିକି ରାସ୍ତା ନିର୍ମାଣ ପରେ ମଧ ରାସ୍ତାର ଏପରି ଅବସ୍ଥା ବିଷୟରେ ଗ୍ରାମ୍ୟ ଉନ୍ନୟନ ବିଭାଗକୁ ଜଣାଇଥିଲେ ମଧ କିଛି ସୁଫଳ ମିଳିନଥିବା କ୍ଷୋଭର ସହ ପ୍ରକାଶ କରିଛନ୍ତି ଅଞ୍ଚଳର ସମାଜସେବୀ ପଦ୍ମନାଭ, ତ୍ରିପାଠୀ, ବିବେକୋ ନନ୍ଦ ତ୍ରିପାଠୀ ।



ଏକ ବର୍ଷ ମଧରେ ଏହି ରାସ୍ତାରେ ଶତାଧିକ ଦୁର୍ଘଟଣା ଘଟି ବହୁ ଧନଜୀବନ ହାନି ଘଟିଛି। ଖୁବଶୀଘ୍ର ରାସ୍ତାଟିକୁ ଯାତାୟାତ ଉପଯୋଗୀ କରାନଗଲେ ଅଞ୍ଚଳବାସୀଙ୍କ ପକ୍ଷରୁ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରାଯିବ ବୋଲି ଚେତାବନୀ ଦିଆଯାଇଛି। ଏ ନେଇ ବିଭାଗୀୟ ସହକାରୀ ଯନ୍ତ୍ରୀଙ୍କ ପ୍ରତିକ୍ରିୟା ମିଳିନାହିଁ ।

## ସିଟି salad

### ରାଜାଙ୍କ ସାଙ୍ଗରେ ପ୍ରଜା ନାହାନ୍ତି



ବାବୁ ରାଜା ସ୍ୱାଇଁ ହେଲେ ବିଜେଡିର ସବୁଠାରୁ ଅନୁଭବି ବିଧାୟକ। ବିଧାନସଭାରେ ବି ବରିଷ୍ଠ। ହେଲେ ବାବୁ କିଛିଦିନ ଧରି ବେଶ୍ ଚର୍ଚ୍ଚାରେ। କାରଣଟି ହେଉଛି ବିଜେଡି ହାଇଜାକ୍ ହୋଇଯିବ ବୋଲି ନବୀନ ବାବୁଙ୍କୁ ପତ୍ର ଲେଖି। ବାବୁ ଭାବିଥିଲେ ସିଏ ପତ୍ର ଲେଖିବାପରେ ତାଙ୍କ ପଟକୁ ସବୁତକ ଅସନ୍ତୁଷ୍ଟ ପ୍ରଜା ଢଳିବେ। ତାଙ୍କ ନେତୃତ୍ୱରେ ଆଗକୁ ବଢ଼ିବେ। ହେଲେ ସେମିତି କିଛି ହେଲା ନାହିଁ। ରାଜା ପଛକୁ ଅନାଇଲା ବେଳକୁ ଆଉ ପ୍ରଜା ନାହାନ୍ତି। କିଛି ପ୍ରଜା ଏକୁଟିଆ ଲଢ଼ିବାପାଇଁ ସ୍ଥିର କରିଥିବାବେଳେ ଆଉ କିଛି ଡିଆଁମାରି ନିବାସରେ। ଏବେ ଆପଣାର ଲୋକଙ୍କୁ ଦେଖିଲେ କହୁଛନ୍ତି, ଚିଠି ଲେଖି ବଡ ଭୁଲ୍‌ଟିଏ କରିଦେଲି। ତାୱା ଗରମ ଥିବାବେଳେ ରୁଟି ସେକିବା ନ୍ୟାୟରେ ଖୋଦ୍ ନବୀନଙ୍କୁ କଡା ଚିଠିଟିଏ ଲେଖିଦେଲି। ଭାବିଥିଲି ସମସ୍ତେ ଆସି ମୋ ପାଖରେ ପହଞ୍ଚିବେ। ହେଲେ ସେମିତି କିଛି ବି ହେଲାନାହିଁ। ଲାଭ ବଦଳରେ କ୍ଷତି ଅଧିକ। ଏବେ ଦଳପତିଙ୍କ ବିଷ ଦୃଷ୍ଟିରେ ପଡିଛନ୍ତି ରାଜା। ଦଳରେ ଏବେ ସାଂଗଠନିକ ପରିବର୍ତ୍ତନ ହେଉଥିବାରୁ ଚିଠିକୁ ଆଳ କରି ରାଜାଙ୍କ ପତ୍ତା କାଟିବାପାଇଁ କିଛି ପ୍ରଜା ବି ଉଦ୍ୟମ ଆରମ୍ଭ କଲେଣି। ଅବଶ୍ୟ ଏ କ୍ଷେତ୍ରରେ ନିବାସର ନିକଟତମ ଆଉ ଜଣେ ରାଜା ପ୍ରମୁଖ ଭୂମିକା ନିଭାଉଛନ୍ତି। ହେଲେ ଅନୁଭବି ରାଜା କିନ୍ତୁ ଛାଡିବାର ନୁହନ୍ତି। ଏବେ ନିଜ ଲୋକଙ୍କୁ ଦେଖିଲେ କହୁଛନ୍ତି, ହାତରେ ଆହୁରି ଚାରି ବର୍ଷ ଅଛି। ପୁଣି କେତେବେଳେ ମଉକା ଦେଖି କିଛି ଗୋଟାଏ କରିବା। ହେଲେ ପ୍ରଜାମାନେ ଯେ ତାଙ୍କୁ ଏମିତି ଚିତା କାଟିଦେବେ ଏକଥା ରାଜା କଳ୍ପନାରେ ସୁଦ୍ଧା ଭାବିନଥିଲେ।

### ନାଲିଫିଟା ତଳେ ରହିଗଲା ନାଲି କାଗଜ

ନବ ଦାସ ହତ୍ୟାକାଣ୍ଡର ତଦନ୍ତ ଦ୍ୱିତୀୟବାର ଜୋରଦାର ହୋଇଥିବାବେଳେ ପ୍ରଥମବାର ତଦନ୍ତ ସମୟରେ ବହୁ ପରିଶ୍ରମ କରି ଗୋପାଳର ପାଇଖାନା ଟାଙ୍କିରୁ ବାହାରିଥିବା ନାଲି ରଙ୍ଗର ଟୁକୁଡା କାଗଜ କଥା ଆଉ କେହି କହୁ ନାହାନ୍ତି। ସେତେବେଳେ ଏହି କାଗଜରୁ ହତ୍ୟାକାଣ୍ଡର ସମସ୍ତ ତଥ୍ୟ ମିଳିଯିବ ବୋଲି କୁହାଯାଇଥିଲା। ପାଇଖାନା ଟାଙ୍କିରେ ହତ୍ୟାକାରୀ ଗୋପାଳ ଏହି କାଗଜକୁ ଟୁକୁଡା ଟୁକୁଡା କରି ପକାଇଛି ବୋଲି କୁହାଯିବା ସହିତ ଦଳ ବଳ ସହ ପାଇଖାନା ଟାଙ୍କିରୁ ତାହା ଉଦ୍ଧାର ହୋଇଥିଲା। ଖରାରେ ଶୁଖାଯିବା ସହିତ ଗଣମାଧ୍ୟମକୁ ଡାକି ତାହାର ଫଟୋ ସୁଟ୍ ହୋଇଥିଲା। ଏହି ନାଲିକାଗଜର ଟୁକୁଡା ସତ୍ୟ ଉନ୍ମୋଚନ କରିବ ବୋଲି ଜୋରଦାର ପ୍ରଚାର ହୋଇଥିଲା। ହେଲେ ପରେ ଗୋପାଳର ସତ ପରୀକ୍ଷା ହୋଇଥିବାବେଳେ କାଗଜ କଥା କିନ୍ତୁ ଆଉ ଉଠିନଥିଲା। ଏବେ ପୁଣିଥରେ ନବ ଦାସ ହତ୍ୟାକାଣ୍ଡର ତଦନ୍ତ ଆରମ୍ଭ ହୋଇଥିବାରୁ ବହୁ ପରିଶ୍ରମ ପରେ ପାଇଖାନା ଟାଙ୍କିରୁ ବାହାର କରାଯାଇଥିବା ସେହି ଟୁକୁଡାକୁ ତଦନ୍ତ ପରିସରକୁ ଆଣିବାପାଇଁ କିଛି ଖାକିବାବୁ ମତ ଦେଉଛନ୍ତି। ତେବେ ଆଉ କିଛି ଖାକିବାବୁଙ୍କ ଆଲୋଚନାରୁ ଜଣାଯାଇଛି ଯେ ସେତେବେଳେ ଏହି ନାଲି କାଗଜ ଏକ ନାଟକ ଥିଲା ଏବଂ ଲୋକଙ୍କୁ ଭୁଆଁ ବୁଲାଇବାପାଇଁ ଏହାର ସୁନ୍ଦର ଉପସ୍ଥାପନା ହୋଇଥିଲା। ତେବେ ଏହା ପଛରେ ଯେଉଁ ବାବୁମାନଙ୍କର ମୁଣ୍ଡ ଖଟିଥିଲା ସେମାନଙ୍କୁ ଏବେ ଆଣି ଜେରା କଲେ ବାସ୍ତବ ସତ୍ୟ ପଦାକୁ ଆସିବ। ତେବେ ଏହି ନାଲି କାଗଜ ଖଣ୍ଡ ସବୁ କେଉଁଠି ଅଛି ଏବଂ ସେଥିରୁ କ'ଣ ବାହାରିଛି ସେ ସଂକ୍ରାନ୍ତରେ ପଚାରିଲେ ଖାକିବାବୁମାନେ କିନ୍ତୁ କେବଳ ମୁରୁକି ହସା ଦେଉଛନ୍ତି।




### ରେଳବାଇକୁ ରେଳ ଗନ୍ଧାଉଛି




ଭାରତୀୟ ରେଳବାଇ ନିକଟରେ ରାଜଧାନୀର କିଛି ପ୍ରତିଷ୍ଠିତ ବ୍ୟକ୍ତିଙ୍କୁ ଓଡିଶା ବାହାରକୁ ବୁଲାଇବାକୁ ନେଇଥିଲା। ନିଜର ମନଲାଖି ପ୍ରଚାର ପ୍ରସାର ପାଇଁ ରେଳବାଇ ଏହି ବୁଲାବୁଲି ଯୋଜନାର ଆୟୋଜନ କରିଥିଲା। ହେଲେ ବୁଲିବାପାଇଁ ବାବୁମାନଙ୍କୁ ରେଳରେ ନେବା ବଦଳରେ ଆକାଶ ପଥରେ ନେଇଥିଲା। ଅବଶ୍ୟ ଆକଶପଥରେ ଯାଇଥିବାରୁ ବାବୁମାନେ ସଅଳ ଫେରି ଆସିଥିଲେ। ସେଥିପାଇଁ ସେମାନଙ୍କ ଜୀବନ ରହିଗଲା ବୋଲି କିଛି କହି ବୁଲୁଛନ୍ତି। ତେବେ ରେଳବାଇ ଯେଉଁମାନଙ୍କୁ ବୁଲାଇବାକୁ ନେଉଛି ସେମାନଙ୍କ ରେଳରେ ନେଲେ ସମ୍ପୂର୍ଣ୍ଣ ମାଗଣାରେ ଯାତାୟତ ସହିତ ରେଳବାଇର କିଭଳି ବିକାଶ ହୋଇଛି ତାହାକୁ ଦେଖାଇ ପାରନ୍ତା ଓ ଏହାର ଭଲ ପ୍ରଚାର ପ୍ରସାର ବି ହୋଇପାରନ୍ତା। କିନ୍ତୁ ରେଳବାଇ ନିଜ ରେଳରେ ବାବୁମାନଙ୍କୁ ନେବା ବଦଳରେ କାହିଁକି ଆକାଶ ପଥରେ ନେଲା ତାହାକୁ ନେଇ ଏବେ ରାଜଧାନୀରେ ଆଲୋଚନା ଜୋର ଧରିଛି। ତେବେ ଏଭଳି ଆଲୋଚନା କୁଆଡେ ରେଳବାଇ ବାବୁଙ୍କ ପାଇଁ ସମସ୍ୟା ସୃଷ୍ଟି କଲାଣି। ମାଗଣା ବୁଲା ଯୋଜନାରେ ସାମିଲ ହୋଇନଥିବା କିଛି କରିତ୍‌କର୍ମା ଏବେ କଥାଟିକୁ ରେଳବାଇର ଉପର ଅଧିକାରୀଙ୍କ ନଜରକୁ ଆଣିବେ ବୋଲି ଆଲୋଚନା ଚଳାଇଥିବାବେଳେ ଆଉ କିଛି ଏହାକୁ ସିଧା ବୈଷ୍ଣବ ବାବୁଙ୍କ ନଜରକୁ ଆଣିଲେ ଭଲ ହେବ ବୋଲି ପରାମର୍ଶ ଦେଉଛନ୍ତି। ଏହାକୁ ନେଇ ରେଳବାଇର ଯୋଗାଯୋଗ ବାବୁ ଏବେ ହରଡଘଣାରେ।

### ସଭାରେ ଷଣ୍ଢ ପୂରାଇଦେଲେ ବସ୍ ଡ୍ରାଇଭର



ନିକଟରେ ରାଜ୍ୟ ସରକାର ପୁରୀରେ ବଡ କାର୍ଯ୍ୟକ୍ରମଟିଏ ଆୟୋଜନ କରିଥିଲେ। କୋଡିଏରୁ ପଚିଶ ହଜାର ଲୋକଙ୍କ ପାଇଁ ସଭାର ଆୟୋଜନ ହୋଇଥିଲା। ଲୋକେ କିଭଳି ବୁହାହୋଇ ଆସିବେ ସେ ଦାୟିତ୍ୱରେ ବାବୁମାନେ ଥିଲେ। ସବୁ ଦିଗରୁ ପୁରୀକୁ ଲୋକେ ବୁହାହୋଇ ଆସିଲେ। ଯେଉଁ ଦିଗରୁ ଲୋକେ ଆସିଥିଲେ ସେହି ଦିଗରେ ସଭାଠାରୁ କିଛି ଦୂରରେ ସେମାନଙ୍କ ପାଇଁ ଖାଇବା ବ୍ୟବସ୍ଥା ହୋଇଥିଲା। ଖରାବେଳେ ସଭା ସରିଲେ ଖାଇବା ପିଇବ ଘରକୁ ଯିବ ବୋଲି ଲୋକଙ୍କୁ କୁହାଯାଇଥିଲା। ତେବେ ସଭା ଆରମ୍ଭ ପାଇଁ ବିଳମ୍ବ ହେବାରୁ ଲୋକେ ଭୋକରେ ଆଉଟୁ ପାଉଟୁ ହୋଇଥିଲେ। ଲୋକଙ୍କୁ ସଭାସ୍ଥଳରେ ଛାଡିଥିବା ବସ୍‌ରେ ସେମାନେ ଯାଇ ଖାଇବାର ବ୍ୟବସ୍ଥା ହୋଇଥିଲା। ତେଣୁ ସଭାସ୍ଥଳରେ ଲୋକଙ୍କୁ ଛାଡି ବସ୍‌ଗୁଡିକ ଗୋଟିଏ ସ୍ଥାନରେ ଛିଡା ହୋଇଥିଲେ। ଭୋକରେ ଆଉଟୁ ପାଉଟୁ ହୋଇଥିବା କେହିଜଣେ ବସ୍ ବାଲାଙ୍କୁ ଫୋନ୍ କରି କହିଲା, ଆସ ଯିବା ଖାଇବାକୁ। ତା ପରେ ଆଉ ଦେଖେ କିଏ। ଖାଇବାକଥା ଶୁଣିବାପରେ ଭୋକରେ ଥିବା ବସ୍ ଡ୍ରାଇଭରମାନେ ଜଣକ ପରେ ଜଣେ ଗାଡି ଆଣି ସଭା ସ୍ଥଳରେ ଲଗାଇଲେ। ଟେଣ୍ଟ ଭିତରେ ଥିବା ଲୋକେ ବସ୍‌ରେ ବସି ଖାଇବା ସ୍ଥଳକୁ ପଳାଇଲେ। ସଭା ଆରମ୍ଭ ବେଳକୁ ଚଉକି ଖାଲି। ଖାଇବାକୁ ଯାଇଥିବା ଲୋକେ ବି ଆଉ ଫେରିଲେ ନାହିଁ। ସଭାର ମୁଖିଆମାନେ ଖାଲି ଯାହା ରାଗ ତମ ତମ ହୋଇ ଫେରିଲେ। କଥାଟି ଏବେ ପୁରୀରୁ ଆସି ରାଜଧାନୀରେ ଆଲୋଚନାର ବିଷୟବସ୍ତୁ ପାଲଟିଛି।

### ନୂଆ ଯୋଜନାକୁ ଆଇଟି ଅଡୁଆ




ରାଜ୍ୟ ସରକାରଙ୍କ ନୂଆ ଯୋଜନାକୁ ଏବେ ଆଇଟି ଅଡୁଆ ହୋଇଛି। ମହିଳାଙ୍କ ପାଇଁ କାର୍ଯ୍ୟକାରୀ ହୋଇଥିବା ସୁଭଦ୍ରା ଯୋଜନା ହେଉ କିମ୍ବା ଆୟୁଷ୍ମାନ ଯୋଜନା ହେଉ, ସମସ୍ତେ ପ୍ରଥମରୁ ଝୁଣ୍ଟୁଛନ୍ତି। ଆଉ ଏହି ଝୁଣ୍ଟିବାର ମୁଖ୍ୟ କାରଣ ହେଲା ଆଇଟି ବିଭ୍ରାଟ। ସୁଭଦ୍ରା ଯୋଜନା ଆରମ୍ଭ ବେଳେ ଯେଭଳି ଓଟିପି ସମସ୍ୟା ଉପୁଜି ଲୋକେ ହଟହଟା ହେଉଥିଲେ ଆୟୁଷ୍ମାନରେ ଠିକ୍ ସେହିଭଳି ସମସ୍ୟା ଉପୁଜିଛି। ଖାଲି ଫରକ ହେଉଛି ସେଥିରେ କିଛି ଲୋକ କାମ ଦାମ ଛାଡି ଦଉଡୁଥିବାବେଳେ ଏଥିରେ ଜୀବନ ଚାଲିଯାଉଛି। ତେବେ କେଉଁ ସଂସ୍ଥାକୁ ଏହି କାମ ଦିଆଯାଇଛି ଓ ସେ ସଂସ୍ଥା କାହିଁକି ସଠିକ୍ ଭାବରେ ଯୋଜନାକୁ କାର୍ଯ୍ୟକାରୀ କରିପାରୁ ନାହିଁ ସେ ସଂକ୍ରାନ୍ତରେ କେହି କିଛି କହୁ ନାହାନ୍ତି। ବର୍ତ୍ତମାନ ଯଦିଓ ସୁଭଦ୍ରା ଯୋଜନାର ଆଇଟି ବ୍ୟବସ୍ଥା ମରାମତି ପରେ ଠିକ୍ ବାଟରେ ଚାଲିଛି କିନ୍ତୁ ଆୟୁଷ୍ମାନ ଏବେ ଲୋକଙ୍କ ପାଇଁ କାଳ ହୋଇଛି। ଯେଉଁ ରୋଗୀମାନେ ଏହି କାର୍ଡକୁ ନେଇ ଚିକିତ୍ସାପାଇଁ ଯାଉଛନ୍ତି ସେମାନଙ୍କୁ ଡାକ୍ତରଖାନାଗୁଡିକ ଦୂର ଦୂର ମାର୍ ମାର୍ କରୁଛନ୍ତି। ତେବେ ସରକାରଙ୍କ ନୂଆ ଯୋଜନାର ଏଭଳି ଝୁଣ୍ଟିବା ସ୍ଥିତି ପଛରେ କିଛି ଷଡଯନ୍ତ୍ର ରହିଛି କି ନାହିଁ ତାହାର ତଦନ୍ତ କରିବାକୁ ଅନେକ ଏବେ ଦାବି ଆରମ୍ଭ କଲେଣି। ତେବେ ହେଉଥିବା ଆଲୋଚନାରୁ ସୂଚନା ମିଳିଛି ଯେ ସୁଭଦ୍ରା ଯୋଜନାଟିକୁ ନେଇଥିବା ସଂସ୍ଥାର ଆଇଟି ଅଭିଜ୍ଞତା ନଥିବାରୁ ଏଭଳି ଅବସ୍ଥା ସୃଷ୍ଟି ହୋଇଥିବାବେଳେ ଆୟୁଷ୍ମାନ ଯୋଜନା ପାଇଁ କିଏ ଦାୟୀ ତାହାକୁ ଖୋଜା ଚାଲିଛି। ତେବେ ସିଏ ଯାହା ହେଲେ ବି ଓଡିଶାର ଡବଲ ଇଞ୍ଜିନ ସରକାରକୁ ଆଇଟି ବ୍ୟବସ୍ଥା ସୁହାଉ ନଥିବାରୁ ଏହାର ପ୍ରତିକାର ନିହାତି ଦରକାର ବୋଲି କିଛି ଲୋକ ମତଦେବା ଆରମ୍ଭ କରିଛନ୍ତି।

### ଚିକିତ୍ସା ଅବହେଳାରୁ ଶିଶୁ ମୃତ

**ଭଦ୍ରକ, ୨୭।୪ (ସଂଚାର ବ୍ୟୁରୋ) :** ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟରେ ଅଘଟଣ ପିଛା ଛାଡୁନାହିଁ। ୩ ଦିନ ତଳେ ଜଣେ ମହିଳା ରୋଗୀଙ୍କ ଲିଫ୍ଟରେ ଚାପି ହୋଇ ମୃତ୍ୟୁ ହେବା ଘଟଣାକୁ ନେଇ ତୁମ୍ବି ତୋଫାନ ଥମି ନ ଥିବା ବେଳେ ରବିବାର ଗେଲପୁରସ୍ଥିତ ମାତୃ ଶିଶୁ ବିଭାଗ ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସା ଅବହେଳା ଯୋଗୁ ଜଣେ ଦୁଇ ମାସର ଶିଶୁ ପୁତ୍ରର ମୃତ୍ୟୁ ହୋଇଥିବା ପରିବାର ଲୋକ ଅଭିଯୋଗ ଆଣିଛନ୍ତି। ସିମୁଳିଆ ଥାନା ଅନ୍ତର୍ଗତ ଅମରିଆ ଅଗ୍ନିପୁରର ମନୋଜ ମହାଲିକଙ୍କ ଶିଶୁପୁତ୍ର ଅସୁସ୍ଥ ହେବାରୁ ସକାଳେ ପ୍ରଥମେ ଏକ କ୍ଲିନିକ୍‌ରେ ଡାକ୍ତରଙ୍କୁ ଦେଖାଇଥିଲେ। ମେଡିକାଲରେ ଭର୍ତ୍ତି ହେବାର ଅଧଘଣ୍ଟାଏ ଭିତରେ ଶିଶୁଟିର ମୃତ୍ୟୁ ହୋଇଥିଲା।

# ସୀମାନ୍ତ ଜଙ୍ଗଲରୁ ମାଓ ବଙ୍କର ଠାବ

**ଭୁବନେଶ୍ୱର,୨୭।୪ (ସଂଚାର ବ୍ୟୁରୋ):** ମାଲକାନଗିରି ସୀମାନ୍ତ ଛତିଶଗଡ଼ର ବିଜାପୁର ଜିଲ୍ଲାରୁ ପୁଣି ଯବାନଙ୍କୁ ମିଳିଛି ଏକ ବଡ଼ ସଫଳତା। ବିଜାପୁର ଏବଂ ସୁକମା ସୀମାନ୍ତବର୍ତ୍ତୀ ଜଂଗଲରେ ମାଓବାଦୀ ଲୁଚି ରହିବା ପାଇଁ ମାଓ ସଂଗଠନ ପକ୍ଷରୁ ବଡ଼ ବଡ଼ ବଙ୍କର ନିର୍ମାଣ କରାଯାଇଥିଲା। ଏହି ବଙ୍କରରେ ହିଡମା ଏବଂ ସାଥୀମାନେ ଦିନ ଦିନ ଧରି ଲୁଚି ରହୁଥିଲେ।

ଏପରିକି ସୁରକ୍ଷାକର୍ମୀ ମାଓବାଦୀଙ୍କୁ ଟାର୍ଗେଟ କରି ଜଂଗଲରେ ସର୍ଚ୍ଚ ଅପରେସନ କରୁଥିବା ବେଳେ ହିଡମା ଏବଂ ସାଥୀ ଏହି ବଙ୍କରରେ ଲୁଚି ରହୁଥିଲେ। ଏହି ବଙ୍କରକୁ ସିମେଣ୍ଟରେ କଂକ୍ରିଟ କରି ତିଆରି କରାଯାଇଥିଲା। ବଙ୍କର ଭିତରେ ରହିବା ଏବଂ ଖାଇବା ପାଇଁ ସମସ୍ତ ସୁବିଧା ରହିଥିଲା। ଦିନ ଦିନ ଧରି



ମାଓବାଦୀ ଏଠାରେ ଲୁଚି ରହୁଥିଲେ। ବଙ୍କର ଭିତରଟି ସଂପୂର୍ଣ୍ଣ ରୂପେ ବିଳାସପୂର୍ଣ୍ଣ ରହିଥିଲା। ସୁରକ୍ଷାକର୍ମୀଙ୍କ ତରଫରୁ ବଡ ବଡ ଅପରେସନ କରାଯାଉଥିଲେ ମଧ୍ୟ ଦୁର୍ଦ୍ଧାନ୍ତ ମାଓ ନେତା ହିଡମା କେଉଁଠି ଲୁଚି ରହୁଥିଲା ତାହା ଜଣାପଡୁନଥିଲା। ଏବେ ସୁରକ୍ଷାକର୍ମୀ ଏହି ବଙ୍କର ଉଦ୍ଧାର କରିବା ପରେ ସବୁ ପର୍ଦ୍ଦାଫାସ ହୋଇଛି। ବଙ୍କରରୁ ଉପର ଭାଗକୁ ପତ୍ର ଏବଂ ମାଟିରେ ଘୋଡାଇ ଦିଆଯାଇଥାଏ। ସୁରକ୍ଷାକର୍ମୀ ଏହାକୁ ସହଜରେ ଜାଣିବା ମୁସ୍କିଲ ହୋଇପଡୁଥିଲା। ତେବେ ଆଉ କିଛି ମାସ ମଧ୍ୟରେ ମାଓବାଦୀ ସଂପୂର୍ଣ୍ଣ ମୂଳପୋଛ ହେବେ ବୋଲି ପୁଲିସ ଆଶା ରଖିଛି। ମାଓ ନେତା ହିଡମା ଆଉ ପୁଲିସ ହାତରୁ ଖସିପାରିବ ନାହିଁ ବୋଲି ପୁଲିସ ଏବେ ଆଶା ରଖିଛି। ଖୁବ ଶୀଘ୍ର ମାଓନେତା ହିଡମା ମରିବ ନଚେତ ଧରାପଡ଼ିବ ବୋଲି ପୁଲିସ ଆଶା ପ୍ରକଟ କରିଛି। ଏବେ ଚାଲିଥିବା ବଡ଼ ଏନକାଉଣ୍ଟରରେ ନିର୍ଣ୍ଣାୟକ ଲଢେଇ ହେବ। ଆରପାର ଲଢେଇରେ ମାଓବାଦୀ ସମ୍ପୂର୍ଣ୍ଣ ଧ୍ୱଂସ ହେବେ ବୋଲି କୁହାଯାଇଛି।

### ଆଜି ରାଜ୍ୟ କଂଗ୍ରେସର ସମ୍ବିଧାନ ବଞ୍ଚାଅ ଅଭିଯାନ

**ଭୁବନେଶ୍ୱର,୨୭।୪(ସଂଚାର ବ୍ୟୁରୋ):** କେନ୍ଦ୍ର ଏବଂ ରାଜ୍ୟରେ ବିଜେପି ସରକାର। କିନ୍ତୁ କେହି ସମ୍ବିଧାନ ମାନୁନାହାନ୍ତି। ଏଥିପାଇଁ ଆସନ୍ତାକାଲି ରାଜ୍ୟ କଂଗ୍ରେସ ତରଫରୁ ସମ୍ବିଧାନ ବଞ୍ଚାଅ ଅଭିଯାନ କାର୍ଯ୍ୟକ୍ରମ କରାଯିବ। ଆଜି ଏନେଇ ସୂଚନା ଦେଇଛନ୍ତି ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ। ସମ୍ବିଧାନ ବଞ୍ଚାଅ ଅଭିଯାନ ଆନ୍ଦୋଳନକୁ ଅଧିକ ବ୍ୟାପକ କରାଯିବ। ଜିଲ୍ଲା ସ୍ତରରୁ ଆରମ୍ଭ କରି ପଞ୍ଚାୟତ କ୍ଷେତ୍ରରେ ମଧ୍ୟ ଏହି ଆନ୍ଦୋଳନକୁ ବ୍ୟାପକ କରାଯିବ। ଏଥିରେ ସାମିଲ ହୋଇ କଂଗ୍ରେସ ନେତା ଏବଂ କର୍ମୀ ଘରକୁ ଘର ଯାଇ ସମ୍ବିଧାନ ସୁରକ୍ଷା ସମ୍ପର୍କରେ ଜନତାକୁ ଅବଗତ କରାଇବେ। କାରଣ ସମ୍ବିଧାନ ବଞ୍ଚିଲେ ଆମେ ବଞ୍ଚିବା।

## ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ କହି ଠକୁଥିଲେ, ବନ୍ଧା ହେଲେ ଯୁବକ

**ରାଉରକେଲା, ୨୭।୪ (ସଂଚାର ବ୍ୟୁରୋ) :** ରାଉରକେଲା ପୋଲିସ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ଜଣେ ଅଧିକାରୀ ଭାବରେ ନିଜକୁ ପରିଚୟ ଦେଇ ଠକେଇ କରିବାକୁ ଚେଷ୍ଟା କରିଥିବା ଅଭିଯୋଗରେ ଜଣେ ଯୁବକଙ୍କୁ ଗିରଫ କରିଛି। ଅଭିଯୁକ୍ତଙ୍କୁ ଭୁବନେଶ୍ୱରର ସଙ୍କଳ୍ପ ବିହାର ଅଞ୍ଚଳର ବାସିନ୍ଦା ଅମନ ପ୍ରଧାନ ବୋଲି ଚିହ୍ନଟ କରାଯାଇଛି। କଳାହାଣ୍ଡି ଜିଲାରୁ ଆସିଥିବା ୨୪ ବର୍ଷୀୟ ଏହି ଯୁବକଙ୍କୁ ଗିରଫ ପରେ ରାଉରକେଲାର ଏକ ସ୍ଥାନୀୟ ଅଦାଲତକୁ ପଠାଇ ଦିଆଯାଇଛି। ରିପୋର୍ଟ ଅନୁଯାୟୀ, ଅମନ ନିଜକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ବ୍ୟକ୍ତିଗତ ସଚିବ ଆଇଏଏସ୍ ଅଧିକାରୀ ମନୋଜ କୁମାର ସାହୁ ପରିଚୟ ଦେଇ ଏପ୍ରିଲ ୨୨ ତାରିଖରେ ରାଉରକେଲା ଖଣି ଉପନିର୍ଦ୍ଦେଶକ ବିମ୍ବାଧାର ସେଠୀଙ୍କୁ ଫୋନ କରି ଟଙ୍କା ଦାବି କରିଥିଲେ। ଏହାକୁ ଏକ ନକଲି କଲ୍ ଭାବି ସେଠୀ ଫୋନ କାଟି ଦେଇଥିଲେ। ପରଦିନ ଅମନ ପୁନର୍ବାର ସେହି ନମ୍ବରରୁ ଅଧିକାରୀଙ୍କୁ ଯୋଗାଯୋଗ କରି ନିଜକୁ ଆଇଏଏସ୍ ମନୋଜ ସାହୁ ବୋଲି ପରିଚୟ ଦେଇ ଟଙ୍କା ମାଗିଥିଲେ। ଏହାପରେ ସେଠୀ ଉଦିତନଗର ଥାନାରେ ଏକ ଅଭିଯୋଗ ଦାୟର କରିଥିଲେ। ପୋଲିସ ରାଉରକେଲା ସାଇବର ପୋଲିସ ଷ୍ଟେସନର ସହାୟତାରେ ଅଭିଯୁକ୍ତଙ୍କ ଠିକଣା ଟ୍ରାକ୍ କରି ତାଙ୍କୁ ଭୁବନେଶ୍ୱରରୁ ଧରିଥିଲେ। ତାଙ୍କ ବିରୁଦ୍ଧରେ ବିଏନଏସର ଧାରା ୩୫୧(୪)/୩୦୮(୨)/୨୪୨ ଏବଂ ଆଇଟି ଆକ୍ଟର ଧାରା ୬୬(ଡି) ଅଧୀନରେ ଏକ ମାମଲା ରୁଜୁ କରାଯାଇଛି।



ବ୍ରହ୍ମପୁର ପ୍ରସିଦ୍ଧ ଠାକୁରାଣୀ ଯାତ୍ରା ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମା' ବୁଢ଼ୀ ଠାକୁରାଣୀଙ୍କୁ ଅସ୍ଥାୟୀ ମଣ୍ଡପରେ ଦର୍ଶନ କରି ରାଜ୍ୟବାସୀଙ୍କ କଲ୍ୟାଣ ପାଇଁ ପୂଜାର୍ଚ୍ଚନା କରୁଛନ୍ତି ।

## କର୍ମଜୀବୀ ମହିଳାଙ୍କୁ ଦୁଷ୍କର୍ମ




**ଯାଜପୁର, ୨୭।୪ (ସଂଚାର ବ୍ୟୁରୋ) :** ଯାଜପୁରରେ ଲଜ୍ଜା । କର୍ମଜୀବୀ ମହିଳାଙ୍କୁ ଦୁଷ୍କର୍ମ ଉଦ୍ୟମ ଅଭିଯୋଗ। ବିରୋଧ କରିବାରୁ ପୀଡିତାଙ୍କୁ ଆକ୍ରମଣ କଲେ ଅଭିଯୁକ୍ତ। ଏନେଇ ଥାନାରେ ଅଭିଯୋଗ କରିଛନ୍ତି ମହିଳା । ଅଭିଯୋଗର ୭୨ ଘଣ୍ଟା ପରେ ବି ପୋଲିସର ହାତ ଖାଲି । ଅଭିଯୋଗ ଅନୁଯାୟୀ, ଗତକାଲି ମହିଳା ଜଣକ ଅଟୋରେ ଯାଉଥିଲେ । ଅଟୋ ଚାଳକଙ୍କ ସମେତ ୩ ଅଭିଯୁକ୍ତ ମହିଳାଙ୍କୁ ଦୁଷ୍କର୍ମ ଉଦ୍ୟମ କରିଥିଲେ । ସମସ୍ତେ ଗଣଦୁଷ୍କର୍ମ କରିବା ସହ ମହିଳାଙ୍କୁ ନିର୍ଘୁମ୍ ମାଡ ମାରିଥିଲେ। ମହିଳା ଜଣକ ବିରୋଧ କରିବାରୁ ତାଙ୍କୁ ମାଡ ମାରିବା ସହ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ଗୁରୁତର ଅବସ୍ଥାରେ ମହିଳାଙ୍କୁ ଉଦ୍ଧାର କରି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ପରିବାର ପକ୍ଷରୁ ଥାନାରେ ଅଭିଯୋଗ କରିଥିଲେ ।

## ଖୁବଶୀଘ୍ର ନିର୍ମାଣ ହେବ ମଧୁ ସ୍ମାରକୀ

**ଭୁବନେଶ୍ୱର,୨୭।୪:** ଜମିଜମା ସମସ୍ୟା ଯୋଗୁଁ ଉତ୍କଳ ଗୌରବ ମଧୁସୂଦନଙ୍କ ଜନ୍ମସ୍ଥାନ ସତ୍ୟଭାମାପୁରରେ ସ୍ମାରକୀ ନିର୍ମାଣ କ୍ଷେତ୍ରରେ ବିଳମ୍ବ ଘଟୁଛି । ତେବେ ଖୁବଶୀଘ୍ର ଏହି ସମସ୍ୟାର ସମାଧାନ ହୋଇଯିବ ବୋଲି ଆଶା କରାଯାଉଛି ।

ଏଠାରେ ଉଲ୍ଲେଖନୀୟ ଯେ ପ୍ରାୟ ୧୭୭ବର୍ଷ ତଳେ ସତ୍ୟଭାମାପୁର ଗାଁରେ ମଧୁବାବୁଙ୍କ ଜନ୍ମ ହୋଇଥିଲା । କିନ୍ତୁ ଏବେ ଏହି ଗାଁରେ ଥିବା ତାଙ୍କ ପୈତୃକ ଘର ମଧୁବାବୁ କିମ୍ବା ତାଙ୍କର କୌଣସି ପାରିବାରିକ ଉତ୍ତରାଧିକାରୀଙ୍କ ନାମରେ ନାହିଁ । ତେବେ ଦୀର୍ଘବର୍ଷ ଧରି କସ୍ତୁରବା ଗାନ୍ଧୀ ଜାତୀୟ ସ୍ମାରକନିଧିର ପ୍ରାଦେଶିକ ମୁଖ୍ୟ ଦପ୍ତର ଏହି ସ୍ଥାନରେ ଚାଲି ଆସୁଛି । ମଧୁବାବୁଙ୍କ ଜନ୍ମସ୍ଥାନ ଥିବା ଏହି ପୈତୃକ ସମ୍ପତ୍ତି ଏକଦା ବିକ୍ରି ହୋଇଯାଇଥାନ୍ତା । ଏହା ଘଟିଥିଲେ ଏବେ ଏହି ସମ୍ପତ୍ତି କୌଣସି ବ୍ୟକ୍ତିଙ୍କ ଘରୋଇ ମାଲିକାନାରେ ଥାଆନ୍ତା । ତେବେ ମଧୁବାବୁଙ୍କ ନିଜ ଝିଆରି ମା' ରମାଦେବୀଙ୍କ ଅନୁରୋଧକ୍ରମେ କେନ୍ଦ୍ରୀୟ ଗାନ୍ଧୀ ସ୍ମାରକନିଧିର ତତ୍କାଳୀନ ଅଧ୍ୟକ୍ଷ ତଥା ଲୋକସଭାର ପୂର୍ବତନ ବାଚସ୍ପତି ଶ୍ରୀ ମାଭଲଙ୍କର ଏହି ସମ୍ପତ୍ତିର ସୁରକ୍ଷା ପାଇଁ ଆର୍ଥିକ ସହାୟତା ଯୋଗାଇ ଦେଇଥିଲେ । ସେତେବେଳେ ଏହା ମା' ରମାଦେବୀଙ୍କ ନାମରେ କିଣିବାପାଇଁ ପ୍ରସ୍ତାବ ଥିଲା । କିନ୍ତୁ ସ୍ୱାଧୀନତା ଆନ୍ଦୋଳନ ଓ ଭୂଦାନ ଆନ୍ଦୋଳନରେ ସକ୍ରିୟ ଅଂଶଗ୍ରହଣ କରି ସାରା ଦେଶର ସର୍ବୋଦୟ ଆନ୍ଦୋଳନକୁ ଏକଦା ନେତୃତ୍ୱ ଦେଇଥିବା ମା' ରମାଦେବୀ ଏହି ସମ୍ପତ୍ତିକୁ ନିଜ ନାମରେ ନକିଣି ଅର୍ଥଦାନ କରିଥିବା କେନ୍ଦ୍ରୀୟ ଗାନ୍ଧୀ ସ୍ମାରକନିଧି ନାମରେ ରଖିବାକୁ ଚାହିଁଥିଲେ। ବିକ୍ରି ସମସ୍ୟା ସମାଧାନ କରିବାପରେ ମା' ରମାଦେବୀଙ୍କ ଆଗ୍ରହକ୍ରମେ ସତ୍ୟଭାମାପୁରର ଏହି ପବିତ୍ର ଗୃହରେ କସ୍ତୁରବା ଗାନ୍ଧୀ ରାଷ୍ଟ୍ରୀୟ ସ୍ମାରକନିଧିର ପ୍ରାଦେଶିକ ମୁଖ୍ୟ ଦପ୍ତର ସ୍ଥାପନ କରାଯାଇ ଏଠାରୁ ରାଜ୍ୟର ବିଭିନ୍ନ ଅଞ୍ଚଳରେ ମହିଳା ଓ ଶିଶୁ କଲ୍ୟାଣ ପାଇଁ ବହୁ କେନ୍ଦ୍ର ଖୋଲାଯାଇଥିଲା । ଏହାଛଡା ଏଠାରେ ବି ଏକ ବାଳାଶ୍ରମ ପ୍ରତିଷ୍ଠା କରାଯିବା ସହିତ ଅଙ୍ଗନବାଡି ସମେତ ବିଭିନ୍ନ କ୍ଷେତ୍ରରେ କାମ କରୁଥିବା କର୍ମୀମାନଙ୍କ ପାଇଁ ତାଲିମ କେନ୍ଦ୍ର ବି ବହୁବର୍ଷ ଧରି ଏଠି ଚାଲୁଥିଲା । ସତ୍ୟଭାମାପୁରରେ ସମାଜସେବା କାର୍ଯ୍ୟର ପ୍ରାଣକେନ୍ଦ୍ର ଚଳାଇବା ସହିତ ମଧୁବାବୁଙ୍କ ପୈତୃକ ବାସଗୃହ ଓ ସେ ନିଜେ କିଣିଥିବା ଜମି ଉପରେ ନିର୍ମିତ ଘରକୁ ସେବେଠାରୁ କସ୍ତୁରବା ଟ୍ରଷ୍ଟ ରକ୍ଷଣା ବେକ୍ଷଣ କରିଆସୁଛି । ଏହାଛଡା ରମାଦେବୀଙ୍କ ଉଦ୍ୟମରେ ମଧୁସ୍ମୃତି ନାମରେ ଏକ ସଂଗଠନ ବି ଗଢାଯାଇଛି । ଏ ସମସ୍ତ କାମ ପାଇଁ ନିକଟରେ ଥିବା ଆଉକିଛି ସରକାରୀ ଜମିକୁ ଟ୍ରଷ୍ଟ ସରକାରଙ୍କ ଠାରୁ ଲିଜ୍ ସୂତ୍ରରେ ନେଇଥିଲା । ଗତ ବିଧାନସଭା ନିର୍ବାଚନ ପୂର୍ବରୁ ସେତେବେଳର ୫-ଟି ସଚିବ ଭି କେ ପାଣ୍ଡିଆନ ସତ୍ୟଭାମାପୁର ଗସ୍ତରେ ଆସି ଏଠାରେ ଉତ୍କଳଗୌରବଙ୍କ ସୁଦୃଶ୍ୟ ସ୍ମାରକୀ ନିର୍ମାଣ ହେବବୋଲି ଘୋଷଣା କରିବା ସହିତ ଏଥିଲାଗି ରାଜ୍ୟ ସରକାର ମଧ୍ୟ ଅର୍ଥ ବ୍ୟବସ୍ଥା କରିଥିଲେ। ଏହା ପୂର୍ବରୁ ଟ୍ରଷ୍ଟର ସ୍ୱୀକୃତି କ୍ରମେ ରାଜ୍ୟ ସରକାରଙ୍କ ପର୍ଯ୍ୟଟନ ବିଭାଗ ଏଠି ମଧ୍ୟ କେତେକ ସଂରକ୍ଷଣ ଓ ବିକାଶ କାମ କରିଥିଲେ। ତେବେ ଅର୍ଥ ବ୍ୟବସ୍ଥା ହେବାର ଦୀର୍ଘଦିନ ପରେ ବି ଜମି ଜମା ସମସ୍ୟା ଯୋଗୁଁ ଏଠାରେ କାମ ଆଗେଇ ପାରିନଥିଲା । ଇତି ମଧ୍ୟରେ କସ୍ତୁରବା ଗାନ୍ଧୀ ରାଷ୍ଟ୍ରୀୟ ସ୍ମାରକୀନିଧି, ମଧୁସ୍ମୃତି ଓ କେନ୍ଦ୍ରୀୟ ଗାନ୍ଧୀ ସ୍ମାରକନିଧି ଉକ୍ତ ଜମିରେ ରାଜ୍ୟ ସରକାର ମଧୁବାବୁଙ୍କ ସ୍ମାରକୀ ନିର୍ମାଣ କଲେ ସେମାନଙ୍କର କିଛି ଆପତ୍ତି ନାହିଁ ବୋଲି ଲିଖିତ ଭାବେ ଜଣାଇ ଦେଇଛନ୍ତି । ଇତି ମଧ୍ୟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗତ ଏପ୍ରିଲ ପହିଲାରେ ସତ୍ୟଭାମାପୁରରେ ସ୍ମାରକୀ ନିର୍ମାଣର ଶୁଭ ଦେଇଛନ୍ତି । ଖୁବଶୀଘ୍ର ଏହି ପ୍ରକଳ୍ପ କାମ ଚାଲିବ ବୋଲି ରାଜ୍ୟ ସରକାରଙ୍କ ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି । (ତଥ୍ୟ)

# ସିଏଆଇଟିର ବଡ଼ ନିଷ୍ପତ୍ତି: ପାକିସ୍ତାନ ସହ ସମସ୍ତ ବାଣିଜ୍ୟ ସମ୍ପର୍କ ବନ୍ଦ

**ଭୁବନେଶ୍ୱର, ୨୭।୪:** ଜମ୍ମୁ ଓ କଶ୍ମୀରର ପହଲଗାମରେ ହୋଇଥିବା ଭୟଙ୍କର ଆତଙ୍କବାଦୀ ଆକ୍ରମଣ ପରେ, ଅଲ୍ ଇଣ୍ଡିଆ ଟ୍ରେଡର୍ସ (ସିଏଆଇଟି) ପାକିସ୍ତାନ ସହ ସମସ୍ତ ବାଣିଜ୍ୟ ସମ୍ପର୍କ ବନ୍ଦ କରିବାକୁ ନିଷ୍ପତ୍ତି ନେଇଛି। ଏହାସହ, ଇ-କମର୍ସ କମ୍ପାନୀଗୁଡ଼ିକର ଅନିୟମିତ କାର୍ଯ୍ୟକଳାପ ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ପାଇଁ ସରକାରଙ୍କୁ ଅନୁରୋଧ କରିଛି। ଏହି ନିଷ୍ପତ୍ତି ଭୁବନେଶ୍ୱରରେ ଆୟୋଜିତ ସିଏଆଇଟିର ଦୁଇ ଦିନିଆ ଜାତୀୟ ପରିଚାଳନା ପରିଷଦ ବୈଠକରେ ଗୃହୀତ ହୋଇଛି, ଯେଉଁଥିରେ ୨୬ଟି ରାଜ୍ୟରୁ ୨୦୦ରୁ ଅଧିକ ବେପାରୀ ନେତା ଅଂଶଗ୍ରହଣ କରିଥିଲେ।

ପହଗାମରେ ଏପ୍ରିଲ ୨୨ରେ ହୋଇଥିବା ଆତଙ୍କବାଦୀ ଆକ୍ରମଣରେ ୨୬ ଜଣ ନିରୀହ ପର୍ଯ୍ୟଟକଙ୍କର ମୃତ୍ୟୁ ହୋଇଥିଲା। ଏହି ଆକ୍ରମଣକୁ ଲସ୍କର-ଏ-ତୈବା ସହ ଜଡ଼ିତ 'ଦି ରେଜିଷ୍ଟାନ୍ସ ଫ୍ରଣ୍ଟ' ନାମକ ସଂଗଠନ ନିଜେ କରିଥିବା ମାନିଥିଲା। ଭାରତ ଏହାକୁ ପାକିସ୍ତାନ ପ୍ରାୟୋଜିତ ଆତଙ୍କବାଦ ବୋଲି ଅଭିଯୋଗ କରିଛି। ଏହାର ପ୍ରତିବାଦରେ ସିଏଆଇଟି ଏକ ସଂକଳ୍ପ



ଗ୍ରହଣ କରି ପାକିସ୍ତାନ ସହ ସମସ୍ତ ଆମଦାନୀ ଓ ରପ୍ତାନୀ ବନ୍ଦ କରିବାକୁ ଘୋଷଣା କରିଛି। ସିଏଆଇଟିର ମହାସଚିବ ତଥା ଚାନ୍ଦନୀଚୌକର ଏମପିପ୍ରବୀଣ ଖାଣ୍ଡେଲୱାଲ କହିଛନ୍ତି, ଏକ ଶତ୍ରୁତାପୂର୍ଣ୍ଣ ଦେଶ ସହ ବାଣିଜ୍ୟ ବଜାୟ ରଖିବା ସମ୍ପୂର୍ଣ୍ଣ ଅଗ୍ରହଣୀୟ। ବ୍ୟାପାରୀ ସମୁଦାୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଦେଶର ସାର୍ବଭୌମତ୍ୱ ଓ ବାଣିଜ୍ୟିକ ସ୍ୱାଧୀନତା ରକ୍ଷା ପାଇଁ ଯେ କୌଣସି ପଦକ୍ଷେପ ନେବାକୁ ପ୍ରସ୍ତୁତ।

ସିଏଆଇଟିର ତଥ୍ୟ ଅନୁସାରେ, ୨୦୧୯ର ପୁଲୱାମା ଆକ୍ରମଣ ପରେ ଭାରତ ଓ ପାକିସ୍ତାନ ମଧ୍ୟରେ ବାଣିଜ୍ୟ ସମ୍ପର୍କ ନାଟକୀୟ ଭାବେ ହ୍ରାସ ପାଇଥିଲା। ୨୦୧୮ରେ ପ୍ରାୟ ୩ ବିଲିୟନ ଡଲାରର ବାଣିଜ୍ୟ ୨୦୨୪ ସୁଦ୍ଧା ୧.୨ ବିଲିୟନ ଡଲାରକୁ ଖସି ଆସିଥିଲା। ଏପ୍ରିଲ ୨୦୨୪ରୁ ଜାନୁଆରୀ ୨୦୨୫ ମଧ୍ୟରେ ଭାରତ ପାକିସ୍ତାନକୁ ପ୍ରାୟ ୫୦୦ ମିଲିୟନ ଡଲାରର ଔଷଧ, ରାସାୟନିକ, ଚିନି ଓ ଅଟୋ ପାର୍ଟସ ରପ୍ତାନୀ କରିଥିବାବେଳେ ମାତ୍ର ୦.୪୨ ମିଲିୟନ ଡଲାରର ସାମଗ୍ରୀ ଆମଦାନୀ କରିଥିଲା। ଏବେ ଏହି ବାଣିଜ୍ୟକୁ ସମ୍ପୂର୍ଣ୍ଣ ବନ୍ଦ କରାଯିବ ବୋଲି ସିଏଆଇଟି ଘୋଷଣା କରିଛି।

ବୈଠକରେ ସିଏଆଇଟି ଇ-କମର୍ସ ଓ କ୍ୱିକ କମର୍ସ କମ୍ପାନୀଗୁଡ଼ିକ ଦ୍ୱାରା ନିୟମ ଉଲ୍ଲଙ୍ଘନ, ନକଲି ସାମଗ୍ରୀ ବିକ୍ରି ଏବଂ ଛୋଟ ବେପାରୀଙ୍କ ବିରୁଦ୍ଧରେ ଷଡ଼ଯନ୍ତ୍ର ଅଭିଯୋଗ ଉଠାଇଛି। ସଂଘ ସରକାରଙ୍କୁ ଇ-କମର୍ସ ନୀତି ଏବଂ ଗ୍ରାହକ ସୁରକ୍ଷା ଆଇନ ଓ ବୈଦେଶିକ ପ୍ରତ୍ୟକ୍ଷ ନିବେଶ (ଏଫ୍‌ଡିଆଇ) ନୀତି ଅଧୀନରେ ନିୟମଗୁଡ଼ିକୁ କଡ଼ାକଡ଼ି କାର୍ଯ୍ୟକାରୀ କରିବାକୁ ଅନୁରୋଧ କରିଛି। ଏହାସହ, ଇ-କମର୍ସ ପ୍ଲାଟଫର୍ମଗୁଡ଼ିକର ପ୍ରଯୁକ୍ତି, ମୂଲ୍ୟ ନିର୍ଦ୍ଧାରଣ ଓ ବିକ୍ରେତା ଚୟନ ପ୍ରକ୍ରିୟାରେ ସ୍ୱଚ୍ଛତା ଓ ଜବାବଦେହିତା ନିଶ୍ଚିତ କରିବାକୁ ଦାବି କରାଯାଇଛି।

ସିଏଆଇଟି ଆହୁରି ପ୍ରସ୍ତାବ ଦେଇଛି ଯେ କ୍ୱିକ କମର୍ସ ଓ ଇ-କମର୍ସ କାରବାର ଉପରେ ୨୮ ପ୍ରତିଶତ ଜିଏସଟି ଲାଗୁ କରାଯାଉ, କାରଣ ଏହି ପ୍ଲାଟଫର୍ମଗୁଡ଼ିକ ସୁବିଧାଜନକ କ୍ରୟକୁ ଏକ ବିଳାସପୂର୍ଣ୍ଣ ସେବା ଭାବେ ଗଣ୍ୟ କରାଯାଇପାରେ। ଏହା ଛୋଟ ବେପାରୀଙ୍କୁ ଅନୈତିକ ପ୍ରତିଯୋଗିତାରୁ ରକ୍ଷା କରିବ ବୋଲି ସିଏଆଇଟି ମତ ଦେଇଛି।

Printed, Published and owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar and Printed at Khetramani Printing Press, At - Darakhapatna, Po - Kalyani Nagar, Dist-Cuttack-753013 and Published at Plot No.312, Flat No.003, Greenhigh Appartment, Kharavela Nagar, Bhubaneswar-751001 (Odisha) Ph. No. 9437227777/ 8093008776

Editor: Subhransu Bhusan Kar
ସମ୍ପାଦକ: ଶୁଭ୍ରାଂଶୁ ଭୂଷଣ କର






## ଆଜିର ସୁନା ଦର

କିଛି ଦିନ ପୂର୍ବରୁ ସୁନା ଦର ଅଚାନକ ଲକ୍ଷେ ଟଙ୍କାରେ ପହଞ୍ଚିଥିଲା। ତାପରେ ଧିରେ ଧିରେ ସୁନା ଦର ଖିସିବାରେ ଲାଗିଛି। ତେବେ ଆସନ୍ତୁ ଜାଣିବା, ସୁନା ଦର କେଉଁଠି କେତେ? ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୯୮, ୨୧୦, ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୯୦ ହଜାର ୦୨୦ ଟଙ୍କା ଛୁଇଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୯୮, ୨୧୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ୯୦ ହଜାର ୦୨୦ ଟଙ୍କାକୁ ପହଞ୍ଚିଛି। ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୯୮,୨୧୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୯୦ ,୦୨୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୯୮, ୩୧୦ ଟଙ୍କା ଓ ୨୨ କ୍ୟାରେଟ୍ ୯୦,୧୭୦ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୯୮, ୨୧୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୯୦,୦୨୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୯୮,୨୧୦ ଓ ୯୦,୦୨୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୧,୦୦,୯୦୦ ଟଙ୍କା ହୋଇଛି।



## ଆଜିର ପେଟ୍ରୋଲ, ଡିଜେଲ ଦର

ଦେଶର କିଛି ସ୍ଥାନରେ ତୈଳ ଦର ସ୍ଥିର ରହିଥିବା ବେଳେ ଅନ୍ୟ କିଛି ସ୍ଥାନରେ ତୈଳ ଦରରେ ପରିବର୍ତ୍ତନ ହୋଇଛି। ଭୁବନେଶ୍ୱର ପେଟ୍ରୋଲ ଦରରେ ମଧ ନୂଆ ଦର ଜାରି ହୋଇଛି। ଭୁବନେଶ୍ୱରରେ ଆଜି ପେଟ୍ରୋଲ ଦର ୧୦୧. ୧୧ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨ .୬୯ ପଇସା ରହିଛି। ଏପରିକି ଦେଶର ପ୍ରମୁଖ ସହରରେ ପେଟ୍ରୋଲ ଓ ଡିଜେଲ ଦର ଅପରିବର୍ତ୍ତିତ ରହିଛି। ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫. ୦୧ ଟଙ୍କା ଥିବାବେଳେ ଡିଜେଲ ଦର ୯୧ ଟଙ୍କା ୮୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୮୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୪୮ ପଇସା ରହିଛି।

# ଲଞ୍ଚ ହେଲା ରୟାଲ ଏନଫିଲ୍ଡ ହଣ୍ଟର ୩୫୦

**ନୂଆଦିଲ୍ଲୀ, ୨୭।୪:** ବାଇକ୍ ପ୍ରେମୀଙ୍କ ପ୍ରଥମ ପସନ୍ଦ ରୟାଲ ଏନଫିଲ୍ଡ, ଏହା ତ ସମସ୍ତେ ଜାଣନ୍ତି। ରୟାଲ ଏନଫିଲ୍ଡର କୌଣସି ବାଇକ୍ ଲଞ୍ଚ ହେଲେ ବାଇକ୍ ପ୍ରେମୀଙ୍କ ମନରେ ଖୁସି ଖେଳି ଯାଇଛି। ନୂଆ ମଡେଲକୁ ନେଇ ସମସ୍ତଙ୍କ ମନରେ କୌତୁହଳ ଦେଖାଯାଏ। ତେବେ ବାଇକ୍ ପ୍ରେମୀଙ୍କ ଆଗ୍ରହକୁ ଦେଖି ରୟାଲ ଏନଫିଲ୍ଡ ସବୁଠାରୁ ଶସ୍ତା ମଡେଲ୍ ଲଞ୍ଚ କରିଛି। ଯେଉଁଥିରେ ୩୫୦CCରେ ଇଞ୍ଜିନ୍ ଅଛି, ଯାହା ୨୦ ଏଚପି ପାୱାର ଏବଂ ୨୭ ଏନଏମ ପିକ୍ ଟର୍କ ଜେନେରେଟ୍ କରେ। ଦର୍ଶକ ବନ୍ଧୁ ରୟାଲ ଏନଫିଲ୍ଡର ସବୁଠାରୁ ଲୋକପ୍ରିୟ ବାଇକ କ୍ଲାସିକ୍ ୩୫୦ର ଟେନସନ୍ ବଢ଼ାଇବ ନୂଆ ଲଞ୍ଚ ହୋଇଥିବା ଏହି ବାଇକ। କାରଣ ଉଭୟ ବାଇକର ଦାମରେ ବେଶୀ ଫରକ ନାହିଁ। ଦୁଇ ବାଇକର ଇଞ୍ଜିନ ପ୍ରାୟ ସମାନ। ରୟାଲ ଏନଫିଲ୍ଡ ନିଜର ହଣ୍ଟର ୩୫୦ର ଅପଡେଟେଡ୍ ଭର୍ସନ ଲଞ୍ଚ କରିଛି। ପ୍ରଥମ ଥର ପାଇଁ କମ୍ପାନୀ ଏହାକୁ ଅଗଷ୍ଟ ୨୦୨୨ରେ ଲଞ୍ଚ କରିଥିଲା। ସାରା ବିଶ୍ୱରେ ଏହାର ୫ ଲକ୍ଷ ୟୁନିଟ୍ ବିକ୍ରି ହୋଇସାରିଛି, ଯାହା ପରେ କମ୍ପାନୀ ଏହାର ଅପଡେଟ୍ ମଡେଲକୁ ମାର୍କେଟରେ ଲଞ୍ଚ କରିଛି। କମ୍ପାନୀ କହିଛି ଯେ ପ୍ରତି ୬ ମାସରେ ରୟାଲ୍ ଏନଫିଲ୍ଡ ହଣ୍ଟର ୩୫୦ର ୧ ଲକ୍ଷ ୟୁନିଟ୍ ବିକ୍ରି କରିବାକୁ ଲକ୍ଷ୍ୟ ରଖିଛି। ତେବେ ଏଥିରେ କ'ଣ ଖାସ୍ ଅଛି ଆସନ୍ତୁ ଜାଣିବା।



ପୂର୍ବ ହଣ୍ଟରଠାରୁ ଏହା ସମ୍ପୂର୍ଣ୍ଣ ଭିନ୍ନ। ଏହି ବାଇକ୍ ୩ଟି ଭାରିଆଣ୍ଟରେ ଲଞ୍ଚ କରାଯାଇଛି। ବେସ୍ ଭାରିଆଣ୍ଟର ଏକ୍ସ-ସୋରୁମ୍ ଦାମ୍ ୧.୪୯ ଲକ୍ଷ ଟଙ୍କା। ଯେତେବେଳେ କି ଅନ୍ୟ ଭାରିଆଣ୍ଟର ଦାମ୍ ୧.୭୬ ଲକ୍ଷ ଏବଂ ୧.୮୧ ଲକ୍ଷ ଟଙ୍କା ରହିଛି। ଏହାର ୩୫୦ସିସି ଇଞ୍ଜିନ ସିଙ୍ଗଲ୍ ସିଲିଣ୍ଡର ହେବ। ଏଥିରେ ଏୟାର-କୁଲ୍ଡ ଏବଂ ଅଏଲ-କୁଲ୍ଡ ଇଞ୍ଜିନ ରହିଛି, ଯାହା ୫ -ସ୍ପିଡ୍ ଗିଅରବକ୍ସ ସହିତ ଆସିବ। ରୟାଲ ଏନଫିଲ୍ଡ ହଣ୍ଟର 350 ର ୨୦୨୫ ମଡେଲ ୩ ଟି ନୂଆ କଲରରେ ଲଞ୍ଚ କରାଯାଇଛି। ଏହି ବାଇକ ରିଓ ହ୍ୱାଇଟ୍, ଲଣ୍ଡନ ରେଡ୍ ଏବଂ ଟୋକିଓ ବ୍ଲାକ୍ କଲରରେ ଆସିବ। କିନ୍ତୁ କେବଳ ଫ୍ୟାକ୍ଟ୍ରି ବ୍ଲାକ୍ କଲର ବେସ୍ ଭାରିଆଣ୍ଟରେ ଉପଲବ୍ଧ ହେବ ଯାହାର ମୂଲ୍ୟ ୧.୪୯ ଲକ୍ଷ ଟଙ୍କା। ୧.୭୬ ଲକ୍ଷ ଟଙ୍କା ମୂଲ୍ୟର ଭାରିଆଣ୍ଟଟି ରିଓ ହ୍ୱାଇଟ୍ ଏବଂ ଡ୍ୟାପର୍ ଗ୍ରେ କଲରରେ ଆସିବ। ଅନ୍ୟପଟେ ଏହାର ଟପ୍ ମଡେଲ୍ ଟୋକିଓ ବ୍ଲାକ୍, ଲଣ୍ଡନ୍ ରେଡ୍ ଏବଂ ରେବେଲ୍ ବ୍ଲୁ କଲରରେ ଆସିବ।

ନୂଆ ରୟାଲ ଏନଫିଲ୍ଡ ହଣ୍ଟର ୩୫୦ରେ ଆପଣ ଏକ ନୂଆ ଏଲଇଡି ହେଡଲାଇଟ୍, ୨୭ ୱାଟ୍ ର ଟାଇପ୍-ସି ଫାଷ୍ଟ ଚାର୍ଜର, ସ୍ଲିପ୍ ଏବଂ ଆସିଷ୍ଟ କ୍ଲଚ୍ ମଧ ପାଇବେ। ଏହି କାରଣରୁ ହିଁ, ଏହା ରୟାଲ ଏନଫିଲ୍ଡର ପ୍ରଥମ ବାଇକ୍ ହେବ, ଯେଉଁଥିରେ ସ୍ଲିପ୍ ଏବଂ ଆସିଷ୍ଟ କ୍ଲଚ୍ ରହିବ। ବାଇକ୍ ର ବ୍ୟାକ୍ ସାଇଡରେ ନୂଆ ସସପେନସନ୍ ମଧ ଲଗାଯାଇଛି। ପଛରେ ବସୁଥିବା ବ୍ୟକ୍ତିଙ୍କ ପାଇଁ ଏହା ବହୁତ ସ୍ମୁଥ୍ ଏବଂ ଆରାମଦାୟକ ହେବ। ବାଇକ୍ ର ସିଟ୍ ର ଫୋମ୍‌କୁ ପୂର୍ବ ଅପେକ୍ଷା ସୁନ୍ଦର କରାଯାଇଛି ଏବଂ ହ୍ୟାଣ୍ଡେଲ୍‌କୁ ଆରାମଦାୟକ କରାଯାଇଛି। ଏହି ବାଇକ୍‌ର ଗ୍ରାଉଣ୍ଡ କ୍ଲିୟରାନ୍ସ ଏହାର ପୂର୍ବ ମଡେଲ ଅପେକ୍ଷା ଟିକେ ଅଧିକ ରହିଛି।



## ଚୀନ ପାଇଁ ତିଆରି ୧୦ ବୋଇଂ ବିମାନ ଏୟାର ଇଣ୍ଡିଆ କିଣିବ!

**ନୂଆଦିଲ୍ଲୀ, ୨୭।୪:** ଚୀନ ପାଇଁ ଆମେରିକୀୟ କମ୍ପାନି ବୋଇଂ ତିଆରି କରିଥିବା ପ୍ରାୟ ୧୦ଟି ବିମାନକୁ ଭାରତର ଏୟାର ଇଣ୍ଡିଆ କିଣିପାରେ। ବୋଇଂ ପ୍ରଥମେ ୭୩୭ ମାକ୍ସ ବିମାନ ଚୀନ କମ୍ପାନି ପାଇଁ ନିର୍ମାଣ କରିଥିଲା। କିନ୍ତୁ ଆମେରିକା ଓ ଚୀନ ମଧ୍ୟରେ ବାଣିଜ୍ୟ ଯୁଦ୍ଧ ତୀବ୍ର ହେବା ପରେ ଚୀନ ଏହି ବିମାନ ଆଣିବାକୁ ମନା କରିଦେଇଛି। ରିପୋର୍ଟ ଅନୁଯାୟୀ, ଏୟାର ଇଣ୍ଡିଆ ଏହି କମ୍ ଚଉଡ଼ା ବିଶିଷ୍ଟ ବିମାନକୁ ଆଣି ଏୟାର ଇଣ୍ଡିଆ ଏକ୍ସପ୍ରେସରେ ଲଗାଇବା ପାଇଁ ଯୋଜନା କରିଛି। ତେବେ ଏହି ଆଲୋଚନା ଏବେ ପ୍ରାଥମିକ ପର୍ଯ୍ୟାୟରେ ରହିଛି।

ଯଦି ଆଲୋଚନା ସଫଳ ହୁଏ ତାହେଲେ ଚଳିତବର୍ଷ ଶେଷସୁଦ୍ଧା ବୋଇଂର ଉକ୍ତ ବିମାନ ଏୟାର ଇଣ୍ଡିଆ ଏକ୍ସପ୍ରେସରେ ସାମିଲ ହୋଇପାରେ। ବୋଇଂ ସିଇଓ କେଲି ଓର୍ଟବର୍ଗ କହିଛନ୍ତି ଯେ ଚଢ଼ା ଆମଦାନୀ ଶୁଳ୍କ ଯୋଗୁ ଚୀନର ଅନେକ କମ୍ପାନି ଏବେ ବିମାନ ନେବା ପାଇଁ ଆଗ୍ରହ ଦେଖାଉ ନାହାନ୍ତି। ଚୀନ ଓ ଆମେରିକା ପରସ୍ପର ଉପରେ ଚଢ଼ା ଆମଦାନୀ ଶୁଳ୍କ ଲଗାଇବା ଫଳରେ ବିମାନ ସେବା ଠାରୁ ଆରମ୍ଭ କରି ଅନ୍ୟାନ୍ୟ ଶିଳ୍ପର ବ୍ୟବସାୟ ବାଧାପ୍ରାପ୍ତ ହୋଇଛି। ଓର୍ଟବର୍ଗ କହିଛନ୍ତି, ଡେଲିଭରି ହୋଇ ନଥିବା ବିମାନଗୁଡ଼ିକୁ ଅନ୍ୟ ଗ୍ରାହକଙ୍କୁ ପ୍ରଦାନ ଲାଗି ଯୋଜନା ଚାଲିଛି।

### ଓଡ଼ିଶାରେ ମୋବାଇଲ୍ ସେବା

## ଫେବ୍ରୁଆରିରେ ୨ ଲକ୍ଷ ଗ୍ରାହକ କମ୍ପାନୀ ବଦଳାଇଛନ୍ତି

**ଭୁବନେଶ୍ୱର,୨୭।୪:** ଫେବ୍ରୁଆରି ମାସରେ ଓଡ଼ିଶାରେ ପ୍ରାୟ ୨ ଲକ୍ଷ ମୋବାଇଲ ଫୋନ୍ ଗ୍ରାହକ କମ୍ପାନି ବଦଳାଇଛନ୍ତି। ଦେଶରେ ମୋବାଇଲ ନମ୍ବର ପୋର୍ଟେବିଲିଟି (ଏମ୍‌ଏନ୍‌ପି) କାର୍ଯ୍ୟକାରୀ ହେବା ଦିନଠାରୁ ଚଳିତବର୍ଷ ଫେବ୍ରୁଆରି ଶେଷ ପର୍ଯ୍ୟନ୍ତ ଓଡ଼ିଶାରେ ୧ କୋଟି ୯୨ ଲକ୍ଷ ୬୦ ହଜାର ଲୋକ କମ୍ପାନି ବା ଅପରେଟର ବଦଳାଇଲେଣି। ଚଳିତବର୍ଷ ଜାନୁଆରି ମାସରେ ଏମାନଙ୍କ ସଂଖ୍ୟା ୧ କୋଟି ୯୦ ଲକ୍ଷ ୭୦ ହଜାର ରହିଥିଲା। ଚଳିତ ସପ୍ତାହରେ ଭାରତୀୟ ଟେଲି ନିୟାମକ କର୍ତ୍ତୃପକ୍ଷ (ଟ୍ରାଇ) ପକ୍ଷରୁ ପ୍ରକାଶିତ ସଦ୍ୟତମ ରିପୋର୍ଟରୁ ଏହା ଜଣାଯାଇଛି।

ସୂଚନା ଅନୁଯାୟୀ, ଓଡ଼ିଶାରେ ମୋବାଇଲ ଗ୍ରାହକଙ୍କ ସଂଖ୍ୟା ଫେବ୍ରୁଆରି ମାସରେ ୧ ଲକ୍ଷ ୮୨ ହଜାର ୬୦ ବୃଦ୍ଧି ଘଟିଛି। ଏମାନଙ୍କ ମଧ୍ୟରେ ଜିଓ ସର୍ବାଧିକ ୧ ଲକ୍ଷ ୧୪ ହଜାର ୪୬୩ ଗ୍ରାହକ ଯୋଡ଼ିଥିବାବେଳେ ଏୟାରଟେଲ ୬୧ ହଜାର ୬୩୨ ଗ୍ରାହକ ଯୋଡ଼ିଛି। ଭୋଡାଫୋନ ଆଇଡିଆର ଗ୍ରାହକ ସଂଖ୍ୟାରେ ୯୮୬୧ ବୃଦ୍ଧି ଘଟିଛି। ଅନ୍ୟପକ୍ଷରେ ବିଏସ୍‌ଏନ୍‌ଏଲ୍‌ର ଗ୍ରାହକ ସଂଖ୍ୟା ଫେବ୍ରୁଆରି ମାସରେ ୩୮୯୬ ଜଣ ହ୍ରାସ ପାଇଛି। ଜାନୁଆରି ମାସରେ ଓଡ଼ିଶାରେ ମୋଟ ମୋବାଇଲ ଫୋନ ଗ୍ରାହକଙ୍କ ସଂଖ୍ୟା ୩ କୋଟି ୪୪ ଲକ୍ଷ ୧୭ ହଜାର ୮୨୪ ରହିଥିବାବେଳେ ଫେବ୍ରୁଆରିରେ ଏହା ୩ କୋଟି ୪୫ ଲକ୍ଷ ୯୯ ହଜାର ୮୮୪ରେ ପହଞ୍ଚିଛି। ଜିଓ ଗ୍ରାହକଙ୍କ



ସଂଖ୍ୟା ୧ କୋଟି ୫୮ ଲକ୍ଷ ୨୧ ହଜାର ୪୪ରେ ରହିଛି। ଏହା ପଛକୁ ଏୟାରଟେଲର ୧ କୋଟି ୧୮ ଲକ୍ଷ ୧୦ ହଜାର ୬୯୫, ବିଏସ୍‌ଏନ୍‌ଏଲ୍‌ର ୫୫ ଲକ୍ଷ ୭୩ ହଜାର ୪୨୦ ଏବଂ ଭୋଡାଫୋନ ଆଇଡିଆର ୧୩ ଲକ୍ଷ ୯୪ ହଜାର ୭୨୫ ଜଣ ମୋବାଇଲ ଫୋନ ଗ୍ରାହକ ରହିଛନ୍ତି। ଏଥିସହିତ ୫ଜି ଏୟାରଫାଇବର ଗ୍ରାହକଙ୍କ ସଂଖ୍ୟା ଫେବ୍ରୁଆରି ମାସ ଶେଷ ସୁଦ୍ଧା ୧ ଲକ୍ଷ ୬୫ ହଜାର ୬୪୭ରେ ପହଞ୍ଚିଛି। ଜାନୁଆରି ମାସରେ ଏମାନଙ୍କ ସଂଖ୍ୟା ୧ ଲକ୍ଷ ୫୦ ହଜାର ୪୭୧ ରହିଥିଲା। ଦୁଇ ଘରୋଇ କମ୍ପାନି ଜିଓ ଏବଂ ଏୟାରଟେଲ ଏହି ସେବା ଯୋଗାଇ ଦେଉଛନ୍ତି। ଫେବ୍ରୁଆରିରେ ଜିଓ ୧୧ ହଜାର ୪୭ ନୂଆ ଗ୍ରାହକ ଯୋଡ଼ିବା ଦ୍ୱାରା ଏହାର ମୋଟ ଗ୍ରାହକ ସଂଖ୍ୟା ୧ ଲକ୍ଷ ୪୨ ହଜାର ୮୪୦ରେ ପହଞ୍ଚିଛି। ସେହିଭଳି ଏୟାରଟେଲ ୪୧୨୯ ନୂଆ ଗ୍ରାହକ ଯୋଡ଼ିବା ଫଳରେ ଏହାର ମୋଟ ଗ୍ରାହକ ସଂଖ୍ୟା ୨୨୮୦୭ରେ ପହଞ୍ଚିଛି। ରାଜ୍ୟରେ ଫେବ୍ରୁଆରି ଶେଷ ସୁଦ୍ଧା ମୋଟ ୫ ଲକ୍ଷ ୫୩ ହଜାର ୮୫୧ ଜଣ ୱାୟାରଲାଇନ୍ ଗ୍ରାହକ ରହିଛନ୍ତି। ଫେବ୍ରୁଆରିରେ ମୋଟ ୫୩,୭୧୭ ନୂଆ ୱାୟାରଲାଇନ ଗ୍ରାହକ ଯୋଡ଼ି ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ବିଏସ୍‌ଏନ୍‌ଏଲ୍ ସର୍ବାଧିକ ୪୬ ହଜାର ୮୧୫ ନୂଆ ଗ୍ରାହକ ଯୋଡ଼ିବା ଦ୍ୱାରା ଏହାର ମୋଟ ୱାୟାରଲାଇନ ଗ୍ରାହକ ସଂଖ୍ୟା ୧ ଲକ୍ଷ ୭୧ ହଜାର ୪୨୮ରେ ପହଞ୍ଚିଛି। ଜିଓ ୩୩୯୬ ନୂଆ ଗ୍ରାହକ ଯୋଡ଼ିବା ଦ୍ୱାରା ଏହାର ମୋଟ ୱାୟାରଲାଇନ ଗ୍ରାହକଙ୍କ ସଂଖ୍ୟା ୨ ଲକ୍ଷ ୮୭ ହଜାର ୫୩୬ରେ ପହଞ୍ଚିଛି। ଏହି ମାସରେ ଏୟାରଟେଲ ୨୪୪୩, ଟାଟା ଟେଲି ୧୧୩୩ ନୂଆ ୱାୟାରଲାଇନ ଗ୍ରାହକ ଯୋଡ଼ିଥିବାବେଳେ ଭୋଡାଫୋନ ଆଇଡିଆ ୭୦ ଜଣ ୱାୟାରଲାଇନ ଗ୍ରାହକ ହରାଇଛି।

## ବ୍ୟାଙ୍କିଙ୍ଗ ନିୟମ ନମାନିବାରୁ ଆରବିଆଇର ବଡ଼ ଆକ୍ସନ

## ୨ ବ୍ୟାଙ୍କ ଉପରେ ଜରିମାନା




**ନୂଆଦିଲ୍ଲୀ, ୨୭।୪:** ନିୟାମକ ଅନୁପାଳନ ସମ୍ବନ୍ଧୀୟ ତ୍ରୁଟି ପାଇଁ ବ୍ୟାଙ୍କ ଓ ଫାଇନାନ୍ସିଆଲ୍ ସର୍ଭିସେସ୍ ଉପରେ ଜରିମାନା। ଇଣ୍ଡିଆନ୍ ବ୍ୟାଙ୍କ ଏବଂ ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରା ଫାଇନାନ୍ସିଆଲ୍ ସର୍ଭିସେସ୍ ଉପରେ ଜରିମାନା ଲଗାଇଛି ଭାରତୀୟ ରିଜର୍ଭ ବ୍ୟାଙ୍କ। କେନ୍ଦ୍ରୀୟ ବ୍ୟାଙ୍କ ଶୁକ୍ରବାର ଏହି ସୂଚନା ଦେଇଛି। ଆରବିଆଇ ଅନୁଯାୟୀ, ବ୍ୟାଙ୍କିଙ୍ଗ ନିୟନ୍ତ୍ରଣ ଆଇନର କିଛି ବ୍ୟବସ୍ଥା ଉଲ୍ଲଂଘନ ଏବଂ 'ଅଗ୍ରୀମ ଉପରେ ସୁଧ ହାର', 'କିଷାନ କ୍ରେଡିଟ୍ କାର୍ଡ (କେସିସି) ଯୋଜନା' ଏବଂ ଏମଏସଏମଇ କ୍ଷେତ୍ରକୁ ଋଣ' ସହିତ ଜଡିତ ନିର୍ଦ୍ଦେଶାବଳୀ ପାଳନ ନକରିବା ପାଇଁ ଇଣ୍ଡିଆନ୍ ବ୍ୟାଙ୍କ ଉପରେ ୧.୬୧ କୋଟି ଟଙ୍କାର ଜରିମାନା ଲାଗୁ କରାଯାଇଛି। ଏହା ବ୍ୟତୀତ, 'ନନ୍-ବ୍ୟାଙ୍କିଙ୍ଗ୍ ଫାଇନାନ୍ସିଆଲ୍ କମ୍ପାନୀ- ସିଷ୍ଟମିକାଲି ଇମ୍ପୋର୍ଟାଣ୍ଟ୍ ନନ୍-ଡିପୋଜିଟ୍ ଟେକିଙ୍ଗ କମ୍ପାନୀ ଏବଂ ଡିପୋଜିଟ୍ ଟେକିଙ୍ଗ କମ୍ପାନୀ (ରିଜର୍ଭ ବ୍ୟାଙ୍କ) ନିର୍ଦ୍ଦେଶାବଳୀ, ୨୦୧୬' ଏବଂ 'Know Your Costumer' ନିର୍ଦ୍ଦେଶାବଳୀର କିଛି ବ୍ୟବସ୍ଥା ପାଳନ କରିନଥିବାରୁ ମହିନ୍ଦ୍ରା ଆଣ୍ଡ୍ ମହିନ୍ଦ୍ରା ଫାଇନାନ୍ସିଆଲ୍ ସର୍ଭିସେସ୍ ଲିମିଟେଡ୍ ଉପରେ ୭୧.୩୦ ଲକ୍ଷ ଟଙ୍କାର ଜରିମାନା ଲଗାଇଛି ଆରବିଆଇ।

ଉଭୟ ମାମଲାରେ, କେନ୍ଦ୍ରୀୟ ବ୍ୟାଙ୍କ କହିଛି ଯେ ନିୟାମକ ଅନୁପାଳନରେ ତ୍ରୁଟି ଯୋଗୁଁ ଜୋରିମାନା ଲାଗୁ କରାଯାଇଛି। ଆରବିଆଇ କହିଛି ଯେ ଜଳନ୍ଧରସ୍ଥିତ ଇମ୍ପେରିଆଲ ଅର୍ବାନ କୋ-ଅପରେଟିଭ୍ ବ୍ୟାଙ୍କର ଲାଇସେନ୍ସ ବାତିଲ କରାଯାଇଛି। କାରଣ ବ୍ୟାଙ୍କ ପାଖରେ ପର୍ଯ୍ୟାପ୍ତ ପୁଞ୍ଜି ଏବଂ ରୋଜଗାର ସମ୍ଭାବନା ନାହିଁ। ପଞ୍ଜାବ ସରକାରଙ୍କ ସମବାୟ ସମିତି ନିବନ୍ଧକଙ୍କୁ ମଧ ବ୍ୟାଙ୍କକୁ ବନ୍ଦ କରିବା ପାଇଁ ଏକ ନିର୍ଦ୍ଦେଶ ଜାରି କରିବାକୁ ଏବଂ ବ୍ୟାଙ୍କ ପାଇଁ ଜଣେ ଲିକ୍ୱିଡେଟରଙ୍କୁ ନିଯୁକ୍ତ କରିବାକୁ ଅନୁରୋଧ କରାଯାଇଛି।

ପରିଶୋଧ ପରେ ପ୍ରତ୍ୟେକ ଜମାକାରୀ ଜମା ବୀମା ଏବଂ କ୍ରେଡିଟ୍ ଗ୍ୟାରେଣ୍ଟି କର୍ପୋରେସନ (ଡିଆଇସିଜିସି)ରୁ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ତାଙ୍କ ଜମା ଉପରେ ଜମା ବୀମା ଦାବି ରାଶି ପାଇବାକୁ ହକଦାର ହେବେ। ବ୍ୟାଙ୍କ ଦ୍ୱାରା ଦାଖଲ କରାଯାଇଥିବା ତଥ୍ୟ ଅନୁଯାୟୀ, ଆରବିଆଇ କହିଛି ଯେ ୯୭.୭୯ ପ୍ରତିଶତ ଜମାକାରୀ ଡିଆଇସିଜିସିରୁ ସେମାନଙ୍କର ଜମାର ସମ୍ପୂର୍ଣ୍ଣ ପରିମାଣ ପାଇବାକୁ ହକଦାର। ଜାନୁଆରୀ ୩୧, ୨୦୨୫ ସୁଦ୍ଧା ଡିଆଇସିଜିସି ମୋଟ ବୀମାକୃତ ଜମାରୁ ୫.୪୧ କୋଟି ଟଙ୍କା ପ୍ରଦାନ କରିସାରିଛି।

### କେତେବେଳେ ବି ହୋଇପାରେ ହମଲା

## କଣ ରହିବ ଚୀନ-ଆମେରିକାର ଆଭିମୁଖ୍ୟ ?

**ନୂଆଦିଲ୍ଲୀ, ୨୭।୪:** ପ୍ରତିଶୋଧ ନେବାକୁ ପ୍ରସ୍ତୁତ ଭାରତ। ଭୟରେ ଥରହର ପାକିସ୍ତାନ। କେତେବେଳେ ବି ହୋଇପାରେ ହମଲା। କଣ ରହିବ ଚୀନ-ଆମେରିକାର ଆଭିମୁଖ୍ୟ? ପହଲଗାମ ଆତଙ୍କବାଦୀ ହମ୍ଲା ପରେ ଭାରତ-ପାକିସ୍ତାନ ସମ୍ପର୍କ ତିକ୍ତତାର ଚରମସୀମାରେ। ଉଭୟ ଦେଶ ସୀମାରେ ସେମାନଙ୍କର ସେନା ମୁତୟନ ବୃଦ୍ଧି କରିଛନ୍ତି। ପାକିସ୍ତାନ ବିରୋଧରେ ବଡ ଲଢେଇ ପାଇଁ ପ୍ରସ୍ତୁତି। ୨ ଦିନ ତଳେ ସୁଖୋଇ। ଆଉ ଏବେ ଆରବ ସାଗରରେ ନୌସେନାର ମିଶାଇଲ ପରୀକ୍ଷଣ କରିଛି ଭାରତ। ପଶ୍ଚିମ ତଟରେ ଚାଲିଛି ସମରାଭ୍ୟାସ।

ସେପଟେ ପାକିସ୍ତାନରୁ ଆସୁଛି ଧମକ ପରେ ଧମକ। କାହିଁକିନା ପାକିସ୍ତାନକୁ ମିଳୁଛି ଚୀନର ପୂର୍ଣ୍ଣ ସମର୍ଥନ। ଅନ୍ୟପକ୍ଷରେ, ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ନିରପେକ୍ଷ କାର୍ଡ ଖେଳିଛନ୍ତି। କହିଛନ୍ତି ଯେ ଭାରତ ଏବଂ ପାକିସ୍ତାନ ଉଭୟ ଆମେରିକାର ନିକଟତର। ଏବେ ସବୁଠୁ ବଡ଼ ପ୍ରଶ୍ନ- ଯଦି ଦୁଇ ଦେଶ ମଧ୍ୟରେ ଯୁଦ୍ଧ ହୁଏ, ତେବେ କଣ ରହିବ ଆମେରିକା ଏବଂ ଚୀନର ଆଭିମୁଖ୍ୟ? ପାକିସ୍ତାନକୁ ସମର୍ଥନ ଜଣାଇଲେ ବି ଭାରତର କାର୍ଯ୍ୟାନୁଷ୍ଠାନରେ ଚୁପ୍ ରହିବେ ଉଭୟ ଦେଶ। କାରଣ ଚୀନ୍ ଏବଂ ଆମେରିକା ଉଭୟଙ୍କୁ ଭାରତୀୟ ବଜାରର ଆବଶ୍ୟକତା ଅଛି। ଉଭୟ ଦେଶ ସହିତ ଭାରତର ଦ୍ୱିପାକ୍ଷିକ ବାଣିଜ୍ୟ ୧୦୦ ବିଲିୟନ ଡଲାରରୁ ଅଧିକ। ଏପରି ପରିସ୍ଥିତିରେ, ଉଭୟ ଦେଶକୁ ଭାରତ ଆବଶ୍ୟକ। ଚୀନ୍ ଏବଂ ଆମେରିକା ଭାରତ ସହିତ ସେମାନଙ୍କର ସମ୍ପର୍କ ନଷ୍ଟ କରିବାର ଭୁଲ କରିବେ ନାହିଁ। ଉଭୟ ଦେଶ



ଭାରତରେ ସେମାନଙ୍କର ବ୍ୟବସାୟ ବିସ୍ତାର କରିବାକୁ ଚାହାଁନ୍ତି। ଏବେ ଆସନ୍ତୁ ଜାଣିବା ଭାରତ ଏବଂ ଆମେରିକା ଏବଂ ଚୀନ ମଧ୍ୟରେ କି ପ୍ରକାରର ବାଣିଜ୍ୟ ସମ୍ପର୍କ ରହିଛି। ଭାରତ ଏବଂ ପାକିସ୍ତାନ ମଧ୍ୟରେ ଚାଲିଥିବା ବିବାଦରେ ଡ୍ରାଗନ୍ କେବେ ଖୋଲାଖୋଲି ଭାବରେ ବାହାରିବ ନାହିଁ। ଏହା ସହିତ, ଏହା ପାକିସ୍ତାନକୁ ଏପରି ସମର୍ଥନ କରିବ ନାହିଁ ଯାହା ଭାରତକୁ କ୍ଷତି ପହଞ୍ଚାଇବ। ୨୦୨୫ ଆର୍ଥିକ ବର୍ଷରେ ଦୁଇ ଦେଶ ମଧ୍ୟରେ ଦ୍ୱିପାକ୍ଷିକ ବାଣିଜ୍ୟ ୧୨୭.୭ ବିଲିୟନ ଆମେରିକୀୟ ଡଲାର। ଯେତେବେଳେ ୨୦୨୪ ଆର୍ଥିକ ବର୍ଷରେ ଏହି ବାଣିଜ୍ୟ ୧୧୮.୪ ବିଲିୟନ ଆମେରିକୀୟ ଡଲାର ଥିଲା। ବର୍ତ୍ତମାନ, ଚୀନ୍ ଭାରତର ଦ୍ୱିତୀୟ ସର୍ବବୃହତ ବାଣିଜ୍ୟିକ ଅଂଶୀଦାର। ଆମେରିକା ଚୀନ ଉପରେ ଭାରୀ ଶୁଳ୍କ ଲାଗୁ କରିଛି। ସେବେଠାରୁ ଚୀନ୍‌ର ଅବସ୍ଥା ବହୁତ ଖରାପ ହୋଇଛି। ଯଦି ଆମେ ପାକିସ୍ତାନ ଏବଂ ଚୀନ୍ ମଧ୍ୟରେ ବାଣିଜ୍ୟ ବିଷୟରେ ଆଲୋଚନା କରିବା, ତେବେ ଏହା ଭାରତ ତୁଳନାରେ ବହୁତ କମ୍। ୨୦୨୪ ମସିହାରେ, ଚୀନ୍ ଏବଂ ପାକିସ୍ତାନ ମଧ୍ୟରେ ଦ୍ୱିପାକ୍ଷିକ ବାଣିଜ୍ୟ ୨୩.୧ ବିଲିୟନ ଆମେରିକୀୟ ଡଲାର ଥିଲା ଏପରି ପରିସ୍ଥିତିରେ, ଚୀନର ନଜର ପୁଣି ଥରେ ଭାରତୀୟ ବଜାର ଉପରେ ରହିଛି। ଭାରତରେ ନିବେଶ କରିବା ପାଇଁ ଚୀନ୍ ଏବେ ଭାରତର ପ୍ରତ୍ୟେକ ସର୍ତ୍ତକୁ ଗ୍ରହଣ କରିବାକୁ ପ୍ରସ୍ତୁତ।

ଅନ୍ୟପକ୍ଷରେ, ଭାରତ ଏବଂ ଆମେରିକା ମଧ୍ୟରେ ମଧ କୌଣସି ଛୋଟ ବାଣିଜ୍ୟ କାରବାର ନାହିଁ। ୨୦୨୫ ଆର୍ଥିକ ବର୍ଷରେ ଭାରତ ଏବଂ ଆମେରିକା ମଧ୍ୟରେ ଦ୍ୱିପାକ୍ଷିକ ବାଣିଜ୍ୟ ୧୩୧.୮୪ ବିଲିୟନ ଡଲାରରେ ହୋଇଛି।

## ଅନ୍ୟ ଦେଶ ଦେଇ ପ୍ରତିବର୍ଷ ପାକିସ୍ତାନ ପହଞ୍ଚୁଛି ୧୦ ବିଲିୟନ ଡଲାର ମୂଲ୍ୟର ଭାରତୀୟ ସାମଗ୍ରୀ: ରିପୋର୍ଟ

**ନୂଆଦିଲ୍ଲୀ, ୨୭।୪:** ଭାରତ ଓ ପାକିସ୍ତାନ ମଧ୍ୟରେ ସିଧାସଳଖ ବାଣିଜ୍ୟ ସମ୍ପର୍କ ନଥିଲେ ମଧ, ତୃତୀୟ ଦେଶ ମାଧ୍ୟମରେ ପ୍ରତିବର୍ଷ ପ୍ରାୟ ୧୦ ବିଲିୟନ ଡଲାର ମୂଲ୍ୟର ଭାରତୀୟ ସାମଗ୍ରୀ ପାକିସ୍ତାନ ପହଞ୍ଚୁଛି ବୋଲି ଗ୍ଲୋବାଲ ଟ୍ରେଡ ରିସର୍ଚ୍ଚ ଇନିସିଏଟିଭ (ଜିଟିଆରଆଇ)ର ଏକ ରିପୋର୍ଟରେ ପ୍ରକାଶ ପାଇଛି। (ଜିଟିଆରଆଇ) ରିପୋର୍ଟ ଅନୁସାରେ, ଭାରତୀୟ ଉତ୍ପାଦ ଯେପରିକି କପଡା/ପୋଷାକ, ଇଲେକ୍ଟ୍ରୋନିକ୍ସ, ଔଷଧ, ଏବଂ ଖାଦ୍ୟ ସାମଗ୍ରୀ ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ), ସିଙ୍ଗାପୁର, ଏବଂ ଚାଇନା ଭଳି ଦେଶ ମାଧ୍ୟମରେ ପାକିସ୍ତାନରେ ପ୍ରବେଶ କରୁଛି। ଏହି ଦେଶଗୁଡିକ ଏକ ମଧ୍ୟବର୍ତ୍ତୀ ବଜାର ଭାବେ କାର୍ଯ୍ୟ କରୁଛି, ଯେଉଁଠାରେ ଭାରତୀୟ ସାମଗ୍ରୀ ପୁନଃ ପ୍ୟାକେଜିଂ କିମ୍ବା ଲେବଲିଂ କରାଯାଇ ପାକିସ୍ତାନକୁ ରପ୍ତାନି ହେଉଛି।



ରିପୋର୍ଟରେ କୁହାଯାଇଛି ଯେ ଏହି ପରୋକ୍ଷ ବାଣିଜ୍ୟ ମାଧ୍ୟମରେ ପାକିସ୍ତାନରେ ଭାରତୀୟ ସାମଗ୍ରୀର ଚାହିଦା ବୃଦ୍ଧି ପାଉଛି, କାରଣ ଏହାର ଗୁଣବତ୍ତା ଏବଂ ସୁଲଭ ମୂଲ୍ୟ। ତେବେ, ଏହି ବାଣିଜ୍ୟରେ ସ୍ୱଚ୍ଛତାର ଅଭାବ ଏବଂ ଅନୁପଯୁକ୍ତ ଲେବଲିଂ ଯୋଗୁଁ ଭାରତୀୟ ରପ୍ତାନିକାରୀଙ୍କ ପାଇଁ ଅସୁବିଧା ମଧ ସୃଷ୍ଟି ହେଉଛି। ଏହାଛଡା, ରିପୋର୍ଟରେ ଉଲ୍ଲେଖ କରାଯାଇଛି ଯେ ଭାରତ-ପାକିସ୍ତାନ ମଧ୍ୟରେ ରାଜନୈତିକ ଉତ୍ତେଜନା ସତ୍ତ୍ୱେ ଏହି ପରୋକ୍ଷ ବାଣିଜ୍ୟ ଦୁଇ ଦେଶର ଅର୍ଥନୀତି ମଧ୍ୟରେ ଏକ ଅଜଣା ସମ୍ପର୍କକୁ ଦର୍ଶାଉଛି। ଜିଟିଆରଆଇ ପରାମର୍ଶ ଦେଇଛି ଯେ ଏହି ବାଣିଜ୍ୟକୁ ନିୟମିତ କରିବା ଏବଂ ସ୍ୱଚ୍ଛତା ବୃଦ୍ଧି କରିବା ଦ୍ୱାରା ଉଭୟ ଦେଶ ଅର୍ଥନୈତିକ ଭାବେ ଲାଭବାନ ହୋଇପାରିବେ। ଏହି ରିପୋର୍ଟ ଭାରତ ଓ ପାକିସ୍ତାନ ମଧ୍ୟରେ ବାଣିଜ୍ୟ ସମ୍ପର୍କର ଏକ ନୂଆ ଦିଗକୁ ଆଲୋକପାତ କରୁଛି, ଯାହା ରାଜନୈତିକ ବିବାଦ ମଧ୍ୟରେ ମଧ ଅବ୍ୟାହତ ରହିଛି।

# ଲୋକଙ୍କୁ ନ୍ୟାୟ ଦେବାରେ ଥାନା ବିଫଳ

## ଧାରଣାରେ ବସୁଛନ୍ତି ପୀଡ଼ିତ

## ହେଉଛନ୍ତି ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ ଦ୍ୱାରସ୍ଥ

**ବିଞ୍ଝାରପୁର,୨୭।୪ (ସଂଚାର ବ୍ୟୁରୋ):** ଯେତେବେଳେ ନ୍ୟାୟ ଦେବା ଅନୁଷ୍ଠାନଟି ନୀରବଦ୍ରଷ୍ଟା ସାଜେ ଆଉ ସମସ୍ୟାର ସମାଧାନ କରୁଥିବା ଅନୁଷ୍ଠାନଟି ସମସ୍ୟା ସୃଷ୍ଟି କରେ ସେଠି ଆଉ କିଛି ଆଶା କରିବା ନିରାଶଜନକ। ନ୍ୟାୟ ପାଇବା ଆଶାରେ ଥାନାକୁ ଭରଷା କରି ଥାନାର ଦ୍ୱାରସ୍ଥ ହୋଇଥାନ୍ତି ଲୋକେ। ଥାନାରେ ସମସ୍ୟାର ସମାଧାନ ହେଇଥାଏ ଆଉ ସାଧାରଣ ଲୋକଟିଏ ନ୍ୟାୟ ମଧ ପାଇଥାଏ। କିନ୍ତୁ ଯାଜପୁର ଜିଲ୍ଲା ବିଞ୍ଝାରପୁର ଅଞ୍ଚଳରେ କିନ୍ତୁ ଏହାର ଭିନ୍ନ ଚିତ୍ର ଦେଖିବାକୁ ମିଳୁଛି। ଏଠି ଥାନାର ଦ୍ୱାରସ୍ଥ ହେଉଥିବା ଲୋକର ସମସ୍ୟାର ସମାଧାନ ହେଉନି କି ଲୋକ ନ୍ୟାୟ ପାଉନି।

ଅଭିଯୋଗ ଅନୁଯାୟୀ ବିଞ୍ଝାରପୁର ଅଞ୍ଚଳରେ ରହିଛି ଦୁଇଟି ଥାନା ଗୋଟିଏ ବିଞ୍ଝାରପୁର ଥାନା ଆଉ ଗୋଟିଏ ଅଳକୁଣ୍ଡ ଥାନା। ଏହି ଦୁଇଟି ଥାନାରୁ ଏବେ ସାଧାରଣ ଲୋକଟିଏ ନ୍ୟାୟ ପାଇବାରୁ ବଂଚିତ ହେଉଥିବା ଅଭିଯୋଗ ଆସିଛି। ବିଂଝାରପୁର ଥାନା ଅଧୀନସ୍ଥ




ସିଂହପୁର ଗ୍ରାମର ଅନ୍ତର୍ଯ୍ୟାମୀ ବେହେରାଙ୍କ ଭାଇ ପୂର୍ଣ୍ଣଚନ୍ଦ୍ର ତାଙ୍କ ଘର ମୁଖ୍ୟଦ୍ୱାର ସମ୍ମୁଖରେ ଘର କରିବାକୁ ଚେଷ୍ଟା କରିଥିବା ବେଳେ ଏହାକୁ ବିରୋଧ କରି ବିଂଝାରପୁର ଥାନାର ଦ୍ୱାରସ୍ଥ ହୋଇଥିଲେ ଅନ୍ତର୍ଯ୍ୟାମୀ ଓ ତାଙ୍କ ପରିବାର।। ଖାଲି ସେତିକି ନୁହଁ ତାଙ୍କ ସାନ ଭାଇ ଜଳସେଚନ ବିଭାଗର ବନ୍ଧ ଉପରେ, ସରକାରୀ ଯାଗାରେ ଘର କରୁଥିବାରୁ ଜଳସେଚନ ବିଭାଗ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ନେବାକୁ ତହସିଲଦାର ଏବଂ ବିଞ୍ଝାରପୁର ଥାନାକୁ ଲିଖିତ ଜଣାଇଥିଲେ। ଏପରିକି ଉକ୍ତ ସ୍ଥାନରେ ୧୬୩ ଧାରା ମଧ ଲାଗୁ ହୋଇଥିଲା। କିନ୍ତୁ ଏ ନେଇ ସେତେଟା ଆଖି ଦୃଶିଆ ପଦକ୍ଷେପ ନ ନେବାରୁ ଘର କରିଚାଲିଛନ୍ତି ତାଙ୍କ ସାନ ଭାଇ ଆଉ ଥାନାକୁ ଦୌଡ଼ି ଦୌଡ଼ି ନୟାନ୍ତ ହେଲେଣି ଅନ୍ତର୍ଯ୍ୟାମୀ। ହେଲେ କହି ଶୁଣିଲେ ନାହିଁ। କିଛି ଦିନ ତଳେ ସୂଚନାଧିକାର କର୍ମୀ ସୀମାନ୍ତ କୁମାର ପାତ୍ର ମଧ ନ୍ୟାୟ ପାଇଁ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ।

ସେହିପରି ଅଳକୁଣ୍ଡ ଥାନା ଅଞ୍ଚଳର ଉତ୍ତରକୂଳ ଗ୍ରାମର ଅଧାପକ ଦେବେବ୍ରତ ମିଶ୍ରଙ୍କ ବାଡ଼ିରୁ ଅସାମାଜିକ ବ୍ୟକ୍ତି ତାଙ୍କ ବିନା ଅନୁମତିରେ ଗଛ କାଟି ନେଇଯିବା ସହିତ ଜମିକୁ ଜବରଦସ୍ତ ଦଖଲ




କରି ଓଲଟି ତାଙ୍କ ପ୍ରତି ଅସଭ୍ୟ ଆଚରଣ କରିଥିବା ନେଇ ଅଳକୁଣ୍ଡ ଥାନରେ ଲିଖିତ ଜଣାଇଥିଲେ ମଧ ଥାନା ପକ୍ଷରୁ କାର୍ଯ୍ୟାନୁଷ୍ଠାନ ନିଆଯାଇନଥିବା ଅଭିଯୋଗ କରି ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ ଦ୍ୱାରସ୍ଥ ହୋଇଛନ୍ତି ଶ୍ରୀ ମିଶ୍ର। ସେହିପରି କପିଳା ଗ୍ରାମପଞ୍ଚାୟତର ଗଦାଧର ମଲ୍ଲିକଙ୍କ ନାବାଳିକା ଝିଅକୁ କେହି ଜଣେ ଅପହରଣ କରିଥିବା ଥାନରେ ଲିଖିତ ଅଭିଯୋଗ କରିଥିଲେ ଗଦାଧର। କିନ୍ତୁ ଅଳକୁଣ୍ଡ ଥାନା ପକ୍ଷରୁ କାର୍ଯ୍ୟାନୁଷ୍ଠାନ ନିଆନଯିବାରୁ ଥାନା ସମ୍ମୁଖରେ ଧାରଣାରେ ବସିଥିଲେ ଗଦାଧର ଏବଂ ତାଙ୍କ ପରିବାର। କିଛି ଦିନ ତଳେ ପ୍ରୀତିପୁର ଛକରେ ଏକ ବ୍ୟବସାୟୀଙ୍କୁ ତାଙ୍କ ଦୋକାନରେ ପଶି କିଛି ଅସାମାଜିକ ଯୁବକ ମାଡ଼ ମାରିଥିଲେ ଆଉ ଏ ନେଇ ସମ୍ପୃକ୍ତ ବ୍ୟବସାୟୀ ଜଣଙ୍କ ଥାନାରେ ଅଭିଯୋଗ କରିଥିଲେ ସୁଦ୍ଧା କୌଣସି କାର୍ଯ୍ୟାନୁଷ୍ଠାନ ନିଆନଯିବାରୁ ଥାନାର ସମ୍ମୁଖରେ ଧାରଣା ଦେଇଥିଲେ ସମ୍ପୃକ୍ତ ଫଳ ବ୍ୟବସାୟୀ। ତେବେ ଏଭଳି ଅଭିଯୋଗରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ କଣ କାର୍ଯ୍ୟାନୁଷ୍ଠାନ ନେଉଛନ୍ତି ତାହା ଦେଖିବାକୁ ବାକି ରହିଲା।



## ପହଲଗାମରେ ମୃତ୍ୟୁବରଣ କରିଥିବା ଭାରତୀୟଙ୍କୁ ବିଜେପିର ଶ୍ରଦ୍ଧାଞ୍ଜଳି ଓ ଶୋକସଭା

**କନ୍ଧମାଳ,୨୭।୪ (ସଂଚାର ବ୍ୟୁରୋ):** ଫୁଲବାଣୀ ସହର ମୁଖ୍ୟ ବଜାର ବୟନିକା ଠାରେ ଆଜି କନ୍ଧମାଳ ଜିଲ୍ଲାର ଶହେରୁ ଅଧିକ ବିଜେପି କର୍ମୀ ସ୍ଥାନୀୟ ବିଧାୟକ ଶ୍ରୀ ଯୁକ୍ତ ଉମାକାନ୍ତ ମଲ୍ଲିକ୍ ଙ୍କ ନେତୃତ୍ୱରେ ଚଳିତ ମାସ ଏପ୍ରିଲ୍ ୨୨ ତାରିଖରେ ଆତଙ୍କବାଦୀଙ୍କ ଗୁଳିରେ ଜମ୍ମୁକାଶ୍ମୀର ର ଅନନ୍ତନାଗ ଜିଲ୍ଲାର ପେହେଲ୍ ଗାମ ଠାରେ ପ୍ରାଣ ହରାଇଥିବା ୨୮ ଜଣ ଭାରତୀୟ ନାଗରିକଙ୍କ ପାଇଁ ଆଜି ସଂଧ୍ୟା ୭ ଘଣ୍ଟିକା ସମୟରେ କନ୍ଧମାଳ ବିଜେପି ତରଫରୁ ଶ୍ରଦ୍ଧାଞ୍ଜଳି ଦେବା ସହିତ ମୃତକ ୨୮ ଜଣ ଭାରତୀୟଙ୍କ ପାଇଁ ଶୋକ ସଭା କରିଥିଲେ ।ଏହି ମହତ କାର୍ଯ୍ୟରେ ଜିଲ୍ଲାର ବରିଷ୍ଠ ବିଜେପି କର୍ମୀ ସଂଜିତ୍ ମଣ୍ଡଳ,ଭଗବାନ ମହାନ୍ତି, ପରେଶ୍ ଭାଇ,ଅଜିତ ପଟ୍ଟନାୟକ,ନଗର ସଭାପତି ଜଗନ୍ନାଥ ସାହୁ, ବରିଷ୍ଠ ଆଇନଜୀବୀ ତଥା ଫୁଲବାଣୀ ପୌରପରିଷଦର ୫ୱାର୍ଡ ର କାଉନସିଲର ଶ୍ରୀ ରମେଶ ମହାନ୍ତି,ଫୁଲବାଣୀ ପୌରପରିଷଦର ପୂର୍ବତନ ଉପାଧକ୍ଷ। ଅନିତା ସାହୁ, ଲିଙ୍ଗରାଜ ଦଳ ବେହେରା, ଓ ଅନ୍ୟାନ୍ୟ ବିଜେପି କର୍ମୀ ମାନେ ଉପସ୍ଥିତ ରହି ମୃତକ ଭାରତୀୟଙ୍କୁ ଶ୍ରଦ୍ଧାଞ୍ଜଳି ଦେବା ସହିତ ଶୋକ ସଭା ମଧ କରିଥିଲେ । ଏଠାରେ ସ୍ଥାନୀୟ ବିଧାୟକ ଉମାକାନ୍ତ ମଲ୍ଲିକ ଏହି ଘଟଣା କୁ କଡ଼ା ନିନ୍ଦା କରିବା ସହିତ ଭାରତର ଅଖଣ୍ଡତା କୁ ଭାଙ୍ଗିବାର ଚେଷ୍ଟା କରୁଥିବା ପାକିସ୍ତାନକୁ କଡ଼ା ସମାଲୋଚନା କରି ପାକିସ୍ତାନ ବିରୁଦ୍ଧରେ ଯୁଦ୍ଧକରି ପାକିସ୍ତାନକୁ ନିଜର ଔକାତ ଦେଖେଇ ଦେବାକୁ କେନ୍ଦ୍ର ସରକାରଙ୍କୁ ନିବେଦନ କରିଥିଲେ ।

## ୪ ବର୍ଷର ଶିଶୁକୁ ଦୁଷ୍କର୍ମ ଓ ହତ୍ୟା ଅଭିଯୋଗ, ଅଭିଯୁକ୍ତ ଗିରଫ



**ବ୍ରହ୍ମପୁର,୨୭।୪ (ସଂଚାର ବ୍ୟୁରୋ):** ଗଞ୍ଜାମ ଜିଲ୍ଲା ପାଟପୁର ଥାନା ଅଞ୍ଚଳ ଖଲିଙ୍ଗି ଗାଁର ୪ ବର୍ଷର ଶିଶୁ କନ୍ୟାକୁ ପ୍ରଥମେ ଦୁଷ୍କର୍ମ ପରେ ହତ୍ୟା ଅଭିଯୋଗ ଘଟଣା ସାରା ଜିଲ୍ଲାକୁ ସ୍ତବ୍ଧ କରିଦେଇଛି। ଏହି ଘଟଣାର ମୁଖ୍ୟ ଅଭିଯୁକ୍ତ କାଳିଆ ଓରଫ ଷଣ୍ଢ ନାହାକଙ୍କୁ ପୋଲିସ୍ ଗିରଫ କରିଛି। ଗିରଫ ପରେ ରବିବାର କୋର୍ଟ ଚାଲାଣ କରାଯାଇଥିବା ନେଇ ଗଞ୍ଜାମ ଏସ୍‌ପି ସୂଚନା ଦେଇଛନ୍ତି । ଗତ ୨୫ ତାରିଖ ସନ୍ଧ୍ୟାରେ ଶିଶୁ କନ୍ୟା ନିଖୋଜ ଥିବା ନେଇ ପରିବାରବର୍ଗଙ୍କ ଅଭିଯୋଗ ପରେ ପୋଲିସ୍ ତଦନ୍ତ ଆରମ୍ଭ କରିଥିଲା। ୨୬ ତାରିଖ ସକାଳେ ପୋଲିସ ଶିଶୁର ମୃତଦେହକୁ ଠାବ କରିଥିଲା ।ସୂଚନା ଅନୁଯାର୍ୟୀ,ଏକ ପରିତ୍ୟକ୍ତ ଘରକୁ ଡାକି ନେଇ ଦୁଷ୍କର୍ମ କରିବା ପରେ ଦୁର୍ବୃତ୍ତ ଜଣକ ହତ୍ୟା କରିଛି। ଏଭଳି ଜଘନ୍ୟ ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ତୀବ୍ର ହୋଇଛି।ଘଟଣା ପରେ ଏସପିଙ୍କ ନିର୍ଦ୍ଦେଶରେ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଥିଲା। ନିଶାଗ୍ରସ୍ତ ଥିବା କାଳିଆ ଏହି କାଣ୍ଡ କରିଥିବା ଏସପି ସ୍ପଷ୍ଟ କରିଥିଲେ। ଶନିବାର ରାତିରେ ପିସିସି ସଭାପତି ଭକ୍ତ ଚରଣ ଦାସ ଓ ସାନ ଖେମୁଣ୍ଡି ବିଧାୟକ ରମେଶ ଚନ୍ଦ୍ର ଜେନା ମୃତକଙ୍କ ପରିବାରକୁ ଭେଟି ସମବେଦନା ଜଣାଇଥିଲେ। ପରିବହନ ମନ୍ତ୍ରୀ ବିଭୁତି ଭୂଷଣ ଜେନା ରବିବାର ପୀଡ଼ିତାଙ୍କ ପରିବାରକୁ ଭେଟି ସମବେଦନା ଜଣାଇଛନ୍ତି। ଏହାସହ ଗାଁ ଲୋକଙ୍କ ସହ ଆଲୋଚନା ବି କରିଥିଲେ। ପରେ ଦୋଷୀକୁ କଡ଼ା ଦଣ୍ଡ ମିଳିବ ବୋଲି ମନ୍ତ୍ରୀ କହିଛନ୍ତି।

## ଦୁଇ ଭାଇଙ୍କୁ ହତ୍ୟା କରି ପୋଡ଼ିଦେଲେ

**ବ୍ରହ୍ମପୁର, ୨୭।୪ (ସଂଚାର ବ୍ୟୁରୋ):** ଦିନକୁ ଦିନ ଅଶାନ୍ତ ହେଉଛି ଗଞ୍ଜାମ ଜିଲ୍ଲା। ଜିଲ୍ଲାର ବେଗୁନିଆପଡ଼ା ଥାନା ଶାଳବଣ ଗାଁ ଜଙ୍ଗଲରେ ଅର୍ଦ୍ଧଦଗ୍ଧ ମୃତଦେହ ଠାବ ହୋଇଛି । ପୂର୍ବ ଶତ୍ରୁତାରୁ ପିଟିପିଟି ହତ୍ୟା ପରେ ଜାଳି ଦେଇଥିବା ସନ୍ଦେହ କରାଯାଇଛି । ମୃତକ ଦୁଇ ଭାଇ ସୁମୁଣ୍ଡଳ ଗାଁର ଅଜୟ ବାରିକ ଓ ସଂଜୟ ବାରିକ ବୋଲି ଜଣାପଡିଛି। ସୂଚନାଯୋଗ୍ୟ ଯେ, ମୁଖ୍ୟମନ୍ତ୍ରୀ ତଥା ଗୃହ ବିଭାଗ ମନ୍ତ୍ରୀ ମୋହନ ଚରଣ ମାଝୀ ଗଞ୍ଜାମ ଜିଲ୍ଲା ଗସ୍ତରେ ଆସିଥିବା ବେଳେ ବେଗୁନିଆପଡ଼ା ଥାନା ଅନ୍ତର୍ଗତ ଶାଳବଣ ଜଙ୍ଗଲରେ ୨ ଭାଇଙ୍କୁ ହତ୍ୟା ଘଟଣା ସାମ୍ନାକୁ ଆସିଛି । ରବିବାର ସକାଳୁ ଖବର ପାଇ ଘଟଣାସ୍ଥଳରେ ବେଗୁନିଆପଡ଼ା ଥାନା ଏବଂ ଖଲ୍ଲିକୋଟ ଥାନା ପୋଲିସ ଓ ପୁରୁଷୋତ୍ତମପୁର ଏସଡିପିଓ ପହଞ୍ଚି ସାଇଣ୍ଟିଫିକ୍ ଟିମ୍ ସହାୟତାରେ ଘଟଣାର ଛାନଭିନ୍ ଆରମ୍ଭ କରିଥିଲେ । ୨ ଭାଇଙ୍କ ନାମରେ ବିଭିନ୍ନ ଥାନାରେ ଏକାଧିକ ଅପରାଧିକ ମାମଲା ରହିଥିବା ସୂଚନା ମିଳିଛି ।

## କେନ୍ଦ୍ରାପଡାରେ ବିଶ୍ୱ ପ୍ରାଣୀ ଚିକିତ୍ସା ଦିବସ ପାଳିତ




**କେନ୍ଦ୍ରାପଡା,୨୭।୪ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲା ସଂସ୍କୃତିଭବନ ଠାରେ ବିଶ୍ୱ ପ୍ରାଣୀ ଚିକିତ୍ସା ଦିବସ ୨୦୨୫ ଅତିରିକ୍ତ ଜିଲ୍ଲାପାଳ ନୀଲୁ ମହାପାତ୍ରଙ୍କ ଅଧକ୍ଷତାରେ ପାଳନ ହୋଇଯାଇଛି । ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡାକ୍ତର ମନୋଜ କୁମାର ପଟ୍ଟନାୟକ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । କାର୍ଯ୍ୟକ୍ରମରେ ସମ୍ମାନୀତ ଅତିଥି ଭାବେ ଏଲ୍‌ଡିଏମ୍ ମନୋଜ କୁମାର ପ୍ରଧାନ, କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଡକ୍ଟର ମାନସ ରଂଜନ ବେହେରା, ମୃର୍ତ୍ତିକା ସଂରକ୍ଷଣ ବିଭାଗର ସହକାରୀ ନିର୍ଦ୍ଦେଶକ ଅଶୋକ କୁମାର ସାମଲ, ଏଡିଭିଓ ଡକ୍ଟର ମୃତ୍ୟୁଞ୍ଜୟ ମହାନ୍ତି, ଡକ୍ଟର ସ୍ମୃତିରଂଜନ ରାଉତ, ଡଃ. ନିର୍ମାଲ୍ୟ କୁମାର ପତି ପ୍ରମୁଖ ଯୋଗଦେଇ ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନାରେ ୧୨ ମାସ ଘାସ ଚାଷ ପାଇଁ ଏକର ପିଛା ୩୫ ହଜାର ଟଙ୍କା ସହାୟତା, ଘରେ ଘରେ ସବୁଜ ଗୋ ଖାଦ୍ୟ, ଦୁଧିଆଳି ଗାଈକୁ ଦୈନିକ ୧୦ ରୁ ୧୫ କେଜି ଘାସ ଖୁଆଇବା ଦ୍ୱାରା ସେମାନଙ୍କର ସ୍ୱାସ୍ଥ୍ୟର ଉନ୍ନତି ହେବା ସହିତ ଦୁଗ୍ଧ ଉତ୍ପାଦନ ବୃଦ୍ଧି ହୁଏ। କେନ୍ଦ୍ରାପଡା ମେଣ୍ଢିର ଏକ ସ୍ୱତନ୍ତ୍ର ସ୍ଥାନ ରହିଛି । ଏହି ମେଣ୍ଢି ଥରକରେ ୩ଟି ଛୁଆ ଦେବାର ଶକ୍ତି ରଖନ୍ତି ବୋଲି ପ୍ରକାଶ କରିଥିଲେ । ଏହି କାର୍ଯ୍ୟକ୍ରମରେ ମହାକାଳପଡାର ଯଶୀପୁର ଗ୍ରାମର ଭ୍ରମଦିଆ ବାରିକଙ୍କୁ ଛେଳି ଚାଷ ଦୁହୁରିଆ କଷୋଟି ଗ୍ରାମର ସସ୍ମିତା ନାଥ ଶର୍ମାଙ୍କୁ ଗୋପାଳନ ପାଇଁ ଓ ମାର୍ଶାଘାଇ ହାତିଆର ସତ୍ୟଜିତ ବେହେରାଙ୍କୁ ବ୍ରଏଲର ଚାଷ ପାଇଁ ସମ୍ମାନୀତ କରାଯାଇଛି। ଏଥିସହିତ ଜିଲ୍ଲାର ଦୁଇଜଣ ପ୍ରାଣୀ ଚିକିତ୍ସା ଅଧିକାରୀ ସୁଧାଂଶୁ ଶେଖର ମଣ୍ଡଳ (ଏସ୍‌ଡିଭିଓ), ବିବେକାନନ୍ଦ ସାହୁ (ଏଡିଭିଓ)ଙ୍କୁ ସମ୍ମାନୀତ କରାଯାଇଛି ।

## ଶତାୟୁଙ୍କ ପରଲୋକ

**ରାଜନଗର,୨୭।୪ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲା ରାଜନଗର ବ୍ଲକ ଘଡିଆମାଳ ଗ୍ରାମପଞ୍ଚାୟତ ଅନ୍ତର୍ଗତ ଜୁଣଗଡ଼ି ଗ୍ରାମର ବିଶିଷ୍ଟ ସମାଜସେବୀ ତଥା ଶତାୟୁ ପୁରୁଷ କେଶବ ଚନ୍ଦ୍ର ଦାସଙ୍କ ପରଲୋକ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୧୦୧ ବର୍ଷ ବୟସ ହୋଇଥିଲା। ଅନ୍ତିମ ସଂସ୍କାରରେ ପୁତ୍ର ଭଗବାନ ଦାସ ଏବଂ ଅଶୋକ ଦାସଙ୍କ ସମେତ ପରିବାର ଓ ଆତ୍ମିୟ ସ୍ୱଜନ ତଥା ଅଞ୍ଚଳର ବହୁ ବିଶିଷ୍ଟ ବ୍ୟକ୍ତିମାନେ ଉପସ୍ଥିତ ରହି ଶେଷ ଦର୍ଶନ କରିଥିଲେ।




## ଆତଙ୍କବାଦୀଙ୍କ ଗୁଳିରେ ପ୍ରାଣ ହରାଇଥିବା ପର୍ଯ୍ୟଟକଙ୍କ ପାଇଁ କ୍ୟାଣ୍ଡେଲ ଶୋଭାଯାତ୍ରା

**ରାଜନଗର,୨୭।୪ (ସଂଚାର ବ୍ୟୁରୋ):** ଚଳିତ ମାସ ୨୨ ତାରିଖ ମଙ୍ଗଳବାର ଦିନ ଜମୁକାଶ୍ମୀରର ପହଲଗାମରେ ଭାରତୀୟ ପର୍ଯ୍ୟଟକ ପରିଭ୍ରମଣ କରୁଥିବା ସମୟରେ ପାକିସ୍ତାନ ଆତଙ୍କବାଦୀଙ୍କ ଆଖି ବୁଜା ଗୁଳି ମାଡରେ ୨୮ଜଣ ଭାରତୀୟ ପର୍ଯ୍ୟଟକଙ୍କ ଘଟଣା ସ୍ଥଳରେ ମୃତ୍ୟୁ ବରଣ କରିଥିଲେ। ଯାହାକୁ ନେଇ ସମଗ୍ର ଦେଶରେ ପାକିସ୍ତାନ ବିରୋଧରେ ପ୍ରତିଶୋଧ ନିଆ ଲୋକ ମାନଙ୍କ ମଧରେ ଦେଖିବାକୁ ମିଳିଛି। ଏହି ଘଟଣା କୁ ନେଇ ରାଜନଗର ନିର୍ବାଚନ ମଣ୍ଡଳୀ ଶ୍ରୀରାମ ସେନା ପକ୍ଷରୁ ଏକ କ୍ୟାଣ୍ଡେଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଶ୍ରୀରାମ ସେନାର ସଭାପତି ସାରଦା ପ୍ରସାଦ ରାଉତଙ୍କ ନେତୃତ୍ୱରେ ଏହି କ୍ୟାଣ୍ଡେଲ ଶୋଭାଯାତ୍ରା ସ୍ଥାନୀୟ ମଦନପୁର କଲେଜ ଛକ ଠାରୁ ଦୁର୍ଗାପୂଜା ମଣ୍ଡପ ଯାଏଁ ଏକ ବିଶାଳ କ୍ୟାଣ୍ଡେଲ ଶୋଭାଯାତ୍ରା ସହ ୧ମିନଟ ନିରବ ପାର୍ଥନା କରାଗଲା. ଏହି ଶୋଭାଯାତ୍ରାରେ ଆଶିଷ କୁମାର ମଲ୍ଲିକ, ଆଲୋକ କୁମାର ବେହେରା, ସିଦ୍ଧାନ୍ତ ଦାଶ, ବାବୁ ପ୍ରଧାନ, ସୁଦର୍ଶନ ପ୍ରଧାନ, ଟୁକୁନି ମଲ୍ଲିକ, ପ୍ରକାଶ ମଲ୍ଲିକ, ଦୀପକ ମହାନ୍ତିଙ୍କ ସହିତ ଶତାଧିକ ଶ୍ରୀରାମ ସେନା କାଯ୍ୟକର୍ତ୍ତା ଯୋଗ ଦେଇ ପାକିସ୍ତାନ ବିରୋଧରେ ବିଭିନ୍ନ ନାରବାଜି କରିଥିଲେ।

# ବିନା ସରକାରୀ ପ୍ରୋତ୍ସାହନରେ ସ୍ୱାବଲମ୍ବୀ କରିଛି ସୂର୍ଯ୍ୟମୁଖୀ ଫୁଲ ଚାଷ

**ଫୁଲବାଣୀ,୨୭।୪ (ସଂଚାର ବ୍ୟୁରୋ):** ଉଦ୍ୟମ ଓ ଇଚ୍ଛାଶକ୍ତି ଆଗରେ ସମସ୍ତ କାର୍ଯ୍ୟ ହାର ମାନିଥାଏ। କଠିନ ହେଉ କିମ୍ବା ସରଳ ହେଉ ପରିଶ୍ରମର ଫଳ ନିଶ୍ଚିତ ମିଳିଥାଏ। ହେଲେ ବିନା ସରକାରୀ ପୋତ୍ସାହନରେ ସୂର୍ଯ୍ୟମୁଖୀ ଫୁଲ ଚାଷ କରି ସ୍ୱାବଲମ୍ବୀ ହୋଇ ଅନ୍ୟମାନଙ୍କ ପାଇଁ ପ୍ରେରଣା ହୋଇଛନ୍ତି। କନ୍ଧମାଳ ଜିଲ୍ଲା ଖଜୁରୀପଡ଼ା ବ୍ଲକ ଅନ୍ତର୍ଗତ ଦୁତିମେଣ୍ଡି ପଞ୍ଚାୟତ ବଇକୁମ୍ପା ଗ୍ରାମର ଭଗିରଥ ମଲିକ ଏବଂ ଚାଷ କାମରେ ସାରଥି ହୋଇଛନ୍ତି ତାଙ୍କ ଧର୍ମ ପତ୍ନୀ ସୁକୁମାରୀ ମଲିକ।

ଭଗିରଥ କହିବା ଅନୁସାରେ ତାଙ୍କ ନିଜ ଗ୍ରାମର ଜଣେ ବ୍ୟକ୍ତି ଫୁଲବାଣୀ ପିଏଆଇଟିଡିଏରୁ କିଛି ସୂର୍ଯ୍ୟମୁଖୀ ଫୁଲ ମଞ୍ଜି ଆଣିଥିଲା। ତାଙ୍କ ପାଖରୁ ପାଖାପାଖି ଶହେଗ୍ରାମ ମଞ୍ଜି ମାଗିଥିଲି। ସେତିକିରେ ଚାଷକରି ଗଛକୁ ଯତ୍ନ ନେବାରେ ମୋ ପତ୍ନୀଙ୍କ ସହଯୋଗ ସଂପୂର୍ଣ୍ଣ ମିଳିଥିଲା ଟିକିଏ ସମୟ ଦେଇ ପରିଶ୍ରମ ଉଭୟ ଦମ୍ପତି କରିଥିଲୁ। ଭଲ ଗଛ ହୋଇଛି ଓ ଭଲ ମଞ୍ଜି ମଧ ହୋଇଛି। ଶହେଗ୍ରାମ ମଞ୍ଜିରୁ ଆମେ ବର୍ତ୍ତମାନ ଏକ କୁଇଣ୍ଟାଲ ମଞ୍ଜି



ପାଇବୁ। ସରକାରୀ ପ୍ରୋତ୍ସାହନ ମିଳିଲେ ପୁଣି ଅଧିକ ଚାଷ କରିବି ଓ ଅଧିକ ଉପକୃତ ହୋଇ ପାରିବ ବୋଲି ଆଶା କରୁଛି ବୋଲି ପ୍ରକାଶ କରିଛନ୍ତି।

ସୂଚନାଯୋଗ୍ୟ ଯେ ଗ୍ରାମାଞ୍ଚଳରେ ଗରିବ ଚାଷୀଙ୍କ ଆର୍ଥିକ ସ୍ଥିତିକୁ ସଜାଡ଼ିବା ପାଇଁ ଓ ପରିବାର ପ୍ରତିପୋଷଣ କରିବା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ବିଭିନ୍ନ ଯୋଜନାରେ ସବସିଡ ମାଧମରେ ଚାଷୀଙ୍କ ପାଇଁ ପ୍ରୋତ୍ସାହନ ଯୋଗାଇ ଦେଇ ଚାଷ କରିବାକୁ ଉଦ୍ୟମ ପ୍ରୟାସ କରୁଛନ୍ତି। କିନ୍ତୁ ଚାଷୀଙ୍କୁ ଏନେଇ ସଚେତନତାର ବାର୍ତ୍ତା ଦିଆଯାଉନଥିବା ଯୋଗୁଁ ଅନେକ ଚାଷୀ ଚାଷ କରିବାର ଇଚ୍ଛା ଓ ମନବଳ ଥିଲେ ମଧ ସେସବୁ ସୁବିଧାରୁ ବଂଚିତ ରହୁଛନ୍ତି। ତେଣୁ ଚାଷୀଙ୍କୁ ସରକାରୀ ମାଧମରେ ଟିକିଏ ପ୍ରୋତ୍ସାହନ ଯୋଗାଇ ଦେଇ ଚାଷ ବାବଦରେ ସଚେତନ କରାଇଦେଲେ ଅନେକ ଛୋଟ ଚାଷୀ ଉପକୃତ ହୋଇ ପରନ୍ତେ ବୋଲି ବୁଦ୍ଧିଜୀବୀମାନେ ମତ ପ୍ରକାଶ କରୁଛନ୍ତି।

### ଭିନ୍ନକ୍ଷମ ଯୁବକଙ୍କ ଦୁଃଖ ବୁଝୁନାହିଁ ପ୍ରଶାସନ

## ୪ ମାସ ହେବ ମିଳୁନି ଭତ୍ତା ଟଙ୍କା

**ସୋନପୁର, ୨୭।୪ (ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲାର ସୋନପୁର ସଦର ବ୍ଲକର ବିଶିମୁଣ୍ଡା ଗ୍ରାମ ପଞ୍ଚାୟତର ଡୁଙ୍ଗୁରିପାଲି ଗ୍ରାମର ଭିନ୍ନକ୍ଷମ ଯୁବକ ଫିରୋଜ ବଗର୍ତି ବୟସ ୨୪ ଯିଏ କି ପୂର୍ବରୁ ଭତ୍ତା ୧,୨୦୦ ଟଙ୍କା ପାଉଥିଲେ। କିନ୍ତୁ ସରକାରଙ୍କ ନୂତନ ନିୟମ ଅନୁଯାଇ ଯେହେତୁ ଯୁବକ ଶତପ୍ରତିଶତ ଭିନ୍ନକ୍ଷମ ଅଟନ୍ତି। ସେ ୩୫୦୦ ଟଙ୍କା ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଥିଲେ ଏଥିପାଇଁ ସୋନପୁର ବ୍ଲକ ପ୍ରଶାସନ ଡକମେଣ୍ଟ ମାଗି ଥିଲେ। ହିତାଧିକାରୀ କିନ୍ତୁ ଚାରି ମାସ ହେବ ଭତ୍ତା ଟଙ୍କା ମିଳିନଥିବା ଫିରୋଜ କୁମାରଙ୍କ ବାପା ସୁନାର୍ଜନ ବଗର୍ତି ଏବଂ ମାତା ମହିମା ବଗର୍ତି ଅଭିଯୋଗ ଆଣିଛନ୍ତି। ଏହି ପ୍ରସଙ୍ଗରେ ତୁରନ୍ତ ଧାନ ଦେଇ ଅଭିଯୋଗର ସମାଧାନ କରି ଶୀଘ୍ର ଭତ୍ତା ଟଙ୍କା ପ୍ରଦାନ କରିବା ପାଇଁ ଦାବି ହେଉଛି।



## ନିଖିଳ ଉତ୍କଳ ଗ୍ରାମୀଣ ଚାଷୀ ମୂଲିଆ ସଂଘର ଜିଲ୍ଲା କମିଟି ଘୋଷିତ

**ଜଗତସିଂହପୁର, ୨୭।୪ (ସଂଚାର ବ୍ୟୁରୋ):** ଜଗତସିଂହପୁର ଜିଲ୍ଲା ନିଖିଳ ଉତ୍କଳ ଗ୍ରାମୀଣ ଚାଷୀ ମୁଲିଆ ସଂଘର ସଭାପତି ଶ୍ରୀଯୁକ୍ତ ବେଦଦ୍ୟୁତି ପୃଷ୍ଟିଙ୍କ ସୁପାରିଶ କ୍ରମେ ଜିଲ୍ଲା କମିଟି ଆଜି ଘୋଷିତ ହୋଇଛି ସଂଗଠନର ରାଜ୍ୟ ସଭାପତି ତଥା ଭାରତୀୟ ଜାତୀୟ ମଜଦୁର କଂଗ୍ରେସର ସଭାପତି ଶ୍ରୀଯୁକ୍ତ ରାମଚନ୍ଦ୍ର ଖୁଣ୍ଟିଆ ଙ୍କ ନିର୍ଦ୍ଦେଶ ରେ ସାଧାରଣ ସମ୍ପାଦକ ତଥା ଭାରତୀୟ ଜାତୀୟ ମଜଦୁର କଂଗ୍ରେସ ର ସାଙ୍ଗଠନିକ ସମ୍ପାଦକ ଶ୍ରୀଯୁକ୍ତ ସତ୍ୟବ୍ରତ ନାୟକ ଙ୍କ ଅନୁମୋଦନ ରେ ଜଗତସିଂହପୁର ଜିଲ୍ଲାର ୨୧ଜଣିଆ ଜିଲ୍ଲା କମିଟି ଓ ୧୦ଜଣିଆ ବ୍ଲକ ଓ ମୁନିସିପାଲିଟି ପାଇଁ କାର୍ଯ୍ୟକର୍ତ୍ତା ଘୋଷିତ ହୋଇଛନ୍ତି ଉପସଭାପତି ଭାବେ ବିଭୂରଞ୍ଜନ ସ୍ୱାଇଁ, ଦୀପ୍ତିରାଣୀ ପ୍ରଧାନ,ଅବିନାଶ ମଲ୍ଲିକ, ଶଙ୍କରେଶ୍ୱର ଦାସ,ସାଧାରଣ ସମ୍ପାଦକ ଭାବେ ବାଦଲ କୁମାର ସ୍ୱାଇଁ,ପ୍ରଦୀପ୍ତ କୁମାର ସାମଲ, ଶିବ ପ୍ରସାଦ ଦାସ, ମନୋଜ କୁମାର ମହାପାତ୍ର, ଦିପ୍ତୀରଂଜନ ସାହୁ,ମିନୁ ଚୌଧୁରୀ, ସମ୍ପାଦକ ଭାବେ ରୂପଶ୍ରୀ ରାଗିଣୀ ଦାସ,କିଶୋର ପଟ୍ଟନାୟକ, ତରୁଣ ସାମଲ,ସରୋଜ ନାୟକ, ସନ୍ତୋଷ କୁମାର ଜେନା, ସାଙ୍ଗଠନିକ ସମ୍ପାଦକ ଭାବେ ସତ୍ୟଜିତ ରାଉତରାୟ,ଚିତ୍ରସେନ ସାହୁ,ହିଫିଜୁର ରେହେମାନ,ଚିନ୍ମୟ କୁମାର ଜେନା, କୋଷାଧକ୍ଷ ଭାବେ ରବୀନ୍ଦ୍ର କୁମାର ମଲ୍ଲିକ ଓ ସାମାଜିକ ଗଣମାଧମ ବିଭାଗ ର ଜିଲ୍ଲା ସଂଯୋଜକ ଭାବେ କ୍ଷୀରୋଦ କୁମାର ସାମଲଙ୍କ ନାମ ଘୋଷଣା କରାଯାଇଛି।

## କାଳବୈଶାଖୀରେ ଉଜୁଡିଲା କଦଳୀ ବଗିଚା, ଚିନ୍ତାରେ ଚାଷୀ



**ଖପ୍ରାଖୋଲ, ୨୭।୪ (ସଂଚାର ବ୍ୟୁରୋ):** ଖପ୍ରାଖୋଲ ବ୍ଲକ ଓଡ଼ିଆପାଲି ପଞ୍ଚାୟତ ଭାଲୁଡୁଙ୍ଗୁରି ଗ୍ରାମରେ ରହୁଛନ୍ତି ଚାଷୀ ଅଶ୍ୱିନୀ କୁମାର ସ୍ୱାଇଁ ସେ ତାଙ୍କର ଦେଢ଼ ଏକର ଚାଷ ଜମିରେ କଦଳୀ ଚାଷ କରିଛନ୍ତି। ଚାଷୀ ଅଶ୍ୱିନୀ ଟଙ୍କା କରଜ କରି ଜମିରେ ୨୫୦୦ କଦଳୀ ଗଛ ଲଗାଇଥିଲେ ଓ ଗଛ ବଡ ହୋଇ କଦଳୀ ଫଳିବା ଆରମ୍ଭ ହେବାରୁ ଗଛ ମାନଙ୍କର ସୁରକ୍ଷା ପାଇଁ ବାଉଁଶ ପୋତିଥିଲେ। ହେଲେ ଗତ ୨୬ ତାରିଖ ଶନିବାର ଦିନ ୨ଟାରେ କାଳବୈଶାଖୀରେ ବର୍ଷା ସାଙ୍ଗକୁ ଝଡ ତୋଫାନରେ ୭୦୦ କଦଳୀ ଗଛ ଭାଙ୍ଗିପଡ଼ି ତଳେ ପଡିଯାଇଛି। ଚାଷୀ ଅଶ୍ୱିନୀ ଏବେ ମୁଣ୍ଡରେ ହାତ ଦେଇ ବସିଛନ୍ତି। ସେ ଭାବିଥିଲେ ଏହି କଦଳୀ ଚାଷରୁ ରୋଜଗାର କରି ଋଣ ସୁଝି ଯାହା ବଳିବ ସେଥିରେ ପରିବାର ପ୍ରତିପୋଷଣ କରିବେ ହେଲେ ତାଙ୍କର ଆଶା ଆଶାରେ ରହିଗଲା। ଏବେ ସେ ଚିନ୍ତାରେ ପଡି ଯାଇଛନ୍ତି ଋଣ ପରିଶୋଧ କେମିତି କରିବେ, ପରିବାର କେମିତି ଚଳେଇବେ । କାଳବୈଶାଖୀରେ କ୍ଷତିଗ୍ରସ୍ତ କଦଳୀ ଚାଷୀ ଆର୍ଥିକ ସହଯୋଗ ଯୋଗାଇ ଦେବାକୁ ସରକାରଙ୍କୁ ଅନୁରୋଧ ଜଣାଇଛନ୍ତି ।

# ରାସ୍ତାପାର୍ଶ୍ୱରୁ ଅବାଧରେ ଗଛକାଟି ନେଉଛନ୍ତି ଲୋକେ

**କଳିଙ୍ଗନଗର,୨୭।୪ (ସଂଚାର ବ୍ୟୁରୋ):** କଳିଙ୍ଗନଗର ଶିଳ୍ପାଞ୍ଚଳରେ ଯେତିକି ମାତ୍ରାରେ ଶିଳ୍ପ ଗଠି ଉଠିଲାଣି ସେତିକି ପରିମାଣରେ ପରିବେଶକୁ ସୁସ୍ଥ ଓ ସୁରକ୍ଷିତ ରଖିବା ପାଇଁ ପ୍ରଶାସନ ବୃକ୍ଷ ରୋପଣ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଶିଳ୍ପ କର୍ତ୍ତୃପକ୍ଷମାନେ କାଗଜ କଲମରେ ଯେତିକି ବୃକ୍ଷ ରୋପଣ କଲେ ବୋଲି ଦର୍ଶାଉଛନ୍ତି। ବାସ୍ତବରେ ତାର ଅଧା ଗଛ ଥିବା ଦେଖିବାକୁ ମିଳୁନାହିଁ। ଯେତିକି କି ଗଛ ଲଗାଉଛନ୍ତି ସେଗୁଡିକ ବଞ୍ଚିଲା ପରେ ତାର ରକ୍ଷଣବେକ୍ଷଣା ଦାୟିତ୍ୱ କିଏ ନେବ ବୁଝା ପଡୁନାହିଁ। କଳିଙ୍ଗନଗର ଶିଳ୍ପାଞ୍ଚଳର ଡୁବୁରୀ ଛକରୁ ମାନପୁର ଓଭର ବ୍ରିଜ ପର୍ଯ୍ୟନ୍ତ ଟାଟା ଓ ଜିନ୍ଦଲ କାରଖାନା ପାଚେରୀ ପାର୍ଶ୍ୱରେ ରାସ୍ତା କଡେ କଡେ ବିଗତ ବର୍ଷ ବର୍ଷା ଦିନରେ ଯେଉଁ ସବୁ ବୃକ୍ଷ ରୋପଣ କରାଯାଇ ଥିଲା କାଳକ୍ରମେ ତାହା ବଡ଼ ହୋଇ ଯାଇଥିଲା। ସେଥିପାଇଁ ଗ୍ରୀଷ୍ମ ଦିନେ ବାଟୋଇମାନେ ରାସ୍ତା କଡ଼ରେ ଛାଇରେ ବିଶ୍ରାମ ନେଉଥିଲେ। ଧୂଳି, ଧୂଆଁ ସବୁ ବୃକ୍ଷ ଅଟକାଉ ଥିଲା। ସବୁଜ ସୁନ୍ଦର ଲାଗୁଥିଲା।

କିନ୍ତୁ ଗତ କିଛି ମାସ ହେବ ଜିନ୍ଦଲ ଟା ପାଚେରୀ ପାର୍ଶ୍ୱରୁ ବାଇକ ଷ୍ଟାଣ୍ଡ ପାଇଁ ବଡ଼ ବଡ଼



ବୃକ୍ଷ ଗୁଡିକୁ କାଟିଦେଲା। ଯାହା ବାକି ବୃକ୍ଷ ଗୁଡିକ ରହିଲା ଟାଟା କାରଖାନା ଆରମ୍ଭ ଡି. ଇ. ଟି ଫାଟକ ପାଖରୁ ଖୁରୁଣ୍ଟି ଛକ ପର୍ଯ୍ୟନ୍ତ ସେ ଗଛ ଗୁଡିକୁ ସାରଙ୍ଗପୁର ହଟିଙ୍ଗରେ ରହୁଥିଲେ ଆଦିବାସୀ ଲୋକମାନେ ଦୈନିକ ଦିନ ଦ୍ୱିପ୍ରହରରେ କାଟିନେଇ ଧୀରେ ଧୀରେ ସଫା କଲେଣି। ଲୋକମାନେ ଏତେ ଚାଲାକ ଖରାବେଳେ ଆସି ନିଆଁ ଲଗାଇ ଦେଉଛନ୍ତି

### ପ୍ରଶାସନ ନିରବ

ଗଛ ମୂଳରେ ଥିବା ଘାସ, ଲଟା, ଡାଳ ପତ୍ର ପୋଡି ଗଲା ପରେ କିଛି ଦିନ ପରେ ଗଛ ଗୁଡିକ ଶୁଖି ଯାଉଛି, ଶୁଖିଲା ଗଛ ଜାଳ କାଠ ପାଇଁ ନେଉଛୁ କହି କାଟି ନେଉଛନ୍ତି। କଳିଙ୍ଗନଗର ଶିଳ୍ପାଞ୍ଚଳ ଚାରିପାଖରେ ରାସ୍ତା କଡ଼ରେ ଥିବା ଗଛ ଗୁଡିକୁ କାଟି ନେଉଥିବାର ସମସ୍ତଙ୍କ ଦୃଷ୍ଟିରେ ପଡୁଥିବା ବେଳେ କମ୍ପାନୀ ସୁରକ୍ଷାକର୍ମୀ, ପୁଲିସ ପ୍ରଶାସନ, ବନ ବିଭାଗ, ପରିବେଶବିତ, ବୁଦ୍ଧିଜୀବୀ ସମସ୍ତେ ନୀରବ କାହିଁକି କିଛି ବୁଝା ପଡୁନାହିଁ।

ଅନୁରୂପ ଭାବେ ଧୂଳିଗଡ଼ ପୁରୁଣା ଜଙ୍ଗଲ ଲୁଟ ହୋଇଗଲାଣି। ନୁଆଁ ଶାଗୁଆନ ଜଙ୍ଗଲଟିରେ ଲୋକମାନେ ପଶି ଗଛ କାଟିବା ଆରମ୍ଭ କଲେଣି। ବୃକ୍ଷ ରୋପଣ ନାଁରେ ପ୍ରତ୍ୟେକ ବର୍ଷ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ ହେଉଛି। ଗୋଟେ ଗଛ ପାଣି ଦେଇ, ତାର ବାଡ଼ ଦେଇ ବଞ୍ଚାଇ ବଡ଼ କରିବା ପାଇଁ କେତେ ଟଙ୍କା ଆଉ କେତେ ବର୍ଷ ସମୟ ଲାଗୁଛି କିନ୍ତୁ ତାର ସୁରକ୍ଷା କଥା କେହି ଚିନ୍ତା କରୁନାହାନ୍ତି କି ଦୃଷ୍ଟି ଦେଉନାହାନ୍ତି ଯାହା ଫଳରେ ବର୍ଷ ବର୍ଷ ଧରି ହୋଇଥିବା ଗଛ ଗୋଟେ ଗୋଟେ ଘଣ୍ଟାରେ ସଫା ହୋଇ ପଦା ହୋଇ ଯାଉଛି। ବର୍ତ୍ତମାନ ପରିସ୍ଥିତିରେ ଜଳବାୟୁର ପରିବର୍ତ୍ତନ ଯାହା ହେଲାଣି, ଜଙ୍ଗଲ ଓ ବୃକ୍ଷ ରୋପଣ, ଗଛର ମାନବ ସମାଜ ପାଇଁ କେତେ ଆବଶ୍ୟକତା ତାହା ଜନସାଧାରଣଙ୍କୁ ସଚେତନତା କରିବା ସହ ଏହି ଗଛ ଗୁଡିକ କିପରି ସୁରକ୍ଷିତ ରହି ପାରିବ ତାହା ବନ ବିଭାଗ, କାରଖାନା କର୍ତ୍ତୃପକ୍ଷ ଓ ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବା ନିତ୍ୟାନ୍ତ ଆବଶ୍ୟକ। ଯେଉଁ ମାନେ ଗଛ କାଟୁଛନ୍ତି ସେମାନଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ନେବା ଦରକାର।





# 'ସମୁଦ୍ର ପ୍ରତୀକ'ର ସାମୁଦ୍ରିକ ପ୍ରଦୂଷଣ

୨୦୨୪ ଜାନୁଆରି ୨୭, 'ଆଇକନ୍ ଅଫ୍ ଦି ସିଜ୍' (ସମୁଦ୍ରର ପ୍ରତୀକ) ନାମକ ବିଶ୍ୱର ସର୍ବବୃହତ୍ 'କ୍ରୁଜ୍' ଜାହାଜ ଫ୍ଲୋରିଡାର ମିଆମିରୁ ଯାତ୍ରା ଆରମ୍ଭ କରିଛି। ଟାଇଟାନିକ୍ ଠାରୁ ପାଞ୍ଚ ଗୁଣ ବଡ଼ ଏହି 'କ୍ରୁଜ୍'ର ଲମ୍ବ ୩୬୫ ମିଟର। ୨୦ଟି ଡେକ୍ ଥିବା ଏହି 'କ୍ରୁଜ୍'ରେ ସର୍ବାଧିକ ୭,୬୦୦ ଯାତ୍ରୀ ଯାତ୍ରା କରିପାରିବେ। ପ୍ରଦୂଷଣ ନିର୍ଗମନ କମ୍ କରିବା ଓ ଇନ୍ଧନ ଦକ୍ଷତା ୨୪ ପ୍ରତିଶତ ପର୍ଯ୍ୟନ୍ତ ବୃଦ୍ଧି କରିବା ପାଇଁ ଏହି 'କ୍ରୁଜ୍'ରେ ଲାଗିଥିବା ଇଞ୍ଜିନ ଉଭୟ ତରଳ ଓ ଗ୍ୟାସୀୟ ଇନ୍ଧନ ଦ୍ୱାରା ଚାଲୁଛି। ତେଣୁ ଏହା ପରିବେଶ ଅନୁକୂଳ ବୋଲି ଘୋଷଣା କରାଯାଇଛି। ଏଭଳି ଗୁରୁତ୍ୱପୂର୍ଣ୍ଣ ଘୋଷଣା କରାଯାଉଥିଲେ ମଧ ଏ ଜାହାଜରୁ ବିପୁଳ ମିଥେନ୍ ଗ୍ୟାସ ନିର୍ଗମନକୁ ନେଇ ସମୁଦ୍ର ବିଜ୍ଞାନୀମାନେ ଚିନ୍ତା ପ୍ରକଟ କରିଛନ୍ତି। ତେଣେ, ବନ୍ଦର ପ୍ରଦୂଷଣ ହେବା ଆଶଙ୍କା କରି ଅନେକ ୟୁରୋପୀୟ ଦେଶ 'କ୍ରୁଜ୍' ଜାହାଜଗୁଡ଼ିକ ପ୍ରତି ନୂଆ କଟକଣା ଜାରି କରିଥିବା ବେଳେ 'ଆଇକନ୍ ଅଫ୍ ଦି ସିଜ୍' ଯାତ୍ରା ଆରମ୍ଭ କରିଛି।

ଜାହାଜରୁ ପ୍ରଦୂଷଣ ସୃଷ୍ଟିକାରୀ ବାଷ୍ପ ନିର୍ଗମନ ହେବାର ପ୍ରମୁଖ କାରଣ ହେଉଛି ଗତାନୁଗତିକ ଭାବେ ବ୍ୟବହାର କରାଯାଉଥିବା ସାମୁଦ୍ରିକ ଇନ୍ଧନ। ତଥ୍ୟ ଦର୍ଶାଉଛି, ୨୦୨୨ରେ ୧ ବିଲିଅନ କାର୍‌ରୁ ଯେତିକି ସଲଫର ଅକ୍ସାଇଡ୍ (ଏସଓଏକ୍ସ) ନିର୍ଗତ ହୋଇଛି ୟୁରୋପର ୨୧୮ଟି 'କ୍ରୁଜ୍' ଜାହାଜରୁ ତା'ଠାରୁ ଅଧିକ ଏସଓଏକ୍ସ ନିର୍ଗତ ହୋଇଛି।

**ପରିବେଶବିତ୍ ଓ ସାମୁଦ୍ରିକ ପରିସଂସ୍ଥାନ ବିଶେଷଜ୍ଞମାନଙ୍କ ଦ୍ୱାରା ୨୦୨୩ରେ କରାଯାଇଥିବା ଅନୁସନ୍ଧାନରୁ ଜଣାପଡ଼ିଛି, 'କ୍ରୁଜ୍' ଜାହାଜଗୁଡ଼ିକରୁ ଅନେକ ସମୟରେ ଏଲ୍‌ଏନ୍‌ଜି ଲିକ୍ ହୋଇ ମିଥେନ୍ ଗ୍ୟାସ୍ ଆକାରରେ ସିଧାସଳଖ ବାୟୁମଣ୍ଡଳରେ ମିଶିଯାଏ।**

ସବୁଠାରୁ ସୁବ୍ୟବସ୍ଥିତ 'କ୍ରୁଜ୍' ପ୍ରତି କିଲୋମିଟର ଯାତ୍ରା କରିବାରେ ପ୍ରାୟ ୨୫୦ ଗ୍ରାମ୍ କାର୍ବନ ଡାଇଅକ୍ସାଇଡ (ସିଓ୨) ନିର୍ଗମନ କରିଥାଏ। କିନ୍ତୁ, ସେହି ତୁଳନାରେ ଏକ ସ୍ୱଳ୍ପ ଦୂରଗାମୀ ବିମାନ ୧୧୧.୧ ଗ୍ରାମ୍ ସିଓ୨ ନିର୍ଗମନ କରେ।

ତରଳୀକୃତ ପ୍ରାକୃତିକ ଗ୍ୟାସ୍ (ଏଲ୍‌ଏନଜି)ରେ ଚାଲୁଥିବାରୁ ପୁରୁଣାକାଳିଆ ସାମୁଦ୍ରିକ ଇନ୍ଧନ ତୁଳନାରେ 'ଆଇକନ୍ ଅଫ୍ ଦି ସିଜ୍'ରୁ କମ୍ ପ୍ରଦୂଷଣକାରୀ ପଦାର୍ଥ ନିର୍ଗମନ ହୁଏ। ଏଲ୍‌ଏନଜିରୁ କମ୍ ନାଇଟ୍ରସ୍ ଅକ୍ସାଇଡ୍, ସଲଫର ଡାଇଅକ୍ସାଇଡ୍ ଓ ପ୍ରଦୂଷଣକାରୀ କଣିକା ନିର୍ଗତ ହୁଏ। ଏଲ୍‌ଏନଜି 'କ୍ରୁଜ୍'ଗୁଡ଼ିକ ବନ୍ଦରରେ ମଧ ସିଓ୨ ନିର୍ଗମନକୁ ୨୫ ପ୍ରତିଶତ ହ୍ରାସ କରିଛନ୍ତି। ଏକଥା ପଢ଼ିବାକୁ ଭଲ ଲାଗୁଛି ସତ କିନ୍ତୁ, ବାସ୍ତବରେ ଏହି ବ୍ୟବସ୍ଥାରେ ଅନେକ ଦୋଷତ୍ରୁଟି ଥିବା କଥା ବିଶେଷଜ୍ଞମାନେ କହିଛନ୍ତି।

ପରିବେଶବିତ୍ ଓ ସାମୁଦ୍ରିକ ପରିସଂସ୍ଥାନ ବିଶେଷଜ୍ଞମାନଙ୍କ ଦ୍ୱାରା ୨୦୨୩ରେ କରାଯାଇଥିବା ଅନୁସନ୍ଧାନରୁ ଜଣାପଡ଼ିଛି, 'କ୍ରୁଜ୍' ଜାହାଜଗୁଡ଼ିକରୁ ଅନେକ ସମୟରେ ଏଲ୍‌ଏନ୍‌ଜି ଲିକ୍ ହୋଇ ମିଥେନ୍ ଗ୍ୟାସ୍ ଆକାରରେ ସିଧାସଳଖ ବାୟୁମଣ୍ଡଳରେ ମିଶିଯାଏ। ଏହା ଅଙ୍ଗାରକାମ୍ଳଠାରୁ ୮୦ ଗୁଣ ଅଧିକ କ୍ଷତିକାରକ ଏବଂ ସ୍ୱଳ୍ପ ସମୟ ପାଇଁ ହେଲେ ମଧ ପାରମ୍ପରିକ ଇନ୍ଧନ ତୁଳନାରେ ଜଳବାୟୁ ଉପରେ ଅତ୍ୟନ୍ତ ଖରାପ ପ୍ରଭାବ ପକାଇଥାଏ। ଆକଳନ ଅନୁଯାୟୀ, ପୁରୁଣାକାଳିଆ ସାମୁଦ୍ରିକ ଇନ୍ଧନ ତୁଳନାରେ ଏଲ୍‌ଏନଜି ସାମଗ୍ରିକ ଭାବେ ୧୨୦ ପ୍ରତିଶତରୁ ଅଧିକ ମିଥେନ୍ ଗ୍ୟାସ୍ ନିର୍ଗମନ କରିଥାଏ ବୋଲି ଇଣ୍ଟରନ୍ୟାସ୍‌ନାଲ୍ କାଉନ୍‌ସିଲ୍ ଅନ୍ କ୍ଲିନ୍ ଟ୍ରାନ୍ସ୍‌ପୋର୍ଟେସନ୍‌ର ସାମୁଦ୍ରିକ କାର୍ଯ୍ୟକ୍ରମର ନିର୍ଦ୍ଦେଶକ ବ୍ରାଏନ୍ କୋମର୍ କହିଛନ୍ତି।

ବିଶ୍ୱ ଜାହାଜ ଚଳାଚଳ ଓ ପରିବହନ ନିୟନ୍ତ୍ରଣ କରୁଥିବା ମିଳିତ ଜାତିସଂଘ ଦ୍ୱାରା ପରିଚାଳିତ ଅନ୍ତର୍ଜାତୀୟ ସାମୁଦ୍ରିକ ସଂଗଠନ (ଆଇ.ଏମ.ଓ.) କହିଛି, ୨୦୨୦ରେ କରାଯାଇଥିବା ଅଧ୍ୟୟନ ଅନୁଯାୟୀ, ୨୦୧୨ରୁ ୨୦୧୮ ମଧରେ ସାମୁଦ୍ରିକ ଇନ୍ଧନ ରୂପେ ଏଲ୍‌ଏନଜିର ବ୍ୟବହାର ୩୦ ପ୍ରତିଶତ ବୃଦ୍ଧି ଘଟିବା ଯୋଗୁଁ ଜାହାଜରୁ ମିଥେନ ନିର୍ଗମନ ୧୫୦ ପ୍ରତିଶତ ବୃଦ୍ଧି ଘଟିଛି।

ଆଜିକାଲି ଅଧିକ ପରିବେଶ ଉପଯୋଗୀ ଜାହାଜ ଇଞ୍ଜିନ୍ ନିର୍ମାଣ ହେବା ସହିତ ପ୍ରଦୂଷଣ ସମସ୍ୟା ସମାଧାନର ଉପାୟ କରାଯାଉଛି। କିନ୍ତୁ, ୨୦୫୦ ସୁଦ୍ଧା ଶୂନ୍ୟ ନିର୍ଗମନ ପାଇଁ ଆଇ.ଏମ୍.ଓ. ଲକ୍ଷ୍ୟ ଧାର୍ଯ୍ୟ କରିଥିବା ବେଳେ ଏବେ ନିର୍ମାଣ ହେଉଥିବା ଜାହାଜଗୁଡ଼ିକ ସେ ପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ଥିବା ତେଣୁ, ଆଇ.ଏମ.ଓ. ଲକ୍ଷ୍ୟ ହାସଲ ସମ୍ଭବ ନୁହେଁ ବୋଲି ପରିବେଶବିତ୍‌ମାନେ ଆଶଙ୍କା ବ୍ୟକ୍ତ କରୁଛନ୍ତି।

# ପରିବେଶ ସୁରକ୍ଷାରେ ଦୀୟା

ବଲିଉଡ୍ ଅଭିନେତ୍ରୀ ଦୀୟା ମିର୍ଜା ସଂପ୍ରତି ଅଭିନୟ କ୍ଷେତ୍ରରେ ବିଶେଷ ସକ୍ରିୟ ନାହାନ୍ତି, କିନ୍ତୁ ପରିବେଶ ସୁରକ୍ଷା କ୍ଷେତ୍ରରେ ନିଜକୁ ନିୟୋଜିତ କରି ଚର୍ଚ୍ଚାରେ ରହିଛନ୍ତି। ବିବିସି ପକ୍ଷରୁ ଜାରି ବିଶ୍ୱର ୧୦୦ ଶ୍ରେଷ୍ଠ ମହିଳାଙ୍କ ସୂଚୀରେ ଯେଉଁ ୪ ଜଣ ଭାରତୀୟ ସ୍ଥାନ ପାଇଛନ୍ତି ସେମାନଙ୍କ ମଧରେ ଅଛନ୍ତି ଦୀୟା। 'ନର୍ମଦା ବଞ୍ଚାଅ ଆନ୍ଦୋଳନ'କୁ ସେ ଅଭିନେତା ଅମିର ଖାଁଙ୍କ ସହିତ ମିଶି ସାର୍ବଜନୀନ ଭାବେ ସମର୍ଥନ କରି ଆଲୋଚନାର ପରିସରକୁ ଆସିଥିଲେ।

**ସେ ଲକ୍ଷ୍ନୌସ୍ଥିତ 'ପ୍ରିନସ ଅଫ ୱାଲେଜ୍ ଜୁଲୋଜିକାଲ ପାର୍କ'ରେ ଦୁଇଟି କଲରାପତ୍ରିଆ ଶାବକଙ୍କୁ ପୋଷ୍ୟ ଭାବେ ଗ୍ରହଣ କରିଥିଲେ। ଏଥିସହ 'ପେଟା' ଓ 'କ୍ରାଏ' ଭଳି ପ୍ରତିଷ୍ଠିତ ପରିବେଶ ସୁରକ୍ଷା ସଂଗଠନଙ୍କ ବିଭିନ୍ନ କାର୍ଯ୍ୟକ୍ରମ ସହିତ ଦୀୟା ଜଡ଼ିତ ରହିଛନ୍ତି।**

ଏଥିସହିତ, ପ୍ରାଣୀଙ୍କ ଉପରେ ନୂତନ ଔଷଧର ପରୀକ୍ଷା ଉପରେ ନିଷେଧାଦେଶ ପାଇଁ ଆନ୍ଦୋଳନ କରୁଥିବା 'ଦି ବଡି ସୋପ୍'କୁ ମଧ ଦୀୟା ସମର୍ଥନ କରିଥିଲେ। ସେ ଲକ୍ଷ୍ନୌସ୍ଥିତ 'ପ୍ରିନସ ଅଫ ୱାଲେଜ୍ ଜୁଲୋଜିକାଲ ପାର୍କ'ରେ ଦୁଇଟି କଲରାପତ୍ରିଆ ଶାବକଙ୍କୁ ପୋଷ୍ୟ ଭାବେ ଗ୍ରହଣ କରିଥିଲେ। ଏଥିସହ 'ପେଟା' ଓ 'କ୍ରାଏ' ଭଳି ପ୍ରତିଷ୍ଠିତ ପରିବେଶ ସୁରକ୍ଷା ସଂଗଠନଙ୍କ ବିଭିନ୍ନ କାର୍ଯ୍ୟକ୍ରମ ସହିତ ଦୀୟା ଜଡ଼ିତ ରହିଛନ୍ତି। ଭାରତ ସରକାରଙ୍କ ସ୍ୱଚ୍ଛ ଭାରତ ମିସନର ଯୁବ ଶାଖା ସ୍ୱଚ୍ଛ ସାଥୀ କାର୍ଯ୍ୟକ୍ରମ ଲାଗି ତାଙ୍କୁ ଆମ୍ବାସାଡର୍ ଚୟନ କରାଯାଇଛି। ଜଣେ ଆମ୍ବାସାଡର୍ ଭାବେ ସେ ସଚେତନତା ଅଧିବେଶନ, ସାମୂହିକ ସଫେଇ କାର୍ଯ୍ୟକ୍ରମ ଓ ମୋଟିଭେସନାଲ ଭିଡିଓ ଜରିଆରେ ସମଗ୍ର ଦେଶର ସ୍କୁଲ ଓ କଲେଜ ଶିକ୍ଷାର୍ଥୀମାନଙ୍କ ସହିତ ଭାବ ବିନିମୟ କରୁଛନ୍ତି। ସେ ଭାରତ ପାଇଁ 'ଜାତିସଂଘ'ର ଗୁଡଉଇଲ୍ ଆମ୍ବାସାଡର୍ ନିଯୁକ୍ତ ହୋଇ ୨୦୨୨ ପର୍ଯ୍ୟନ୍ତ କାର୍ଯ୍ୟ କରିଥିଲେ। ୨୦୧୭ରେ ତାଙ୍କୁ 'ୱାଇଲ୍‌ଡଲାଇଫ୍ ଟ୍ରଷ୍ଟ ଅଫ୍ ଇଣ୍ଡିଆ'ର ବ୍ରାଣ୍ଡ୍ ଆମ୍ବାସାଡର ଭାବେ ମଧ ନିଯୁକ୍ତ କରାଯାଇଥିଲା ଓ ଏହି ସଙ୍ଗଠନର 'କ୍ଲବ୍ ନେଚର୍ ଇନିସିଏଟିଭ୍'ର ସେ ଅନ୍ୟତମ ପ୍ରତିଷ୍ଠାତା ସଦସ୍ୟ। ଦୀର୍ଘ ଏକ ଦଶନ୍ଧି ଧରି ପରିବେଶ ସୁରକ୍ଷା ଲାଗି କାର୍ଯ୍ୟ କରିଆସୁଥିବା ଦୀୟାଙ୍କୁ ବିଭିନ୍ନ ଜାତୀୟ-ଅନ୍ତର୍ଜାତୀୟ ସଂଗଠନ ପକ୍ଷରୁ ସମ୍ବର୍ଦ୍ଧିତ ଓ ପୁରସ୍କୃତ କରାଯାଇଛି।



# ୩୫ କୋଟି ବର୍ଷ ତଳର ବିଚିତ୍ର ଗଛ

କାନାଡାର ନିଉ ବ୍ରୁନସ୍ୱିକ ଠାରୁ ସଦ୍ୟ ଆବିଷ୍କୃତ ବୃକ୍ଷ ଜୀବାଶ୍ମରୁ ପ୍ରାଚୀନ କାଳର ଗଛମାନଙ୍କ ଇତିହାସରେ ନୂତନ ତଥ୍ୟ ଯୋଡ଼ିହୋଇଛି। ଏହି ଜୀବାଶ୍ମରୁ ଗଛର ବିବର୍ତ୍ତନ ନେଇ ନୂଆ ଧାରଣା ମିଳିଛି। ବରଫ ତଳେ ସୁରକ୍ଷିତ ରହିଥିବା ଏହି ଜୀବାଶ୍ମ ସମୂହରେ ଏକ ମୁକୁଟ ଆକୃତିର ଗଛ, ୩୫ କୋଟି ବର୍ଷ ତଳର ବୃକ୍ଷ ସଂରଚନା ସମ୍ପର୍କରେ ଆଲୋକପାତ କରିଛି। ଉକ୍ତ ବୃକ୍ଷର ବୈଜ୍ଞାନିକ ନାମ 'ସାନ୍‌ଫୋଡିଆକୌଲିସ ଡେନ୍ଦ୍ରିଫୋଡିଆ'। ସେହି ଗଛର ଡେଙ୍ଗା ଓ ସରୁ ଗଣ୍ଡିରେ ଲମ୍ବା ପତ୍ର ଥିଲା। ସୁଦୂର ଅତୀତରେ ଭୂମିକମ୍ପ ଯୋଗୁଁ ଏକ ହ୍ରଦ ଭିତରେ ଉକ୍ତ ଗଛ ପୋତି ହୋଇ ଏପରି ଜୀବାଶ୍ମରେ ପରିଣତ ହୋଇଥିବା କୁହାଯାଇଛି। ଏହି ବୃକ୍ଷ ଫର୍ଣ୍ଣ ଜାତୀୟ ବା ପାମ୍ ଗଛ ସଦୃଶ। ତେବେ ପାମ୍ ଗଛର ଉପର ଆଡ଼କୁ ଖୁବ୍ କମ୍ ପତ୍ର ରହୁଥିବା ବେଳେ ଉକ୍ତ ଗଛର ଶୀର୍ଷରେ ପାଖାପାଖି ୨୫୦ ସଂଖ୍ୟକ ପତ୍ର ରହିଛି। ଉକ୍ତ ଗଛର ପ୍ରାୟ ୧୬ ସେ.ମି. ବ୍ୟାସ ବିଶିଷ୍ଟ ଗଣ୍ଡିରେ ବୋତଲ ସଫା ବ୍ରସ୍‌ର ବ୍ରିସଲ୍ ପରି ସାଢ଼େ ୫ ମିଟର ଯାଏ ଲମ୍ବା ପତ୍ରଗୁଡ଼ିକ ଖୁନ୍ଦାଖୁନ୍ଦି ହୋଇ ରହିଛି। ସର୍ବୋପରି ପାମ୍ ଗଛର ଉତ୍ପତ୍ତି ବହୁ ପରେ ହୋଇଥିଲା ବୋଲି ପୂର୍ବ ଧାରଣା ରହିଥିବା ବେଳେ ଏହି ଜୀବାଶ୍ମର ଆବିଷ୍କାର ସେହି ଧାରଣାକୁ ଭୁଲ୍ ପ୍ରମାଣିତ କରିଛି। ସୁତରାଂ, ଜୀବଜଗତର ବିବର୍ତ୍ତନ ସମ୍ପର୍କରେ ଏହା ନୂତନ ଜ୍ଞାନ ପ୍ରଦାନ କରିବ ବୋଲି ଉଦ୍ଭିଦ ବିଜ୍ଞାନୀମାନେ ଆଶାବାଦୀ ଅଛନ୍ତି।



# ମଞ୍ଜି ଗୁଳାରେ ସବୁଜ ବିସ୍ଫୋରଣ !



ସଂପ୍ରତି ମଧପ୍ରାଚ୍ୟରେ ବୋମା ଓ ବାରୁଦର ଧୂଆଁ। ଦିନକୁ ଦିନ ସବୁଜ ପୃଥିବୀ ପ୍ରତି ବିପଦର କଳା ବାଦଲ ମାଡ଼ି ଆସୁଛି। ସତେ ଯେମିତି ମଣିଷ ପରିବେଶ ପ୍ରତି ଆଖି ବୁଜି ଦେଇଛି। ଏପରି ସମୟରେ 'ସିଡ୍ ବମ୍ବ' ବା 'ମଞ୍ଜି ଗୁଳା' ଫିଙ୍ଗି ପୃଥିବୀ ପୃଷ୍ଠରେ ସବୁଜ ବୃକ୍ଷ ସଂଖ୍ୟାରେ ବିସ୍ଫୋରଣ ସୃଷ୍ଟି କରିପାରିଛନ୍ତି ଢେଙ୍କାନାଳ ଜିଲ୍ଲାର ଯୁବ ପରିବେଶବିତ୍ ଶୁଭ୍ରାଂଶୁ ଶତପଥୀ।

ବାପା ଉଦୟନାଥ ଶତପଥୀ ଜଣେ ଅବସରପ୍ରାପ୍ତ ବନ ବିଭାଗ ଅଧିକାରୀ। ତେଣୁ ଶୁଭ୍ରାଂଶୁଙ୍କ ପିଲାଦିନ ଜଙ୍ଗଲର ସବୁଜ ପରିବେଶରେ କଟିଥିଲା। ବାପା ଯେତେବେଳେ ଜଙ୍ଗଲରେ ଗଛର ହିସାବ ରଖୁଥିଲେ, ନୂଆ ଜଙ୍ଗଲ ସୃଷ୍ଟି କରୁଥିଲେ, ସେତେବେଳେ କୁନି ଶୁଭ୍ରାଂଶୁ ଛୋଟ ଛୋଟ ଚାରା ଲଗାଇ ତାକୁ ମହାଦ୍ରୁମରେ ପରିଣତ କରିବାର ସ୍ୱପ୍ନ ଦେଖିବା ଆରମ୍ଭ କରିଥିଲେ। ଉଚ୍ଚଶିକ୍ଷିତ ହୋଇଥିଲେ ମଧ ଉଚ୍ଚ ବେତନର ମାୟାରେ ନପଡ଼ି ସବୁଜ ବନାନୀର ମୋହରେ ପଡ଼ିଯାଇଛନ୍ତି ଶୁଭ୍ରାଂଶୁ। ଚାରା ରୋପଣ କରି ଜଙ୍ଗଲ ସୃଷ୍ଟି କରିବା ସମୟସାପେକ୍ଷ। ତେଣୁ ସେ ଆପଣାଇଲେ ଜାପାନ୍‌ର କୃଷକ ଏବଂ

**ବାପା ଯେତେବେଳେ ଜଙ୍ଗଲରେ ଗଛର ହିସାବ ରଖୁଥିଲେ, ନୂଆ ଜଙ୍ଗଲ ସୃଷ୍ଟି କରୁଥିଲେ, ସେତେବେଳେ କୁନି ଶୁଭ୍ରାଂଶୁ ଛୋଟ ଛୋଟ ଚାରା ଲଗାଇ ତାକୁ ମହାଦ୍ରୁମରେ ପରିଣତ କରିବାର ସ୍ୱପ୍ନ ଦେଖିବା ଆରମ୍ଭ କରିଥିଲେ।**

ଦାର୍ଶନିକ ମାସାନୋବୁ ଫୁକୋକାଙ୍କ ଗରିଲା ଶୈଳୀ। ଚାରା ରୋପଣ କରିବା ପରିବର୍ତ୍ତେ ମାଟିର ଏକ ବଲ୍ (ପେଣ୍ଡୁ)ରେ ମଞ୍ଜି ରଖି, ତାହାକୁ ଜଙ୍ଗଲ ସୃଷ୍ଟି କରିବାକୁ ଚାହୁଁଥିବା ସ୍ଥାନରେ ଫିଙ୍ଗିବା ହେଉଛି ଏହି ଜାପାନୀ ଉପାୟ।



ଏହି ଉପାୟରେ ପ୍ରଥମେ ପରିବା ଚୋପା, ପଚି ଯାଉଥିବା ଫଳ ଆଦିକୁ ଗାତ ଖୋଳି ପୋତି ଦିଆଯାଏ। କିଛିଦିନ ପରେ ଏହା ଉତ୍କୃଷ୍ଟ ଖତରେ ପରିଣତ ହୋଇଯାଇଥାଏ। ଏହି ଖତ ଓ ମାଟିକୁ ମିଶାଇ ଏକ ପେଣ୍ଡୁ ପ୍ରସ୍ତୁତ କରାଯାଏ। ଏହା ମଧରେ ଗୋଟିଏ କିମ୍ବା ଦୁଇଟି ଭଲ ମଞ୍ଜିକୁ ରଖି ଗୁଳା ପ୍ରସ୍ତୁତ କରାଯାଏ। ଏହି ଗୁଳାକୁ ଗୋଟିଏ ଦିନ ପାଇଁ ରଖିଦିଆଯାଏ। ଗୁଳା ଟାଣ ହୋଇଯିବା ପରେ ବୁଦୁବୁଦୁକିଆ ଜଙ୍ଗଲ, ରାସ୍ତା ପାର୍ଶ୍ୱ, ସ୍କୁଲ୍ ପଡ଼ିଆ କିମ୍ବା ନଦୀକୂଳ ଆଦି ସ୍ଥାନରେ ଫିଙ୍ଗିଦିଆଯାଏ। ତେବେ ଏହା ପୂର୍ବରୁ ଉତ୍କୃଷ୍ଟ ମଞ୍ଜି ସଂଗ୍ରହ କରାଯାଏ। ଖରାଦିନେ ଏହି ମଞ୍ଜି ସଂଗ୍ରହ କାମ ହୋଇଥାଏ। ଏହି ପେଣ୍ଡୁ ପ୍ରସ୍ତୁତ କରିବା ଲାଗି ସାଧାରଣତଃ କେନ୍ଦୁ, ଜାମୁ, ସପେଟା, ଅର୍ଜୁନ ଆଦି ମଞ୍ଜି ସଂଗ୍ରହ କରାଯାଏ। ଖରାଦିନରେ ଏହାକୁ ପ୍ରସ୍ତୁତ କରିବା ପରେ ମୌସୁମୀ ଆଗମନ ଓ ବର୍ଷା ଆରମ୍ଭ ହେଲେ ଏହାକୁ ଚିହ୍ନଟ ସ୍ଥାନରେ ଫିଙ୍ଗାଯାଇଥାଏ।

## ପରିବେଶ ଯୋଦ୍ଧା

ଶୁଭ୍ରାଂଶୁଙ୍କ କହିବା ଅନୁଯାୟୀ ଏହି ପ୍ରକ୍ରିୟାରେ ସେ ପ୍ରାୟ ଲକ୍ଷେ 'ମଞ୍ଜି ଗୁଳା' ଫିଙ୍ଗିଛନ୍ତି। ଏଥିରେ ସ୍କୁଲ୍ କଲେଜର ଛାତ୍ରଛାତ୍ରୀଙ୍କୁ ନିୟୋଜିତ ମଧ କରିଛନ୍ତି। ଫିଙ୍ଗାଯାଇଥିବା ଗୁଳାରୁ ୮୦ ପ୍ରତିଶତ ଗଛ ଏବେ ବଞ୍ଚିଥିବା ଦାବି କରନ୍ତି ଶୁଭ୍ରାଂଶୁ। ୨୦୦୮ରୁ ଆରମ୍ଭ ହୋଇଥିବା ଏହି କାମ ଆଜି ପର୍ଯ୍ୟନ୍ତ ଜାରି ରହିଛି। ଓଡ଼ିଶାର ସମସ୍ତ ଜିଲ୍ଲାରେ ଏହି ଗୁଳା ପ୍ରକ୍ରିୟାରେ ସବୁଜ ବିପ୍ଳବ ଆରମ୍ଭ କରିଥିବା ଶୁଭ୍ରାଂଶୁଙ୍କ ଏହି ଯାତ୍ରା ରାଜ୍ୟ ବାହାରେ ମହାରାଷ୍ଟ୍ର, ଝାଡ଼ଖଣ୍ଡ, ଛତିଶଗଡ଼, ଚେନ୍ନାଇ ଆଦି ଅଞ୍ଚଳରେ ମଧ ଜାରି ରହିଛି। ଦୁଇ ବର୍ଷ ତଳେ ସେ ଡ୍ରୋନ୍ ମାଧମରେ ପାହାଡ଼ ଉପରେ ଗୁଳା ଫିଙ୍ଗି ସଫଳତା ଅର୍ଜନ କରଥିବା କହିଛନ୍ତି।

ଦୀପାବଳିରେ ପ୍ରଦୂଷଣ ସୃଷ୍ଟି କରୁଥିବା ବାଣ ନ ଫୁଟାଇ 'ସିଡ୍ ବମ୍' ଫିଙ୍ଗିବାକୁ ଶୁଭ୍ରାଂଶୁ ଛୋଟ ପିଲାମାନଙ୍କୁ ବୁଝାନ୍ତି। ପ୍ରତି ପର୍ବପର୍ବାଣିରେ ଏପରି ଗଛ ଲଗାଇ ଉତ୍ସବକୁ ସ୍ମୃତିଭରା କରିବାକୁ ସେ ସମସ୍ତଙ୍କୁ ପ୍ରୋତ୍ସାହିତ କରନ୍ତି।

ଶୁଭ୍ରାଂଶୁଙ୍କ କହିବା କଥା ବର୍ତ୍ତମାନର ଯୁବପିଢ଼ି ଡିଜିଟାଲ୍ ମନସ୍କ। ଏହା ଶୁଭ ଲକ୍ଷଣ। ମାତ୍ର ସବୁବେଳେ ଏଥିରେ ସମୟ ନଷ୍ଟ ନକରି, କଂକ୍ରିଟ୍ ଜଙ୍ଗଲରେ ନ ବୁଲି କିଛି ସମୟ ବାହାର କରି ସବୁଜ ବନାନୀ ଓ ପ୍ରାକୃତିକ ପରିବେଶରେ କାଟିବା ଦରକାର। ଏପରି ହେଲେ ଜଣେ ପ୍ରକୃତିକୁ ଭଲ ପାଇବ ଏବଂ ଏହାର ସୁରକ୍ଷା କରିବାକୁ ଯତ୍ନବାନ ହେବ।

ମୁମ୍ବାଇର ଟିଆଇଏସ୍‌ଏସ୍‌ରେ ସାମ୍ବାଦିକତାରେ ସ୍ନାତକ କରିଥିବା ଏବଂ ଢେଙ୍କାନାଳର ସ୍ଥାୟୀ ବାସିନ୍ଦା ଶୁଭ୍ରାଂଶୁ ସଂପ୍ରତି ପରିବେଶ ସୁରକ୍ଷା, ସଚେତନା ଓ ସବୁଜ ବନାନୀ ସୃଷ୍ଟି କରିବା ଲକ୍ଷ୍ୟ ନେଇ ରାଜ୍ୟର ବିଭିନ୍ନ ସ୍ଥାନ ଘୂରି ବୁଲୁଛନ୍ତି।



# ମିଲେଟ ବିହନ ସଂଗ୍ରହରେ ସୁବାସା

ମିଲେଟ ବା ମାଣ୍ଡିଆ ଚରମ ଜଳବାୟୁରେ ଭଲ ଉତ୍ପାଦିତ ହେଉଥିବା ଏକ ଫସଲ। ଏହି ଚାଷ ପାଇଁ କମ୍ ଜଳର ଆବଶ୍ୟକତା ରହୁଥିବାରୁ ଏହା ପରିବେଶ ଉପଯୋଗୀ ଓ ଜଳବାୟୁ ସହନଶୀଳ। ତେବେ ଏହି ପରିବେଶ ଅନୁକୂଳ ମିଲେଟଜାତୀୟ ବିହନ ସଂଗ୍ରହରେ ୪ ବର୍ଷ ହେଲା ଲାଗିଛନ୍ତି ମୟୁରଭଞ୍ଜ ଜିଲ୍ଲା ଯଶିପୁର ବ୍ଲକ୍‌ର ସିଙ୍ଗାରପୁର ଗାଁର ସୁବାସା ମହାନ୍ତ। ଭୈରବୀ, ଆରେଙ୍ଗୁ, ବରଷି, ରୁଚିକା, ଜହ୍ନା, ବାତି, ରଞ୍ଜା, ଶ୍ରୀକେତନ ଓ ସିମିଡ଼ିପାରିଆ ଆଦି ୯ ପ୍ରକାରର ମାଣ୍ଡିଆ ବିହନ ଉତ୍ପାଦନ ସହ ସେ ସଂଗ୍ରହ କରି ରଖିଛନ୍ତି। ଯାହାକି ବିହନ ବ୍ୟାଙ୍କ ସୃଷ୍ଟି ପାଇଁ ବେଶ ସହାୟ ହୋଇପାରିବ। ୫୫ ବର୍ଷୀୟ ସୁବାସା ପ୍ରଥମେ କାକୁଡ଼ି, ଜହ୍ନି, ବାଦାମ ଆଦି ଘରୁଆ ଚାଷ କରି ଦୁଃଖେକଷ୍ଟେ ନିଜ ପରିବାର ପ୍ରତିପୋଷଣ କରୁଥିଲେ। ୨୦୧୭ ମସିହାରେ ଓଡ଼ିଶା ମିଲେଟ୍ ମିସନ ମାଧମରେ ପୁଷ୍ଟିଶସ୍ୟ ଚାଷ ପାଇଁ ପ୍ରୋତ୍ସାହନ ପାଇ ପ୍ରଥମେ ଅଢ଼େଇ ଶ' ଗ୍ରାମ୍ ମାଣ୍ଡିଆ ବିହନ ବୁଣି ସୁବାସା ମାଣ୍ଡିଆ ଚାଷ ଆରମ୍ଭ କରିଥିଲେ। ଏଥିରୁ ୭ କୁଇଣ୍ଟାଲ୍ ମାଣ୍ଡିଆ ଅମଳ ହୋଇଥିଲା। ଏହାପରେ ମିଲେଟ୍ ମିସନର ବିଭିନ୍ନ ସଚେତନତା କାର୍ଯ୍ୟକ୍ରମରେ ଯୋଗଦେଇ ମାଣ୍ଡିଆ ଚାଷ ବିଷୟରେ ଅଧିକ ଜାଣିଥିଲେ। ଆଧୁନିକ ଜ୍ଞାନକୌଶଳକୁ ଆପଣାଇ ପୁଷ୍ଟିଶସ୍ୟ ଚାଷ କ୍ଷେତ୍ରରେ ସେ ସଫଳତା ହାସଲ କରିପାରିଛନ୍ତି। ଏବେ ସୁବାସା ୮ ଏକର ଜମିକୁ ଲିଜ୍‌ରେ ନେଇ ମାଣ୍ଡିଆ ଚାଷ କରୁଛନ୍ତି ଏବଂ ପାଣିପାଗ ସନ୍ତୁଳନ ରକ୍ଷା ନିମନ୍ତେ ସେଥିରୁ ବିଭିନ୍ନ ପ୍ରକାରର ବିହନ ସଂଗ୍ରହ କରୁଛନ୍ତି।

ସେ ଏବେ ପାଖାପାଖି ୭୦ ଜଣ ମହିଳା ଓ ପୁରୁଷଙ୍କୁ ମାଣ୍ଡିଆ ଚାଷ ସହ ଜୈବିକ ଖତ ପ୍ରସ୍ତୁତି, ବିହନ ବୁଣା ପ୍ରଣାଳୀ, ଘାସ ବଛା କାମ ଆଦି ବିଷୟରେ ପ୍ରଶିକ୍ଷିତ କରିସାରିଲେଣି। ପୁଣି ସେ ନିଜେ ଚାଷ ପାଇଁ ଯନ୍ତ୍ରପାତି ଚଳାଇବାଠାରୁ ଆରମ୍ଭ କରି ମାଣ୍ଡିଆକୁ ସଫା କରି ଚୁନା ପ୍ରସ୍ତୁତ କରିବା ପର୍ଯ୍ୟନ୍ତ ସବୁ କାର୍ଯ୍ୟ ତୁଲାଉଛନ୍ତି। ସଠିକ୍ ପ୍ରଶିକ୍ଷଣ ପାଇ ସୁବାସା ମାଣ୍ଡିଆ ଚାଷ କରି ଅଧିକ ରୋଜଗାରକ୍ଷମ ହୋଇଥିବା ବେଳେ ନିଜ ଗାଁ ଓ ଆଖପାଖ ଗାଁ'ର ଲୋକଙ୍କୁ ଏହି ଚାଷ ସମ୍ପର୍କରେ ପ୍ରଶିକ୍ଷଣ ମଧ ଦେଉଛନ୍ତି। କଠିନ ପରିଶ୍ରମ କରି ବର୍ଷକୁ ୨୦ କୁଇଣ୍ଟାଲ୍‌ରୁ ଅଧିକ ମାଣ୍ଡିଆ ଅମଳ କରୁଛନ୍ତି। ରାଜ୍ୟ ସରକାରଙ୍କ ଦ୍ୱାରା ପରିଚାଳିତ ମଣ୍ଡି ବ୍ୟବସ୍ଥାରେ ୧୫-୨୦ କୁଇଣ୍ଟାଲ ମାଣ୍ଡିଆ ବିକ୍ରି କରୁଛନ୍ତି। ଏହାସହ ମାସକୁ ୩୦-୪୦ହଜାର ଟଙ୍କା ରୋଜଗାର କରି ସ୍ୱାବଲମ୍ବୀ ହୋଇଛନ୍ତି।

ନିଜର ଏହି ପ୍ରଚେଷ୍ଟା ପାଇଁ ୨୦୨୩ ମାର୍ଚ୍ଚରେ ନୂଆଦିଲ୍ଲୀରେ ଆୟୋଜିତ 'ଗ୍ଲୋବାଲ୍ ମିଲେଟ୍‌ସ (ଶ୍ରୀଅନ୍ନ) କନ୍‌ଫରେନ୍ସ'ରେ ସେ ଅଂଶଗ୍ରହଣ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କଠାରୁ ପୁରସ୍କାର ଗ୍ରହଣ କରିଥିଲେ। ଏହାବ୍ୟତୀତ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କଠାରୁ ମଧ ସୁବାସା ପୁରସ୍କୃତ ହୋଇଥିଲେ।

### କମୁଛି ଚିଲିକାର ଆୟତନ

# ଅନେକ ପ୍ରଜାତିର ମାଛ ବିଲୁପ୍ତ, ଚିନ୍ତାରେ ମତ୍ସ୍ୟଜୀବୀ



**କଣାସ,୨୭।୪ (ସଂଚାର ବ୍ୟୁରୋ):** ଚିଲିକାର ଆୟତନ କ୍ରମଶଃ ହ୍ରାସ ପାଉଥିବାରୁ ଓ ଅନେକ ପ୍ରକାର ମାଛ ଚିଲିକାରୁ ବିଲୁପ୍ତ ହୋଇଯାଇଥିବାରୁ ଏହା ଉପରେ ନିର୍ଭର କରୁଥିବା ମତ୍ସ୍ୟଜୀବୀଙ୍କ ପାଇଁ ଚିନ୍ତାର ବକାରଣ ହୋଇଛି।

ଏକ ଅନୁ ସନ୍ଧାନ ଅନୁଯାୟୀ ୧୯୪୫ ମସିହାରେ ଚିଲିକାର ଆୟତନ ୨୯୪୬ ବର୍ଗ କିମି ଥିଲା। ୧୯୭୨ ମସିହାରେ ଏହା ହ୍ରାସ ପାଇ ବନ୍ୟା ସମୟରେ ଜଳ ଭାଗ ୯୮୭ ବର୍ଗ କିମି ରହୁଥିବାବେଳେ ଗ୍ରୀଷ୍ମୀ କାଳରେ ୭ ଶହ ବର୍ଗ କିମି ରହୁଛି। ୬ ଶହ ବର୍ଗ କିମି ଭିତରେ ଝାଉଁବଣ ସୃଷ୍ଟି କରାଯାଉଥିବାରୁ ଚିଲିକାର ଜଳ ଭାଗ ଆଶାତୀତ ଭାବରେ କମି ଯାଉଥିବା ଅଭି ଯୋଗ ହେଉଛି ଫଳରେ ପୁରୀ ଜିଲ୍ଲାର କଣାସ, ପୁରୀ ସଦର, ବ୍ରହ୍ମଗିରୀ, କୃଷ୍ଣପ୍ରସାଦ, ଗଞ୍ଜାମ ଜିଲ୍ଲାର ଛତ୍ରପୁର ଓ ଖଲିକୋଟ ତଥା ଖୋର୍ଦ୍ଧା ଜିଲ୍ଲାର ଚିଲିକ ଓ ଟାଙ୍ଗୀ ବ୍ଲକର ପ୍ରାୟ ୨ ଲକ୍ଷ ୫୮ ହଜାର ମତ୍ସ୍ୟଜୀବୀ ଜୀବିକା ହରାଇ ଆର୍ଥିକ ସଙ୍କଟରେ ସମ୍ମୁଖୀନ ହେଉଛନ୍ତି। ଚିଲିକାର ଜଳରାଶୀ ୯୮୭ ବର୍ଗ କିମି ଆୟତନ ମଧ୍ୟରେ ସୀମିତ ଥିବାବେଳେ ଅଧିକାଂଶ ଜାଗା ଚିଙ୍ଗୁଡି ମାଫିଆ କବଳରେ ରହିଛି।

ଏକ ସର୍ଭେରୁ ଜଣା ପଡ଼ିଛି ବର୍ତ୍ତମାନ ମତ୍ସ୍ୟଜୀବୀମାନଙ୍କର ୨୩ ହଜାର ୮ ଶହ ଡଙ୍ଗା ପରିବହନ କାର୍ଯ୍ୟରେ ନିୟୋଜିତ ଓ ପ୍ରାୟ ୧୦୮ ପ୍ରଜାତିର ମାଛ ଚିଲିକାରୁ ବିଲୁପ୍ତ ହୋଇଗଲାଣି। କେନ୍ଦ୍ର ଓ ରାଜ୍ୟ ସରକାର ଚିଲିକାର ବିକାଶ ନିମନ୍ତେ କୋଟି କୋଟି ଟଙ୍କା ବ୍ୟୟ କରୁଥିବାବେଳେ ଏହା ଦ୍ରୁତ ଅବନିତି ଆଡକୁ ଗତି କରୁଥିବାରୁ ବୁଦ୍ଧିଜୀବ ଓ ପରିବେଶବିତମାନେ ଉଦବେଗ ପ୍ରକାଶ କରିଛନ୍ତି। ଅନେକ ମତ୍ସ୍ୟଜୀବୀମାନେ ନିଜ ନିଜର ବେଉସା ହରାଇ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଇ ନିର୍ଯାତିତ ହେଉଥିବା ନଜିର ରହିଛି। ମତ୍ସ୍ୟଜୀବୀମାନଙ୍କ ଥାତାନ ପାଇଁ ଗୋପୀନାଥପୁର ଗ୍ରାମପଞ୍ଚାୟତର ପୂର୍ବତନ ସରପଞ୍ଚ ଅନାମ ବେହେରା ଦାବୀ କରିଛନ୍ତି।

## ସରକାରୀ ସାର ବିକ୍ରୟ ସଂସ୍ଥା ପୁନର୍ବାର ଖୋଲିବାକୁ ଦାବି

**ନବରଙ୍ଗପୁର,୨୭।୪ (ସଂଚାର ବ୍ୟୁରୋ):** ଚଳିତ ବର୍ଷ ବର୍ଷା ଋତୁ ଆରମ୍ଭ ହେବା ଆଗରୁ ସାର ସମସ୍ୟା ଦେଖିବାକୁ ମିଳୁଛି, ବିନା ସରକାରୀ ସ୍ୱୀକୃତି ପ୍ରାପ୍ତ ଅସାଧୁ ବ୍ୟପାରୀଙ୍କୁ କଳାବଜାରୀ ମାଧ୍ୟମରେ ସାର ମିଳିଯାଉଛି, କିନ୍ତୁ ସରକାରୀ ସ୍ୱୀକୃତି ପ୍ରାପ୍ତ ଖୁଚୁରା ବ୍ୟବସାୟୀ ଙ୍କୁ ବର୍ତ୍ତମାନ ପର୍ଯନ୍ତ ଆବଶ୍ୟକ ଅନୁଯାଇ ସାର ମିଳିପାରୁନାହିଁ, ଯାହାଦ୍ୱାରା ବଜାରରେ ସାରର ମୂଲ୍ୟ ବୃଦ୍ଧି ଦେଖିବାକୁ ମିଳୁଛି, ୟୁରିଆ ସାରା ର ସରକାରୀ ମୂଲ୍ୟ ୨୬୬.୫୦ ଥିବା ବେଳେ ବର୍ତ୍ତମାନ ଏହା ୪୦୦ରୁ ୪୫୦ ଟଙ୍କା ରେ ଅସାଧୁ ବ୍ୟପାରି ବିକ୍ରି ହେବା ଦେଖିବାକୁ ମିଳୁଛି,ଆଗାମୀ ଦିନରେ ଯଦି ସରକାରୀ ସ୍ୱୀକୃତି ପ୍ରାପ୍ତ ବ୍ୟପାରି ଙ୍କୁ ଯଦି ସାର ନ ମିଳେ ହେଲେ ୟୁରିଆ ମୂଲ୍ୟ ୫୦୦ଟଙ୍କା ହେଇ ଯିବ ବୋଲି ମା ପେଣ୍ଠାଣୀ ଏଗ୍ରୋ ଇନପୁଟ ଆଶ୍ୱୋସିଏସନ ତରଫରୁ ଓଡିଶା ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ତଥା ସାମାଜିକ ସୁରକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଙ୍କୁ ଅବଗତ କରିବା ସହ ସାର ର ସମସ୍ୟା କୁ ଦୂର କରିବା ସହ ବନ୍ଦ ହେଇଯାଇଥୀବା ଓଡିଶା ଏଗ୍ରୋ ମାର୍କଫେଡ,ନାରଫେଡ଼, ଭଳି ସରକାରୀ ସଂସ୍ଥା କୁ ପୁନର୍ବାର ଚାଲୁ କରିବାକୁ ଦାବିପତ୍ର ପ୍ରଦାନ କରିଛନ୍ତି, ଏବଂ ମନ୍ତ୍ରୀ ଯଥା ଶୀଘ୍ର ଜିଲ୍ଲାପାଳ ଓ କୃଷି ମନ୍ତ୍ରୀଙ୍କ ସହ କଥା ହେଇ ସମସ୍ୟା ର ସମାଧାନ କରିବେ



ଏବଂ କଳାବଜାରୀଙ୍କ ପ୍ରତି କଠର ପଦେକ୍ଷପ ନିଆଯିବ ବୋଲି ପ୍ରତିଶୃତି ଦେଇଛନ୍ତି। ଦାବି ପାତ୍ର ପ୍ରଦାନ ସମୟରେ ମା ପେଣ୍ଠାଣୀ ଏଗ୍ରୋ ଇନପୁଟ ଆସୋସିଏସିଏସନ ସଭାପତି ଶଙ୍କର ଚୌଧୁରୀ, ଉପ ସଭାପତି ସଂଜିତ ମଣ୍ଡଳ, ସମ୍ପାଦକ ସୁଦେବ ନନ୍ଦୀ, କୋଷାଧକ୍ଷ ଶଙ୍କର ପ୍ରଧାନ ଉପସ୍ଥିତ ଥିଲେ।

## ଗଣକବି ବୈଷ୍ଣବ ପାଣିଙ୍କ ଶ୍ରାଦ୍ଧୋତ୍ସବ



**କଟକ,୨୭।୪ (ସଂଚାର ବ୍ୟୁରୋ):** ଆଜି ଗଣହୃଦୟର କବି ତଥା ଗଣକବି ବୈଷ୍ଣବ ପାଣିଙ୍କ ୬୯ତମ ଶ୍ରାଦ୍ଧ ବାର୍ଷିକୀ ଖାନନଗର ସ୍ଥିତ ବୈଷ୍ଣବ ପାଣି ପାର୍କରେ ଅନୁଷ୍ଠିତ ହୋଇଯାଇଅଛି। ମାହାଙ୍ଗାର ଲୋକପ୍ରିୟ ବିଧାୟକ ସାରଦା ପ୍ରସାଦ ପ୍ରଧାନଙ୍କ ଅଧକ୍ଷତାରେ ପାର୍କରେ ଥିବା ପୂର୍ଣ୍ଣବୟବ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ କଟକ ମହାନଗର ନିଗମର ମେୟର ଶ୍ରୀଯୁକ୍ତ ସୁବାସ ସିଂ ଯୋଗଦାନ କରି ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହିତ ଗଣକବିଙ୍କର କୃତିତ୍ୱ ଉପରେ ଆଲୋକପାତ କରିଥିଲେ। ଆଇନଜୀବୀ ଶୁଭେନ୍ଦୁ ମହାନ୍ତି, ପୂର୍ବତନ ଛାତ୍ରନେତା କୃଷ୍ଣ ଚନ୍ଦ୍ର ମଲ୍ଲିକ, ଶିକ୍ଷାବିତ ଅକ୍ଷୟ ଷଡ଼ଙ୍ଗୀ, ତୁଷାର କାନ୍ତି,ସାଂସଦଙ୍କ ସିଏମସି ପ୍ରତିନିଧି ଜ୍ୟୋତି ରଞ୍ଜନ ରାୟ, କର୍ପୋରେଟର ଗଗନ ଓଝା,ବରିଷ୍ଠ ଆଇନଜୀବୀ ଶରତ ଚନ୍ଦ୍ର ପ୍ରଧାନ, ଡକ୍ଟର ବିଜୟ କୁମାର ରାଉତ୍, ନିଶ୍ଚିନ୍ତକୋଇଲି ବ୍ଲକ ଉପାଧକ୍ଷ ନୃସିଂହ ମିଶ୍ର, ଡକ୍ଟର ଯୁଧିଷ୍ଠିର ଖଟୁଆ,ଆଇନଜିବୀ ଅମରେନ୍ଦ୍ର ଦାଶ, ସୁକେଶିନି ଷଡ଼ଙ୍ଗୀ ପ୍ରମୁଖ ଯୋଗଦାନ କରି ଶ୍ରାଦ୍ଧ ଦିବସ କାର୍ଯ୍ୟକ୍ରମକୁ ସରସ ସୁନ୍ଦର କରିଥିଲେ। ସର୍ବଶେଷରେ ସଂସ୍କୃତି ସଂଗଠକ ପନ୍ନଗ ଭୂଷଣ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ଯୁବ ସ୍ୱାଭିମାନ ପକ୍ଷରୁ ଗୋପ ଛକରେ ଜଳଛତ୍ର




**କେନ୍ଦ୍ରାପଡା,୨୭।୪ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ପୌରାଂଚଳ ଅନ୍ତର୍ଗତ ଗୋପ ଛକ ଠାରେ ସାମାଜିକ ଅନୁଷ୍ଠାନ 'ଯୁବ ସ୍ୱାଭିମାନ 'ପକ୍ଷରୁ କାଶ୍ମୀରର ପହଲଗାମ୍ ଠାରେ ନିରୀହ ପର୍ଯ୍ୟଟକଙ୍କୁ ପାକ-ଆତଙ୍କବାଦୀଙ୍କ ନରସଂହାରର ତୀବ୍ର ନିନ୍ଦା କରାଯାଇ ମୃତକଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ଏହି ଅବସରରେ ଅନୁଷ୍ଠାନର ସଭାପତି ଇଂ ସ୍ମୃତିରଞ୍ଜନ ଜେନାଙ୍କ ନେତୃତ୍ୱରେ ଏକ ଜଳଛତ୍ରର ଶୁଭାରମ୍ଭ କରାଯାଇ ଦହିପଣା, ସର୍ବତ ଓ ଥଣ୍ଡାପାଣି ବିତରଣ କରାଯାଇ ଥିଲା। ସାପ୍ତାହିକ ହାଟ ଥିବାରୁ ପ୍ରବଳ ଗ୍ରୀଷ୍ମତାପରୁ ରକ୍ଷା ପାଇବା ପାଇଁ ଲୋକଙ୍କ ବେଶ ଭିଡ଼ ଜମିଥିଲା। ଶ୍ରଦ୍ଧାଞ୍ଜଳି ସଭାରେ ଅନୁଷ୍ଠାନର ଉପଦେଷ୍ଟା ଇଂ ଅକ୍ଷୟ କୁମାର ପାଣି ପୌରୋହିତ୍ୟ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ମୁରବୀ ତଥା ଶିକ୍ଷାବିତ ବ୍ରଜକିଶୋର ବିଶ୍ୱାଳଙ୍କ ସମେତ ପ୍ରାକ୍ତନ ଜିଲ୍ଲାପରିଷଦ ଅଧକ୍ଷା ଗୀତାଞ୍ଜଳି ସେଠୀ, ସଦର ଥାନାଧିକାରୀ ଶୁଭେନ୍ଦୁ ସାହୁ, ଜିଲ୍ଲାପରିଷଦ ସଭ୍ୟ ରଶ୍ମିରଂଜନ ରାଉତ, ଅଧିବକ୍ତା ରମଣୀ ରଞ୍ଜନ ରାଉତରାୟ ତଥା ସୁବୁଦ୍ଧି ଚରଣ ସାହୁ, ସନ୍ତୋଷ ବରାଳ, ପ୍ରତାପ ନାୟକ, ପୀତବାସ ବେହେରା, ଦୁର୍ଗାପ୍ରସାଦ ସ୍ୱାଇଁ, ସୁଜିତ ବେହେରା, ରଞ୍ଜନ କୁମାର ଜେନା ପ୍ରମୁଖ ଯୋଗଦେଇ କାଶ୍ମୀରରେ ପାକ ପ୍ରାୟୋଜିତ ଆତଙ୍କବାଦର କଡା ସମାଲୋଚନା କରିଥିଲେ। ମୃତ ପର୍ଯ୍ୟଟକଙ୍କ ଉଦ୍ଦେଶ୍ୟରେ ପ୍ରଦୀପ ପ୍ରଜ୍ୱଳନ ଓ ପୁଷ୍ପାର୍ଘ୍ୟ ଅର୍ପଣ କରାଯାଇଥିଲା।

## ଜିଲ୍ଲା ପ୍ରେସ୍ କ୍ଲବର ଗୁରୁତ୍ୱପୂର୍ଣ୍ଣ ବୈଠକ



**ଖୋର୍ଦ୍ଧା,୨୭।୪ (ସଂଚାର ବ୍ୟୁରୋ):** ଖୋରଧା ଜିଲ୍ଲା ପ୍ରେସକ୍ଲବର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ସ୍ଥାନୀୟ ସାମ୍ବାଦିକ ଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି । ପ୍ରେସକ୍ଲବର ସଭାପତି ଶୁଭ୍ରାଂଶୁ ରଞ୍ଜନ ସାମନ୍ତରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ଜାମ୍ମୁ କାଶ୍ମୀର ପହଲଗ୍ରାମରେ ଆତଙ୍କବାଦୀ ଆକ୍ରମଣରେ ସହିଦ ହୋଇଥିବା ପର୍ଯ୍ୟଟକ ମାନଙ୍କ ନିମନ୍ତେ ଦୁଇ ମିନିଟ ନିରବ ପ୍ରାଥନା କରାଯିବା ସହିତ ଏଭଳି ଘଟଣାର ଦୃଢ଼ ନିନ୍ଦା କରାଯାଇଥିଲା । ପ୍ରେସ କ୍ଲବର ଆଗାମୀ କାର୍ଯ୍ୟକ୍ରମ ଗୁଡିକ ସମ୍ପର୍କରେ ବିସ୍ତୃତ ଭାବରେ ଆଲୋଚନା କରାଯାଇଥିଲା । ରାଜ୍ୟ ସରକାର ସାମ୍ବାଦିକ ମାନଙ୍କୁ ଶ୍ରମିକ କାର୍ଡ ବଣ୍ଟନ କରିବା ନିଷ୍ପତିକୁ ଏହି ବୈଠକରେ ବିରୋଧ କରାଯାଇଥିଲା। ଏ ସଂପର୍କରେ ଏକ ସ୍ମାରକପତ୍ର ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରାଯିବାକୁ ସର୍ବସମ୍ମତି କ୍ରମେ ପ୍ରସ୍ତାବ ଗ୍ରହଣ କରାଯାଇଥିଲା। ପ୍ରଧାନମନ୍ତ୍ରୀଙ୍କ ମନ କି ବାତ କାର୍ଯ୍ୟକ୍ରମରେ ପ୍ରେସକ୍ଲବର ସଦସ୍ୟ ମାନେ ଅଂଶ ଗ୍ରହଣ କରିଥିଲେ। ଏହା ସହିତ, ଦେଶର ସୁରକ୍ଷା ପାଇଁ କେନ୍ଦ୍ର ସରକାରଙ୍କର ସମସ୍ତ ନିଷ୍ପତିକୁ ଜିଲ୍ଲା ପ୍ରେସକ୍ଲବ ପକ୍ଷରୁ ଦୃଢ ସମର୍ଥନ କରାଯାଇଥିଲା । ଏହି ବୈଠକରେ ଅନ୍ୟ ମାନଙ୍କ ମଧ୍ୟରେ ପ୍ରେସକ୍ଲବର ଉପଦେଷ୍ଟା ତପନ କୁମାର ନାୟକ, ଉପ-ସଭାପତି ପ୍ରସନ୍ନ କୁମାର ପାଇକରାୟ , ଲଳିତ ମୋହନ ମହାପାତ୍ର, ସାଧାରଣ ସମ୍ପାଦକ ଦିଲ୍ଲୀପ କୁମାର ପଟ୍ଟନାୟକ, ମାର୍ଗଦର୍ଶକ ପ୍ରକାଶ କୁମାର ହାତୀ, ମହମ୍ମଦ ମୋତାହାର ୟୁସୁଫ, ଶୁଭକାନ୍ତ ମହାପାତ୍ର, ସୟଦ ଲିୟାକତ ଅଲ୍ଲୀ, ରଞ୍ଜିତ ପାଟଶାଣୀ, କୁତୁବୁଦ୍ଦିନ ଖାନ,ଈଶ୍ୱର ଚନ୍ଦ୍ର ମଙ୍ଗରାଜ, ଦୁର୍ଗା ପ୍ରସାଦ ଷଡ଼ଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ । ଆଗାମୀ ଦିନରେ ଜିଲ୍ଲା ପ୍ରେସକ୍ଲବର ବାର୍ଷିକ ଉତ୍ସବ ପାଳନ କରିବା ପାଇଁ ନିଷ୍ପତି ଗ୍ରହଣ କରାଯାଇଥିଲା। ଜିଲ୍ଲା ପ୍ରେସକ୍ଲବର ସମସ୍ତ ସଭ୍ୟଙ୍କ ସହଯୋଗରେ ଆଗାମୀ ବର୍ଷ ପାଇଁ ବାର୍ଷିକ ଖସଡ଼ା ପ୍ରସ୍ତୁତ କରିବାକୁ ଉପଦେଷ୍ଟା ତପନ ନାୟକଙ୍କ ପ୍ରସ୍ତାବକୁ ସର୍ବସମ୍ମତି କ୍ରମେ ଗ୍ରହଣ କରାଯାଇଥିଲା।

## 'ଶୂନ୍ୟ ପ୍ରଦୂଷଣ - ଜନସାଧାରଣଙ୍କ ଭୂମିକା' ଆଲୋଚନା ଚକ୍ର



**ଭୁବନେଶ୍ୱର,୨୭।୪ (ସଂଚାର ବ୍ୟୁରୋ):** ଭାରତୀୟମ ଟ୍ରଷ୍ଟ, ଭୁବନେଶ୍ୱର ଦ୍ୱାରା 'ଶୂନ୍ୟ ପ୍ରଦୂଷଣ - ଜନସାଧାରଣଙ୍କ ଭୂମିକା' ଉପରେ ଏକ ଦିନିକିଆ ଆଲୋଚନା ଚକ୍ର ଭୁବନେଶ୍ୱର ସ୍ଥିତ ହୋଟେଲ ଆଡଭେଞ୍ଚର ରେ ଅନୁଷ୍ଠିତ ହୋଇଯାଇଛି । ସଭାର ଉଦ୍ଘାଟନୀ କାଳଂଶରେ ଟ୍ରଷ୍ଟର ସଚିବ ଶ୍ରୀ ଅଶୋକ ସାହୁ ଏବଂ ଅଧ୍ୟକ୍ଷ ଶ୍ରୀ ସୁଧାକର ପହି ସ୍ୱାଗତ ଭାଷଣ ଦେବାସହିତ ଅତିଥି ମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏଥିରେ ମୁଖ୍ୟ ବକ୍ତା ଭାବେ ଅବସର ପ୍ରାପ୍ତ ଓଡିଶା ପ୍ରଶାସନିକ ସେବା ଅଧାକାରୀ ଶ୍ରୀ ସାରଦା ପ୍ରସାଦ ପଣ୍ଡା ଏବଂ ପର୍ଯ୍ୟାବରଣ ସଂରକ୍ଷଣ ଗତିବିଧି ର ପୂର୍ବ ପ୍ରାନ୍ତ କ୍ଷେତ୍ର ସଂଚାଳକ ଶ୍ରୀ ଅନିଲ କୁମାର ଶୂନ୍ୟ ପ୍ରଦୂଷଣରେ ଜନସାଧାରଣଙ୍କ ଭୂମିକା ବିଷୟରେ ମତ ଉପସ୍ଥାପନା କରିଥିଲେ। ସଭାର ଦ୍ୱିତୀୟ କାଳାଶରେ ରେ ମୁଖ୍ୟ ବକ୍ତା ଭାବେ ପ୍ରଫେସର ଶ୍ରୀରୁପ ଗୋସ୍ୱାମୀ, ଉତ୍କଳ ବିଶ୍ୱବିଦ୍ୟାଳୟ ଏବଂ ପ୍ରଫେସର ଉମାପ୍ରସନ୍ନ ଓଝା, ଭାରତୀୟ ପ୍ରଦ୍ୟୋଗିକି ସଂସ୍ଥାନ (ଭୁବନେଶ୍ୱର), ଆଧୁନିକ ଭାରତରେ ପରିବେଶ ପ୍ରଦୂଷଣ, ତାପମାତ୍ରା ବୃଦ୍ଧି, ଏବଂ ବିଦ୍ୟୁତ ଚୁମ୍ବକୀୟ ବିକିରଣ ବିଷୟରେ ଆଲୋଚନା କରିଥିଲେ। ଆଲୋଚନା ଚକ୍ର ର ତୃତୀୟ କାଳାଶରେ ରେ ଶ୍ରୀ ପ୍ରଭାଂଜନ ମହାପାତ୍ର ଏବଂ ଡ.ସୁବୋଧ କର୍ଣ୍ଣ ପରିବେଶ ସୁରକ୍ଷା ଏବଂ ପ୍ରଦୂଷଣ ହ୍ରାସ କରିବାରେ ପର୍ଯ୍ୟାବରଣ ସଂରକ୍ଷଣ ଗତିବିଧି ର ଭୂମିକା ସମ୍ବନ୍ଧରେ ସମସ୍ତଙ୍କୁ ଅବଗତ କରାଇଥିଲେ। ସଭାର ଉଦଯାପନୀ କାଳାଂଶରେ ରେ ଭାରତୀୟମ ଟ୍ରଷ୍ଟର ଉପଦେଷ୍ଟା ଶ୍ରୀ ଜଗଦୀଶ ପ୍ରସାଦ ଖାଡଙ୍ଗା ପରିବେଶ ସୁରକ୍ଷା ପାଇଁ ମାନସିକତାରେ ପରିବର୍ତ୍ତନ ଏବଂ ସାମାଜିକ ମୂଲ୍ୟବୋଧ ବିଷୟରେ ବକ୍ତବ୍ୟ ରଖିଥିଲେ ଏବଂ ଶ୍ରୀ ସୁଧାକର ପହି ଭାରତୀୟମ ଟ୍ରଷ୍ଟର ଗବେଷଣାତ୍ମକ ଦିଗନ୍ତ ବିଷୟରେ ସମସ୍ତଙ୍କୁ ଅବଗତ କରାଇଥିଲେ। ଆଲୋଚନା ଚକ୍ରରେ କାର୍ତ୍ତିକ ଦାସ ଏବଂ ମିହିର ସାହୁ ସଭା ପରିଚାଳନା କରିଥିଲେ। ଶେଷରେ ପଦେଶ କୁମାର ଲେଙ୍କା ଧନ୍ୟବାଦ ପ୍ରଦାନ କରିଥିଲେ।

### କ୍ଷୀରପୁର ମନରେଗା ମହାଦୁର୍ନୀତି

# ଆଳୁ ଖୋଳୁ ଖୋଳୁ ମହାଦେବ ବାହାରିଲେ



**ସୁବର୍ଣ୍ଣପୁର,୨୭।୪ (ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲା ଉଲୁଣ୍ଡା ବ୍ଲକ ଜାଲୋଏ ଗ୍ରାମପଞ୍ଚାୟତ ଅନ୍ତର୍ଗତ କ୍ଷୀରପୁର ମନରେଗା ମହାଦୁର୍ନୀତି ଆଳୁ ଖୋଳୁ ଖୋଳୁ ବାହାରିଲେ ମହାଦେବ। ବହୁ ପ୍ରତିକ୍ଷିତ କ୍ଷୀରପୁର ମନରେଗା ମହାଦୁର୍ନୀତିର ପର୍ଦାଫାଶ ହୋଇଛି। ପ୍ରତ୍ୟେକ ବର୍ଷ ବିଭିନ୍ନ ପର୍ଯ୍ୟାୟରେ କ୍ଷୀରପୁର ପୋଖରୀ ଖନନ ବାବଦକୁ ପାଖାପାଖି ୧କୋଟି ଟଙ୍କା ଖର୍ଚ୍ଚ ହୋଇ ସାରିଛି। କିନ୍ତୁ ବଡ଼ ଦୁଃଖର ବିଷୟ ହିଡ଼ ପାର୍ଶ୍ୱ ଅଳ୍ପ ପରିମାଣର ମାଟି ଜେସିବି ସାହାଯ୍ୟରେ ଖନନ କରି ଲକ୍ଷ ଲକ୍ଷ ଟଙ୍କାର ସରକାରୀ ଅର୍ଥକୁ ଉଦ୍ଦେଶ୍ୟମୂଳକ ଭାବରେ ହରିଲୁଟ କରାଯାଉଛି। ଲକ୍ଷ ଲକ୍ଷ ଟଙ୍କାର ମିଥ୍ୟା ସୂଚନା ଫଳକ ଲଗେଇ ସରକାରୀ ଅର୍ଥ ହଡପ କରାଯାଉଛି। ଏଥିରେ ସ୍ଥାନୀୟ ଠିକାଦାର ଓ ଯନ୍ତ୍ରୀମାନଙ୍କ ମଧ୍ୟରେ ମଧୁଚନ୍ଦ୍ରିକା ସମ୍ପର୍କ ଯୋଗୁଁ ଜାଣି ଶୁଣି ଉଦ୍ଦେଶ୍ୟମୂଳକ ଭାବରେ କୋଟି କୋଟି ସରକାରୀ ଟଙ୍କା ହରିଲୁଟ କରାଯାଇଛି। ଯାହାଫଳରେ ସ୍ଥାନୀୟ ୱାର୍ଡ ସଭ୍ୟ ଦେବରାଜ ମାଝୀ, ରବି ବଘାର ଓ ରବି ଭୋଇ ଙ୍କ ଅଭିଯୋଗ କ୍ରମେ ଆଜି ଉଲୁଣ୍ଡା ତହସିଲଦାର ଶ୍ରୀମତୀ ମମତା ମେହେର, ଜାଲୋଏ ରାଜସ୍ୱ ନିରୀକ୍ଷକ ସଦଳବଳେ ସରଜମିନ୍ ତଦନ୍ତରେ ଆସିଥିଲେ। ଏପରିକି ସରଜମିନ ତଦନ୍ତ କରୁ କରୁ ଜାଣିବାକୁ ପାଇଲେ ଯେ, କ୍ଷୀରପୁର ଗ୍ରାମର ଶତ୍ରୁଘ୍ନ ବଘାର ଓ ସୁବର୍ଣ୍ଣପୁର ଜିଲ୍ଲା ପରିଷଦ ଉପାଧକ୍ଷ ଝସକେତନ ବଘାରଙ୍କ ଭ୍ରାତା ଶ୍ରୀନିବାସ ବଘାର ସରକାରୀ ଗୋଚର ଜମିକୁ ଜବରଦଖଲ କରି ନିଜ ନିଜ କବ୍ଜାରେ ରଖିଛନ୍ତି। ଖେଳପଡ଼ିଆ ଉନ୍ନତିକରଣ ବାବଦକୁ ଲକ୍ଷ ଲକ୍ଷ ଟଙ୍କା ହରିଲୁଟ କରି ସେହି ଟଙ୍କାରେ ସରକାରୀ ଜମିକୁ ଜବରଦଖଲ କରି ଶତ୍ରୁଘ୍ନ ବଘାର ବ୍ୟକ୍ତିଗତ ଚାଷ ଜମିରେ ପରିଣତ କରିଛନ୍ତି ଏବଂ ଜମି ଚାରିପଟେ ସରକାରୀ ଅର୍ଥରେ ଗର୍ତ୍ତ ଖୋଳି ନିଜ କବ୍ଜାରେ ରଖିଛନ୍ତି। ଏପରିକି ପ୍ରକୃତ ଭାବରେ ଗ୍ରାମ ଖେଳ ପଡିଆ ଭାବରେ ଉଦ୍ଦିଷ୍ଟ ଗୋଚର ଜମିକୁ ଶ୍ରୀନିବାସ ବଘାର ଆମ୍ବ ବଗିଚା କରି ନିଜ କବ୍ଜାରେ ରଖିଅଛନ୍ତି। ତେଣୁ ସ୍ଥାନୀୟ ୱାର୍ଡ ସଭ୍ୟ ଶ୍ରୀଯୁକ୍ତ ଦେବରାଜ ମାଝୀ ଏହାର ଉଚ୍ଚ ସ୍ତରୀୟ ଭିଜିଲାନ୍ସ ତଦନ୍ତ କରାଯାଉ ନଚେତ ଗ୍ରାମବାସୀ ମିଳିତ ଭାବରେ ରାଜରାସ୍ତାକୁ ଓହ୍ଲାଇବାକୁ ଚେତାବନୀ ଦେଇଛନ୍ତି।

# ଲୋକ ସଙ୍ଗୀତ ଓ ନୃତ୍ୟରେ ଦର୍ଶକ ବିଭୋର



**କେନ୍ଦ୍ରାପଡା,୨୭।୪ (ସଂଚାର ବ୍ୟୁରୋ):** ସନ୍ଧ୍ୟାରେ ବାରୁଅ ସ୍ଥିତ ଜିଲ୍ଲାର ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ଭାବଗ୍ରାହୀ କଳା ନିକେତନ ଆନୁକୁଲ୍ୟରେ ଏବଂ ଓଡିଶା ସରକାରଙ୍କ ଓଡ଼ିଆ ଭାଷା,ସାହିତ୍ୟ ଓ ସଂସ୍କୃତି ବିଭାଗ ସହାୟତାରେ ପ୍ରଥମ ଲୋକ ସଙ୍ଗୀତ ଓ ନୃତ୍ୟ ମହୋତ୍ସବ କୋରୋ ଗ୍ରାମର ପାବନ କ୍ଷେତ୍ର ଜଗନ୍ନାଥ ମନ୍ଦିର ପରିସରରେ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। କଳା ନିକେତନର ପ୍ରତିଷ୍ଠାତା ସଙ୍ଗୀତଜ୍ଞ ବିମଳ ପ୍ରସାଦ ପରିଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଭବ୍ୟ କାର୍ଯ୍ୟକ୍ରମରେ ମାନସ ଭୂଷଣ ପଣ୍ଡିତ ହୃଷୀକେଶ ରଥ ମୁଖ୍ୟ ଅତିଥି, ସମାଜସେବୀ କିଶୋର ପଣ୍ଡା ମୁଖ୍ୟ ବକ୍ତା ଏବଂ ଶିକ୍ଷାବିତ ନୃସିଂହ ଚରଣ ତ୍ରିପାଠୀ ସମ୍ମାନୀତ ଅତିଥି ଭାବରେ ଅଂଶ ଗ୍ରହଣ ପୂର୍ବକ ଏହାକୁ ପ୍ରଦୀପ ପ୍ରଜ୍ୱଳନ କରି ଉଦଘାଟନ କରିଥିଲେ। ପ୍ରଥମେ ପହଲଗାମ୍ ମୃତକମାନଙ୍କ ଆତ୍ମାର ସଦ୍ଗତି ପାଇଁ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଏହି ଅବସରରେ କଳା ନିକେତନ ପରିସରରେ ଥିବା ଲୋକକବି ଭାବଗ୍ରାହୀ ପରିଡା, କବି ପତ୍ନୀ ସରୋଜିନୀ ପରିଡା, ଚିର ସବୁଜ ଅକ୍ଷୟ ମହାନ୍ତି ଏବଂ ଭଜନ ସମ୍ରାଟ ଭିକାରୀ ବଳଙ୍କ ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ କରାଯାଇଥିଲା। ମଞ୍ଚାସୀନ ଅତିଥିମାନଙ୍କୁ ଅନୁଷ୍ଠାନ ତରଫରୁ ସମ୍ବର୍ଦ୍ଧିତ କରାଯିବା ପରେ ବିମଳ ପରିଡା ଅତିଥି ପରିଚୟ ଏବଂ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅତିଥିମାନେ ବକ୍ତବ୍ୟ ଛଳରେ ଉତ୍କୃଷ୍ଟ କଳାର ରାଜ୍ୟ ଓଡ଼ିଶାର ଲୋକ ସଙ୍ଗୀତ ଓ ନୃତ୍ୟ କଳା ପରମ୍ପରାର ଉତ୍କର୍ଷତା ସମ୍ପର୍କରେ ଆଲୋକପାତ କରିଥିଲେ। ନିରୁପମା ଜେନା ଏବଂ ଅର୍ଚ୍ଚନା ପରିଡା ସ୍ୱାଗତ ସଙ୍ଗୀତ ଗାଇଥିଲେ। ରୂପାଲି ସୁତାର, ସ୍ମୃତିରେଖା ବିଶ୍ୱାଳ, ପ୍ରତୀକ୍ଷା ନାୟକ, ରେଖାଞ୍ଜଳି ଜେନା, ଅଙ୍କିତା ପରିଡା, ଅର୍ପିତା ସାହୁ, ଅଙ୍କିତା ସାହୁ ପ୍ରମୁଖ ଶିଳ୍ପୀମାନେ ସମ୍ବଲପୁରୀ ନୃତ୍ୟ ପରିବେଷଣ କରିଥିଲେ। ଉପେନ୍ଦ୍ର ପାଢ଼ୀ,ନିରୁପମା ଜେନା, ବିମଳ ପରିଡା, ରଞ୍ଜନ ବରାଳ, ଅଜୟ ଜେନା, ବଳରାମ ମଲିକ ପ୍ରମୁଖ ଅକ୍ଷୟ ମହାନ୍ତିଙ୍କ ଭଜନ ଓ ପଲ୍ଲୀ ଗୀତ ଗାଇଥିଲେ। କ୍ଷୀରୋଦ ନାଥ କେନ୍ଦରା ବାଦ୍ୟ ପରିବେଷଣ କରିଥିଲେ। ଫକୀର ସିଂହ ଓ ସାଥିମାନଙ୍କ ଦ୍ୱାରା କଣ୍ଢେଇ ନାଚ ଓ ଘୋଡ଼ା ନାଚ ପରିବେଷଣ କରିଥିଲେ।ଅନ୍ୟମାନଙ୍କ ମଧ୍ୟରେ ରେଡ଼ିଓ ଭାବଗ୍ରାହୀର ମୁଖ୍ୟ ଟ୍ରଷ୍ଟି ଧୀରାମଣି ପରିଡା, ମାଗୁଣି ସାହୁ, ସୁରେନ୍ଦ୍ର ରାଉତ, ବାସନ୍ତୀ ମହାପାତ୍ର, ଜଗନ୍ନାଥ ମନ୍ଦିରର ସମ୍ପାଦକ ସୀତାକାନ୍ତ ଜେନା, ସଭାପତି ବଳରାମ ମହାନ୍ତି, ରାଜକିଶୋର ବିଶ୍ୱାଳ,ସମାଜସେବୀ ବଂଶୀଧର ମହାନ୍ତି, ପ୍ରଫେସର ପ୍ରକାଶ ଦାସ, ତୋଫାନ ମଲିକ, ମହେଶ୍ୱର ନାୟକ, ସଂଯୁକ୍ତା ଦାଶ, ଚୈତନ୍ୟ ରାଉତ, ନୃସିଂହ ରାଉତ,ଦିଲ୍ଲୀପ ବାରିକ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ପ୍ରବଚକ ବିକ୍ରମ କେଶରୀ ପରିଡା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

### ନଦୀରେ ଗାଧେଇବା ମଜା ହେଲା କାଳ

# ଭାର୍ଗବୀରେ ବୁଡି ଦୁଇ ଯୁବକ ମୃତ

**ବାଲିଅନ୍ତା,୨୭।୪ (ସଂଚାର ବ୍ୟୁରୋ):** ବାଳକାଟୀ ଫାଣ୍ଡି ନିକଟ ଭାର୍ଗବୀ ନଦୀ ରେ ବୁଡି ଆଜି ଅପରାହ୍ନ ରେ ଦୁଇ ଜଣ ଯୁବକଙ୍କ ଅକାଳ ବିୟୋଗ ଘଟିଛି। ଯୁବକ ଦୁଇଜଣ ବରଗଡ ଅଂଚଳରେ ରହୁଥିବା ପୋଲିସ ସୂତ୍ରରୁ ଜଣା ପଡିଛି। ମୃତକ ଯୁବକଙ୍କ ନା ପ୍ରାଣବନ୍ଧୁ ମହାଳିକ,(୩୦) ପିତା ହରିହର ମହାଳିକ,ଢେଙ୍କାନାଳ,ନିହାଲ ପ୍ରସାଦ ଓ ଆଶିଷ ବେହେରା(୨୬)ପିତା ଅପର୍ତ୍ତି ବେହେରା,ସିଟି ରୋଡ଼,ସମୁଦ୍ର କୂଳ ଥାନା,ପୁରୀ ବୋଲି ଜଣାପଡିଛି। ପ୍ରକାଶ ଥାଉକି ୪/୫ଜଣ ସାଙ୍ଗ ଭୋଜି କରି ଖାଇ ସାରିବା ପରେ ବାଳକାଟୀ ସ୍ଥିତ ଭାର୍ଗବୀ ନଦୀ କୁ ଅପରାହ୍ନ ଚାରିଟା ସମୟରେ ଗାଧୋଇ ବାକୁ ଆସିଥିଲେ। ନଦୀ ପାଣିରେ ଗାଧୋଇବା ମଜା ସେମାନଙ୍କ ପାଇଁ କାଳ ହୋଇଥିଲା।ହେଲେ ନଦୀ ର ଗଭୀରତା ସମ୍ପର୍କ ରେ ଅଜଣା ଥିଲା।ଦୁଇ ଜଣ ସାଙ୍ଗ କୁଳ ରେ ଥିଲା ବେଳେ ଦୁଇ ଜଣ ସାଙ୍ଗ ନଦୀ କୁ ଗାଧୋଇବାକୁ ଭିତରେ ପଶିଥିଲେ।ହେଲେ ନଦୀ ପାଣିର ଗଭୀରତା ନ



ଜାଣି ପାଣିରେ ବୁଡି ଯାଇଥିଲେ। ଏ ସାଙ୍ଗ ଦୁଇ ଜଣ ବୁଡି ଯିବା ଦେଖି କୁଳ ରେ ଥିବା ସାଙ୍ଗ ମାନେ ସ୍ଥାନୀୟ ଲୋକ ଙ୍କୁ ଡାକିବା ସହ ଅଗ୍ନିଶମ ବିଭାଗ ଓ ସ୍ଥାନୀୟ ପୋଲିସକୁ ସୂଚନା ଦେଇଥିଲେ। ଖବର ପାଇ ଭୁବନେଶ୍ୱର କଳ୍ପନା ଅଗ୍ନିଶମ ବିଭାଗର କର୍ମଚାରୀ ନଦୀ ରେ ପଶି ଖୋଜାଖୋଜି କରି ପ୍ରାୟ ୧୫/୨୦ମିନିଟ ମଧ୍ୟରେ ମୃତ ଯୁବକ ଦ୍ୱୟଙ୍କୁ ଉଦ୍ଧାର କରି କୁଳକୁ ଆଣିଥିଲେ। ପୂର୍ବରୁ ପ୍ରସ୍ତୁତ ଆମ୍ବୁଲାନ୍ସ ଯୋଗେ ଏମାନଙ୍କୁ କ୍ୟାପିଟାଲ ହସ୍ପିଟାଲ ଶବ ବ୍ୟବଚ୍ଛେଦ ଲାଗି ପଠା ଯାଇଛି। ଦୁଇ ମୃତ ଯୁବକ ଭୁବନେଶ୍ୱର ବରଗଡ଼ ଅଂଚଳ ରେ ରହୁଥିବା ବେଳେ ଜଣେ ଅଟୋ ଚାଳକ ଓ ଆଉ ଜଣେ ଏକ ଘରୋଇ କମ୍ପାନୀ ରେ କାମ କରୁଥିବା ଜଣା ପଡିଛି।ଭାର୍ଗବୀ ନଦୀ ରେ ପ୍ରତିବର୍ଷ ମୁଣ୍ଡ ଗଡୁଥିବା ବେଳେ ପ୍ରଶାସନ ପକ୍ଷରୁ ଏଠାରେ ଗାଧୋଇବା ପାଇଁ କୌଣସି ବରଣ ନ ଥିବାରୁ ଏପରି ଘଟୁଥିବା ଚିନ୍ତାର କାରଣ ହୋଇଛି।

# ଗ୍ରୀଷ୍ମ ଦିନରେ ନକଲି ପାନୀୟ ଦ୍ରବ୍ୟ ପ୍ୟାକେଟ ମାଳ ମାଳ

**କାକଟପୁର/ଅସ୍ତରଙ୍ଗ,୨୭।୪ (ସଂଚାର ବ୍ୟୁରୋ):** ଡହ ଡହ ଖରାରେ ତଣ୍ଟି ଶୁଖିଯାଉଥିବା ବେଳେ ବଜାରରେ ମିଳୁଥିବା ପାଣି ବୋତଲ ହେଉ ଅବା ପାନୀୟ ଦ୍ରବ୍ୟ ଭାବେ ମିଳୁଥିବା ଦହି ର ମାନ କିଏ ଦେଖୁଛି ? ପ୍ରାୟ ଗ୍ରାହକ ସିଲ ଖୋଲି ଢକ ଢକ କରି ପିଇଯାଉଛନ୍ତି। "ସୁଦ୍ଧ ଡ୍ରିଙ୍କିଙ୍ଗ ୱାଟର "ହେଉ ସୁଦ୍ଧ ଦହି ନାଁରେ ନିମ୍ନ ମାନର ପାଣି ଅବା ଘୋଳ ଦହି ଦେଇ ଗ୍ରାହକ ଙ୍କ ଆଖିରେ ଧୂଳି ଦିଆଯାଉଛି। ବଜାର ରେ ଗ୍ରାହକ ଙ୍କୁ ଚକମା ଦେଇ ନାମୀଦାମୀ କମ୍ପାନୀର ନାଁ ଭଳି ନାଁ ଦେଇ ପାଣି ବୋତଲ ତିଆରି ହେଉ କିମ୍ବା ଘୋଳ ଦହି ତିଆରି କରୁଥିବା ବେନାମୀ କମ୍ପାନୀ ବର୍ଷକୁ ଲକ୍ଷ ଲକ୍ଷ ଟଙ୍କାର କାରବାର କରୁଛନ୍ତି। ଦିନକୁ ଦିନ ନକଲି ପାଣି ବୋତଲ କାରବାର କାୟା ବିସ୍ତାର କରୁଥିବା ବେଳେ ପ୍ରଶାସନ ପକ୍ଷରୁ କିନ୍ତୁ ଏ ଦିଗରେ କୌଣସି କାର୍ଯ୍ୟାନୁଷ୍ଠାନ ଦେଖିବାକୁ ମିଳୁନି। ନିଜ ଆଡୁ ଯାଞ୍ଚ କରିବା ବଦଳରେ ଅଭିଯୋଗକୁ ଅପେକ୍ଷା କରି ବସୁଛି ପ୍ରଶାସନ।

ପାଣି ପାଉଚ ହେଉ ବା ପାଣି ବୋତଲ କିମ୍ବା ଖରା ଦିନରେ ମିଳୁଥିବା ଘୋଳ ଦହି ପ୍ୟାକେଟ ପ୍ରସ୍ତୁତ କରିବା ଲାଗି କମ୍ପାନୀ କୁ ବ୍ୟୁରୋ ଅଫ ଇଣ୍ଡିଆନ ଷ୍ଟାଣ୍ଡାର୍ଡ (ବି ଆଇ ଏସ )ରୁ ସ୍ୱୀକୃତିପତ୍ର



ଦରକାର।ଏହି ସ୍ୱୀକୃତିପତ୍ର ଦେବା ପୂର୍ବରୁ ବି ଆଇ ଏସ ସଦସ୍ୟ ଉକ୍ତ ୟୁନିଟ ପରିଦର୍ଶନ କରିଥାନ୍ତି। ଏହା ସହ ପାଣି ପ୍ରକ୍ରିୟାକରଣ ବ୍ୟବସ୍ଥା ସହ ପାଣିର ମାନ ଯାଞ୍ଚ କରିଥାନ୍ତି। ଏହା ପରେ ପ୍ରତି ୬ମାସରେ ଥରେ ଉକ୍ତ କମ୍ପାନୀରୁ ପାଣି ଅଣାଯାଇ ଲାବୋରେଟୋରୀରେ ପରୀକ୍ଷା କରାଯାଇଥାଏ। ଫଳରେ ନିୟମିତ ଭାବେ ପାଣିର ଶୁଦ୍ଧତା ବା ମାନ ନିର୍ଧାରଣ କରିବା ସମ୍ଭବ ହୁଏ। ଯେଉଁ କମ୍ପାନୀ ଗୁଡିକ ବିନା ସ୍ୱୀକୃତିପତ୍ରରେ ପାଣି ବୋତଲ ପ୍ରସ୍ତୁତ କରି ବଜାରକୁ ଛାଡୁଛନ୍ତି ସେମାନେ ବୋରୱେଲ କିମ୍ବା ପାଣି ପାଇପି ଲାଇନିରୁ ଜଳ ନେଇ ତାକୁ

> **ଅଧିକ ଲାଭ ଦେଇ ଖୁଚୁରା ବଜାରରେ କାୟା ମେଲାଉଛନ୍ତି**
>
> **ଯାଞ୍ଚ ହେଉ ନଥିବାରୁ ମନଇଚ୍ଛା ଚଳାଇଛନ୍ତି କାରବାର**

ବୋତଲରେ ପ୍ୟାକ କରି ବଜାରକୁ ଛାଡୁଛନ୍ତି। ଶସ୍ତା ଦରରେ ବଜାରକୁ ଛାଡୁଥିବାରୁ ଦୋକାନୀ ମାନେ ଏହାକୁ ବିକ୍ରି କରୁଛନ୍ତି। ବି ଆଇ ଏସ ସ୍ୱୀକୃତି ପ୍ରାପ୍ତ କମ୍ପାନୀମାନେ ୨୪ବୋତଲ ବିଶିଷ୍ଟ ପାଣି ଟ୍ରେକୁ ହୋଲସେଲ ଦରରେ ପ୍ରାୟ ୧୪୦ଟଙ୍କାରେ ବିକ୍ରି କରୁଛନ୍ତି। ବୋତଲ ପିଛା ପ୍ରାୟ ୫ ଟଙ୍କା ୮୦ପଇସା ମୂଲ୍ୟରେ କିଣି ବଜାରରେ ୧୦ଟଙ୍କାରେ ବିକ୍ରି କରୁଛନ୍ତି ଖୁଚୁରା ବ୍ୟବସାୟୀ।କିନ୍ତୁ ସମାନ ପାଣି ବୋତଲ, ସମାନ ଡିଜାଇନିର ଷ୍ଟିକର ସହ ନନବ୍ରାଣ୍ଡ ଅର୍ଥାତ ବେନାମୀ କମ୍ପାନୀ ୪ଟଙ୍କା ୨୦ପଇସା ହୋଲସେଲ ମୂଲ୍ୟରେ ଖୁଚୁରା ବ୍ୟବସାୟୀଙ୍କ ପାଖରେ ପହଞ୍ଚାଇ ଦେଉଛନ୍ତି। ଫଳରେ ଖୁଚୁରା ବ୍ୟବସାୟୀ ଗୋଟିଏ ବୋତଲ ବିକିଲେ ୫ଟଙ୍କା ୮୦ପଇସା ଲାଭ ପାଉଛନ୍ତି। ତେଣୁ ନନବ୍ରାଣ୍ଡ ପାଣି ବୋତଲକୁ ଅଧିକ ସଂଖ୍ୟାରେ ବିକିବାକୁ ବ୍ୟବସାୟୀଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳୁଛି। ସେହିପରି ନନବ୍ରାଣ୍ଡ ର ଘୋଳ ଦହି ପ୍ୟାକେଟ ଅସ୍ତରଙ୍ଗ ବଜାର ସହ ଗାଁ ଗହଳି ଦେଖିବାକୁ ମିଳୁଛି। ପ୍ୟାକେଟରେ ତିଆରି ତାରିଖ ରହୁନାହିଁ।

ଅନ୍ୟ ପକ୍ଷରେ କେବଳ ପାଣି ବୋତଲ ନୁହେଁ ପାଣି ଜାର ବି ବହୁଳ ମାତ୍ରାରେ ବଜାରକୁ ଆସୁଛି। ବିଶେଷକରି ବାହାଘର, ବ୍ରତଘର କିମ୍ବା ଅନ୍ୟ କୌଣସି ସାମାଜିକ କାର୍ଯ୍ୟକ୍ରମରେ ପାଣି ଜାର ବ୍ୟବହାର ହେଉଥିବା ବେଳେ ଏହାର ମାନ ନିୟମିତ ବ୍ୟବଧାନରେ ଯାଞ୍ଚ କରାଯାଉ ନାହିଁ। ପୁରୀ ଜିଲ୍ଲା କାକଟପୁର ଓ ଅସ୍ତରଙ୍ଗ ଅଞ୍ଚଳରେ ଅନେକ ପାଣି ଉଦ୍ୟୋଗ ଘରେ ଘରେ ଖୋଲିଗଲାଣି। ଏ ସବୁ ଉଦ୍ୟୋଗ ହିସାବ ସ୍ଥାନୀୟ ପ୍ରଶାସନ ପାଖରେ ନଥିବା ବେଳେ କିଛି ଅସାଧୁ ବ୍ୟବସାୟୀ ମନଇଚ୍ଛା କାରବାର କରିବାକୁ ସୁଯୋଗ ପାଉଛନ୍ତି। ଆଉ କିଛି ବୋତଲରେ ଆଇ ଏସ ଆଇ ବ୍ରାଣ୍ଡ ଷ୍ଟାମ୍ପ ମାରି ଗ୍ରାହକଙ୍କୁ ଆକୃଷ୍ଟ କରିବାକୁ ଚେଷ୍ଟା କରାଯାଉଥିବାରୁ ଦେଖିବାକୁ ମିଳୁଛି। ଫଳରେ ନକଲି ଓ ଅସଲି ଜାଣିବା ମୁସ୍କିଲ ହୋଇପଡୁଛି।